


ଆସିବ 'ଫାଇଟର୍'ର ସିକ୍ୱେଲ
▶ପୃଷ୍ଠା ୧୧ ଦେଖନ୍ତୁ...



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI


•VOLUME- 43 •ISSUE-293 •TUESDAY •21 APRIL 2026 •PAGE-12 •₹ 7.00 | SAMBALPUR | •ବର୍ଷ-୪୩ •ସଂଖ୍ୟା-୨୯୩ •ମଙ୍ଗଳବାର •୨୧ ଏପ୍ରିଲ୍ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


# ୫ ଦିନ ପର୍ଯ୍ୟନ୍ତ ମିଳିବନି ନିସ୍ତାର

■ ଭୁବନେଶ୍ୱର, ୨୦।୪ (ସମିସ): ରାଜ୍ୟର ବିଭିନ୍ନ ଜିଲ୍ଲାରେ ଗ୍ରୀଷ୍ମ ଲହରୀ ସ୍ଥିତି ଜାରି ରହିଛି। ରାଜ୍ୟକୁ କ୍ରମାଗତ ଭାବେ ଗରମ ଓ ଶୁଷ୍କ ବାୟୁ ପ୍ରବାହ ହେତୁ ତାପମାତ୍ରା ବଢ଼ି ଚାଲିଛି। ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ଅଧିକ ରହୁଥିବା ବେଳେ ଉପକୂଳ ଓଡ଼ିଶାରେ ଆର୍ଦ୍ରତା ଅଧିକ ହେତୁ ଭୀଷଣ ଗୁଳୁଗୁଳି ଅନୁଭୂତ ହେଉଛି। ଅନ୍ୟପଟେ ଆଗକୁ ରାଜ୍ୟରେ କାଁ ଭାଁ କାଳବୈଶାଖୀର ଆଶଙ୍କା ରହୁଥିଲେ ମଧ୍ୟ ଆହୁରି ସପ୍ତାହେ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ହେବାର ସମ୍ଭାବନା କମ୍ ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ସୋମବାର ରାଜ୍ୟର ୧୪ ଟି ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିଛି। ଟିଟିଲାଗଡ଼ରେ ତାପମାତ୍ରା ୪୨.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଏହା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ଏହାସହିତ ଝାରସୁଗୁଡ଼ାରେ ତାପମାତ୍ରା ୪୨.୪, ତାଳଚେରରେ ୪୨, ବଲାଙ୍ଗିରରେ ୪୧.୮, ଅନୁଗୁଳରେ ୪୧.୭ ଓ ସୁନ୍ଦରଗଡ଼ରେ ତାପମାତ୍ରା ୪୦.୮ ଡିଗ୍ରୀ ରେକର୍ଡ ହୋଇଛି।

ଜାରି ରହିଥିବା ତାତି ସମ୍ପର୍କରେ ସୂଚନା ଦେଇ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ବର୍ତ୍ତମାନର ପାଣିପାଗ ସ୍ଥିତି ଅନୁଯାୟୀ, ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଗ୍ରୀଷ୍ମ ପ୍ରବାହର ପ୍ରକୋପ ଜାରି ରହିବ। ପଶ୍ଚିମା ଏବଂ ଶୁଷ୍କ ବାୟୁର ପ୍ରଭାବ ଯୋଗୁଁ ପଶ୍ଚିମ ଓଡ଼ିଶାର ଝାରସୁଗୁଡ଼ାରୁ ▶ପୃଷ୍ଠା-୭

## ଆକାଶୁ ବର୍ଷୁଛି ନିଆଁ



- କଲବଲ କରିବ ତାତି ଗୁଳୁଗୁଳି
- କାଁ ଭାଁ ସ୍ଥାନରେ କାଳବୈଶାଖୀ
- ୪୦ ଡିଗ୍ରୀ ଉପରେ ୧୪ ଜିଲ୍ଲା

# ୧୫ ଜିଲ୍ଲାରେ ବିଦ୍ୟାଳୟ ଛୁଟି

■ ଭୁବନେଶ୍ୱର, ୨୦।୪ (ସମିସ): ରାଜ୍ୟରେ କ୍ରମାଗତ ଭାବେ ବଢ଼ୁଛି ଗ୍ରୀଷ୍ମ ତାପ। ଆଜି ଟିଟିଲାଗଡ଼ରେ ସର୍ବାଧିକ ତାପମାତ୍ରା ୪୨.୫ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଚଳିତ ସପ୍ତାହରେ ଆହୁରି ୩ ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବାର ସମ୍ଭାବନା ରହିଛି। ପାଣିପାଗ ବିଭାଗର ପୂର୍ବାନୁମାନ ଓ ଗରମ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ପ୍ରାୟ ୧୫ ଜିଲ୍ଲାରେ ବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡ଼ାରେ ୨୧ ତାରିଖ ଯାଏଁ ବିଦ୍ୟାଳୟ ଛୁଟି ଘୋଷଣା କରାଯାଇଛି। ସେହିପରି ସମ୍ବଲପୁର, ବୌଦ୍ଧ, ସୋନପୁର, ଝାରସୁଗୁଡ଼ା, ଦେବଗଡ଼, ଖୋର୍ଦ୍ଧା, ନୟାଗଡ଼, ଓ ବରଗଡ଼ରେ ୨୨ ଯାଏଁ, ମୟୁରଭଞ୍ଜରେ ୨୩ ଏବଂ ନବରଙ୍ଗପୁରରେ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି। ଇତିମଧ୍ୟରେ କଟକ ଓ ବ୍ରହ୍ମପୁର ଜିଲ୍ଲାରେ ମଧ୍ୟ ଛୁଟି ଘୋଷଣା ହୋଇଥିବାବେଳେ ଜଗତସିଂହପୁରରେ ସକାଳ ୯ ଟା ପର୍ଯ୍ୟନ୍ତ ପାଠପଢ଼ା ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳମାନେ ବିଦ୍ୟାଳୟ ବନ୍ଦ ନିଷ୍ପତ୍ତି ନେବେ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଛୁଟି ହୋଇଥିବା ଜିଲ୍ଲା ବ୍ୟତୀତ ଅନ୍ୟ ଜିଲ୍ଲାରେ ମଧ୍ୟ ଗ୍ରୀଷ୍ମ ପ୍ରବାହ ବଢ଼ୁଛି। ▶ପୃଷ୍ଠା-୭

# ରାଜ୍ୟରେ କଟିଲେ ୯.୮ ଲକ୍ଷ ଭୋଟର




- ଯାଞ୍ଚକୁ ନେଇ ରାଜ୍ୟବ୍ୟାପୀ ମାଲମାଲ ଅଭିଯୋଗ
- ବିରୋଧ ପରେ ୨ ଲକ୍ଷ ଫର୍ମ-୭ ଆବେଦନ ସ୍ଥଗିତ
- ଚୂଡ଼ାନ୍ତ ସୂଚୀ ପୂର୍ବରୁ କଡ଼ାକଡ଼ି ଯାଞ୍ଚ ଲାଗି ନିର୍ଦ୍ଦେଶ

**ଭୁଲ୍‌ରେ କଟିଥିଲେ ପୁନଃ ସାମିଲ କରାଯିବ: ସିଇଓ**

■ ଭୁବନେଶ୍ୱର, ୨୦।୪ (ସମିସ): ଓଡ଼ିଶାରେ ଭୋଟର ସୂଚୀରୁ ହଟିଛନ୍ତି ୯.୮ ଲକ୍ଷ ମତଦାତା। ଚଳିତ ବର୍ଷ ଭୋଟର ମ୍ୟାପିଂ ପ୍ରକ୍ରିୟାରେ ଜାନୁଆରୀରୁ ମାର୍ଚ୍ଚ ମାସ ମଧ୍ୟରେ ଏତେ ସଂଖ୍ୟକ ଭୋଟରଙ୍କୁ ତାଲିକାରୁ ବାଦ ଦିଆଯାଇଛି। ଏସ୍‌ଆଇଆର୍ ପୂର୍ବରୁ ଭୋଟର ତାଲିକାରୁ ଏତେ ସଂଖ୍ୟକ ଭୋଟର ବାଦ୍ ପଡ଼ିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ୧୮ ତାରିଖରେ ରାଜ୍ୟର ସମସ୍ତ ଇଆରଓଙ୍କୁ ରାଜ୍ୟ ଗୃହ(ନିର୍ବାଚନ) ବିଭାଗ ପକ୍ଷରୁ ଜାରି ଚିଠିରୁ ଏପରି ଉଦ୍‌ବେଗଜନକ ସୂଚନା ଲୋକଲୋଚନକୁ ଆସିଛି। ଏତେ ସଂଖ୍ୟକ ଭୋଟରଙ୍କ ନାମ ଭୋଟର ତାଲିକାରୁ କଟିବା ସଂକ୍ରାନ୍ତରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ମାଲମାଲ ଅଭିଯୋଗକୁ ନେଇ ଚିନ୍ତାପ୍ରକଟ କରିଛନ୍ତି ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ।

ମିଳିଥିବା ସୂଚନା ଅନୁସାରେ ଭୋଟର ତାଲିକା ଯାଞ୍ଚ କାର୍ଯ୍ୟରେ ନିୟୋଜିତ ବିଏଲ୍‌ଓମାନେ ଜୀବିତ ଥିବା ଅନେକ ଭୋଟରଙ୍କ ନାମ ଭୋଟର ତାଲିକାରୁ କାଟି ଦେଇଥିବା ଅଭିଯୋଗ ହୋଇଛି। ସେହିପରି କିଛି ସ୍ଥାନରେ ବିଏଲ୍‌ଓମାନେ ବିନା କ୍ଷେତ୍ର ପରିଦର୍ଶନରେ ଉପଯୁକ୍ତ ଯାଞ୍ଚ ନ କରି ତାଲିକାରୁ ଭୋଟରଙ୍କୁ ବାଦ୍ ଦେଇଥିବା ନେଇ ମଧ୍ୟ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଏପ୍ରିଲ ୨ ତାରିଖ ପରଠାରୁ ହସ୍ତଗତ ହୋଇଥିବା ପ୍ରାୟ ୨ ଲକ୍ଷ ଫର୍ମ-୭ ଆବେଦନକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସ୍ଥଗିତ ରଖାଯାଇଛି। ଉପରୋକ୍ତ ଦରଖାସ୍ତଗୁଡ଼ିକର ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ଅର୍ଥାତ୍ ଚୂଡ଼ାନ୍ତ ଭାବେ ଭୋଟର ତାଲିକାରୁ ବାଦ୍ ଦେବାକୁ କେତେକ ନିୟମର କଡ଼ାକଡ଼ି ଭାବେ ଅନୁପାଳନ କରିବାକୁ ଇଆରଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ।

କୌଣସି ବ୍ୟକ୍ତିଙ୍କ ମୃତ୍ୟୁ କ୍ଷେତ୍ରରେ ସେମାନଙ୍କ ନାମ ଭୋଟର ତାଲିକାରୁ ବାଦ ଦେବାର ନିର୍ଦ୍ଦିଷ୍ଟ ବ୍ୟବସ୍ଥା ରହିଛି। ଉପଯୁକ୍ତ ଯାଞ୍ଚ ଓ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରି ଏହାକୁ କଟାଯିବା କଥା। ମୃତକଙ୍କ ଆତ୍ମୀୟ କିମ୍ବା ପରିବାର ସଦସ୍ୟଙ୍କ ଦ୍ୱାରା ଫର୍ମ-୭ ଦାଖଲ ହୋଇଥିବା ଉଚିତ୍। ଡିଲିସନ ପ୍ରକ୍ରିୟା ପୂର୍ବରୁ ଭୋଟରଙ୍କ ଶେଷ ଜଣାଥିବା ଠିକଣାରେ ନୋଟିସ୍ ପଠାଇବାକୁ ହେବ। ସେହିପରି ଯଦି ଜଣେ ବ୍ୟକ୍ତିଙ୍କ ନାମ ଏକାଧିକ ସ୍ଥାନରେ ଥିବା ସନ୍ଦେହ ହୁଏ, ତେବେ ତାହାକୁ ଭଲ ଭାବେ ଯାଞ୍ଚ କରିବା କଥା। କୌଣସି ପଦକ୍ଷେପ ନେବା ପୂର୍ବରୁ ଭୋଟରଙ୍କୁ ନୋଟିସ୍ ଜାରି କରାଯିବ ଏବଂ କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ ଯଥାଯଥ ପ୍ରକ୍ରିୟା ଅନୁସରଣ କରାଯିବ। ସେହିପରି ୨ ଏପ୍ରିଲ ୨୦୨୬ ପରେ ମିଳିଥିବା ଫର୍ମ-୭ ଆବେଦନଗୁଡ଼ିକ ମଧ୍ୟରୁ ଅନ୍ତତଃ ପକ୍ଷେ ୫୦ ପ୍ରତିଶତ ଆବେଦନର ଫିଜିକାଲ ଭେରିଫିକେସନ ଇଆର୍‌ଓ/ଏଆର୍‌ଓ କିମ୍ବା ସେମାନଙ୍କ ଅଧିକୃତ ପ୍ରତିନିଧିମାନଙ୍କ ଦ୍ୱାରା କରାଯିବାକୁ ନିର୍ଦ୍ଦେଶ ଦେଇଛନ୍ତି ନିର୍ବାଚନ ଅଧିକାରୀ। ▶ପୃଷ୍ଠା-୭

## ଆମେରିକା ସହ ବୈଠକ କରିବାକୁ ମନାକଲା ଇରାନ

# ଅନିଶ୍ଚିତତାରେ ଇସ୍‌ଲାମାବାଦ ଆଲୋଚନା



- ହର୍ମୁଜରେ ଆମେରିକାର ଅବରୋଧ ସାଜିଛି ବାଧକ
- ପ୍ରତିନିଧି ଦଳ ପଠାଇବାକୁ ପ୍ରସ୍ତୁତି ଚଳାଇଛି ଆମେରିକା


■ ତେହେରାନ/ଇସଲାମାବାଦ, ୨୦।୪(ଏଜେନ୍ସି): ପଶ୍ଚିମ ଏସିଆର ଆକାଶରେ ପୁଣି ଥରେ ଯୁଦ୍ଧର କଳାବାଦଲ ଘେରିବାରେ ଲାଗିଛି। ଆମେରିକା ସହିତ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଇରାନ୍ ସ୍ପଷ୍ଟ ଭାବେ ମନା କରିଦେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜର ପ୍ରତିନିଧି ଦଳକୁ ପାକିସ୍ତାନ ପଠାଇବା ପାଇଁ ପ୍ରସ୍ତୁତି ଚଳାଇଥିବା ବେଳେ, ଇରାନ୍ ଏହି ଆଲୋଚନାକୁ ନେଇ ଚାଲିଥିବା ଖବରକୁ 'ଭିତ୍ତିହୀନ ଓ ମିଥ୍ୟା' ବୋଲି ଅଭିହିତ କରିଛି। ଇରାନର ସରକାରୀ ଗଣମାଧ୍ୟମ 'ଇରାନା' (ଆଇଆରଏନ୍‌ଏ) ଅନୁଯାୟୀ, ଆମେରିକାର ଅହେତୁକ ଦାବି, ଅବାସ୍ତବ ଆଶା ଏବଂ ବାରମ୍ବାର ଆଭିମୁଖ୍ୟ ବଦଳାଇବା କାରଣରୁ ଆଲୋଚନାରେ କୌଣସି ପ୍ରଗତି ହୋଇପାରୁ ନାହିଁ। ଅନ୍ୟପକ୍ଷରେ ପାକିସ୍ତାନ ଏବେ ବି ଆଲୋଚନା ପାଇଁ ଆଶାବାଦୀ। ରାଜଧାନୀ ଇସଲାମାବାଦରେ ଏବେ ଠାରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଗଲାଣି। ପାକିସ୍ତାନର ସେନା ଅଧ୍ୟକ୍ଷ ମୁନୀର ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ସହିତ ହର୍ମୁଜରୁ ଅବରୋଧ ହଟାଇବା ଲାଗି ଅନୁରୋଧ କରିଛନ୍ତି। ଟ୍ରମ୍ପ ଏହା ବିଚାର କରିବାକୁ କୁଅଡ଼େ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ଯୁଦ୍ଧବିରତି ସତ୍ତ୍ୱେ ଆମେରିକା ପକ୍ଷରୁ ହର୍ମୁଜରେ ଜାରି ରହିଥିବା ସାମୁଦ୍ରିକ ଅବରୋଧ (ନାଭାଲ ବ୍ଲକେଡ୍)କୁ ଇରାନ୍ ଗ୍ରହଣ କରିପାରୁ ନାହିଁ। ତେହେରାନ ଅଭିଯୋଗ କରିଛି ଯେ ଆମେରିକା ଏକ 'ଦୋଷାରୋପର ଖେଳ' ଖେଳୁଛି ଏବଂ ବିଶ୍ୱ ଦରବାରରେ ଇରାନ୍ ଉପରେ ଚାପ ପକାଇବାକୁ ମିଥ୍ୟା ପ୍ରଚାର କରୁଛି। ଇରାନର ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ଏସମାଇଲ ବାଘାଇ କହିଛନ୍ତି ଯେ, ଆମେରିକା ପ୍ରଥମ ଦିନରୁ ହିଁ ଯୁଦ୍ଧବିରତି ଚୁକ୍ତିକୁ ଉଲ୍ଲଂଘନ କରିଆସିଛି। ପୂର୍ବ ▶ପୃଷ୍ଠା-୭

## ବ୍ରହ୍ମଗିରିରେ ଲଜ୍ଜା

# ୬ ବର୍ଷର ଶିଶୁକୁ ଦୁଷ୍କର୍ମ

■ ବ୍ରହ୍ମଗିରି,୨୦।୪(ସମିସ): ରାଜ୍ୟରେ ମହିଳାଙ୍କୁ ଯୌନ ନିର୍ଯାତନା ଘଟଣା ବଢ଼ିବାରେ ଲାଗିଛି। କିଛିଦିନ ପୂର୍ବରୁ ମହିଳା ବିଶେଷକରି ଛାତ୍ରୀଙ୍କ ଉପରେ ହେଉଥିବା ଏଭଳି ଖବରକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା, ଆଲୋଚନା ଜୋର୍ ଧରିଥିଲା। ଏବେ ପୁରୀ ଜିଲ୍ଲା ବ୍ରହ୍ମଗିରି ଅଞ୍ଚଳରେ ପୁଣି ଏଭଳି ଏକ ଲଜ୍ଜାଜନକ ଘଟଣା ଘଟିଛି। ବ୍ରହ୍ମଗିରି ଥାନା ସାତପଡ଼ା ଫାଣ୍ଡି ଅଞ୍ଚଳର ଜଣେ ୬ ବର୍ଷୀୟା ଶିଶୁକନ୍ୟାକୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଶିଶୁକନ୍ୟାକୁ ପଡ଼ିଶା ଘରର ଜଣେ ୨୧ ବର୍ଷୀୟ ଯୁବକ ତାଙ୍କ ଘରକୁ ଡାକିନେଇଥିଲେ। ଶିଶୁକନ୍ୟାର ହାତ ବାନ୍ଧି ଦୁଷ୍କର୍ମ କରିଥିବା ପରିବାର ଲୋକେ ସାତପଡ଼ା ଫାଣ୍ଡିରେ ଅଭିଯୋଗ କରିଥିଲେ। ପୁଲିସ ଏହି ଘଟଣାକୁ ପ୍ରଥମେ ରଫାଦଫା କରିବା ପାଇଁ ଚେଷ୍ଟା କରିଥିଲା। ହେଲେ ପରିବାର ଲୋକେ ସମାଧାନ ପାଇଁ ରାଜି ହୋଇ ନ ଥିଲେ। ତେଣୁ ପୁଲିସ ବାଧ୍ୟ ହୋଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି। ଏଥିସହ ଗୁରୁତର ନାବାଳିକାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।



ଏ ସମ୍ପର୍କରେ ବ୍ରହ୍ମଗିରି ଥାନା ଅଧିକାରୀ ବାମଦେବ ସ୍ୱାଇଁଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ଫଳରେ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ।

ସୂଚନାଥାଉ କି, ଗତ ମାର୍ଚ୍ଚ ୨୦ ତାରିଖରେ ବ୍ରହ୍ମଗିରି ଅଞ୍ଚଳରେ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ସେହି ବିଦ୍ୟାଳୟର ଶିକ୍ଷକ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ସମ୍ପୃକ୍ତା ଛାତ୍ରୀଙ୍କୁ ବିଦ୍ୟାଳୟର ସମ୍ପୃକ୍ତ ଶିକ୍ଷକ ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିଥିଲେ। ଘଟଣା ସମ୍ପର୍କରେ ଛାତ୍ରୀ ଜଣକ ତାଙ୍କ ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ବିଦ୍ୟାଳୟ ପରିଚାଳନା କମିଟିକୁ ଜଣାଇଥିଲେ। ତେଣୁ ଏଭଳି ଏକ ▶ପୃଷ୍ଠା-୭

# କଟକରେ ଅକ୍ଷିମୁଠି ଅନୁକୂଳ କଲେ ମୁଖ୍ୟମନ୍ତ୍ରୀ

## ୪୧.୬୮ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ୮୩୮ କୋଟି ସହାୟତା



■ କଟକ/ଭୁବନେଶ୍ୱର, ୨୦।୪(ସମିସ): ପବିତ୍ର ଅକ୍ଷୟ ତୃତୀୟା ଓ ରାଜ୍ୟସ୍ତରୀୟ କୃଷକ ଦିବସ ଅବସରରେ କଟକ ସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅକ୍ଷିମୁଠି ଅନୁକୂଳ କରିବା ସହ ୪୧,୬୮, ୫୮୨ ଜଣ ଚାଷୀଙ୍କୁ ସିଏମ-କିଷାନ ଯୋଜନାରେ ୮୩୮ କୋଟି ୪୮ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ଆମ ବିହନ ରଥ' ଓ 'କୃଷି ରଥ'ର ଶୁଭାରମ୍ଭ କରିଛନ୍ତି। ଏହି ଭ୍ରାମ୍ୟମାଣ ବିହନ ବିକ୍ରୟ କେନ୍ଦ୍ର ଗୁଡିକ ପ୍ରଥମ ପର୍ଯ୍ୟାୟରେ ୧୦ଟି ଜିଲ୍ଲାର ୩୧ଟି ବ୍ଲକରେ ଚାଲୁ ହେବ। ୫ କେଜିଆ

**ରାଜ୍ୟରେ ବୁଲିବ 'ଆମ ବିହନ ରଥ' 'କୃଷି ରଥ'**

ପ୍ୟାକେଟ୍ ଆକାରରେ ନୂତନ କିସମର ଧାନ ବିହନ ଗ୍ରାମ ପଞ୍ଚାୟତ ସ୍ତରରେ ଉପଲବ୍ଧ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ୨୦୨୬ ଖରିଫ ଋତୁ ପାଇଁ ରାଜ୍ୟର ୪୧ ଲକ୍ଷ ୬୮ ହଜାର ୫୮୨ ଜଣ କୃଷକଙ୍କୁ ସିଏମ-କିଷାନ ଯୋଜନାରେ ପ୍ରାୟ ୮୩୮ କୋଟି ୪୮ ଲକ୍ଷ ଟଙ୍କା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। କୃଷକଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ହେଉଛି ସରକାରଙ୍କ ପ୍ରାଥମିକତା ଓ ଏହି ଯୋଜନା ତାହାର ଉଦାହରଣ। ଆଜି ସହାୟତା ପାଇଥିବା ଚାଷୀମାନଙ୍କ ମଧ୍ୟରୁ ୪୧,୨୪,୨୪୧ ଜଣ ଚାଷୀ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର ଚାଷୀ। ୪୧,୦୪୯ ଜଣ ହେଉଛନ୍ତି ଭୂମି ହୀନ ▶ପୃଷ୍ଠା-୭

# ଦିଲ୍ଲୀରୁ ଫେରିଲେ ନବୀନ

## ସ୍ୱାଗତ ପାଇଁ ବିମାନବନ୍ଦରରେ ପ୍ରବଳ ଭିଡ଼

■ ଭୁବନେଶ୍ୱର,୨୦।୪(ସମିସ): ସୋମବାର ଦିଲ୍ଲୀ ଗସ୍ତରୁ ଫେରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ବିଜୁ ପଟ୍ଟନାୟକ ବିମାନବନ୍ଦରରେ ଦଳର ବହୁ ନେତା ଓ କର୍ମୀ ନବୀନଙ୍କୁ ସ୍ୱାଗତ କରିବା ସହ ନବୀନ ନିବାସ ପର୍ଯ୍ୟନ୍ତ ପାଛୋଟି ନେଇଛନ୍ତି। ଚିକିତ୍ସା ଧୀନ ବଡ଼ଭାଇ ପ୍ରେମ୍ ପଟ୍ଟନାୟକଙ୍କୁ ଭେଟିବା ପାଇଁ ନବୀନ ଗତ ୧୦ ତାରିଖରେ ଦିଲ୍ଲୀ ଗସ୍ତ କରିଥିଲେ। ଏହି ସମୟରେ ନବୀନ ସଂସଦରେ ଆସିଥିବା ସମ୍ବିଧାନ ସଂଶୋଧନ ବିଲ୍‌କୁ ଦିଲ୍ଲୀରେ ବିରୋଧ କରିବା ସହ ଓଡ଼ିଶା ସ୍ୱାର୍ଥ ବିରୋଧୀ ଏହି ବିଲ୍ ବିପକ୍ଷରେ ଛିଡ଼ା ହେବାକୁ ଦଳର ସାଂସଦମାନଙ୍କୁ ନିର୍ଦ୍ଦେଶ ଦେବା ସହିତ ଓଡ଼ିଶା ସ୍ୱାର୍ଥ ବିରୋଧୀ ଏହି ବିଲ୍‌କୁ ବିରୋଧ କରିବା ପାଇଁ ରାଜ୍ୟର ସମସ୍ତ ସାଂସଦଙ୍କୁ ମଧ୍ୟ ଚିଠି ଲେଖିଥିଲେ।



## ଉଠିଲାନି ସବୁ ଖରିଫ ଧାନ

# ରାସ୍ତା ରୋକିଲେ ଚାଷୀ

■ ବଲାଙ୍ଗିର, ୨୦।୪ (ସମିସ): ପବିତ୍ର ଅକ୍ଷୟ ତୃତୀୟାରେ ରାଜ୍ୟ ସରକାରଙ୍କ ନେତାମନ୍ତ୍ରୀ, ପ୍ରଶାସନିକ ଅଧିକାରୀ ଜମିରେ ହଳ କରି ଅକ୍ଷିମୁଠି ଅନୁକୂଳ କରିଛନ୍ତି; ହେଲେ

- ମନ୍ତ୍ରୀଙ୍କ ପ୍ରତିଶ୍ରୁତି ଧୂଆଁ ବାଣ
- ବଲାଙ୍ଗିର ଜିଲ୍ଲାରେ ଏବେ ବି କିଣାଯାଇନି ୧୫୯ ଚାଷୀଙ୍କ ଧାନ
- ୧୫ ଦିନରେ ନ କିଣିଲେ ଜିଲ୍ଲାପାଳଙ୍କ ଅଫିସ ଘେରଉ ପାଇଁ ଚେତାବନୀ

ବଲାଙ୍ଗିରରେ ଚାଷୀ ଅକ୍ଷିମୁଠି ଅନୁକୂଳ କରିବା ବଦଳରେ ରାସ୍ତାକୁ ଓହ୍ଲାଇଥିଲେ। ମିଳିତ ଚାଷୀ ସଙ୍ଗଠନ ପକ୍ଷରୁ ସାଲେଭଟାରେ ଚାଷୀ ୨୬ ନଂ ଜାତୀୟ ରାଜପଥରେ ଏକାଠି ହୋଇଥିଲେ। ସେଠାରେ ଧାନବସ୍ତା ପକାଇ ଅବରୋଧ କରିଥିଲେ। ଜିଲ୍ଲାରେ ଏବେ ବି ଅନେକ ଚାଷୀଙ୍କ ଧାନ କିଣା ଯାଇ ନ ଥିବା ସଙ୍ଗଠନ ଅଭିଯୋଗ କରିଛି।




ବଲାଙ୍ଗିର ଜିଲ୍ଲାରେ ଚଳିତ ବର୍ଷ ଖରିଫ ଧାନକିଣା ପ୍ରକ୍ରିୟା ଶେଷ ହୋଇଛି; କିନ୍ତୁ ଏବେ ବି ଜିଲ୍ଲାରେ ପ୍ରାୟ ୭୦ ହଜାର ଟାର୍ଗେଟ ବକେୟା ପଡିଛି। ଜିଲ୍ଲାରେ ପ୍ରାୟ ୧୫୯ ଜଣ ଚାଷୀଙ୍କ ଧାନ କିଣାଯାଇନି। ୩ଟି ପର୍ଯ୍ୟାୟରେ ୪୫୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଧାନକିଣା ଟାର୍ଗେଟ ଆସିଥିଲା; କିନ୍ତୁ ଅନେକ ଚାଷୀ ଅଧିକ ଧାନ ଅମଳ କରୁଥିବା ବେଳେ ବଳକା ଧାନ ବିକ୍ରି କରିପାରି ନ ଥିବା ଅଭିଯୋଗ କରିଛନ୍ତି। ଏବେ ବି ଚାଷୀଙ୍କ ପାଖରେ ଧାନ ପଡି ରହିଛି। ସରକାର ଟୋକନ ଦେଉ ନ ଥିବାରୁ ପେକ୍ସରେ ଟାର୍ଗେଟ ଥିବା ସତ୍ତ୍ୱେ ଧାନ କିଣା ଯାଇପାରୁ ନ ଥିବା ମିଳିତ ଚାଷୀ ସଂଗଠନ ▶ପୃଷ୍ଠା-୭

# ଘୁଞ୍ଚିଘୁଞ୍ଚି ଯାଉଛି ମହାନଦୀ ଶୁଣାଣି

## ମେ ୨ ତାରିଖକୁ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ

■ ଭୁବନେଶ୍ୱର,୨୦।୪(ସମିସ): ମହାନଦୀ ଜଳ ବିବାଦ ମାମଲାରେ ସୋମବାର ଟ୍ରିବ୍ୟୁନାଲରେ ଶୁଣାଣି ହୋଇଥିବା ବେଳେ ଓଡ଼ିଶାକୁ ଆଉ ଏକ ତାରିଖ ମିଳିଛି। ଗତ ଶୁଣାଣିରେ ଟ୍ରିବ୍ୟୁନାଲ ମହାନଦୀରେ କେତେ ଜଳ ସଂଗୃହୀତ ହେଉଛି, ତାହାର ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଉଭୟ ରାଜ୍ୟ ଏହି ତଥ୍ୟ ପ୍ରଦାନ କରିନାହାନ୍ତି। ତେଣୁ ଉଭୟ ରାଜ୍ୟ ଏନେଇ କିଛି ସମୟ ଲୋଡ଼ିଥିବା ବେଳେ ଟ୍ରିବ୍ୟୁନାଲ ଆସନ୍ତା ୨ ତାରିଖ ଯାଏଁ ସମୟ ଦେଇଛନ୍ତି। ଏହି ସମୟ ମଧ୍ୟରେ ଉଭୟ ଓଡ଼ିଶା ଏବଂ ଛତିଶଗଡ଼ର ବୈଷୟିକ ଏବଂ ଅଧିକାରୀସ୍ତରୀୟ ଟିମ୍ କଥାବାର୍ତ୍ତା ହୋଇ ମହାନଦୀରେ ଜଳ ସଂଗ୍ରହ ବାବଦ ତଥ୍ୟ ଟ୍ରିବ୍ୟୁନାଲଙ୍କୁ ପ୍ରଦାନ କରିବେ ବୋଲି ଓଡ଼ିଶାର ଆଡଭୋକେଟ ଜେନେରାଲ ସୂଚନା ଦେଇଛନ୍ତି। ଇତିମଧ୍ୟରେ ୫୨ଥର ଶୁଣାଣି ସରିଥିଲେ ବି ଟ୍ରିବ୍ୟୁନାଲ ଓଡ଼ିଶା ସପକ୍ଷରେ କୌଣସି ପଦକ୍ଷେପ ନ ନେବା ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଟ୍ରିବ୍ୟୁନାଲରେ ଶୁଣାଣିକୁ ନେଇ ଏପରି କଚ୍ଛପ ଗତିକୁ ନେଇ ବିଶେଷଜ୍ଞମାନେ କ୍ଷୋଭ ପ୍ରକାଶ କରିବା ସହ ଓଡ଼ିଶାର ଭାଗ୍ୟ କାବେରୀ ପରି ହେବା ଆଶଙ୍କା ପ୍ରକାଶ କରିଛନ୍ତି। ▶ପୃଷ୍ଠା-୭

- ଆପୋସ ବୁଝାମଣା କେବଳ ଏକ ପ୍ରହେଳିକା: ବିଜେଡି
- ଓଡ଼ିଶା ପ୍ରତି ଅନ୍ୟାୟ କରୁଛି ଟ୍ରିପଲ ଇଞ୍ଜିନ: କଂଗ୍ରେସ
- ମହାନଦୀର ଭାଗ୍ୟ କାବେରୀ ପରି ହେବ: ବିଶେଷଜ୍ଞ



## ଜାପାନରେ ୭.୪ ତୀବ୍ରତାର ଭୂକମ୍ପ ପରେ ସୁନାମି

ଟୋକିଓ, ୨୦।୪(ଏଜେନ୍ସି): ଜାପାନର ଉତ୍ତର ପ୍ରଶାନ୍ତ ମହାସାଗରୀୟ ଉପକୂଳରେ ସୋମବାର ଏକ ଶକ୍ତିଶାଳୀ ଭୂମିକମ୍ପ ପରେ ସୁନାମିର ପ୍ରଥମ ଝଲକ ଦେଖିବାକୁ ମିଳିଛି। ରିକ୍ଟର ସ୍କେଲରେ ୭.୪ ତୀବ୍ରତାର ଏହି ଭୂକମ୍ପ ପରେ ଉତ୍ତରେ ପ୍ରାନ୍ତର କୁଜି ବନ୍ଦରରେ ୮୦ ସେଣ୍ଟିମିଟର (୩୧ ଇଞ୍ଚ) ଉଚ୍ଚର ସୁନାମି ଲହରୀ ମାଡ଼ି ହୋଇଥିବା ଜାପାନ ପାଣିପାଗ ବିଜ୍ଞାନ କେନ୍ଦ୍ର (ଜେଏମ୍ଏ) କହିଛି। ଭୂକମ୍ପ ସୋମବାର ଅପରାହ୍ନ ୪ଟା ୫୩ ମିନିଟରେ, ଭାରତ ଇଣ୍ଟେ ପ୍ରାନ୍ତର ପ୍ରଶାନ୍ତ ମହାସାଗରୀୟ ଜଳରାଶିରେ ଘଟିଥିଲା। କମ୍ପନ ଏତେ ଭୟଙ୍କର ଥିଲା ଯେ ଶହ ଶହ କିଲୋମିଟର ଦୂର ଟୋକିଓର ବଡ଼ ବଡ଼ ଅଟ୍ଟାଳିକା ମଧ୍ୟ ଦୋହଲି ଯାଇଥିଲା। ସମୁଦ୍ରରେ ୩ ମିଟର (୧୦ ଫୁଟ) ପର୍ଯ୍ୟନ୍ତ ଉଚ୍ଚ ଲହଡ଼ି ଆସିବା ନେଇ ପୂର୍ବରୁ ସତର୍କ ସୂଚନା ଜାରି କରାଯାଇଥିଲା। ଜାପାନ ବିଶ୍ୱର ସବୁଠାରୁ ଅଧିକ ଭୂକମ୍ପ ପ୍ରବଣ ଦେଶ ଭାବେ ଜଣାଶୁଣା। ଏଠାରେ ପ୍ରତିବର୍ଷ ପ୍ରାୟ ୧,୫୦୦ ଥର ଭୂକମ୍ପ ଅନୁଭୂତ ହୁଏ। ୨୦୧୧ରେ ୯.୦ ତୀବ୍ରତାର ଭୂକମ୍ପ ଓ ସୁନାମିରେ ପ୍ରାୟ ୧୮, ୫୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା। ଜାପାନ ସରକାରଙ୍କ ଅନୁଯାୟୀ, ଯଦି 'ନାନ୍‌କାଇ ଟ୍ରଫ୍' ଅଞ୍ଚଳରେ ମେଗା-କ୍ୱେକ୍ (ବୃହତ୍ ଭୂକମ୍ପ) ଆସେ, ତେବେ ଏହା ପ୍ରାୟ ୨, ୯୮, ୦୦୦ ଲୋକଙ୍କ ଜୀବନ ନେଇପାରେ ଏବଂ ୨ ଟ୍ରିଲିୟନ ଡଲାରର ସମ୍ପତ୍ତି ନଷ୍ଟ କରିପାରେ। ସୁନାମି ଲହରୀ ବାରମ୍ବାର ମାଡ଼ି ହେବାର ଆଶଙ୍କା ଥିବାରୁ ଲୋକଙ୍କୁ ନଦୀକୂଳ ଓ ସମୁଦ୍ର ତଟରୁ ଦୂରେଇ ରହିବାକୁ କୁହାଯାଇଛି।

## ନେତାଜୀଙ୍କୁ 'ରାଷ୍ଟ୍ରପୁତ୍ର' ମାନ୍ୟତା ଦେବା ଆବେଦନ ଖାରଜ

ନୂଆଦିଲ୍ଲୀ, ୨୦।୪(ଏଜେନ୍ସି): ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ 'ରାଷ୍ଟ୍ରପୁତ୍ର' (ନ୍ୟାସନାଲ ସନ୍) ଭାବେ ଘୋଷଣା କରିବା ଏବଂ ଭାରତର ସ୍ୱାଧୀନତା ପାଇଁ ଆଜାଦ୍ ହିନ୍ଦ୍ ଫୌଜ (ଆଇଏନ୍ଏ)କୁ ଶ୍ରେୟ ଦେବା ପାଇଁ ହୋଇଥିବା ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ)କୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଏହା ସହିତ କୋର୍ଟ ଆବେଦନକାରୀଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ସୋମବାର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚିଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନକାରୀ ପିନାକପାଣି ମହାନ୍ତିଙ୍କୁ କଡ଼ା ଚେତାବନୀ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ, ଆବେଦନକାରୀ ଜଣକ କେଉଁ ଅଧିକାର ବଳରେ କେବଳ ପବ୍ଲିସିଟି ବା ପ୍ରଚାର ପାଇବା ପାଇଁ ସେ ବାରମ୍ବାର ସମାନ ପ୍ରକାରର ଆବେଦନ କରି ଅଦାଲତର ମୂଲ୍ୟବାନ ସମୟ ନଷ୍ଟ କରୁଛନ୍ତି। ସୁପ୍ରିମକୋର୍ଟଙ୍କ ରେଜିଷ୍ଟ୍ରିକୁ ନିର୍ଦ୍ଦେଶ ଦିଆଯାଇଛି ଯେ, ଭବିଷ୍ୟତରେ ତାଙ୍କ ପକ୍ଷରୁ ଆସୁଥିବା କୌଣସି ଜନସ୍ୱାର୍ଥ ମାମଲାକୁ ଗ୍ରହଣ କରାଯିବ ନାହିଁ। ଏହି ଆବେଦନରେ ଥିବା ପ୍ରମୁଖ ଦାବିଗୁଡ଼ିକ ହେଲା, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ଆଧିକାରିକ ଭାବେ 'ରାଷ୍ଟ୍ରପୁତ୍ର' ମାନ୍ୟତା ପ୍ରଦାନ। ୧୯୪୩ ଅକ୍ଟୋବର ୨୧ (ଆଇଏନ୍ଏ ପ୍ରତିଷ୍ଠା ଦିବସ)କୁ ଜାତୀୟ ଦିବସ ଭାବେ ଘୋଷଣା। ନେତାଜୀଙ୍କ ଜନ୍ମଜୟନ୍ତୀ (ଜାନୁଆରୀ ୨୩)କୁ ଏକ ସ୍ୱତନ୍ତ୍ର ଜାତୀୟ ମାନ୍ୟତା ପ୍ରଦାନ। ସୂଚନାଯୋଗ୍ୟ ଯେ, ୨୦୨୪ ମସିହାରେ ମଧ୍ୟ ପିନାକପାଣି ମହାନ୍ତି ନେତାଜୀଙ୍କ ମୃତ୍ୟୁ ରହସ୍ୟର ତଦନ୍ତ ଦାବି କରି ଏକ ଆବେଦନ କରିଥିଲେ। ସେତେବେଳେ ମଧ୍ୟ କୋର୍ଟ ତାଙ୍କ ଉଦ୍ଦେଶ୍ୟ ଉପରେ ପ୍ରଶ୍ନ ଉଠାଇବା ସହ ନିର୍ବାଚନ ସମୟରେ ଏଭଳି ଆବେଦନ କାହିଁକି କରାଯାଉଛି ବୋଲି ପ୍ରଶ୍ନ କରିଥିଲେ।

## ୯ ରାଜ୍ୟରୁ ୫୨ ସାଇବର ଠକ ଗିରଫ ସାମିଲ ଅଛନ୍ତି ୩୨ ବ୍ୟାଙ୍କ କର୍ମଚାରୀ

ହାଇଦରାବାଦ୍, ୨୦।୪(ଏଜେନ୍ସି): ଦେଶରେ ବଢୁଥିବା ସାଇବର ଅପରାଧ ବିରୋଧରେ ହାଇଦ୍ରାବାଦ ପୋଲିସ ଏକ ବିଶାଳ ବିଜୟ ହାସଲ କରିଛି। 'ଅପରେସନ୍ ଅକ୍ଟୋପସ୍ ୨.୦' ମାଧମରେ ପୋଲିସ ଏକ ବଡ଼ ସାଇବର ଠକେଇ ନେଟୱାର୍କର ପର୍ଦ୍ଦାଫାଶ କରିବା ସହ ୫୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଆଶ୍ଚର୍ଯ୍ୟର କଥା ହେଉଛି, ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ବିଭିନ୍ନ ପ୍ରତିଷ୍ଠିତ ବ୍ୟାଙ୍କର ୩୨ ଜଣ କର୍ମଚାରୀ ରହିଛନ୍ତି। ତଦନ୍ତରୁ ଜଣାପଡ଼ିଛି ଯେ, ବ୍ୟାଙ୍କ ଅଫ୍ ବରୋଦା, ବନ୍ଧନ ବ୍ୟାଙ୍କ ଏବଂ ଇଣ୍ଡସିଣ୍ଡ ବ୍ୟାଙ୍କ ଭଳି ପ୍ରତିଷ୍ଠିତ ବ୍ୟାଙ୍କର ମ୍ୟାନେଜର, କ୍ଲର୍କ ଏବଂ କେୱାଇସି କର୍ମଚାରୀମାନେ ଏହି ଠକେଇରେ ସାମିଲ ଥିଲେ। ସେମାନେ ସାଇବର ଅପରାଧୀଙ୍କୁ ମିଥ୍ୟା କିମ୍ବା 'ମ୍ୟୁଲ୍ ଆକାଉଣ୍ଟ' ଖୋଲିବାରେ ସାହାଯ୍ୟ କରୁଥିଲେ, ଯେଉଁଥିରେ ଠକେଇ ଟଙ୍କା କାରବାର କରାଯାଉଥିଲା। ପୋଲିସ କମିଶନର ଭି.ସି. ସଜ୍ଜନାରଙ୍କ ନେତୃତ୍ୱରେ ମହାରାଷ୍ଟ୍ର, ଦିଲ୍ଲୀ, କର୍ଣ୍ଣାଟକ ଏବଂ ତେଲେଙ୍ଗାନା ସମେତ ୯ଟି ରାଜ୍ୟରେ ଏକ ସପ୍ତାହ ଧରି ଏହି ଅପରେସନ୍ ଚାଲିଥିଲା। ଚଢ଼ାଉ ସମୟରେ ପୋଲିସ ଚ୨୬ଟି ମୋବାଇଲ୍ ଫୋନ୍, ୧୪ଟି ଚେକ୍ ବୁକ, ୨୧ଟି ଜାଲ୍ କମ୍ପାନୀ ଷ୍ଟାମ୍ପ୍ ଏବଂ ଅନ୍ୟାନ୍ୟ ଆପତ୍ତିଜନକ ସାମଗ୍ରୀ ଜବତ କରିଛି।

## ପାହାଡ଼ରେ ପିଟିହେଲା ଚାର୍ଟାର୍ଡ ପ୍ଲେନ୍: ପାଇଲଟ୍ ଓ କୋ-ପାଇଲଟ୍ ମୃତ

ଜଶପୁର, ୨୦।୪(ଏଜେନ୍ସି): ଛତିଶଗଡ଼ର ଜଶପୁର ଜିଲ୍ଲାରୁ ଏକ ଅତ୍ୟନ୍ତ ଶୋକାକୁଳ ଖବର ସାମ୍ନାକୁ ଆସିଛି। ସୋମବାର ଅପରାହ୍ନରେ ଏକ ବେସରକାରୀ ଚାର୍ଟାର୍ଡ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ଜଶପୁରର ଏକ ପାହାଡ଼ିଆ ଅଞ୍ଚଳରେ ଖସିପଡ଼ିଛି। ଏହି ଭୟଙ୍କର ଦୁର୍ଘଟଣାରେ ବିମାନର ପାଇଲଟ୍ ଏବଂ କୋ-ପାଇଲଟ୍?ଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ବିମାନଟି ଜଶପୁରର 'ଆରା ପାହାଡ଼' (ଆରା ହିଲ୍) ସହ ପିଟି ହୋଇଯାଇଥିଲା, ଯାହା ଫଳରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଦୁର୍ଘଟଣା ପରେ ବିମାନରେ ନିଆଁ ଲାଗିଯାଇଥିଲା ଏବଂ ସମଗ୍ର ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ଖବର ପାଇ ଏସଏସପି ଲାଲ୍ ଉମେଦ ସିଂଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି। ଦୁର୍ଘଟଣା ସ୍ଥଳର କିଛି ଦୃଶ୍ୟ ସୋସିଆଲ ମିଡିଆରେ ବ୍ୟାପକ ଭାବେ ପ୍ରସାରିତ ହେଉଛି। ଭିଡିଓରେ ଦେଖିବାକୁ ମିଳୁଛି ଯେ, ପାହାଡ଼ ଉପରେ ବିମାନଟି ଭଗ୍ନାବଶେଷରେ ପରିଣତ ହୋଇଥିବା ବେଳେ ସେଠାରୁ କଳା ଧୂଆଁ ବାହାରୁଛି। ପାଇଲଟ୍ ଓ ସହ-ପାଇଲଟ୍‌ଙ୍କ ବ୍ୟତୀତ ବିମାନରେ ଅନ୍ୟ କେହି ଯାତ୍ରୀ ଥିଲେ କି ନାହିଁ, ସେ ନେଇ ପ୍ରଶାସନ ତଥ୍ୟ ସଂଗ୍ରହ କରୁଛି। ଖରାପ ପାଣିପାଗ କିମ୍ବା ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏହି ଦୁର୍ଘଟଣା ଘଟିଥାଇପାରେ ବୋଲି ଆଶଙ୍କା କରାଯାଉଛି।

# ଗଭୀର ଖାଇକୁ ଖସିଲା ବସ୍; ୨୨ ମୃତ



ଉଧାମପୁର, ୨୦।୪(ଏଜେନ୍ସି): ଜମ୍ମୁ-କଶ୍ମୀରର ଉଧାମପୁର ଜିଲ୍ଲାରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ଆଜି ସକାଳେ ଗୋଟିଏ ଯାତ୍ରୀ ବସ୍ ନିୟନ୍ତ୍ରଣ ହରାଇ ଗଭୀର ଖାଇକୁ ଖସିପଡ଼ିବା ଫଳରେ ଅତିକମରେ ୨୨ ଜଣ ପ୍ରାଣ ହରାଇଛନ୍ତି ଏବଂ ୩୦ରୁ ଅଧିକ ଯାତ୍ରୀ ଗୁରୁତର ଭାବେ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ରାମନଗରରୁ ଉଧାମପୁର ଯାଉଥିବା ଏହି ବସ୍‌ଟି ସକାଳ ପ୍ରାୟ ୧୦ଟା ସମୟରେ ଏକ ବିପଜ୍ଜନକ ବାଙ୍କ ଅତିକ୍ରମ କରୁଥିବା ବେଳେ ଭାରସାମ୍ୟ ହରାଇଥିଲା। ପାହାଡ଼ ଉପରୁ ବସ୍‌ଟି ଓଲଟି ଶ॥॥ହେ ଫୁଟ ତଳେ ଥିବା ଏକ ଖାଇ ଭିତରେ ପଡ଼ିଥିଲା। ଅନେକ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବାର ଆଶଙ୍କା କରାଯାଉଛି। ଘଟଣାସ୍ଥଳରେ ଭାରତୀୟ ସେନା, ସ୍ଥାନୀୟ ପୋଲିସ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହାୟତାରେ ବ୍ୟାପକ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଗୁରୁତର ଆହତମାନଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି ଯେ ସଙ୍କଟାପନ୍ନ ଯାତ୍ରୀଙ୍କୁ ଉନ୍ନତ ଚିକିତ୍ସା ପାଇଁ ଏୟାରଲିଫ୍ଟ କରିବାର ବ୍ୟବସ୍ଥା ମଧ୍ୟ କରାଯାଉଛି। ଏହି ମର୍ମନ୍ତୁଦ ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଜମ୍ମୁ-କଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏବଂ ଉପ-ରାଜ୍ୟପାଳ ମନୋଜ ସିହ୍ନା ମଧ୍ୟ ପ୍ରଶାସନକୁ ସମସ୍ତ ସହାୟତା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ ଉଧାମପୁର ଜିଲ୍ଲାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ନିଜର ୭ ପିଲାଙ୍କୁ ହତ୍ୟା କଲା ପିଶାଚ ପିତା



ଲୁଇସିଆନା, ୨୦।୪(ଏଜେନ୍ସି): ଆମେରିକାର ଲୁଇସିଆନା ରାଜ୍ୟର ଶ୍ରେଭେପୋର୍ଟ ସହରରୁ ଏକ ଅତ୍ୟନ୍ତ ବୀଭତ୍ସ ଖବର ସାମ୍ନାକୁ ଆସିଛି। ଜଣେ ବ୍ୟକ୍ତି ନିଜର ୭ ସନ୍ତାନ ଏବଂ ଜଣେ ସମ୍ପର୍କୀୟ ଭାଇଙ୍କ ସମେତ ମୋଟ ୮ ଜଣ ଶିଶୁଙ୍କୁ ଗୁଳି କରି ନିର୍ମମ ଭାବେ ହତ୍ୟା କରିଛି। ଆକ୍ରମଣ॥ରେ ପତ୍ନୀଙ୍କ ସମେତ ଦୁଇଜଣ ମହିଳା ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି। ଚଳିତ ବର୍ଷ ଆମେରିକାରେ ଏହା ସବୁଠାରୁ ବଡ଼ 'ମାସ୍ ସୁଟିଂ' ବୋଲି କୁହାଯାଉଛି। ୩୧ ବର୍ଷୀୟ ଅଭିଯୁକ୍ତ ଶମାର ଏଲକିନ୍ସ ରବିବାର ଭୋର ପ୍ରାୟ ୬ଟା ସମୟରେ ଏହି ଜଘନ୍ୟ କାଣ୍ଡ ଘଟାଇଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଜଣକ ଏକ ଆଧୁନିକ ଆସଲ୍ଟ ରାଇଫଲ୍ ବ୍ୟବହାର କରିଥିଲା। ପ୍ରଥମେ ସେ ନିଜ ପତ୍ନୀଙ୍କୁ ଗୁଳି କରିବା ପରେ ପଡୋଶୀ ଘରକୁ ଯାଇ ସେଠାରେ ଥିବା ଶିଶୁମାନଙ୍କ ଉପରକୁ ଅତର୍କିତ ଗୁଳି ଚାଳନା କରିଥିଲା। ମୃତ ଶିଶୁମାନଙ୍କ ବୟସ ମାତ୍ର ୧ ରୁ ୧୧ ବର୍ଷ ମଧ୍ୟରେ ଥିଲା। ଏହି ଆକ୍ରମଣରୁ ବର୍ତ୍ତିବା ପାଇଁ ଜଣେ ୧୩ ବର୍ଷର ବାଳକ ଘରର ଛାତ ଉପରକୁ ଚଢ଼ିଯାଇ ସେଠାରୁ ତଳକୁ ଡେଇଁ ପଡ଼ିଥିଲା। ସେ ଗୁରୁତର ଆହତ ହୋଇଥିଲେ ମଧ୍ୟ ନିଜ ଜୀବନ ବଞ୍ଚାଇବାରେ ସଫଳ ହୋଇଛି। ପୋଲିସ କହିବା ଅନୁଯାୟୀ, ଜଣେ ଶିଶୁ ଛାତ ଉପରକୁ ଯାଉଥିବା ବେଳେ ତାଙ୍କୁ ସେଠାରେ ହିଁ ଗୁଳି କରାଯାଇଥିଲା। ହତ୍ୟାକାଣ୍ଡ ଘଟାଇବା ପରେ ଅଭିଯୁକ୍ତ ଶମାର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ସେ ବନ୍ଧୁକ ଦେଖାଇ ଏକ କାର୍ ଚୋରି କରି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ ସହ ତାର ମୁହାଁମୁହିଁ ହୋଇଥିଲା। ପୋଲିସର ଜବାବୀ ଗୁଳିରେ ଅଭିଯୁକ୍ତର ମୃତ୍ୟୁ ଘଟିଛି। ତଦନ୍ତରୁ ଜଣାପଡ଼ିଛି ଯେ ଅଭିଯୁକ୍ତ ପୂର୍ବରୁ ଆର୍ମି ନ୍ୟାସନାଲ ଗାର୍ଡରେ କାର୍ଯ୍ୟ କରୁଥିଲା ଏବଂ ତା'ର ଅପରାଧିକ ପୃଷ୍ଠଭୂମି ମଧ୍ୟ ରହିଥିଲା। ଘରୋଇ କଳିକୁ ନେଇ ସେ ଗୁଳିମାଡ଼ କରିଥିବାର ପୁଲିସ ସନ୍ଦେହ କରୁଛି।



# ଟ୍ରମ୍ପଙ୍କ ଉପରେ '୬୦ ଦିନ'ର ଚାପ

**ଇରାନ୍ ଯୁଦ୍ଧ ଥମିବ ନା ନେବ ନୂଆ ରୂପ?**

ୱାସିଂଟନ, ୨୦।୪(ଏଜେନ୍ସି): ଆମେରିକା ଏବଂ ଇରାନ୍ ମଧ୍ୟରେ ଜାରି ରହିଥିବା ସାମରିକ ସଂଘର୍ଷ ଏବେ ଏକ ଜଟିଳ ଆଇନଗତ ମୋଡ଼ରେ ପହଞ୍ଚିଛି। 'ୱାର୍ ପାୱାର୍ସ ରେଜୋଲ୍ୟୁସନ୍' ବା ଯୁଦ୍ଧ କ୍ଷମତା ଆଇନ ଅନୁଯାୟୀ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ ଆସନ୍ତା ମଇ ୧ ତାରିଖ ଏକ ଅଗ୍ନିପରୀକ୍ଷାର ଦିନ ସାବ୍ୟସ୍ତ ହେବାକୁ ଯାଉଛି। କଂଗ୍ରେସର ବିନା ଅନୁମତିରେ ଆରମ୍ଭ ହୋଇଥିବା ଏହି ସାମରିକ ଅଭିଯାନକୁ ଜାରି ରଖିବା ପାଇଁ ଟ୍ରମ୍ପଙ୍କ ପାଖରେ ସମୟ ସୀମା ଶେଷ ହେବାକୁ ବସିଛି। ଆମେରିକୀୟ ସମ୍ବିଧାନ ଓ ଆଇନ ଅନୁଯାୟୀ, ଯଦି ରାଷ୍ଟ୍ରପତି କଂଗ୍ରେସର ପୂର୍ବ ଅନୁମତି ବିନା ସେନା ବ୍ୟବହାର କରନ୍ତି, ତେବେ ତାଙ୍କୁ ୬୦ ଦିନ ମଧ୍ୟରେ ସେହି ଅଭିଯାନ ଶେଷ କରିବାକୁ ପଡ଼ିବ। ଫେବୃଆରୀ ୨୮ରେ ଇରାନ୍ ଉପରେ ଆକ୍ରମଣ ଆରମ୍ଭ ହୋଇଥିଲେ ମଧ୍ୟ ମାର୍ଚ୍ଚ ୨ରେ ଏହି ସୂଚନା କଂଗ୍ରେସକୁ ଦିଆଯାଇଥିଲା। ସେହି ହିସାବରେ ମଇ ୧ ତାରିଖ ହେଉଛି ଅନ୍ତିମ ସୀମା। ଏହାପରେ ଯୁଦ୍ଧ ଜାରି ରଖିବାକୁ ହେଲେ ଟ୍ରମ୍ପଙ୍କୁ କଂଗ୍ରେସରୁ ସ୍ୱତନ୍ତ୍ର ଅନୁମତି ଆଣିବାକୁ ହେବ। ରାଷ୍ଟ୍ରପତି ଟ୍ରମ୍ପ ଚତୁରତାର ସହ ଏହି ସଂଘର୍ଷକୁ 'ଯୁଦ୍ଧ' ବଦଳରେ 'ମିଲିଟାରୀ ଅପରେସନ' ବା ସାମରିକ ଅଭିଯାନ ବୋଲି ବର୍ଣ୍ଣନା କରୁଛନ୍ତି। ତାଙ୍କ ମତରେ, ଇରାନର ପରମାଣୁ କାର୍ଯ୍ୟକ୍ରମକୁ ଧ୍ୱଂସ କରିବା ପାଇଁ ଏହା ଏକ ଜରୁରୀ ପଦକ୍ଷେପ। ତେବେ ଡେମୋକ୍ରାଟ୍ ଦଳର ନେତାମାନେ ଏହାକୁ ତୀବ୍ର ବିରୋଧ କରୁଛନ୍ତି। ସେମାନଙ୍କ ଅନୁଯାୟୀ, ବିନା ଅନୁମତିରେ ଏହି ସଂଘର୍ଷ ଜାରି ରଖିବା ସମ୍ପୂର୍ଣ୍ଣ ବେଆଇନ। ବର୍ତ୍ତମାନ ମେ ୧ ପୂର୍ବରୁ ଟ୍ରମ୍ପଙ୍କ ପାଖରେ ମୁଖ୍ୟତଃ ଦୁଇଟି ରାସ୍ତା ରହିଛି। ସୈନ୍ୟ ପ୍ରତ୍ୟାହାର- ସେ ଇରାନରୁ ସୈନ୍ୟ ଫେରାଇ ଆଣିପାରନ୍ତି, ଯାହାକୁ ଇରାନ୍ ନିଜର ବିଜୟ ଭାବେ ଉପସ୍ଥାପନ କରିପାରେ।

ସେ ୨୦୦୧ର ଅଥରାଇଜେସନ ଫର ୟୁଜ୍ ଅଫ୍ ମିଲିଟାରୀ ଫୋର୍ସ (ଏୟୁଏମ୍ଏଫ୍) ଆଇନର ସାହାରା ନେଇପାରନ୍ତି, ଯାହା ତାଙ୍କୁ କଂଗ୍ରେସର ଅନୁମତି ବିନା ଅଧିକ ସମୟ ପାଇଁ ଯୁଦ୍ଧ ଜାରି ରଖିବାକୁ କ୍ଷମତା ଦେଇପାରେ। ଯୁଦ୍ଧରେ ଏପର୍ଯ୍ୟନ୍ତ ୫୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୫୦ ବିଲିୟନ ଡଲାରର ସମ୍ପତ୍ତି ନଷ୍ଟ ହୋଇସାରିଛି। ମେ ୧ ତାରିଖ କେବଳ ଟ୍ରମ୍ପଙ୍କ ପାଇଁ ନୁହେଁ, ବରଂ ସମଗ୍ର ବିଶ୍ୱ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ଯଦି ଟ୍ରମ୍ପ ଆଇନକୁ ଅଣଦେଖା କରି ଯୁଦ୍ଧ ଜାରି ରଖନ୍ତି, ତେବେ ଆମେରିକା ଭିତରେ ଓ ବାହାରେ ସେ ଏକ ବଡ଼ ରାଜନୈତିକ ଏବଂ ଆଇନଗତ ସଂକଟର ସମ୍ମୁଖୀନ ହେବେ।

## ସାଉଦି ଗସ୍ତରେ ଅଜିତ ଡୋଭାଲ



ନୂଆଦିଲ୍ଲୀ/ରିୟାଦ, ୨୦।୪(ଏଜେନ୍ସି): ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ ଡୋଭାଲ ରବିବାର ସୌଦି ଆରବର ରାଜଧାନୀ ରିୟାଦରେ ପହଞ୍ଚି ସେଠାକାର ଶୀର୍ଷ ନେତୃତ୍ୱଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଯୋଗ ଦେଇଛନ୍ତି। ବିଶ୍ୱର ବଦଳୁଥିବା ଭୂ-ରାଜନୈତିକ ସ୍ଥିତି ମଧ୍ୟରେ ଭାରତ ଓ ଦାଉଦି ଆରବ ମଧ୍ୟରେ ରଣନୈତିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଏହି ଗସ୍ତର ମୂଳ ଲକ୍ଷ୍ୟ ବୋଲି କୁହାଯାଉଛି। ଏହି ସରକାରୀ ଗସ୍ତ ଅବସରରେ ଶ୍ରୀ ଡୋଭାଲ ସାଉଦି ଆରବର ଶକ୍ତି ମନ୍ତ୍ରୀ ପ୍ରିନ୍ସ ଅବଦୁଲାଜିଜ୍ ବିନ୍ ସଲମାନ, ବୈଦେଶିକ ମନ୍ତ୍ରୀ ପ୍ରିନ୍ସ ଫୈସଲ ବିନ୍ ଫରହାନ ଏବଂ ସୌଦି ଜାତୀୟ ସୁରକ୍ଷା ପରାମର୍ଶଦାତା ମୁସାଦ ଅଲ-ଆଇବାନଙ୍କ ସହ ଆଲୋଚନା କରିଛନ୍ତି। ବିଶେଷ କରି ଶକ୍ତି ସହଯୋଗ, ଆଞ୍ଚଳିକ ନିରାପତ୍ତା ଏବଂ ପାରସ୍ପରିକ ସ୍ୱାର୍ଥ ରହିଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଉଭୟ ପକ୍ଷ ମଧ୍ୟରେ ବିସ୍ତୃତ ଆଲୋଚନା ହୋଇଛି। ସାଉଦି ଆରବରେ ଭାରତୀୟ ଦୂତାବାସ ପକ୍ଷରୁ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏହି ଗସ୍ତ ସମ୍ପର୍କରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ, ସାଉଦି ଗସ୍ତ ପୂର୍ବରୁ ଏପ୍ରିଲ ୧୭ ତାରିଖରେ ଶ୍ରୀ ଡୋଭାଲ ୟୁକ୍ରେନ୍ ଜାତୀୟ ସୁରକ୍ଷା ଓ ପ୍ରତିରକ୍ଷା ପରିଷଦର ସଚିବ ରୁସ୍ତମ ଉମେରୋଭଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଏହି କ୍ରମାଗତ ବୈଠକଗୁଡ଼ିକ ବିଶ୍ୱ ସୁରକ୍ଷା ଏବଂ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଭାରତର ସକ୍ରିୟ କୂଟନୈତିକ ଭୂମିକାକୁ ସ୍ପଷ୍ଟ କରୁଛି। ଭାରତ ସବୁବେଳେ ଆଲୋଚନା ଏବଂ କୂଟନୀତି ମାଧ୍ୟମରେ ବିବାଦର ସମାଧାନ ପାଇଁ ସମର୍ଥନ କରିଆସିଛି।

# କାମ ଦେଲାନି 'ଥାଡ୍'

**୧୪୨ ବିଲିୟନ ଡଲାର ଖର୍ଚ୍ଚ ସତ୍ତ୍ୱେ ବିପଦରେ ଗଲ୍ଫ**

ନୂଆଦିଲ୍ଲୀ, ୨୦।୪(ଏଜେନ୍ସି): ଯେଉଁ ଅସ୍ତ୍ରକୁ ବିଶ୍ୱର 'ଅଜେୟ କବଚ' କୁହାଯାଉଥିଲା, ତାହା ଆଜି ଇରାନର କ୍ଷେପଣାସ୍ତ୍ର ବର୍ଷା ସାମ୍ନାରେ କେବଳ ପାଉଁଶର ଗଦା ପାଲଟିଛି। ଆମେରିକାର ସୁରକ୍ଷା ବଳୟ ଉପରେ ଭରସା କରି ୧୪୨ ବିଲିୟନ ଡଲାର (ପ୍ରାୟ ୧୨ ଲକ୍ଷ କୋଟି ଟଙ୍କା) ଖର୍ଚ୍ଚ କରିଥିବା ଗଲ୍ଫ ଦେଶଗୁଡ଼ିକ ଆଜି ଏକ ଶକ୍ତ ଧକ୍କା ସହିଛନ୍ତି। ଆମେରିକାର ଦାମୀ ଥାଡ୍ ଓ ପାଟ୍ରିଅଟ୍ ମିସାଇଲ୍ ଡିଫେନ୍ସ ସିଷ୍ଟମ ଇରାନର ଶସ୍ତା ଡ୍ରୋନ ଏବଂ ବାଲିଷ୍ଟିକ ମିସାଇଲ୍ ଆଗରେ ଆଣ୍ଠୁ ମାଡ଼ି ବସିଛି। ୨୦୨୫ ମଇ ମାସରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସାଉଦି ଆରବ ଗସ୍ତ ସମୟରେ ୧୪୨ ବିଲିୟନ ଡଲାରର ଏକ ବିଶାଳ ସାମରିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି ଅର୍ଥ ବଦଳରେ ସାଉଦି ଏବଂ କତାରକୁ ଆଧୁନିକ ରାଡାର୍ ଏବଂ ଇଣ୍ଟରସେପ୍ଟର ଯୋଗାଇ ଦିଆଯାଇଥିଲା, ଯାହା ଇରାନର ଆକ୍ରମଣରୁ ସୁରକ୍ଷା ଦେବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଜୁନ୍ ୨୦୨୬ ରେ ହୋଇଥିବା ଇରାନର ପ୍ରତିଶୋଧମୂଳକ ଆକ୍ରମଣ ଏହି ଆମେରିକୀୟ କବଚର ଅସଲ ମୁଖା ଖୋଲି ଦେଇଛି। ସିଏନ୍ଏନ୍ ଦ୍ୱାରା ପ୍ରକାଶିତ ସାଟେଲାଇଟ୍ ଚିତ୍ର ଅନୁଯାୟୀ, ଜର୍ଡାନ, ସାଉଦି ଆରବ ଏବଂ ୟୁଏଇରେ ଥିବା ଥାଡ୍‌ର ମୁଖ୍ୟ 'ଆଖି' କୁହାଯାଉଥିବା ଏଏନ୍/ଟିପିୱାଇ-୨ ରାଡାରଗୁଡ଼ିକ ଉପରେ ସିଧାସଳଖ ଆକ୍ରମଣ ହୋଇଛି। ସାଉଦି ପ୍ରିନ୍ସ ସୁଲତାନ ଏୟାର ବେସ୍‌ରେ ଥିବା ରାଡାର ଏବେ କେବଳ ପୋଡ଼ା ଲୁହାରେ ପରିଣତ ହୋଇଛି। ଇରାନର ପ୍ରାୟ ୪୦୦ ବାଲିଷ୍ଟିକ ମିସାଇଲ୍ ଏବଂ ୧୦୦୦ ଡ୍ରୋନ୍‌ର ସମୂହ ଆକ୍ରମଣ ସାମ୍ନାରେ ଆମେରିକୀୟ ପ୍ରଣାଳୀ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏହି ଯୁଦ୍ଧରେ ଏକ ବଡ଼ ସତ୍ୟ ସାମ୍ନାକୁ ଆସିଛି। ଇରାନ ମାସକୁ ୧୦୦ ରୁ ଅଧିକ ମିସାଇଲ୍ ତିଆରି କରୁଥିବା ବେଳେ ଆମେରିକା ମାସକୁ ମାତ୍ର ୬ ରୁ ୭ଟି ଇଣ୍ଟରସେପ୍ଟର ତିଆରି କରିପାରୁଛି। ଯୋଗାଣର ଏହି ଅଭାବ ଯୋଗୁଁ ଆମେରିକା ଦକ୍ଷିଣ କୋରିଆରୁ ଥାଡ୍ ବ୍ୟାଟେରୀ ଆଣି ମଧ୍ୟପ୍ରାଚ୍ୟରେ ଲଗାଉଛି, ଯାହାଫଳରେ ଦକ୍ଷିଣ କୋରିଆର ସୁରକ୍ଷା ବିପନ୍ନ ହୋଇଛି। ଗଲ୍ଫ ଦେଶଗୁଡ଼ିକ ପାଇଁ ଏହା ଏକ ମହଙ୍ଗା ଶିକ୍ଷା ସାବ୍ୟସ୍ତ ହୋଇଛି। କୋଟି କୋଟି ଟଙ୍କା ଖର୍ଚ୍ଚ କରି ମଧ୍ୟ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ ହୋଇପାରି ନାହିଁ। ଯେଉଁ ଥାଡ୍‌କୁ ସୁରକ୍ଷାର ଗ୍ୟାରେଣ୍ଟି କୁହାଯାଉଥିଲା, ତାହା ଆଜି ଏକ 'ବିଲିୟନ ଡଲାରର ଫେଲ୍ ମେସିନ୍' ଭାବେ ପ୍ରମାଣିତ ହୋଇଛି।



# ଆମେରିକାକୁ କ୍ଷତିପୂରଣ ମାଗିଲା ୟୁଏଇ, ଇରାନର ଦାବି ୨୭୦ ବିଲିୟନ ଡଲାର

ୱାସିଂଟନ/ଦୁବାଇ, ୨୦।୪(ଏଜେନ୍ସି): ଯୁଦ୍ଧ କେବଳ ରକ୍ତପାତ କରେନାହିଁ, ଏହା ଦେଶର ଅର୍ଥନୀତିକୁ ମଧ୍ୟ ଛାରଖାର କରିଦିଏ। ଇରାନ ଏବଂ ଆମେରିକା ମଧ୍ୟରେ ଜାରି ରହିଥିବା ଯୁଦ୍ଧ ଏବେ ବିଶ୍ୱ ଅର୍ଥନୀତି ପାଇଁ ଏକ ଭୟଙ୍କର ବୋଝ ପାଲଟିଛି। ଏହି ପରିପ୍ରେକ୍ଷୀରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଆମେରିକା ପାଖରୁ ଆର୍ଥିକ ସୁରକ୍ଷା ବଳୟ ବା 'ଫାଇନାନ୍ସିଆଲ୍ ବ୍ୟାକଷ୍ଟପ୍' ଦାବି କରିଛି। ଇରାନର କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ମାଡ଼ରେ ୟୁଏଇ ର ବହୁ ବଡ଼ ବଡ଼ ଅଟ୍ଟାଳିକା, ହୋଟେଲ ଏବଂ ଶକ୍ତି କେନ୍ଦ୍ର ଧ୍ୱଂସ ହୋଇଯାଇଛି। ବିଶେଷ କରି ଫୁଜୈରା ତୈଳ ରପ୍ତାନି ଟର୍ମିନାଲ୍ କ୍ଷତିଗ୍ରସ୍ତ ହେବା ଫଳରେ ୟୁଏଇ ର ରପ୍ତାନି ବାଧାପ୍ରାପ୍ତ ହୋଇଛି। ୟୁଏଇର କେନ୍ଦ୍ରୀୟ ବ୍ୟାଙ୍କ ମୁଖ୍ୟ ଖାଲେଦ ମହମ୍ମଦ ବାଲାମା ଆମେରିକା ସହ 'କରେନ୍ସି ସ୍ୱାପ୍' ଚୁକ୍ତି ପାଇଁ ଆଲୋଚନା ଆରମ୍ଭ କରିଛନ୍ତି। ଏହି ଯୁଦ୍ଧ ଆମେରିକା ଦ୍ୱାରା ଆରମ୍ଭ ହୋଇଥିବାରୁ ଏବଂ କ୍ଷେତ୍ରୀୟ ସହଯୋଗୀଙ୍କ ସହ ପରାମର୍ଶ କରାଯାଇ ନଥିବାରୁ ଆମେରିକା ଏହି କ୍ଷତି ଭରଣା କରୁ ବୋଲି ୟୁଏଇ ଯୁକ୍ତି ବାଢ଼ିଛି। ଆମେରିକା ପାଇଁ ଏହି ଦାବି ଏକ ମୁଣ୍ଡବିନ୍ଧାର କାରଣ ପାଲଟିଛି। ପୂର୍ବରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗଲ୍ ଦେଶଗୁଡ଼ିକ ଠାରୁ ଯୁଦ୍ଧ ପାଇଁ ଅର୍ଥ ଦାବି କରିବାକୁ ଯୋଜନା କରୁଥିଲେ। କିନ୍ତୁ ଏବେ ସ୍ଥିତି ଓଲଟି ଯାଇଛି। ଯଦି ଆମେରିକା ୟୁଏଇ କୁ ସହାୟତା ପ୍ରଦାନ କରେ, ତେବେ କାତାର ଏବଂ ସାଉଦି ଆରବ ଭଳି ଅନ୍ୟ ଉପସାଗରୀୟ ଦେଶମାନେ ମଧ୍ୟ ସମାନ ଦାବି ନେଇ ଆମେରିକା ଦ୍ୱାରସ୍ଥ ହେବାର ସମ୍ଭାବନା ରହିଛି। ଏହାଫଳରେ ଡଲାରର ସ୍ଥିତି ଦୁର୍ବଳ ହେବା ସହ ୟୁଏଇ ଏବେ ଚାଇନିଜ୍ 'ୟୁଆନ' ମାଧ୍ୟମରେ କାରବାର କରିବାକୁ ସଙ୍କେତ ଦେଇଛି।



ଅନ୍ୟପଟେ ଇରାନ ଏହି ଯୁଦ୍ଧରେ ସକ୍ରିୟ ଥିବା ୟୁଏଇ, ସାଉଦି ଆରବ, ବାହାରିନ, କାତାର ଏବଂ ଜର୍ଡାନ ଭଳି ପଡୋଶୀ ଦେଶମାନଙ୍କ ଠାରୁ ୨୭୦ ବିଲିୟନ ଡଲାରର କ୍ଷତିପୂରଣ ମାଗିଛି। ଏହା ବ୍ୟତୀତ ହର୍ମୁଜ ପ୍ରଣାଳୀ ଉପରେ ନିଜର ଅନ୍ତର୍ଜାତୀୟ ପ୍ରାଧାନ୍ୟ ଦାବି କରି ଜାହାଜ ଗୁଡ଼ିକ ଠାରୁ ମାସିକ ପ୍ରାୟ ୪.୫ ବିଲିୟନ ଡଲାରର 'ଟୋଲ୍' ଆଦାୟ କରିବାକୁ ଲକ୍ଷ୍ୟ ରଖିଛି। ଆଗାମୀ ଏପ୍ରିଲ ୨୨ ତାରିଖରେ ଯୁଦ୍ଧବିରତିର ଅବଧି ଶେଷ ହେବାକୁ ଯାଉଛି। ଶାନ୍ତି ଆଲୋଚନା ଏପର୍ଯ୍ୟନ୍ତ କୌଣସି ଫଳପ୍ରଦ ନିଷ୍କର୍ଷରେ ପହଞ୍ଚି ନାହିଁ। ସାଉଦି ଆରବର ଅର୍ଥମନ୍ତ୍ରୀ ମହମ୍ମଦ ଅଲଜଦାନଙ୍କ ଅନୁଯାୟୀ, ଶକ୍ତି ଉତ୍ପାଦନ ଏବଂ ଯୋଗାଣ ସ୍ୱାଭାବିକ ହେବାକୁ ମାସ ମାସ ସମୟ ଲାଗିପାରେ।

# ହାଇକୋର୍ଟରେ କେଜ୍ରିୱାଲଙ୍କୁ ଝଟ୍‌କା

ନୂଆଦିଲ୍ଲୀ, ୨୦।୪(ଏଜେନ୍ସି): ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ହାଇକୋର୍ଟରୁ ଏକ ବଡ଼ ଝଟ୍‌କା ଲାଗିଛି। ଜଷ୍ଟିସ ସ୍ୱର୍ଣ୍ଣକାନ୍ତ ଶର୍ମା ଏହି ମାମଲାର ଶୁଣାଣିରୁ ନିଜକୁ ଦୂରେଇ ରଖିବା ପାଇଁ କେଜ୍ରିୱାଲ କରିଥିବା ଆବେଦନକୁ ସୋମବାର ଖାରଜ କରିଦେଇଛନ୍ତି। ଆବେଦନର ଶୁଣାଣି କରି ଜଷ୍ଟିସ ଶର୍ମା କହିଛନ୍ତି ଯେ, ନିରପେକ୍ଷତା ଜଣେ ବିଚାରପତିଙ୍କର ଏକ ସ୍ୱାଭାବିକ ଗୁଣ ଏବଂ ଏହା କେବଳ ଏକ ଆଇନଗତ ଆବଶ୍ୟକତା ନୁହେଁ ବରଂ ଏକ ନୈତିକ ଦାୟିତ୍ୱ ମଧ୍ୟ। ସେ ଆହୁରି ମଧ୍ୟ କହିଛନ୍ତି, ଜଣେ ରାଜନେତାଙ୍କୁ କୋର୍ଟର ସୀମା ଲଙ୍ଘିବାକୁ ଅନୁମତି ଦିଆଯାଇପାରିବ ନାହିଁ ଏବଂ ସେ ବିଚାରପତିଙ୍କ ଦକ୍ଷତା ଉପରେ ପ୍ରଶ୍ନ ଉଠାଇ ପାରିବେ ନାହିଁ। କୌଣସି ଆବେଦନକାରୀଙ୍କ ବ୍ୟକ୍ତିଗତ ଧାରଣା କିମ୍ବା ଆଶଙ୍କା ଆଧାରରେ ବିଚାରପତି ବଦଳାଯାଇ ପାରିବେ ନାହିଁ। ଯଦି ଏଭଳି ଅନୁମତି ଦିଆଯାଏ, ତେବେ ନ୍ୟାୟିକ ବ୍ୟବସ୍ଥା ଉପରେ ଅନାବଶ୍ୟକ ଅବିଶ୍ୱାସର ମଞ୍ଜି ବୁଣାଯିବ। ଅରବିନ୍ଦ କେଜ୍ରିୱାଲ ନିଜେ କୋର୍ଟରେ ହାଜର ହୋଇ ଯୁକ୍ତି ବାଢ଼ିଥିଲେ ଯେ, ଜଷ୍ଟିସ ସ୍ୱର୍ଣ୍ଣକାନ୍ତ ଶର୍ମା ପୂର୍ବରୁ ଏହି ମାମଲା ସହ ଜଡ଼ିତ ଅନେକ ଆବେଦନର ଶୁଣାଣି କରିଛନ୍ତି। ସେଥିମଧ୍ୟରୁ କେଜ୍ରିୱାଲଙ୍କ ଗିରଫଦାରୀ ବିରୋଧରେ ହୋଇଥିବା ଆବେଦନ ମଧ୍ୟ ରହିଥିଲା, ଯେଉଁଥିରେ ସେ କୌଣସି ଅଭିଯୁକ୍ତଙ୍କୁ ଆଶ୍ୱସ୍ତି ପ୍ରଦାନ କରିନାହାନ୍ତି। ତେଣୁ ଏହି ମାମଲାରେ ନିରପେକ୍ଷ ଶୁଣାଣି ହେବା ନେଇ ତାଙ୍କର ସନ୍ଦେହ ରହିଛି ବୋଲି ସେ ଦର୍ଶାଇଥିଲେ। ମଦ ନୀତି ଦୁର୍ନୀତି ମାମଲାରେ କେଜ୍ରିୱାଲଙ୍କୁ ନିମ୍ନ ଅଦାଲତ ଦୋଷମୁକ୍ତ କରିଥିଲେ, ଯାହାକୁ ସିବିଆଇ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛି। ଏହି ଆବେଦନର ଶୁଣାଣି ଜଷ୍ଟିସ ଶର୍ମାଙ୍କ ଖଣ୍ଡପୀଠରେ ଚାଲିଛି। ହାଇକୋର୍ଟଙ୍କ ଏହି ରାୟ ପରେ ଏହା ସ୍ପଷ୍ଟ ହୋଇଛି ଯେ, ଜଷ୍ଟିସ ସ୍ୱର୍ଣ୍ଣକାନ୍ତ ଶର୍ମା ହିଁ ଏହି ସମ୍ବେଦନଶୀଳ ମାମଲାର ଶୁଣାଣି ଜାରି ରଖିବେ।




**ମାମଲାରୁ ଓହରିବାକୁ ମନାକଲେ ବିଚାରପତି**

# ଆକାଶ ମାର୍ଗରେ ୪ ଘଣ୍ଟାର ଆତଙ୍କ; କାନ୍ଦିଲେ ଓ ପ୍ରାର୍ଥନା କଲେ ଯାତ୍ରୀ

ବେଙ୍ଗାଲୁରୁ, ୨୦।୪(ଏଜେନ୍ସି): କାହାର ହାତ ଯୋଡ଼ି ହୋଇଯାଇଛି ତ କାହାର ଆଖିରୁ ଲୁହ ଧାର ଧାର ହୋଇ ବୋହିଯାଉଛି। କିଏ ମୃତ୍ୟୁ ଭୟରେ ଥରୁଛି ତ କିଏ ଇଷ୍ଟଦେବଙ୍କୁ ସ୍ମରଣ କରୁଛି। ଏପରି ଏକ ହୃଦୟବିଦାରକ ଦୃଶ୍ୟ ଦେଖିବାକୁ ମିଳିଥିଲା 'ଫ୍ଲାଏ୯୧' ଏୟାରଲାଇନ୍ସର ଏକ ବିମାନ ମଧ୍ୟରେ, ଯେତେବେଳେ ପ୍ରାୟ ଚାରି ଘଣ୍ଟା ଧରି ଯାତ୍ରୀମାନେ ଆକାଶ ମାର୍ଗରେ ଜୀବନ ଓ ମୃତ୍ୟୁ ସହ ସଂଗ୍ରାମ କରୁଥିଲେ। ହାଇଦ୍ରାବାଦରୁ ହୁବ୍ବାଲି ଅଭିମୁଖେ ଯାତ୍ରା କରୁଥିବା ବିମାନଟି ହୁବ୍ବାଲି ନିକଟରେ ପହଞ୍ଚିବା ପରେ ପ୍ରବଳ ଖରାପ ପାଣିପାଗର ସମ୍ମୁଖୀନ ହୋଇଥିଲା। ବର୍ଷା ଓ ପବନ ଯୋଗୁଁ ବିମାନଟି ଅବତରଣ କରିବା ଅସମ୍ଭବ ହୋଇପଡ଼ିବାରୁ ପାଇଲଟ୍ ବିମାନଟିକୁ ଆକାଶରେ ଘେରାଉ କରିବାକୁ ବାଧ ହୋଇଥିଲେ। ପ୍ରାୟ ଚାରି ଘଣ୍ଟା ଧରି ମୁଣ୍ଡଗୋଡ, ଦାବଣଗେରେ ଏବଂ ଶିବମୋଗା ଅଞ୍ଚଳ ଉପରେ ବିମାନଟି ଉଡ଼ୁଥିବା ବେଳେ ଭିତରେ ଥିବା ଯାତ୍ରୀମାନେ ଅତ୍ୟନ୍ତ ଆତଙ୍କିତ ହୋଇପଡ଼ିଥିଲେ। ଭାଇରାଲ ହେଉଥିବା ଭିଡିଓରେ ଯାତ୍ରୀମାନଙ୍କ ଚିତ୍କାର ଏବଂ କାନ୍ଦବୋବାଳି ସ୍ପଷ୍ଟ ଶୁଣାଯାଉଛି। ଶେଷରେ ସମସ୍ତ ଚେଷ୍ଟା ପରେ ବିମାନଟିକୁ ବେଙ୍ଗାଲୁରୁ ସ୍ଥିତ କେମ୍ପେଗୌଡ଼ା ଆନ୍ତର୍ଜାତୀୟ ବିମାନ ବନ୍ଦରକୁ ପଠାଯାଇଥିଲା ଏବଂ ସନ୍ଧ୍ୟା ପ୍ରାୟ ୭ଟା ୩୦ରେ ଏହା ସୁରକ୍ଷିତ ଭାବେ ଅବତରଣ କରିଥିଲା।

## ଉଦ୍‌ଘାଟନ ପୂର୍ବରୁ ରାଜସ୍ଥାନ ରିଫାଇନାରୀରେ ନିଆଁ



ବାଲୋତ୍ରା, ୨୦।୪(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଉଦ୍‌ଘାଟନ ହେବାର ମାତ୍ର ୨୪ ଘଣ୍ଟା ପୂର୍ବରୁ ରାଜସ୍ଥାନର ପଚପଦ୍ରାସ୍ଥିତ ରିଫାଇନାରୀରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏହି ଦୁର୍ଘଟଣା ଯୋଗୁଁ ସାରା ଅଞ୍ଚଳରେ କଳା ଧୂଆଁର ବାଦଲ ଘୋଟି ଯାଇଥିବା ଦେଖିବାକୁ ମିଳିଛି। ରିଫାଇନାରୀର କ୍ରୁଡ୍ ଡିଷ୍ଟିଲେସନ୍ ୟୁନିଟ୍ (ସିଡିୟୁ) ବିଭାଗରେ ଏହି ନିଆଁ ଲାଗିଥିବା ପ୍ରାଥମିକ ସୂଚନାରୁ ଜଣାପଡ଼ିଛି। ବର୍ତ୍ତମାନ ସୁଦ୍ଧା କୌଣସି ପ୍ରାଣହାନି ହୋଇଥିବା ନେଇ ଖବର ମିଳିନାହିଁ। ରିଫାଇନାରୀର ବିଶେଷତ୍ୱ ହେଉଛି, ଏହା ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ଏଚ୍‌ପିସିଏଲ୍) ଏବଂ ରାଜସ୍ଥାନ ସରକାରଙ୍କ ଏକ ମିଳିତ ଉଦ୍ୟମ। ଏହା ଭାରତର ପ୍ରଥମ ଗ୍ରୀନ୍‌ଫିଲ୍ଡ ରିଫାଇନାରୀ-ତଥା-ପେଟ୍ରୋକେମିକାଲ୍ କମ୍ପ୍ଲେକ୍ସ।

## ସଙ୍ଗୀତରେ ନାଚିବାରୁ ଭାଇବୋହୂକୁ ହତ୍ୟା

ରୋହତକ (ହରିୟାଣା), ୨୦।୪(ଏଜେନ୍ସି): ହରିୟାଣାର ରୋହତକ ଜିଲ୍ଲାରୁ ଏକ ଅତି ଅମାନୁଷିକ ଘଟଣା ସାମ୍ନାକୁ ଆସିଛି। ପଡୋଶୀଙ୍କ ଘରେ ଚାଲିଥିବା 'ସଙ୍ଗୀତ' କାର୍ଯ୍ୟକ୍ରମରେ ନାଚିବା ଯୋଗୁଁ ଜଣେ ବ୍ୟକ୍ତି ନିଜ ସାନ ଭାଇର ପତ୍ନୀଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛି। ରବିବାର ରାତିରେ ପଡେଶୀଙ୍କ ଘରେ ବିବାହ ପୂର୍ବରୁ ସଙ୍ଗୀତ କାର୍ଯ୍ୟକ୍ରମ ଚାଲିଥିଲା। ପ୍ରବେଶ ସେଠାକୁ ଯାଇ ଅନ୍ୟ ମହିଳାଙ୍କ ସହ ନାଚିଥିଲେ। ଏଥିରେ ତାଙ୍କ ଜେଠ ଜସବୀର ଫୋଗାଟ ଅତ୍ୟନ୍ତ କ୍ରୋଧିତ ହୋଇଯାଇଥିଲେ। ପ୍ରବେଶ ନାଚ ସାରି ଘରକୁ ଫେରିବା ମାତ୍ରେ ଜସବୀର ତାଙ୍କ ସହ ଝଗଡ଼ା କରିଥିଲେ ଏବଂ ଘରେ ଥିବା ଏକ ଧାରୁଆ ଦାଆରେ ତାଙ୍କୁ ଆକ୍ରମଣ କରିଥିଲେ। ମହିଳାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଛାଡ଼ି ସେ ଘରୁ ଫେରାର ହୋଇଯାଇଥିଲା। ଘଟଣା ସମୟରେ ପ୍ରବେଶଙ୍କ ସ୍ୱାମୀ ଓ ଶାଶୂ ଘରେ ନଥିଲେ, କିନ୍ତୁ ତାଙ୍କର ତିନି ପିଲା ଶୋଇଥିଲେ। ପରେ ପୁଅ ଉଠି ମା'ଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ିଥିବା ଦେଖି ମାମୁଁଙ୍କୁ ଫୋନ୍ କରି ଜଣାଇଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ରୋହତକ ପିଜିଆଇ କୁ ନେଇଥିଲେ, କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ବାର୍ଷିକ ରିଭିଜନରେ ଓଡ଼ିଶାର ୧୦ ଲକ୍ଷ ଭୋଟରଙ୍କ ନାମ ବାଦ୍

# ନିର୍ବାଚନ କମିସନଙ୍କ କାର୍ଯ୍ୟକୁ ନେଇ ବିଜେଡିର ସନ୍ଦେହ

ଭୁବନେଶ୍ୱର,୨୦।୪(ସମିସ): ଭାରତର ଭୋଟର ତାଲିକରେ ସ୍ପେସିଆଲ ଇଣ୍ଟେନସିଭ ରିଭିଜନ ମାଧ୍ୟମରେ ଭୋଟର ତାଲିକାରୁ ଅଧିକରୁ ଅଧିକ ଭୋଟରଙ୍କ ନାମ କଟିଯାଉଥିବା ଅଭିଯୋଗରେ କଡ଼ା ଉଦବେଗ ପ୍ରକାଶ କରିଛି ବିଜେଡି। ଅନ୍ୟ ରାଜ୍ୟ ପରି ଓଡ଼ିଶାରେ ମଧ୍ୟ ସେଭଳି ହେବାର ସନ୍ଦେହ ସୃଷ୍ଟି ହୋଇଥିବା ଦଳ ଅଭିଯୋଗ କରିଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ବିରୋଧୀ ଦଳର ଉପନେତା ତଥା ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ବିଜୟ ନାୟକ ଭୋଟର ତାଲିକାରୁ ଅଧିକରୁ ଅଧିକ ସଂଖ୍ୟାରେ ଭୋଟରଙ୍କ ନାମ ବାଦ୍ ପଡୁଥିବା ଅଭିଯୋଗରେ ନିର୍ବାଚନ କମିସନଙ୍କ କାର୍ଯ୍ୟକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି।

ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ ନିର୍ବାଚନ କମିସନଙ୍କ ଇଲେକ୍ଟ୍ରାଲ ରୋଲରେ ପ୍ରତିବର୍ଷ ଜାନୁଆରୀରେ ରିଭିଜନ ହୁଏ। ମାତ୍ର ଚଳିତ ବର୍ଷ ସଂଶୋଧନରେ ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟରଙ୍କୁ ବାଦ୍ ଦିଆଯିବା ସନ୍ଦେହଜନକ। ଓଡ଼ିଶାରେ ଏସଆଇଆର ହେବାକୁ ଯାଉଥିବା ବେଳେ ଅଧିକ ଭୋଟରଙ୍କ ନାମ ବାଦ୍ ପଡିବା ଆଶଙ୍କା ଦେଖାଦେଇଛି। ଓଡ଼ିଶାରେ ୨୦୦୨





**୧୨ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ୫ କୋଟିରୁ ଉର୍ଦ୍ଧ୍ୱ ବାଦ**


ମସିହାରେ ଏସଆଇଆର୍ ହୋଇଥିଲା। ୨୦୨୫ ମସିହା ଅଗଷ୍ଟ ୧୯ ତାରିଖରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଦେଶର ନିର୍ବାଚନ କମିସନରଙ୍କୁ ଭେଟି ଏହି ସମ୍ବନ୍ଧରେ ନିଜର ଆଶଙ୍କା ପ୍ରକାଶ କରିଥିଲା। ଯେଉଁମାନେ ରାଜ୍ୟ ବାହାରକୁ କାମ କରିବାକୁ ଯାଉଛନ୍ତି, ତାଙ୍କ ନାମ ଯେପରି ଭୋଟର ତାଲିକାରୁ ବାଦ୍ ନ ପଡେ ସେଥିପ୍ରତି ଯତ୍ନବାନ ହେବା ଉଚିତ ବୋଲି ବିଜେଡି କହିଥିଲା। ଦେଶର ଜଣେ ନାଗରିକଙ୍କ ନାମ ଭୋଟର ତାଲିକାରୁ ବାଦ୍ ପଡିବା ଦ୍ୱାରା ତାର ମୌଳିକ ଅଧିକାର କ୍ଷୁଣ୍ଣ ହେଉଛି ବୋଲି ଶ୍ରୀ ମିଶ୍ର କହିଥିଲେ।

ସେହିପରି ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ ଯେ ଏସଆଇଆର ପ୍ରସଙ୍ଗରେ ନିର୍ବାଚନ କମିସନରଙ୍କ ସମଗ୍ର କାର୍ଯ୍ୟଧାରା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟ ରାଜ୍ୟ ମାନଙ୍କରେ କୋଟି କୋଟି ଭୋଟରଙ୍କୁ ବାଦ୍ ଦିଆଯାଇଥିବାର ଅଭିଯୋଗ ଆସିଛି। ପ୍ରାୟ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ପ୍ରାୟ ୫ କୋଟିରୁ ଅଧିକ ଭୋଟରମାନଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି। ଓଡ଼ିଶାରେ ଏସଆଇଆର ହେବାକୁ ଯାଉଥିବା ବେଳେ ଯୋଗ୍ୟ ଭୋଟରମାନଙ୍କୁ ତାଲିକାରୁ ବଞ୍ଚିତ ହେବାର ଆଶଙ୍କା ଦେଖାଦେଇଛି। ଦୁଇ ଦିନ ତଳେ ନିର୍ବାଚନ କମିସନଙ୍କ ଏକ ଚିଠି ଏହି ସନ୍ଦେହକୁ ଅଧିକ ଦୃଢ଼ୀଭୂତ କରିଛି। ଏକ ବର୍ଷ ୪ ମାସ ତଳେ ଯେଉଁମାନେ ଭୋଟର ତାଲିକାରେ ଥିଲେ, ସେଥିରୁ ପ୍ରାୟ ୧୦ ଲକ୍ଷ ଭୋଟର ବାଦ୍ ପଡିବା ନିଶ୍ଚିତଭାବେ ଅଧିକ ସନ୍ଦେହଜନକ। ସରକାର ଓ ନିର୍ବାଚନ କମିସନ ଏହି ସନ୍ଦେହକୁ ଦୂର କରନ୍ତୁ ଏବଂ କିପରି ଜନସାଧାରଣଙ୍କ ଭୋଟ ଦେବାର ଅଧିକାର ଯେପରି କ୍ଷୁଣ୍ଣ ନହୁଏ, ସେଥିପ୍ରତି ଯତ୍ନବାନ ହୁଅନ୍ତୁ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

### ଆରମ୍ଭ ହେଲା ସମ୍ବଲପୁର ଶୀତଳଷଷ୍ଠୀର ଆଦ୍ୟପର୍ବ

# 'ଥାଳ ଉଠା' ସମ୍ପନ୍ନ







ସମ୍ବଲପୁର, ୨୦।୪ (ସମିସ) : ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାର ଆଦ୍ୟପର୍ବ 'ଥାଳ ଉଠା' ସୋମବାର ସନ୍ଧ୍ୟାରେ ସମସ୍ତ ଶିବାଳୟରେ ସମ୍ପନ୍ନ ହୋଇଛି। ଦେବଦେବ ମହାଦେବ ଏବଂ ମାତା ପାର୍ବତୀଙ୍କ ଏହି ଅଲୌକିକ ଦେବବିବାହ ସାରା ବିଶ୍ୱରେ ଏକ ଅନନ୍ୟ ପରମ୍ପରା ସୃଷ୍ଟି କରିଛି। ଅକ୍ଷୟ ତୃତୀୟା ତିଥିରେ ଏହି ଦେବବିବାହ ରୀତିନୀତି ଆରମ୍ଭ ହୋଇଥାଏ। ଏହି ତିଥିରେ ଦେବଦମ୍ପତିଙ୍କ ପିତାମାତା ଚୟନ କରାଯିବା ସହ ଦେବବିବାହ ପାଇଁ ବଦାନ୍ୟ ବ୍ୟକ୍ତିବିଶେଷଙ୍କ ସହଯୋଗ କାମନା କରାଯାଇଥାଏ। ଏହାର ପ୍ରାୟ ମାସକ ପରେ ହେବ ଦେବବିବାହ ଓ ଶୀତଳଷଷ୍ଠୀ ଯାତ୍ରା ହୋଇଥାଏ, ତେବେ ଚଳିତବର୍ଷ ଯୋଡ଼ା ଜ୍ୟେଷ୍ଠ ପଡୁଥିବାରୁ ତାହା ଆଉ ମାସେ ଘୁଞ୍ଚିଯିବ। ଚଳିତବର୍ଷ ଆସନ୍ତା ଜୁନ୍ ୧୬ ତାରିଖ ପତର୍‌ପେଁଡ଼ି ବା ନିର୍ବନ୍ଧ, ୧୭ ତାରିଖ ଗୁଆଗୁଁଡ଼ା ବା ଦେବ ନିମନ୍ତ୍ରଣ, ୧୮ ତାରିଖ ରାତିରେ ବରାତି ବା ବରାନୁଗମନ ଏବଂ ବିଳମ୍ବିତ ରାତ୍ରି ଓ ଭୋର୍‌ରେ ଶୁଭ ଲଗ୍ନରେ ବିବାହ ପାଣିଗ୍ରହଣ ହେବ। ଜୁନ୍ ୧୯ ତାରିଖ ଶୁକ୍ରବାର ରାତିରେ ଶୀତଳଷଷ୍ଠୀ ମୁଖ୍ୟଯାତ୍ରା ନଗର ପରିକ୍ରମା ଆରମ୍ଭ ଓ ଜୁନ ୨୦ ତାରିଖ ଦିନତମାମ ଯୁଗଳଦର୍ଶନ ପରେ ସନ୍ଧ୍ୟାରେ ଦେବଦମ୍ପତି ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ରହିଛି। ନନ୍ଦପଡ଼ାର ବମ୍‌ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ପତର୍‌ପେଁଡ଼ି ଦୁଇଦିନ ପୂର୍ବରୁ ହୋଇଥାଏ। ଆଜି ନନ୍ଦପଡ଼ାର ବମ୍‌ବରାଡ଼ ବାଲୁଙ୍କେଶ୍ୱର ବାବା, ଝାଡୁଆପଡ଼ାର ଶ୍ରୀ ଲୋକନାଥ ବାବା, ମୁଦିପଡ଼ାର ଶ୍ରୀ ଜାଗେଶ୍ୱର ବାବା, ବଡ଼ବଜାରର ଶ୍ରୀ ଶୀତଳେଶ୍ୱର ବାବା, ଠାକୁରପଡ଼ାର ଶ୍ରୀ ଗୁପ୍ତେଶ୍ୱର ବାବା ଆଦି ସମସ୍ତ ଶିବାଳୟରେ 'ଥାଳ ଉଠା' ରୀତିନୀତିରେ ସମ୍ପନ୍ନ ହୋଇ ଶୀତଳଷଷ୍ଠୀ ଯାତ୍ରାର ପ୍ରସ୍ତୁତି ଆରମ୍ଭ ହୋଇଛି। ଏହାବ୍ୟତୀତ ବାଲିବନ୍ଧାର ଶ୍ରୀ ସୋମନାଥ ବାବା, ବୁଢ଼ାରଜାର ଶ୍ରୀ ପାହାଡ଼େଶ୍ୱର ବାବା, ଦୁର୍ଗାପାଲିର ଶ୍ରୀ ଗୁଡ଼େଶ୍ୱର ବାବା, କୁଲୁଥକାନୀର ଶ୍ରୀ କନ୍ତେଶ୍ୱର ବାବା, ଶଙ୍କର ମଠ (ଭତରା)ର ଶ୍ରୀ ସପ୍ତେଶ୍ୱର ବାବା, ସାଲିଆ ବଗିଚା (କୁମ୍ଭାରପଡ଼ା)ର ଶ୍ରୀ ରାମେଶ୍ୱର ବାବା, ସିନ୍ଦୂରପଙ୍କର ଶ୍ରୀ ତାରକେଶ୍ୱର ବାବା, ମାନେଶ୍ୱରର ଶ୍ରୀ ମାନ୍ଧତା ବାବା, ବୁର୍ଲାର ଶ୍ରୀ ନୀଳକଣ୍ଠେଶ୍ୱର ବାବା ଆଦି ସମସ୍ତ ଶିବାଳୟ ମାନଙ୍କରେ ଦେବ ଦେବ ମହାଦେବଙ୍କ ବିବାହ ନିମନ୍ତେ 'ଥାଳ ଉଠା' କାର୍ଯ୍ୟ ସମ୍ପନ୍ନ ହୋଇଛି।

# ମହାପ୍ରଭୁଙ୍କ ରତ୍ନଭଣ୍ଡାର ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି: ମୁଖ୍ୟ ପ୍ରଶାସକ

**୧୯୭୮ ତାଲିକା ସହ ଶତ ପ୍ରତିଶତ ମେଳ ଖାଉଛି ୨୦୨୬ ଗଣତିମଣତି**

ପୁରୀ,୨୦।୪(ସମିସ): ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତିମଣତି ଶେଷଥର ୧୯୭୮ ମସିହାରେ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ଗଣତିମଣତିରେ ତାହାର ମେଳ କରାଯାଉଛି ଓ ଏଥିରେ କିଛି ବ୍ୟତିକ୍ରମ ଦେଖାଯାଇ ନାହିଁ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ଼. ଅରବିନ୍ଦ ପାଢ଼ୀ। ସେ କହିଛନ୍ତି ଯେ ମହାପ୍ରଭୁଙ୍କ ଅପାର କରୁଣା ଓ ଦିବ୍ୟ ଆଶୀର୍ବାଦରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି ପ୍ରକ୍ରିୟା ସୁଚାରୁ ଓ ସୁରୁଖୁରୁରେ ଅଗ୍ରସର ହେଉଛି। ପୂର୍ବ ତାଲିକା ଅନୁଯାୟୀ ମହାପ୍ରଭୁଙ୍କ ସ୍ୱର୍ଣ୍ଣ,ରୌପ୍ୟ ଅଳଙ୍କାର ଓ ରତ୍ନ ସବୁ ମେଳ ଖାଉଛି। ଏହି ପବିତ୍ର କାର୍ଯ୍ୟ ସମ୍ପୂର୍ଣ୍ଣ ସ୍ୱଚ୍ଛତା, ସାଧୁତା, ନିଷ୍ଠା ଓ ସମର୍ପଣ ମନୋଭାବ ନେଇ କରାଯାଉଛି। ବିଶେଷକରି ଗଜପତି ମହାରାଜାଙ୍କ ମାର୍ଗଦର୍ଶନ ଏବଂ ଉଚ୍ଚସ୍ତରୀ କମିଟିର ଅଧ୍ୟକ୍ଷ ତଥା ସମସ୍ତ ସଦସ୍ୟଙ୍କ ସହଯୋଗ ଏହି ପ୍ରକ୍ରିୟାକୁ ଦୃଢ଼ତା ଦେଇଛି। ପ୍ରଥମେ ଚଳନ୍ତି ଭଣ୍ଡାର ଓ ପରେ ବାହାର ରତ୍ନଭଣ୍ଡାରର ଅଳଙ୍କାର ଗଣତିମଣତି ସଫଳତାର ସହିତ ସମ୍ପନ୍ନ ହୋଇଛି। ଏବେ ଭିତର ରତ୍ନଭଣ୍ଡାରର ଗଣତି ପ୍ରକ୍ରିୟା ମଧ୍ୟ ସୁଚାରୁ ଭାବେ ଅଗ୍ରସର ହେଉଛି। ସବୁଠୁ ବଡ଼ କଥା ହେଉଛି ବର୍ତ୍ତମାନ ସୁଦ୍ଧା ଯାହା ଗଣତି କରାଯାଇଛି ତାହା ୧୯୭୮ ମସିହା ତାଲିକା ସହ ମେଳ ଖାଉଛି। ପୂର୍ବ ତାଲିକାର କ୍ରମିକ ଅନୁଯାୟୀ ଗୋଟିଏ ବି ରତ୍ନ ଅଳଙ୍କାର ଏପଟସେପଟ ହୋଇନାହିଁ ବା ହଜିନାହିଁ। ୧୯୭୮ ମସିହା ତାଲିକା ସହ ବର୍ତ୍ତମାନ ୨୦୨୬ରେ କରାଯାଉଥିବା ତାଲିକା ଶତ ପ୍ରତିଶତ ମେଳ ଖାଉଛି ବୋଲି ଦୃଢ଼ତାର ସହ କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ। ସେହିପରି ସମଗ୍ର ପ୍ରକ୍ରିୟା ସହିତ ଅଳଙ୍କାରମାନଙ୍କର ଫଟୋଗ୍ରାଫି, ଭିଡିଓଗ୍ରାଫି ଓ ୩ଡି ମ୍ୟାପିଙ୍ଗ୍ ମଧ୍ୟ କରାଯାଉଛି। ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ ସମସ୍ତ ପଦକ୍ଷେପ ନିର୍ଦ୍ଧାରିତ ପ୍ରକ୍ରିୟା ଓ ସମୟାବଧିରେ ଗ୍ରହଣ କରାଯାଉଛି ବୋଲି ସେ କହିଛନ୍ତି।

ଇତିମଧ୍ୟରେ ପର୍ଯ୍ୟାୟକ୍ରମେ ୯ ଦିନ ଧରି ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତିମଣତି ହୋଇଛି। ମାର୍ଚ୍ଚ ୨୫ରେ ଚଳନ୍ତି ଭଣ୍ଡାର ଓ ଏପ୍ରିଲ୍ ୮, ୯, ୧୦ ଓ ୧୧ ତାରିଖରେ ବାହାର ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି କାର୍ଯ୍ୟ ଶେଷ ହୋଇଥିଲା। ଚଳନ୍ତି ଭଣ୍ଡାର ଓ ବାହାର ଭଣ୍ଡାର ଅଳଙ୍କାର ଗଣତି କରାଯିବା ପରେ ଭଣ୍ଡାର ମେକାପ ସେବକଙ୍କୁ ମଣତି (ହିସାବ କରି ନେବା) ଦିଆଯାଇଛି। ଏହାପରେ ଏପ୍ରିଲ୍ ୧୩ରୁ ଆରମ୍ଭ ହୋଇଥିବା ଭିତର ରତ୍ନଭଣ୍ଡାର ଅଳଙ୍କାର କେବଳ ଗଣତି କରାଯାଉଛି। ଭିତର ରତ୍ନଭଣ୍ଡାର ଏପ୍ରିଲ ୧୩, ୧୬, ୧୭ ଓ ୧୮ ତାରିଖରେ ଗଣତି ପରେ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ନୀତିକାନ୍ତି ପାଇଁ ଗଣତି କାର୍ଯ୍ୟ ଏବେ ବନ୍ଦ ରଖାଯାଇଛି। ଅର୍ଥାତ୍ ମୋଟ୍ ୯ ଦିନ ରତ୍ନ ଅଳଙ୍କାର ଗଣତିମଣତି ହୋଇଛି। ବାହାର ଚନ୍ଦନ ଯାତ୍ରା ସରିବା ପରେ ପୁନଶ୍ଚ ଭିତର ରତ୍ନଭଣ୍ଡାରର ବଳକା ଅଳଙ୍କାର ଗଣତି କରାଯିବ ବୋଲି ସୂଚନା ମିଳିଛି।

# ୨ ଶ୍ରମିକ ଗୋଷ୍ଠୀ ମଧ୍ୟରେ ସଂଘର୍ଷ; ଜଣେ ମୃତ

କୋରାପୁଟ,୨୦।୪(ସମିସ): କୋରାପୁଟ ଜୟପୁର ରେଳ ଲାଇନର ଦୋହରୀକରଣ ପ୍ରକଳ୍ପରେ ନିୟୋଜିତ ଶ୍ରମିକଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟି ଜଣଙ୍କ ମୃତ୍ୟୁ ଘଟିଛି। ଜରତି ଷ୍ଟେସନ ନିକଟସ୍ଥ କ୍ୟାମ୍ପରେ ଏଭଳି ଘଟଣା ଘଟିଛି। ରବିବାର ରାତିରେ କୌଣସି କାରଣକୁ ନେଇ କ୍ୟାମ୍ପରେ ରହୁଥିବା ବିହାରୀ ଓ ବଙ୍ଗାଳି ସମ୍ପ୍ରଦାୟର ଶ୍ରମିକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ବଙ୍ଗାଳି ଶ୍ରମିକ ଗୋଷ୍ଠୀର ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ଶ୍ରମିକ ନିଶାସକ୍ତ ଅବସ୍ଥାରେ ବିହାରୀ ଶ୍ରମିକ ଗୋଷ୍ଠୀକୁ ପ୍ରଥମେ ଗାଳିଗୁଲଜ ଓ ଆକ୍ରମଣ କରିଥିଲେ। ବିହାରୀ ଗୋଷ୍ଠୀ ପାଲଟା ଆକ୍ରମଣ କରିଥିଲେ। ଉଭୟଙ୍କ ମଧ୍ୟରେ ଲୁହା ଛଡ଼ରେ ମାରପିଟ ହେବାରୁ ବିହାରୀ ଗୋଷ୍ଠୀର ୫ ଜଣ ଆହତ ହୋଇଥିବା ବେଳେ ମହମ୍ମଦ ଦୁଲାଲ ନାମକ ଶ୍ରମିକଙ୍କ ଅବସ୍ଥା ଗୁରୁତର ହୋଇଥିଲା। ତାଙ୍କୁ ଠିକାଦାର ତୁରନ୍ତ କୋରାପୁଟ ମେଡ଼ିକାଲ କଲେଜକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଆଜି ମଧ୍ୟାହ୍ନରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ମହମ୍ମଦ ଦୁଲାଲଙ୍କ ଘର ବିହାରର କାଠିଆ ଜିଲ୍ଲାରେ ବୋଲି ଜଣାପଡ଼ିଛି। ବିଶିଂପୁର ପୁଲିସ ଶବ ବ୍ୟବଚ୍ଛେଦ କରି ହସ୍ତାନ୍ତର କରିଥିବା ବେଳେ ବଙ୍ଗାଳି ଗୋଷ୍ଠୀର ୬ ଜଣକୁ ଅଟକ ରଖି ପଚରାଉଚରା କରୁଛି।

46001/2/2627





ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

ସାମାଜିକ ସୁରକ୍ଷା ଓ ଲିଙ୍ଗଗତ ସମାନତା ପାଇଁ
ଓଡ଼ିଶା ସରକାରଙ୍କର ଏକ ଅଗ୍ରଗାମୀ ପଦକ୍ଷେପ

ଓଡ଼ିଶାର ୨୭ ଜିଲ୍ଲାରେ ୧,୦୦୦ରୁ ଉର୍ଦ୍ଧ୍ୱ କନ୍ୟାଙ୍କ
ସାମୂହିକ ବିବାହ

୨୧ ଅପ୍ରେଲ ୨୦୨୬

ଯୋଜନାର ଲାଭ
ପ୍ରତ୍ୟେକ ବିବାହ ପାଇଁ ୬୦ ହଜାର ଟଙ୍କା
ବିବାହର ସମସ୍ତ ଖର୍ଚ୍ଚ ସରକାରଙ୍କ ଦ୍ୱାରା ବହନ
ସହଜ ଏବଂ ସରଳୀକୃତ ବିବାହ ପଞ୍ଜୀକରଣ

ଲାଭାର୍ଥୀଙ୍କ ଆବଶ୍ୟକ ଯୋଗ୍ୟତା
ଉଭୟ କନ୍ୟା ଏବଂ ବର ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ
ବୟସ: କନ୍ୟା: ୧୮-୩୫ ବର୍ଷ ବର: ୨୧-୩୫ ବର୍ଷ
ପରିବାରର କୌଣସି ସଦସ୍ୟଙ୍କୁ ପୂର୍ବରୁ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ତରଫରୁ ବିବାହ ସହାୟତା ମିଳିନଥିବ

ଯୋଜନାର ସ୍ୱତନ୍ତ୍ର ବିଶେଷତା
ବିଧବା ବିବାହକୁ ପ୍ରୋତ୍ସାହନ

ସହାୟତା ନମ୍ବର
ପୁଲିସ୍ ହେଲ୍ପଲାଇନ୍ ୧୧୨
ମହିଳା ହେଲ୍ପଲାଇନ୍ ୧୮୧
ଚାଇଲ୍ଡ ହେଲ୍ପଲାଇନ୍ ୧୦୯୮
ସୁଭଦ୍ରା ହେଲ୍ପଲାଇନ୍ ୧୪୬୭୮

OIPR-46001/46005/2/26-27/0002

ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର
wcd.odisha.gov.in wcdodisha/

ସକାଳ THE SAKALA



ସମ୍ବଲପୁର ଶୀତଳଷଷ୍ଠୀ

# ଉଠିଲା ଥାଳ, ଜୁନ୍ ୧୮ରେ ଦେବବିବାହ

ସମ୍ବଲପୁର, ୨୦।୪ (ସମିସ)


ବଡ଼ବଜାର


ଠାକୁରପଡ଼ା


ବାଲିବନ୍ଧା

ଅକ୍ଷୟ ତୃତୀୟା ଅବସରରେ ସନ୍ଧ୍ୟାରେ ସମସ୍ତ ଶିବାଳୟ ମାନଙ୍କରେ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାର ଆଦ୍ୟପର୍ବ 'ଥାଳ ଉଠା' ରୀତିନୀତିରେ ସମ୍ପନ୍ନ ହୋଇଛି। ଏହି ଦିଗ୍ରେ ଦେବଦମ୍ପତିଙ୍କ ପିତାମାତା ଚୟନ କରାଯିବା ସହ ଦେବବିବାହ ପାଇଁ ବଦାନ୍ୟ ବ୍ୟକ୍ତିବିଶେଷଙ୍କ ସହଯୋଗ କାମନା କରାଯାଇଥାଏ। ଆସନ୍ତା ଜୁନ୍ ୧୮ ତାରିଖ ବିଳମ୍ବିତ ରାତି ତଥା ଭୋରରେ ଶୁଭଲଗ୍ନରେ ଦେବ ବିବାହ ଅନୁଷ୍ଠିତ ହେବ। ଜୁନ୍ ୧୯ ତାରିଖ ରାତିରେ ଦେବଦମ୍ପତିଙ୍କ ଯୁଗଳ ଦର୍ଶନ ଶୋଭାଯାତ୍ରା ବାହାରି ପରଦିନ ଦିନତମାମ ପରିକ୍ରମା କରି ସନ୍ଧ୍ୟାରେ ମନ୍ଦିର ପ୍ରବେଶ ନୀତି ରହିଛି।

## ନନ୍ଦପଡ଼ା

ସମ୍ବଲପୁର ନନ୍ଦପଡ଼ାର ବମ୍ବରାଡ଼ୁ ବାଲୁଙ୍କେଶ୍ୱର ବାବାଙ୍କ 'ଥାଳ ଉଠା' କାର୍ଯ୍ୟକ୍ରମ ସନ୍ଧ୍ୟାରେ ସମ୍ପନ୍ନ ହୋଇଛି। ଚଳିତବର୍ଷ ବର ପିତାମାତା ଗ୍ରାମ ପ୍ରସାଦ ମିଶ୍ର ଓ ବବିତା ମିଶ୍ର ଥିବାବେଳେ କନ୍ୟା ପିତାମାତା ଭାବେ ଶ୍ୱଶୁର ପ୍ରଦୀପ ମିଶ୍ର ଓ ବୀଣାପାଣି ମିଶ୍ର ରହିଛନ୍ତି। ମନ୍ଦିର ପୂଜକ ଲକ୍ଷପତି ମହାପାତ୍ର ପୂଜାର୍ଚ୍ଚନା କରିଥିଲେ। ନାଗାବେଦୀ ସକନାଠାରେ ବିବାହୋତ୍ସବ ଅନୁଷ୍ଠିତ ହେବ। ଥାଳଉଠା କାର୍ଯ୍ୟକ୍ରମରେ ବିଧାୟକ ଜୟନାରାୟଣ ମିଶ୍ର, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସିଦ୍ଧେଶ୍ୱର ନନ୍ଦ, ଚକ୍ରଧର ମିଶ୍ର, ସୁନୀଲ ନନ୍ଦ, ନିଗମାନନ୍ଦ ମିଶ୍ର, ଗୋଲକ ବିହାରୀ ମିଶ୍ର, ଭୁବନ ମୋହନ ମିଶ୍ର, ବିରାଜ କୁମାର ମିଶ୍ର, ଅରୁଣକାନ୍ତି ମିଶ୍ର, ବିବେକାନନ୍ଦ ମିଶ୍ର, ରାଜେଶ ମିଶ୍ର, ସମୀର ରଞ୍ଜନ ବାବୁ, ସୁବ୍ରତ ମିଶ୍ର, ଫଣିଭୂଷଣ ମିଶ୍ର, ଚିତ୍ତରଞ୍ଜନ ମିଶ୍ର, ଦୁର୍ଗାମାଧବ ମିଶ୍ର, ରାଜକୁମାର ନନ୍ଦ, ଭବାନୀ ମିଶ୍ର, ଆଶିଷ ବାବୁ, ମନୋଜ ମହାପାତ୍ର, ସୁବଳ ବାଗଙ୍କ ସମେତ ଯାତ୍ରା କମିଟିର ସମସ୍ତ ସଦସ୍ୟ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଚଳିତବର୍ଷ ନନ୍ଦପଡ଼ା ଶୀତଳଷଷ୍ଠୀର ଆସନ୍ତା ଜୁନ ୧୪ ତାରିଖରେ ପରରପେଣ୍ଡି, ୧୫ ତାରିଖରେ ନୃସିଂହ ନିଉତା, ୧୮ ତାରିଖରେ ବରାତି ଓ ଶିବବିବାହ, ୧୯ ତାରିଖରେ ନବ ଦେବଦମ୍ପତିଙ୍କ ଯୁଗଳ ଦର୍ଶନ ନଗର ପରିକ୍ରମା ଏବଂ ୨୦ ତାରିଖରେ ମନ୍ଦିର ପ୍ରବେଶ ଅନୁଷ୍ଠିତ ହେବ।

## ଝାଡୁଆପଡ଼ା

ସମ୍ବଲପୁର ଝାଡୁଆପଡ଼ାର ଶ୍ରୀ ଲୋକନାଥ ବାବାଙ୍କ ଶୀତଳଷଷ୍ଠୀ ଯାତ୍ରାର ଆଦ୍ୟପର୍ବ ଥାଳଉଠା ଅନୁଷ୍ଠିତ ହୋଇଯାଇଛି। ସକାଳେ ମନ୍ଦିରରେ ପୂଜାର୍ଚ୍ଚନା ପରେ ବାବା ଲୋକନାଥଙ୍କ ଜଳସେଇ ହୋଇଥିଲା। ସନ୍ଧ୍ୟା ୫ଟାରେ ପରମ୍ପରା ଅନୁଯାୟୀ ଚଳିତବର୍ଷର କନ୍ୟାପିତା ମାତା ଚୟନ ହୋଇଥିଲେ। ମନ୍ଦିରରେ ପୂଜାର୍ଚ୍ଚନା ପରେ ମନ୍ଦିର ପୂଜକ ଓ ଯାତ୍ରା କମିଟି ସଦସ୍ୟ ଥାଳ ଧରି ପଡ଼ାର ସମସ୍ତ ଘରକୁ ଘର ବୁଲି ଯାତ୍ରା ପାଇଁ ସହଯୋଗ ରାଶି ଗ୍ରହଣ କରିଥିଲେ। ଚଳିତବର୍ଷର କନ୍ୟା ପିତାମାତା ବୁଢ଼ାରାଜା ନିବାସୀ ଜୟକିଶନ ବେଦୀ ଓ ପୁନମ ଦେବୀ ଥିବାବେଳେ ବର ପିତାମାତା ଅମରନାଥ ସୂପକାର ଓ ଅମୟ ସୂପକାର ରହିଛନ୍ତି। ଶୀତଳଷଷ୍ଠୀ ଯାତ୍ରା ପୂଜକ ମହେନ୍ଦ୍ର ପୂଜାରୀ ଓ ମନ୍ଦିର ପୂଜକ ରାମନାଥ ମହାପାତ୍ର ପୂଜାର୍ଚ୍ଚନା ଦାୟିତ୍ୱ ତୁଲାଇଥିଲେ। ଶୀତଳଷଷ୍ଠୀ ଯାତ୍ରା କମିଟି ସଦସ୍ୟ ସରୋଜ ଦଳପତ, ସୁଶାନ୍ତ ପୁରୋହିତ, ପାର୍ଥ ସାରଥୀ ମିଶ୍ର, ମନୋଜ ମିଶ୍ର, ଶ୍ରୀମନ୍ତ ମିଶ୍ର, ସଞ୍ଜୟ ମିଶ୍ର, ସୁଭେନ୍ଦ୍ର ପଣ୍ଡା, ଶେଖର ପାଢ଼ୀ, ପ୍ରାଣରଞ୍ଜନ ପଣ୍ଡା, ସୀତାରାମ ସୂପକାର, ସଞ୍ଜୀବ ପାଢ଼ୀ, ସରୋଜ ସାହୁ, ମିଲୁ ପାଣିଗ୍ରାହୀ, ଶୁଭେନ୍ଦୁ ମିଶ୍ର, ଅଭିଷେକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମୁଦିପଡ଼ା

ମୁଦିପଡ଼ାର ଶ୍ରୀ ଜାଗେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରା ପାଇଁ ଆଦ୍ୟପର୍ବ ଥାଳଉଠା ସମ୍ପନ୍ନ ହୋଇଛି। ଚଳିତବର୍ଷ ବର ପିତାମାତା ମଧୁସୂଦନ ନେଗୀ ଓ ସନ୍ତୋଷିନୀ ନେଗୀ ଥିବାବେଳେ କନ୍ୟା ପିତାମାତା ଭାବେ ବ୍ରିଜେଶ ସୋନି ଓ ସୁସ୍ମିତା ସୋନି ରହିଛନ୍ତି। ମନ୍ଦିର ପୂଜକ ତାରକେଶ୍ୱର ନନ୍ଦ ଓ ପଣ୍ଡିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମରେ ସଭାପତି ସୁନୀଲ ଦାଶ, ସମ୍ପାଦକ ଗଙ୍ଗାଧର ଭୋଇ, ମୁଖ୍ୟ ପରାମର୍ଶଦାତା ଈଶ୍ୱର ପ୍ରସାଦ ନନ୍ଦ, ବିଶ୍ୱରଞ୍ଜନ ପୂଜାରୀ, ସୁରେଶ ଦାଶ, ଖଡ଼ିରତ୍ନ ବେହେରା, ସୁଧୀର ପଣ୍ଡା, ଅମୂଲ୍ୟ ପଟେଲ, ବିନୋଦ ପଣ୍ଡା, କୃଷ୍ଣଚନ୍ଦ୍ର ପରିଡ଼ା, ଅରବିନ୍ଦ ମହାପାତ୍ର, ରାଜକୁମାର ବଡ଼ପଣ୍ଡା, ରାମେଶ୍ୱର ପୁରୋହିତ, ପୃଥ୍ୱୀରାଜ ବେହେରା, ଅଭିରାମ ପଟେଲ, ସୂର୍ଯ୍ୟ ପ୍ରସାଦ ପ୍ରଧାନ, ସତ୍ୟକାନ୍ତ ମହାପାତ୍ର, ମାନସ ସାହୁ, ରାଜା ମୁନସି, ସିଦ୍ଧାର୍ଥ କର୍ଣ୍ଣ, ଅଭିଷେକ ପ୍ରଧାନ, ଜିତୁ କର୍ଣ୍ଣ, ଗତିକୃଷ୍ଣ ଷଡ଼ଙ୍ଗୀ ହିତେଶ ଟଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

## ବଡ଼ବଜାର

ବଡ଼ବଜାରର ଶ୍ରୀ ଶୀତଳେଶ୍ୱର ବାବାଙ୍କ ପବିତ୍ର ଶୀତଳଷଷ୍ଠୀ ଯାତ୍ରାର ଆଦ୍ୟ ପର୍ବ 'ଥାଳଉଠା' କାର୍ଯ୍ୟକ୍ରମ ଆଜି ସନ୍ଧ୍ୟାରେ ରିଂରୋଡ଼ରେ ଥିବା ଶିବାଳୟରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ବର ପିତାମାତା ଭାବେ ଜଗଦୀଶ ପ୍ରସାଦ ନାଲୋନୋରିଆ ଓ ଜେିଦେଇ କାଲନୋରିଆ ଚୟନ ହୋଇଥିବାବେଳେ ମାତା ପାର୍ବତୀଙ୍କ ପିତାମାତା ଭାବେ ମୁଦିପଡ଼ା ନିବାସୀ କୁଞ୍ଜବନ ପଟେଲ ଓ ଧରିତ୍ରୀ ପଟେଲଙ୍କୁ ସ୍ଥିର କରାଯାଇଛି। ସେମାନେ ଆଜି ମନ୍ଦିରକୁ ଆସି ସଂକଳ୍ପ କରିଛନ୍ତି। ଶୀତଳେଶ୍ୱର ବାବା ଯାତ୍ରା କମିଟି ସଭାପତି ସରୋଜ ସାହୁ, କାର୍ଯ୍ୟକାରୀ ସଭାପତି କିଶୋର ପ୍ରଧାନ, ସମ୍ପାଦକ ରାମଦାସ ପଣ୍ଡା, କୋଷାଧ୍ୟକ୍ଷ ଭାବେଶ ଚାନ୍ଦଙ୍କ ସହ ପଞ୍ଚାନନ ତ୍ରିପାଠୀ, ନୀଳାମ୍ବର ପଣ୍ଡା, ସରୋଜ ସାହୁ, କିଶୋର ପ୍ରଧାନ, ରାମଦାସ ପଣ୍ଡା, ଭବେଶ ଚାନ୍ଦ, କାହ୍ନା ଦ୍ୱିବେଦୀ, ବୁଦ୍ଧଦେବ ପ୍ରଧାନ, ବବଲୁ ଷଣ୍ଢ, ନରେଶ ମାଝୀ, ବିନୟ ମହାନନ୍ଦିଆ, ଶୁଭମ ମେହେର, ଶ୍ରବଣ ରାୟ, ସଞ୍ଜୟ ବଡ଼ମାଳୀ, ଶେଷଦେବ ବଡ଼ମାଳୀ,ତ୍ରିଲୋଚନ ସରାଫ, ସଞ୍ଜୟ ଠାକୁର, କୁନୁ ମେହେର, ବିନାୟକ ବିଶ୍ୱକର୍ମା,ଶଙ୍କର ଶର୍ମା, ବୁଲୁ ପଣ୍ଡିତ,ସନ୍ତୋଷ ବେହେରା, ଦେବାଶିଷ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ଠାକୁରପଡ଼ା

ଠାକୁରପଡ଼ାର ଶ୍ରୀ ଗୁପ୍ତେଶ୍ୱର ବାବାଙ୍କ ଆଜି 'ଥାଳ ଉଠା' କାର୍ଯ୍ୟ ସମ୍ପନ୍ନ ହୋଇଛି। ଚଳିତବର୍ଷ ବର ପିତାମାତା ଭାବେ ଦାନୀପାଲି, ସମ୍ବଲପୁରର ଚିତ୍ରସେନ ଦେହୁରୀ ଓ ଗିରିଜା ସୋହେଲା ଚୟନ ହୋଇଥିବାବେଳେ କନ୍ୟା ପିତାମାତା ଭାବେ ସୌରଭ ବିହାର, ପାଞ୍ଚଗଛିଆର ସୁଜିତ କୁମାର ଓ ଅପରାଜିତା ସିଂହଙ୍କୁ ଆଜି ଚୟନ କରାଯାଇଛି। ମୁଖ୍ୟ ପୂଜକ ଆଶୁତୋଷ ପୁରୋହିତ ଓ ମନ୍ଦିର ପୂଜକ କିଶୋର ଚନ୍ଦ୍ର ଦେହୁରୀ ପୂଜାର୍ଚ୍ଚନା କରିଥିଲେ। ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ଶିବ ପ୍ରଧାନ, ଚେୟାରମ୍ୟାନ ଲିଙ୍ଗରାଜ ପରିଡ଼ା, ଉପସଭାପତି ଭବାନୀ ଶଙ୍କର ଓ ଗୋଲକ ବିହାରୀ ମିଶ୍ର, କୋଷାଧ୍ୟକ୍ଷ କାଳିଆ ଦୋରା, କାର୍ଯ୍ୟକାରୀ ସଭାପତି ଅରବିନ୍ଦ ମେହେର, ସମ୍ପାଦକ ସନ୍ତୋଷ ବାଗ, ସନ୍ଦୀପ ନାଏକ ଏବଂ ନାରାୟଣ ସାହୁ, ସଞ୍ଜୟ ବାଗ, ସୁଶାନ୍ତ ବାଗ, ଗୋପାଳ ବରଗାର୍ଡ଼ୀ, ଶୁଭମ କାମ୍ପା, ଶ୍ରୀବନ୍ତ କୁମ୍ଭାର, ବାବୁ ଖେତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବାଲିବନ୍ଧା

ବାଲିବନ୍ଧାସ୍ଥିତ ସୋମନାଥ ବାବାଙ୍କ 'ଥାଳ ଉଠା' ନୀତି ଆଜି ସନ୍ଧ୍ୟାରେ ସମ୍ପନ୍ନ ହୋଇଛି। ଶିବପାର୍ବତୀ ବିବାହ ପାଇଁ କନ୍ୟା ପିତାମାତା ଚୟନ ହୋଇଛନ୍ତି। କନ୍ୟା ପିତାମାତା ଭାବେ ହାଟପଡ଼ା ସମ୍ବଲପୁରର ମଣ୍ଟୁରାମ ଝାଝରିଆ ଓ ସରିତା ଅଗ୍ରୱାଲ ରହିଛନ୍ତି। ପୂଜକ ମନବୋଧ ପାଢ଼ୀ, ରୋନକ ପୂଜାରୀ, ବାବୁ ପୂଜାରୀ, ବୁଲୁ ପୂଜାରୀ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମରେ ଟ୍ରଷ୍ଟବୋର୍ଡ ସଭାପତି ଡ. ବିଜୟ କୁମାର ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ସଭ୍ୟ ଲୋକନାଥ ପାଣ୍ଡେ, ଡା. ରମେନ୍ଦ୍ର କିଶୋର ସାହୁ, କୈଳାସ ମିସ୍ତ୍ରୀ, ଶିବ ନାରାୟଣ ପାଣିଗ୍ରାହୀ, ଗୋପୀନାଥ ନାଏକ, ନିହାର ରଞ୍ଜନ ବହିଦାର, ଉମାପତି ତ୍ରିପାଠୀ, ପ୍ରଦୀପ ସାହୁ, ସୁଦାମ ବାଗ, ଅରକ୍ଷିତ ନାଏକ, ଗୋପାଳ ଗୁପ୍ତା, ଚକୁଳି ପଣ୍ଡା, ଲକ୍ଷ୍ମଣ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ମା'ବାଟମଙ୍ଗଳା ଗୁଡ଼ିରେ ଜଳାଭିଷେକ



**ସମ୍ବଲପୁର, ୨୦।୪ (ସମିସ):** ଅକ୍ଷୟ ତୃତୀୟା ଅବସରରେ ଦଲେଇପଡ଼ା ସ୍ଥିତ ମା' ବାଟମଙ୍ଗଳା ଗୁଡ଼ିରେ ଜଳସେଇ (ଜଳାଭିଷେକ) ହୋଇଛି। ମନ୍ଦିର ମୁଖ୍ୟପୂଜକ ସୁରେଶ ଚନ୍ଦ୍ର ପଟ୍ଟନାୟକ ପୂଜାର୍ଚ୍ଚନା କରି ବିଶ୍ୱାମିତ୍ର ବେରିହାଙ୍କ ପୁତ୍ର ନିଖିଲ ବେରିହା ପ୍ରଥମେ ଜଳ ଅର୍ପଣ କରିଥିଲେ ଓ ତାପରେ ଭକ୍ତମାନେ ଜଳ ଅର୍ପଣ କରିଥିଲେ। ଆସନ୍ତାକାଲି ସକାଳ ୧୦ଟା ପର୍ଯ୍ୟନ୍ତ ଭକ୍ତ ମା'ଙ୍କର ଜଳସେଇ ଦର୍ଶନ କରିପାରିବେ।

## ସଞ୍ଚାର ଗୁରୁ ଦୁଃଖନାଶନ ବେହେରାଙ୍କ ପରଲୋକ

**ସମ୍ବଲପୁର,୨୦।୪(ସମିସ):** ବିଶିଷ୍ଟ ସଞ୍ଚାର ଗୁରୁ ଦୁଃଖନାଶନ ବେହେରାଙ୍କ ଆଜି ସକାଳେ ୮୬ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗରେ ପଶ୍ଚିମ ଓଡ଼ିଶାର କଳା ଜଗତରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ରାଜଘାଟରେ ଆଜି ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

ଦୁଃଖନାଶନ ୧୯୪୦ ମସିହା ମାର୍ଚ୍ଚ ୨୫ ତାରିଖରେ ସମ୍ବଲପୁର ଜିଲ୍ଲା ସାପଲହରାରେ ଜନ୍ମଗ୍ରହଣ କରିଥିଲେ। ବାଲ୍ୟକାଳରୁ ପାଠପଢ଼ା ସମୟରୁ ସେ ଗୀତ, ବାଦ୍ୟ ଓ ନୃତ୍ୟ କରିବାସହ ଗୀତିନାଟ୍ୟରେ ମଧ୍ୟ ଅଭିନୟ କରୁଥିଲେ। ନିଜ ଗାଁର ସଂକୀର୍ତ୍ତନ୍ୟ, ଭାଗବତମେଳା, କରମା, ନାଟକ, ଦଣ୍ଡ ଓ ପାଲା ମଧ୍ୟ ଗାଉଥିଲେ। ବାୟକ ଦୁଃଖନାଶନଙ୍କ ବାପା ନିରଞ୍ଜନ ବେହେରା ଜଣେ ପ୍ରତିଷ୍ଠିତ ସଞ୍ଚାର ମୃଦଙ୍ଗ ବାହାକ (ବାଦକ) ଥିଲେ। ସେ ୧୯୬୬ ମସିହାରେ ନିଜ ବାପାଙ୍କଠାରୁ, ସଞ୍ଚାର କଳାର ଗୀତ, ବାଦ୍ୟ, ନୃତ୍ୟ, ବିଷୟବସ୍ତୁ, ବେଦ, ଉପନିଷଦ, ସଂହିତା, ସ୍ମୃତି, ଗୀତା, ଭାଗବତ, ସଂସ୍କୃତ ସାହିତ୍ୟ, ଅଳଙ୍କାର, ବ୍ୟଙ୍ଗାତ୍ମକ ଆଧୁନିକ ସମାଜିକ ଦେଶାତ୍ମକ କାଳ୍ପନିକ ଓ ଗୀତ - ଭଜନ, ଜଣାଣ, ଚମ୍ପୁ ଆଦି ୮ ମାସ ଶିକ୍ଷା କଲେ। ଏହାପରେ ସେ ପ୍ରଥମେ ପଲ୍ଲୀଗ୍ରାମବରେଇପାଲିଛକରେଗଣେଶପୂଜାରେ ସଞ୍ଚାର କଳା ପରିବେଷଣ କରି ଉଚ୍ଚ ପ୍ରଶଂସିତ ହେଲେ। ଏହାପରେ ସେ ବିଦେଶରେ ଜାପାନ, ବାଙ୍ଗାଲାଦେଶ, କୁଏତ, ବର୍ଲିନ ଆଦି ସହିତ ଭାରତର ଦିଲ୍ଲୀ, କଲିକତା, ତ୍ରିପୁରା, ଗ୍ୱାଲିଅର, ହିମାଚଳ ପ୍ରଦେଶ, ଆନ୍ଧ୍ରପ୍ରଦେଶ, ଗୁଜରାଟ, ରାୟପୁର, ଭୋପାଳ ଆଦି ଅନେକ ସ୍ଥାନରେ ତାଙ୍କ ଉତ୍କୃଷ୍ଟ ସଞ୍ଚାର କଳା ପ୍ରଦର୍ଶନ କରିଥିଲେ। ସେ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ପୁରସ୍କାର ଓ ସମ୍ମାନରେ ସମ୍ମାନିତ ହୋଇଥିଲେ। ଦୁଃଖନାଶନ ଆକାଶବାଣୀ ଓ ଦୂରଦର୍ଶନର ସଞ୍ଚାର ବାୟକ ରହିଥିଲେ। ଗୁରୁ ଦୁଃଖନାଶନ ବେହେରା ସଞ୍ଚାର କଳାକୁ ବଞ୍ଚେଇବା ପାଇଁ ଏକ ଦୁଃଖନାଶନ ସଞ୍ଚାର ଶିକ୍ଷା କେନ୍ଦ୍ର ନାମରେ ନାମିତ କରି ବିଭିନ୍ନ ଜିଲ୍ଲାର ଛାତ୍ରଛାତ୍ରୀଙ୍କୁ ସଞ୍ଚାର ଶିକ୍ଷା ଦେଉଥିଲେ। ତେବେ, ଏଥିପାଇଁ ତାଙ୍କୁ ସରକାରୀ ସାହାର୍ଯ୍ୟ ମିଳିପାରି ନ ଥିଲା। ଦୁଃଖନାଶନଙ୍କ ବିୟୋଗ କଳା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି 'ନାଟ୍ ନାଟୁଆ' ସମେତ ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ପକ୍ଷରୁ ଶୋକପ୍ରକାଶ କରାଯାଇଛି।

## ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଜଳକୁଣ୍ଡ ସ୍ଥାପନ




**ସମ୍ବଲପୁର, ୨୦।୪ (ସମିସ) :** ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ତଥା ବର୍ଦ୍ଧିତ ତାପମାତ୍ରାକୁ ଦୃଷ୍ଟିରେ ରଖି ଗୋରୁଗାଇ ଏବଂ ପକ୍ଷୀମାନଙ୍କ ସକାଶେ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ତରଫରୁ ଜଳକୁଣ୍ଡ ସମଲେଇ ପ୍ରକଳ୍ପ ଅଞ୍ଚଳରେ ରଖାଯାଇଛି। ଏହାଦ୍ୱାରା ଗୋରୁଗାଇ, ପକ୍ଷୀ ଆଦି ଜୀବଜନ୍ତୁ ଗ୍ରୀଷ୍ମଋତୁରେ ପିଇବା ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେବେନାହିଁ। ମନ୍ଦିର ପରିସର ପୂଜାର୍ଚ୍ଚନା ପରେ କୁଣ୍ଡଗୁଡ଼ିକ ସମଗ୍ର ପ୍ରକଳ୍ପ ଅଞ୍ଚଳରେ ସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ ଶୁଭାରମ୍ଭ କରିଥିଲେ। ଟ୍ରଷ୍ଟବୋର୍ଡ ସଦସ୍ୟ ହେମନ୍ତ ଚନ୍ଦ୍ର ମିଶ୍ର, ସନ୍ତୋଷ ପୃଷ୍ଟେଠ, ଦେବ କୁମାର ଅଜମେରିଆ, ନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଭିମସାର ଇଣ୍ଟର୍ଣ୍ଣ ଛାତ୍ରଛାତ୍ରୀ ଆନ୍ଦୋଳନମୁହାଁ

**ସମ୍ବଲପୁର, ୨୦।୪ (ସମିସ) :** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର) ଇଣ୍ଟର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଷ୍ଟାଇପେଣ୍ଡ ମିଳି ନ ଥିବାରୁ ସେମାନେ ଆନ୍ଦୋଳନମୁହାଁ ହୋଇଛନ୍ତି। ଅସନ୍ତୁଷ୍ଟ ଛାତ୍ରଛାତ୍ରୀମାନେ ଆସନ୍ତାକାଲିଠାରୁ 'ନୋ ଡ୍ୟୁଟି ଷ୍ଟ୍ରାଇକ୍' କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଛାତ୍ରଛାତ୍ରୀମାନେ କହିଛନ୍ତି ଯେ, ଗତ ମାର୍ଚ୍ଚ ମାସରୁ ସେମାନଙ୍କ ଷ୍ଟାଇପେଣ୍ଡ ମିଳିନାହିଁ। ଏନେଇ ସେମାନେ ଅନେକଥର ଭିମସାର ଅଧୀକ୍ଷକ, ଡିନ୍, ଅଧ୍ୟକ୍ଷ ଓ ନିର୍ଦ୍ଦେଶକଙ୍କୁ ଜଣାଇଛନ୍ତି, କିନ୍ତୁ କୌଣସି ସମାଧାନ ହୋଇନାହିଁ। ଡିଡିଓ (ଡ୍ରଇଂ ଆଣ୍ଡ ଡିସ୍‌ବର୍ସିଂ ଅଫିସର) କ୍ଷମତା ଏପର୍ଯ୍ୟନ୍ତ ଭିମସାର ନିର୍ଦ୍ଦେଶକଙ୍କୁ ମିଳି ନ ଥିବାରୁ ଷ୍ଟାଇପେଣ୍ଡ ଦେବାରେ ବିଳମ୍ବ ହେଉଥିବା କୁହାଯାଉଛି। ଏନେଇ ଇଣ୍ଟର୍ଣ୍ଣ ଛାତ୍ରଛାତ୍ରୀମାନେ ଆସନ୍ତାକାଲିଠାରୁ 'ନୋ ଡ୍ୟୁଟି ଷ୍ଟ୍ରାଇକ୍' କରିବାକୁ ପ୍ରସ୍ତୁତ ହେଉଛନ୍ତି। କେବଳ ଜରୁରୀକାଳୀନ ସେବାକୁ ଛାଡ଼ିଦେଲେ ଅନ୍ୟ ଡ୍ୟୁଟି ସେମାନେ କରିବେ ନାହିଁ। ଭିମସାର ପ୍ରଶାସନ ଏହି ସମସ୍ୟାର ଶୀଘ୍ର ସମାଧାନ କରିବାକୁ ଛାତ୍ରଛାତ୍ରୀମାନେ ଦାବି ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଭିମସାରରେ ୧୯୭ ଜଣ ଇଣ୍ଟର୍ଣ୍ଣ ଛାତ୍ରଛାତ୍ରୀ ଥିବାବେଳେ ସେମାନଙ୍କୁ ମାସିକ ଷ୍ଟାଇପେଣ୍ଡ ପ୍ରଦାନ କରାଯାଇଥାଏ।

## କର୍କଟ ରୋଗୀଙ୍କୁ ଆର୍ଥିକ ସହାୟତା

**ସମ୍ବଲପୁର, ୨୦।୪ (ସମିସ) :** ମୋତିଝରଣ ସ୍ଥିତ ଜଣେ କର୍କଟ ରୋଗୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହା। ଗୁରୁତର ବ୍ୟାଧୀର ଉନ୍ନତ ଚିକିତ୍ସାର ସମସ୍ତ ବ୍ୟବସ୍ଥା ସହ ରୋଗୀଙ୍କ ଯିବାଆସିବା ପାଇଁ ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଶ୍ରୀ ସାହା ବ୍ୟକ୍ତିଗତ ଭାବେ ପୀଡ଼ିତଙ୍କ ଘରକୁ ଯିବାସହ ସମସ୍ତ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଚିକିତ୍ସା ପାଇଁ ବାରମ୍ବାର ରାଜ୍ୟ ବାହାରକୁ ଯିବାକୁ ପଡୁଥିବାରୁ ଘୋର ଅସୁବିଧାର ସମ୍ମୁଖୀନ ହେଉଥିଲେ କର୍କଟ ପୀଡ଼ିତ। ଚିକିତ୍ସା ପାଇଁ ସେ ନିଜର ଅଟୋରିକ୍ସାକୁ ବିକ୍ରି କରିଦେଇଥିଲେ। ଘରଭଡ଼ା, ପିଲାଙ୍କ ପାଠପଢ଼ା ଖର୍ଚ୍ଚ, ଖାଇବା ପିଇବା ଖର୍ଚ୍ଚ ସହ କର୍କଟ ରୋଗର ସଠିକ ଚିକିତ୍ସା କରିବା ତାଙ୍କ ପରିବାର ପକ୍ଷେ ସମ୍ଭବ ହୋଇପାରୁ ନ ଥିଲା, ତେଣୁ ଚିକିତ୍ସା ବାଧାପ୍ରାପ୍ତ ହେଉଥିଲା। ଶ୍ରୀ ସାହାଙ୍କ ଆର୍ଥିକ ସହାୟତା ଫଳରେ ରୋଗୀ ଖୁବ୍‌ଶୀଘ୍ର ଉଚ୍ଚତର ଚିକିତ୍ସା ପାଇଁ ଯିବେ ବୋଲି ପରିବାରବର୍ଗ କହିଛନ୍ତି।

## ଗାଡ଼ି ଭିତରୁ ମୃତଦେହ ଉଦ୍ଧାର

**କୁଚିଣ୍ଡା, ୨୦।୪ (ସମିସ) :** ପିଏମ କୁସୁମ ଯୋଜନାରେ ସୋଲାର ପ୍ୟାନେଲ ଲଗାଇବା ପାଇଁ ମହୁଲପାଲି ଥାନା ଗୋପାଲପାଲି ଗ୍ରାମର କ୍ୟାମ୍ପକରି ୧୦ ଜଣରହି ଥିଲେ। ରବିବାର ଅପରାହ୍ନରେ ଖାଇ ସାରିବା ପରେ ଅନ୍ୟ ସମସ୍ତେ ପୁଣି କାମକୁ ଗଲା ପରେ ବେଲପଡ଼ା -କଦଳୀ ଗ୍ରାମର ଘାସିରାମ ଧୁରୁଆଙ୍କ ପୁଅ ଜିତ ଧୁରୁଆ (୨୨) ଗାଡି ଭିତରେ ବସି ରହିଥିଲେ ଏବଂ ରାତିରେ ବି ସେ ରାତ୍ରି ଭୋଜନ କରିନଥିଲେ। ସୋମବାର ସକାଳୁ ଗାଡ଼ି ଭିତରେ ତାଙ୍କ ମୃତଦେହ ପଡ଼ିଥିବା ଅନ୍ୟ ୯ ଜଣ ସାଥୀ ଦେଖିଥିଲେ। ସେମାନେ ମୃତଦେହକୁ ବେଲପଡ଼ାକୁ ନେଇ ଯାଉଥିବା ବେଳେ ପୁଲିସ ଜାଣିପାରି ତୁରନ୍ତ କୁଚିଣ୍ଡା ଡାକ୍ତରଖାନା ଆଣିବାକୁ ନିର୍ଦ୍ଦେଶ ଦେଇଥିଲେ। ପୁଲିସର ହସ୍ତକ୍ଷେପ ପରେ କୁଚିଣ୍ଡା ଡାକ୍ତରଖାନାକୁ ଶବ ଆଣି ଶବବ୍ୟବଚ୍ଛେଦ କରିଥିଲେ।

## ବୁର୍ଲା ବ୍ରାହ୍ମଣ ସମାଜର ବାର୍ଷିକ ଉତ୍ସବ




**ସମ୍ବଲପୁର, ୨୦।୪(ସମିସ):** ବୁର୍ଲା ବ୍ରାହ୍ମଣ ସମାଜର ବାର୍ଷିକ ଉତ୍ସବ ପାଳିତ ହୋଇଛି। ବୁର୍ଲା ନୃସିଂହ ମନ୍ଦିରରେ ଭଗବାନ ପର୍ଶୁରାମଦେବଙ୍କ ପୂଜାର୍ଚ୍ଚନା ପରେ ଏକ ଭବ୍ୟ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଏହାପରେ ମନ୍ଦିର ପରିସରରେ ସମାଜର ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବୁର୍ଲା ମୁଖ୍ୟବନ୍ଧ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ ଶୁଭ୍ରାଂଶୁ ଦ୍ୱିବେଦୀ, ଭୀମସାରର ଅଧୀକ୍ଷକ ତଥା ହୃଦ୍‌ରୋଗ ବିଶେଷଜ୍ଞ ଡା. ସୁନିଲ୍ କୁମାର ଶର୍ମା, ଭିସୁଟ୍ ପ୍ରଫେସର ଡା. ସିଦ୍ଧାର୍ଥ ଶଙ୍କର ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ବ୍ରାହ୍ମଣ ସମାଜ ବୁର୍ଲାର ସଭାପତି ଯୁଧିଷ୍ଠିର ପତିଙ୍କ ସଭାପତିତ୍ୱ ଏବଂ ପ୍ରମୋଦ କୁମାର ଦାଶଙ୍କ ସଂଯୋଜନା, ଉପସଭାପତି ସୁରେଶ ଚନ୍ଦ୍ର ପଣ୍ଡାଙ୍କ ପରିଚାଳନାରେ ଆୟୋଜିତ ସଭାରେ ନମିତା ଆଚାର୍ଯ୍ୟ ମନ୍ତ୍ରପାଠ କରିଥିଲେ। ସୁନିଲ୍ ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଚଳିତବର୍ଷ ସିବିଏସଇ ମାଟ୍ରିକ୍ ପରୀକ୍ଷାରେ ୯୫ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା କୃତୀ ବ୍ରାହ୍ମଣ ଛାତ୍ରଛାତ୍ରୀ ନୀଲମ୍ ପାତ୍ର, ଶୃତି ଲେଖା ଆଚାର୍ଯ୍ୟ, ସ୍ୱର୍ଣ୍ଣଆଭା ପଣ୍ଡା, ଆକାଂକ୍ଷା ପାଣିଗ୍ରାହୀ, ବିସ୍ମିତ ମିଶ୍ର ଓ ଆୟୁଷ୍ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ଇଂ ଦିନଦୟାଲ ଶର୍ମା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଚ୍ଛକାପାଟ୍‌ରେ ମୁଠି ଅନୁକୂଳ ଓ ଅଘରିଆ ଦିବସ

**ସମ୍ବଲପୁର, ୨୦।୪ (ସମିସ) :** ଅଖିଳ ଭାରତୀୟ ୮୪ ଘର ଅଘରିଆ ସମାଜ, ବାମଣ୍ଡା ଆଞ୍ଚଳିକ ଗୁଡ଼ି ଆନୁକୂଲ୍ୟରେ ଆଜି ବାମରା ବ୍ଲକ ଉଚ୍ଛକାପାଟ ଗ୍ରାମରେ ଅକ୍ଷୟ ତୃତୀୟାର ଅବସରରେ ମୁଠି ଅନୁକୂଳ ସହିତ ଅଘରିଆ ଦିବସ ପାଳିତ ହୋଇଯାଇଛି। ଗୋବିନ୍ଦପୁର ମଣ୍ଡଳ କମିଟି ସଭାପତି ଭିଖାରୀ ଚରଣ ପଟେଲଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ କମିଟି ଉପସଭାପତି ନରେଶ ପଟେଲ, କୁସୁମୀ ମଣ୍ଡଳ ସଭାପତି ରବିନାରାୟଣ ପଟେଲ, ବାମଣ୍ଡା ଆଞ୍ଚଳିକ କମିଟି ସଚିବ ଅଶୋକ କୁମାର ପଟେଲ, ଓଡ଼ିଶା ପ୍ରାନ୍ତୀୟ ଯୁବ ସଭାପତି ପୀତବାସ ପଟେଲ, ଟାଙ୍ଗରମୁଣ୍ଡା ଗୁଡ଼ି ସଭାପତି କିରଣ କୁମାର ନାୟକ, ଗଗନ ବିହାରୀ ଚୌଧୁରୀ, ସୁକାନ୍ତ କୁମାର ନାଏକ, ପ୍ରସନ୍ନ ଚୌଧୁରୀ, ଲିଙ୍ଗରାଜ ପଟେଲ ପ୍ରମୁଖ ଯୋଗଦେଇ ଥିଲେ।



## ରାତ୍ରିକାଳୀନ କ୍ରିକେଟ: ନକ୍ସାପାଲି ବିଜୟୀ




**ସମ୍ବଲପୁର, ୨୦।୪ (ସମିସ):** ମାନେଶ୍ୱର ବ୍ଲକ ଅଧୀନ ସାହାସପୁର ଖେଳପଡ଼ିଆରେ ଆୟୋଜିତ ଗିରି ଗୋବର୍ଦ୍ଧନ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଜୟଘଣ୍ଟ ଓ ନକ୍ସାପାଲି ମଧ୍ୟରେ ଖେଳାଯାଇଥିଲା। ନକ୍ସାପାଲି ଦଳ ୧୪ ରନ୍‌ରେ ଜୟଘଣ୍ଟକୁ ପରାସ୍ତ କରି ବିଜୟୀ ହୋଇଛି। ଏହି ମ୍ୟାଚ୍‌କୁ ସୋନୁ ବାରିକ ଓ ସରୋଜ ସାହୁ ପରିଚାଳନା କରିଥିବାବେଳେ ସ୍କୋରର ଭାବେ ଅମିତ ପଧାନ ଓ ଶମ୍ଭୁ ନାଏକ ଦାୟିତ୍ୱ ନିଭାଇଥିଲେ। ଧାରାବିବରଣୀ ଶକ୍ତିମାନ ପାଣିଗ୍ରାହୀ ପ୍ରଦାନ କରିଥିଲେ। ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରି ନାୟକ, ବରିଷ୍ଠ ବିଜେପି ନେତା ଦେବେନ୍ଦ୍ର ମହାପାତ୍ର, ସାଂସଦ ପ୍ରତିନିଧି ରମେଶ ପ୍ରଧାନ ଓ ସରପଞ୍ଚ ଦିବାକର ବିଶ୍ୱାଳ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

## ଆମ୍ବେଦକର ବିଚାରଧାରାରେ ମାନବୀୟ ସମ୍ବେଦନା

ସମ୍ବଲପୁର, ୨୦।୪ (ସମିସ)




ଡ. ଭୀମରାଓ ଆମ୍ବେଦକର ବାସ୍ତବରେ ମାନବୀୟ ସମ୍ବେଦନା, ସମାନତା ଏବଂ ସାମାଜିକ ନ୍ୟାୟର ପ୍ରତୀକ ଥିଲେ। ତାଙ୍କ ଜୀବନ ଏବଂ ବିଚାର ବିଶେଷ ଭାବରେ ମହିଳା, ଦଳିତ ଏବଂ ଶୋଷିତ ବର୍ଗର ଲୋକଙ୍କ ପାଇଁ ସମର୍ପିତ ଥିଲା। ତେଣୁ ତାଙ୍କ ବିଚାରଧାରାରେ ଉଦ୍‌ବୁଦ୍ଧ ହୋଇ ଆମେ ପ୍ରତ୍ୟେକ ନାଗରିକଙ୍କ ପ୍ରତି ମାନବୀୟ ସମ୍ବେଦନା ପ୍ରଦର୍ଶନ କରିବା ତାଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଡ. ବି.ଆର୍ ଆମ୍ବେଦକର ସୋସିଆଲ ୱେଲଫେଆର ଫେଡେରେସନ, ମାତା ସାବିତ୍ରୀ ବାଇ ଫୁଲେ ମହିଳା ସଂଘ, ଅଲ୍ ଓଡ଼ିଶା ଆଦିବାସୀ ସାଂସ୍କୃତିକ ସଂଘ ଏବଂ ୱେସ୍କୋ ୟୁଟିଲିଟି ଏସ୍‌ସି ଏସ୍‌ଟି ଏମ୍ପ୍ଲଇଜ୍ ୱେଲଫେଆର ଏସୋସିଏସନର ମିଳିତ ଆନୁକୂଲ୍ୟରେ ଓଡ଼ିଶା ସାଂସ୍କୃତିକ ସମାଜଠାରେ ଆୟୋଜିତ ଭାରତର ସମ୍ବିଧାନର ମୁଖ୍ୟ ସ୍ଥପତି ଡ. ଆମ୍ବେଦକରଙ୍କର ୧୩୫ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଫେଡରେସନର ସଭାପତି ଇଂ ଦ୍ୱିତୀୟା ଗର୍ଡ଼ିଆଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ବରିଷ୍ଠ ଓଏଏସ ଅଧିକାରୀ ଡ. ଗୁଣମଣି ସୁନାନୀ ମୁଖ୍ୟ ଅତିଥି, ଅଧୀକ୍ଷଣ ଯନ୍ତ୍ରୀ ଇଂ ବୀରେନ୍ଦ୍ର କୁମାର ଜଗତ, ମୁଖ୍ୟବକ୍ତା, ୱେସ୍କୋ ୟୁଟିଲିଟି ସଂଘର ସଭାପତି ଜୟଦେବ ମିଞ୍ଜ, ମହିଳା ସଂଘର ସଭାପତି ଅନୁପମା ନାଗ ଏବଂ ଭୀମ ଆର୍ମୀର ସଭାପତି ଲଂକେଶ ରାବଣ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କ୍ଷେତ୍ରମଣି ବିଭାର ସ୍ୱାଗତଭାଷଣ ସହ ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ମହିଳା ସଂଘର ସହ ସମ୍ପାଦକ ରଞ୍ଜୁ ଭୋସାଗର ଅତିଥି ପରିଚୟ ପ୍ରଦାନ କରିଥିଲେ। ସିବିଏସଇ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ମଦନାବତୀ ପବ୍ଲିକ ସ୍କୁଲର ଟପ୍ପର ତଥା ରାଜ୍ୟ ଏବଂ ଦେଶରେ ତୃତୀୟ ସ୍ଥାନ ଲାଭ କରିଥିବା ପ୍ରତିଭାବାନ ଛାତ୍ର ଦିବ୍ୟରଞ୍ଜନ ମନ୍ଦୋଦରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତତ୍‌ସହିତ ଆମ୍ବେଦକରଙ୍କ ଜୀବନୀ ଏବଂ ଅବଦାନ ଆଧାରୀତ ତର୍କ, ସାଧାରଣ ଜ୍ଞାନ ଏବଂ ପ୍ରବନ୍ଧ ଲେଖନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୯ ଜଣ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ମହିଳା ସଂଘର ସହସମ୍ପାଦକ ବନୀତା ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ଜମଲା ଡିଗ୍ରୀ କଲେଜରେ ରକ୍ତଦାନ ଶିବିର



ପଦ୍ମପୁର,୨୦।୪(ସମିସ): ଜମଲା ଡିଗ୍ରୀ କଲେଜ ଜମଲାର ୟୁଥ୍ ରେଡକ୍ରସ୍ ଓ ଜାତୀୟ ସେବା ଯୋଜନା ଏବଂ ଜମଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଲେଜର ସଭାପତି ଶ୍ରୀଯୁକ୍ତ କଲା କହେଇ ପଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କଲେଜର ଅଧ୍ୟକ୍ଷ ଡକ୍ଟର ସୁଧାଂଶୁ ଚନ୍ଦ୍ର ପ୍ରଧାନ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କାର୍ଯ୍ୟକ୍ରମ ପରିଚାଳନା ଅଧିକାରୀ ସେକ୍ ୱସିମ୍ ରାଜା ଓ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ଶିବପ୍ରସାଦ ବେହେରା, ସାମ୍ବାଦିକ ରଶ୍ମିରଞ୍ଜନ ଶତପଥୀ, ସାମ୍ବାଦିକ ପ୍ରଦୀପ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସୁଦର୍ଶନ ପୁଟେଲ, ପ୍ରତ୍ୟୁଷ ପାଢ଼ୀ, ଆଲୋକ ସାହୁ, ଅନିଲ ସାହୁ, ଲୋକନାଥ ବେହିରା, ଲିଲି ପ୍ରଧାନ, ରୁଦ୍ରପାଲ ଦରଣ୍ଡାନ ପ୍ରମୁଖ ରକ୍ତଦାନ କରିଥିଲେ। ଜମଲା ଡିଗ୍ରୀ କଲେଜର ୟୁଥ୍ ରେଡକ୍ରସ୍ ଅଧିକାରୀ ଅଭିଳାଷ ମିଶ୍ର ଓ ଜାତୀୟସେବା ଯୋଜନା ଅଧିକାରୀ ମିସ୍ ସୁରେଖା ଭୁଏ ପ୍ରମୁଖ ସହଯୋଗ କରିଥିଲେ।

## ଅଗ୍ନିଶମ ବିଭାଗର ସଚେତନତା କାର୍ଯ୍ୟକ୍ରମ



ବିଜେପୁର, ୨୦।୪(ଇମିସ): ବରଗଡ଼ ଜିଲ୍ଲାର ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆଜି ଅଗ୍ନିଶମ ବିଭାଗ ପକ୍ଷରୁ ଏକ ଜରୁରୀ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଶାନ୍ତ ମେହେର, ଗୋଷ୍ଠୀ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ରୁଦ୍ରଦେବ ଡନସନା, ପ୍ରଦୀପ ପାଣିଗ୍ରାହୀ, ଷ୍ଟାଫ୍‌ନର୍ସ କମଳିନୀ ସାହୁ, ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା କବିତାଞ୍ଜଳି ଦାଶଙ୍କ ସମେତ ଆଶା କର୍ମୀ, ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ କର୍ମଚାରୀ ଏଥିରେ ଯୋଗ ଦେଇଥିଲେ।

## ଶୀତଳ ଷଷ୍ଠୀ ପାଇଁ ଥାଳ ଉଠିଲା



ପଦ୍ମପୁର,୨୦।୪(ସମିସ): ଅକ୍ଷୟ ତୃତୀୟାରେ ପଦ୍ମପୁର ସାର୍ବଜନୀନ ଶୀତଳ ଷଷ୍ଠି କମିଟି ତରଫରୁ ବାବା ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ଥାଳ ଉଠିଛି। କଣ୍ଟାବନ୍ଧସ୍ଥିତ ବାବା ସ୍ୱପ୍ନେଶ୍ୱରଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା ବାହାରିଥିଲା। ନଗର ପରିକ୍ରମା କରିବା ସହ ଜଗତ ଜନନୀ ମାତା ପାର୍ବତୀଙ୍କ ମାତାପିତାଙ୍କ ଘରେ ସମସ୍ତେ ପହଞ୍ଚି ଥିଲେ। ଏଥର ବର ପିତାମାତା ଭାବେ ରାମ ମେହେର, ସୁମିତ୍ରା ମେହେର କନ୍ୟା ମାତାପିତା ଭାବେ ଜୟନ୍ତ ନାୟକ, ସୁଭଦ୍ରା ନାୟକ ଦାୟିତ୍ୱ ତୁଲାଇବେ।

## ମହିଳା ସମିତି ପକ୍ଷରୁ ଲସି ବଣ୍ଟନ



ବରଗଡ଼,୨୦।୪(ସମିସ): ଅକ୍ଷୟ ତୃତୀୟା ଅବସରରେ ବରଗଡ଼ ମହିଳା ସମିତି ପକ୍ଷରୁ ଦହି ସରବତ ବଣ୍ଟନ କରାଯାଇଥିଲା। ଗ୍ରୀଷ୍ମ ଋତୁରେ ଲସି ପାନ ଦ୍ୱାରା ଅତ୍ୟଧିକ ଗରମର ମୁକାବିଲା ଓ ତୁରନ୍ତ ଜଳୀୟ ଅଂଶ ପ୍ରଦାନ କରିବା ଏବଂ ପାଚନ ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରୋବାୟୋଟିକ୍ସ ପ୍ରଦାନ କରିଥାଏ। ଏହା ସାଙ୍ଗକୁ ଶରୀରର ତାପମାତ୍ରାକୁ ଥଣ୍ଡା କରେ, ହିଟ ଷ୍ଟ୍ରୋକ୍ ରୋକିବା ସହ ଏକ ପ୍ରାକୃତିକ ଶକ୍ତି ବୃଦ୍ଧିକାରୀ ଭାବରେ କାର୍ଯ୍ୟ କରେ ବୋଲି ସମିତି ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି। ସମିତିର ସଭାନେତ୍ରୀ ମିନାକ୍ଷୀ ପତି, ସମ୍ପାଦିକା ରିନୁ ପତି, ଉପସଭାନେତ୍ରୀ ସସ୍ମିତା ପଟ୍ଟନାୟକ, ସହ ସମ୍ପାଦିକା ସୁଜାତା ପ୍ରଧାନ ଓ କୋଷାଧ୍ୟକ୍ଷା ତନିମା ଦାଶଙ୍କ ନେତୃତ୍ୱରେ ସମିତିର ୫୦ ଜଣ ସଭ୍ୟା ଅଂଶଗ୍ରହଣ କରି ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଦହି ସର୍‌ବତ ବଣ୍ଟନ କରାଯାଇଥିଲା।

# ଢାବାରେ ଚାଲିଥିଲା ଦେହବେପାର; ୫ ଗିରଫ

ବରଗଡ଼,୨୦।୪(ସମିସ)



ବରଗଡ଼ ଜିଲ୍ଲାରେ ଅନୈତିକ ଦେହ ବ୍ୟବସାୟ ବିରୋଧରେ ପୁଲିସ ପକ୍ଷରୁ ଆଉଥରେ ଏକ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବରଗଡ଼ ଗ୍ରାମାଞ୍ଚଳ ଥାନା ଅଞ୍ଚଳର ଧାଙ୍ଗେର ଗାଁ ନିକଟରେ ଥିବା ଜୟଦୁର୍ଗା ଢାବା ଉପରେ ରାତିରେ ହଠାତ୍ ଚଢ଼ଉ କରି ପୁଲିସ ଅନୈତିକ ଦେହବ୍ୟବସାୟର ଏକ ସୁପ୍ତ ଚକ୍ରକୁ ପର୍ଦ୍ଦାଫାସ କରିଛି। ଏହି ଅଭିଯାନରେ ଢାବା ମାଲିକ ସହ ମୋଟ ୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଜଣେ ମହିଳାଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି। ପୁଲିସ ସୂଚନା ଅନୁସାରେ, ଧାଙ୍ଗେର ଅଞ୍ଚଳରେ ଥିବା ଏହି ଢାବାରେ ଦୀର୍ଘଦିନ ଧରି ଅନୈତିକ ଦେହ ବ୍ୟବସାୟ ଚାଲୁଥିବା ସନ୍ଦେହ ହେଉଥିଲା। ଶେଷରେ କୌଣସି ବିଶ୍ୱସ୍ତସୂତ୍ରରୁ ପ୍ରମାଣ ସହ ଖବର ପାଇ ପୁଲିସ ଏହି ଅଭିଯାନ ଚାଲାଇଥିଲା। ବରଗଡ଼ ଏସ୍‌ପିଙ୍କ ପ୍ରହଲ୍ଲାଦ ସହାୟ ମୀନା ନିର୍ଦ୍ଦେଶ ଓ ଏସ୍‌ଡିପିଓ ପଦାର ବିଦ୍ ତ୍ରିପାଠୀଙ୍କ ନିରୀକ୍ଷଣରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ରବିବାର ରାତିରେ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ପୁଲିସ ଢାବା ଭିତରେ ଅନୈତିକ କାର୍ଯ୍ୟ ଚାଲୁଥିବାକୁ ସ୍ପଷ୍ଟ ଭାବେ ପ୍ରମାଣିତ କରିଥିଲା। ଘଟଣାସ୍ଥଳରୁ ଢାବା ମାଲିକ ବରଗଡ଼ ଥାନା ଧାଙ୍ଗେର ଗାଁର ଅନନ୍ତ ରାମ ପଣ୍ଡା (୫୪) ଓ ଜଣେ ମହିଳାଙ୍କ ସହିତ ତିନିଜଣ ଗ୍ରାହକ ବରଗଡ଼ ସଦର ଥାନା ଆଟଗାଁର ନିମାଇ ସାହୁ (୨୯), ଆଟଗାଁର ସୁମନ୍ତ ଭୋଇ (୨୨) ଓ ଆଟଗାଁର ମଦନ ବନ୍ଛୋର (୨୬)ଙ୍କୁ ଗିରଫ କରାଯାଇଥିଲା। ଏହାସହ ଜଣେ ମହିଳାଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି, ଯାହାଙ୍କୁ ପରେ ସୁରକ୍ଷିତ ସ୍ଥାନକୁ ପଠାଯାଇଥିବା ବୋଲି ପୁଲିସ କହିଛି। ତଲାସି ସମୟରେ ପୁଲିସ ଢାବାରୁ ବିପୁଳ ପରିମାଣର ସାମଗ୍ରୀ ଜବତ କରିଛି। ଏଥିରେ ଅନେକ ମୋବାଇଲ ଫୋନ, ନଗଦ ୨୬,୨୭୦ ଟଙ୍କା ସହିତ ଦେଶୀ ଓ ବିଦେଶୀ ମଦ ମିଳିଛି। ପୁଲିସ ମୋଟ ୨୭୩ ଲିଟର ମଦ ଜବତ କରିଥିବା ବେଳେ ଏଥିରେ ବିଭିନ୍ନବ୍ରାଣ୍ଡର ବିୟର ଓ ରମ୍ ରହିଥିଲା। ଏହା ସହ ଦୁଇଟି ମୋଟରସାଇକେଲ ମଧ୍ୟ ଜବତ କରାଯାଇଛି। ଏହି ଘଟଣାରେ ବରଗଡ଼ ଗ୍ରାମାଞ୍ଚଳ ଥାନାରେ ମାମଲା ରୁଜୁ କରାଯାଇଛି। ପୁଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟକୁ ଚାଲାଣ କରିଛି।

- ଜଣେ ମହିଳା ଉଦ୍ଧାର,
- ବିଭିନ୍ନ ବ୍ରାଣ୍ଡର ମଦ, ମୋବାଇଲ ଓ ୨୬,୨୭୦ ଟଙ୍କା ଜବତ

# ନୃସିଂହନାଥଙ୍କୁ ଲାଗି ହେଲା ପଖାଳ



ପାଇକମାଳ,୨୦।୪(ସମିସ): ବୈଶାଖ ମାସରେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ୍ ନୃସିଂହନାଥ ପୀଠରେ ପ୍ରତିବର୍ଷ ପରି ଚଳିତ ବର୍ଷ ପ୍ରଭୁ ନୃସିଂହନାଥଙ୍କ ଠାରେ ସୋମବାର ପଖାଳ ଭୋଗ ଲାଗି ହେବା ସହ ଭକ୍ତଙ୍କୁ ଅର୍ପଣ କରାଯାଉଛି। ଏହି ପ୍ରାଚୀନ ନୃସିଂହନାଥ ମନ୍ଦିରରେ ପୂଜା ପାଉଛନ୍ତି ଭଗବାନ ବିଷ୍ଣୁଙ୍କର ଅନ୍ୟତମ ସ୍ୱରୂପ ମାର୍ଜାରକେଶରୀ। ବୈଶାଖ ମାସର ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ମହାପ୍ରଭୁ ନୃସିଂହନାଥଙ୍କ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ମହାପ୍ରଭୁ ନୃସିଂହନାଥଙ୍କ ମୁଣ୍ଡରେ ଓଦା କପଡ଼ା ଏବଂ ଚନ୍ଦନ ଲେପନ କରାଯାଉଥିବା ସହ ଅପରାହ୍ନରେ ପଖାଳ ଭୋଗ ଅର୍ପଣ କରାଯାଉଛି। ପ୍ରତିବର୍ଷ ଅକ୍ଷୟ ତୃତୀୟାଠାରୁ ନବମୀ ପର୍ଯ୍ୟନ୍ତ ୭ଦିନଧରି ନୃସିଂହନାଥ ପୀଠରେ ଏହି ପଖାଳ ଭୋଗ ଲାଗି ହେଉଥିବା ବେଳେ ଏଥିରେ ଦହି ଓ ଟେଭା ପତ୍ର, ଲେମ୍ବୁ ଆଦି ବିଭିନ୍ନ ପ୍ରକାର ବ୍ୟଞ୍ଜନ ମିଶାଯାଇ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତି କରାଯାଇଥାଏ। ଅପରାହ୍ନ ୪ଟାରେ ମହାପ୍ରଭୁ ନୃସିଂହନାଥଙ୍କଠାରେ ଏହି ପଖାଳ ଭୋଗକୁ ମନ୍ଦିର ସେବାୟତମାନେ ପ୍ରସ୍ତୁତ କରିବା ପରେ ମହାପ୍ରଭୁଙ୍କ ଲାଗିବା ପରେ ଭକ୍ତମାନଙ୍କୁ ଦିଆଯାଇଥାଏ। ପଖାଳଭୋଗ ପାଇଁ ମନ୍ଦିର ତରଫରୁ ମାଟି ନିର୍ମିତ ପାତ୍ରରେ ଭକ୍ତମାନଙ୍କୁ ବିନାମୂଲ୍ୟରେ ଅର୍ପଣ କରାଯାଇଥାଏ। ତେବେ ଏହି ପଖାଳ ଭୋଗ କେବଳ ନୃସିଂହନାଥ ପୀଠରେ ଲାଗୁଥିବା ବେଳେ ଶହଶ୍ରାଧିକ ଭକ୍ତମାନେ ଏଠାକୁ ଆସି ପଖାଳ ଭୋଗ ସେବନ କରିଥାନ୍ତି। ମନ୍ଦିର ସେବାୟତ ସତ୍ୟ ପୁରୋହିତ, ଆଜାଦ ମାଝି, ମଧୁସୁଦନ ତ୍ରିପାଠୀ, ଶ୍ରୀରାମ ପୁରୋହିତ, ମହେଶ୍ୱର ପାଣିଗ୍ରାହୀ, ସିର୍ଦ୍ଧାଥ ପୁରୋହିତ, ମନମିତ ପୁରୋହିତ, ଶୁଭମ ପୁଝାରୀ, ଶୋଭିତ ପଣ୍ଡା, ପ୍ରଫୁଲ ପଣ୍ଡା, ମହେଶ ପୁରୋହିତ, ପ୍ରମୁଖ ପଖାଳ ଭୋଗ ବଣ୍ଟନରେ ସହଯୋଗ କରିଥିଲେ।

# ବିଜେପୁରରେ କବି ଖଗେଶ୍ୱର ଶେଠଙ୍କ ଜୟନ୍ତୀ



ବିଜେପୁର,୨୦।୪(ସମିସ): ବରଗଡ଼ ଜିଲ୍ଲା ବିଜେପୁର ଖଗେଶ୍ୱର ସାହିତ୍ୟ କଳା ପରିଷଦ ପକ୍ଷରୁ ସାହିତ୍ୟପ୍ରାଣ କବି ଖଗେଶ୍ୱର ଶେଠ ଜୟନ୍ତୀ ଉତ୍ସବ ସମାରୋହ ପାଳିତ ହୋଇଛି। ଏଥିରେ ପ୍ରାଧ୍ୟାପକ ଡକ୍ଟର ପ୍ରଦୀପ ପ୍ରଧାନ ଯୋଗଦେଇ ଖଗେଶ୍ୱର ସାହିତ୍ୟରେ 'ପଏର୍ଛାସତୀ 'ପ୍ରତିବାଦର ସ୍ୱର ବୋଲି କହିଛନ୍ତି। କଲେଜ ଅଧ୍ୟକ୍ଷ ପ୍ରଦୀପ ସାହୁ ଓ ସଂପାଦକ ଭାସ୍କର ସାହୁ, ବରଗଡ଼ ସାଂସଦ ପ୍ରତିନିଧି ପ୍ରସନ୍ନ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ କବି ଖଗେଶ୍ୱର ଶେଠଙ୍କ ପଏର୍ଛାସତୀ କାବ୍ୟର ଇଂରାଜୀ ଅନୁବାଦ ପୁସ୍ତକ ଲୋକାର୍ପିତ ହୋଇଥିଲା। ଏହାକୁ ସୁଷମା ଦାସ ଅନୁବାଦ କରିଥିବାବେଳେ ସାହିତ୍ୟିକ ମୋହନ ସାହୁ ସଂପାଦନା କରିଛନ୍ତି। କଣ୍ଠଶିଳ୍ପୀ ସୁଷମା ଭୋଇ କବିଙ୍କ କବିତା ପରିବେଷଣ କରିଥିଲେ। କଟାପାଲି ଲଳିତା ଦେବୀ ମହିଳା ମହାବିଦ୍ୟାଳୟରେ ସଭାପତି ମୋହନ ସିଂ କହ୍ନେଇ ଅଧ୍ୟକ୍ଷତା କରିଥିବାବେଳେ ସଂପାଦକ ରାଜେଶ୍ୱର ବେହେରା ସଂଯୋଜନା କରିଥିଲେ। କ୍ରୀଡ଼ା ଶିକ୍ଷକ ବାଳକୃଷ୍ଣ ପୋଢ ସ୍ୱାଗତ ଭାଷଣ ଦେଇଥିଲେ। ସହ ସଂପାଦକ ମକରଧ୍ୱଜ ସାହୁ ଅତିଥି ପରିଚୟ ଦେଇଥିଲେ। କବି ଜଗତଜୀବନ ରାମ ଡନସନା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ହୃଷିକେଶ ପୋଢ ଧନ୍ୟବାଦ ଅର୍ପଣ କରିଥିଲେ। କବିତା ପାଠ ସମାରୋହରେ ବିମଳ ଡନସନା, ତରଣୀସେନ ପଧାନ, ତୁଳସୀରାମ ମେହେର, ମାଲଖୁଲୁ ହରିପାଲ, ହୃଷିକେଶ ପୋଢ, ପୁଚ୍ଛୁ ଭୁଏ, ଧନେଶ୍ୱର ବିଶି, ଯୁଗେଶ୍ୱର ତାଣ୍ଡି ପ୍ରମୁଖ ବହୁ କବି ଯୋଗଦେଇ କବିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅଧ୍ୟାପିକା ରୋଜୀଶ୍ରୀ ସାହୁ, ସୁରେନ୍ଦ୍ର ପୋଢ, ଘନଶ୍ୟାମ ଖମାରୀ ପ୍ରମୁଖ ସ୍ଥାନୀୟ ଲଳିତ ଦେବୀ ମହିଳା ବିଦ୍ୟାଳୟର କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

**ସିଏମ୍ ଟ୍ରଫି ଜୁନିୟର ଫୁଟବଲ**

# କଦଳୀପାଲି, କନବାର୍ ବିଜୟୀ



ବରଗଡ,୨୦।୪(ସମିସ): ଓଡିଶା ରାଜ୍ୟ ସରକାର , ଓଡ଼ିଶା କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ତଥା ଫୁଟବଲ୍ ଏସୋସିଏସନ୍ ଅଫ ଓଡ଼ିଶା ଆନୁକୁଲ୍ୟରେ ବରଗଡ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ସିଏମ ଟ୍ରଫି ଫୁଟବଲ୍ ପ୍ରତିଯୋଗିତାର ୧୧ ତମ ଦିନରେ ବାଳିକାଙ୍କ ମ୍ୟାଚରେ ପ୍ରଥମ ମ୍ୟାଚରେ କଦଳୀପାଲି ଫୁଟବଲ୍ କ୍ଲବ୍ ଓ ଦ୍ୱିତୀୟ ମ୍ୟାଚରେ କନବାର ଫୁଟବଲ୍ କ୍ଲବ୍ ଦଳ ବିଜୟୀ ହୋଇଛନ୍ତି। ସୋମବାର କଦଳୀପାଲି ଫୁଟବଲ୍ କ୍ଲବ୍ ଓ ସିମେଣ୍ଟ ନଗର ଫୁଟବଲ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ କଦଳୀ ପାଲି ଫୁଟବଲ୍ କ୍ଲବ୍ ୧-୦ ଗୋଲରେ ବିଜୟୀ ହୋଇଥିଲା। ଏହି ମ୍ୟାଚକୁ ଅଜୟ ପ୍ରଧାନ ପରିଚାଳନା କରିଥିଲେ। ତାଙ୍କୁ ଲାଇନ୍‌ରେ ପ୍ରଶାନ୍ତ ବେହେରା ଓ ପିଙ୍କି ହଂସ ପରିଚାଳନାରେ ସହଯୋଗ କରିଥିଲେ। ସୋମବାର ଦିନ ଦ୍ୱିତୀୟ ମ୍ୟାଚ କନବାର ଫୁଟବଲ୍ କ୍ଲବ୍ ଓ ସିଆଲଖଣ୍ଡହତା ଫୁଟବଲ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ କନବାର୍ ଦଳ ୪-୦ ଗୋଲରେ ବିଜୟୀ ହୋଇଥିଲା। କାନବାର୍ ଦଳ ପକ୍ଷରୁ ଇତିଶ୍ରୀ ସେଟ୍ ହ୍ୟାଟ୍ରିକ ସହ ୩ଟି ଗୋଲ ସ୍କୋର କରିଥିଲେ। ଏହି ଖେଳକୁ ନିରଞ୍ଜନ ମହାକୁର ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍‌ରେ ଉମାକାନ୍ତ ସାହୁ ଓ ଝସକେତନ ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ। ଚତୁର୍ଥ ରିଫରି ଥିଲେ ପଞ୍ଚାନନ ପାତ୍ର। ବାଳକ ବିଭାଗର ଫାଇନାଲ ମ୍ୟାଚ ଆସନ୍ତା ୨୨ ତାରିଖ ଦିନ ୟୁନାଇଟେଡ ସ୍ପୋର୍ଟସ କ୍ଲବ ବରଗଡ ଓ ଖରମୁଣ୍ଡା ଫୁଟବଲ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବ।

# ଆପ୍ରାଇଜ୍ ଗ୍ରୁପ୍ ଅଫ୍ ଇନ୍ସଟିଚ୍ୟୁସନ୍ସରେ ଅଭିପ୍ରେରଣା ତାଲିମ ଶିବିର




ବରଗଡ଼,୨୦।୪(ସମିସ): ବରଗଡ଼ର ଶିକ୍ଷାନୁଷ୍ଠାନ ଆପ୍ରାଇଜ୍ ଗ୍ରୁପ୍ ଅଫ ଇନ୍ସଟ୍ୟୁସନ୍ସରେ ଅଭିପ୍ରେରଣ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅଥିତି ଭାବେ ପ୍ରଜାପିତା ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ବରଗଡ଼ ଶାଖାର ବି.କେ ଜ୍ୟୋସ୍ନା, ବି.କେ ଝିଲି ଏବଂ ବି.କେ. ଡ଼.ବିମଲ ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଅଭିପ୍ରେରଣା ବିଷୟରେ ଅବଗତ କରିଥିଲେ। ନିଶିଥ ରଞ୍ଜନ ମହାନ୍ତି ଛାତ୍ରଛାତ୍ରମାନଙ୍କୁ ଯୁବଶକ୍ତି ବିନା ରାଷ୍ଟ୍ର ଗଠନ ଅସମ୍ଭବ ବୋଲି ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରୁପର ଉପାଧ୍ୟକ୍ଷ ଭୀଷ୍ମଦେବ ଦାଶ, ଚିତ୍ତରଞ୍ଜନ ଦାଶ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଧିକାରୀ ଡ. ମୁକୁନ୍ଦ ଦାଶ ପରିଚାଳନା କରିଥିଲେ।

# ପର୍ଶୁରାମଙ୍କ ଜନ୍ମୋତ୍ସବ ଅବସରରେ ଭବ୍ୟ ଶୋଭାଯାତ୍ରା








ବରଗଡ଼,୨୦।୪(ସମିସ)

ବରଗଡ ଜିଲ୍ଲା ବ୍ରାହ୍ମଣ ମହାସଭା ଓ ପର୍ଶୁରାମ ବାହିନୀ ପକ୍ଷରୁ ପ୍ରଭୁ ପର୍ଶୁରାମଙ୍କ ଜନ୍ମୋତ୍ସବ ଅବସରରେ ଆଜି ବରଗଡ ସହରରେ ଭବ୍ୟ ଶୋଭାଯାତ୍ରା ଆୟୋଜିତ ହୋଇଛି। ଏହି ଶୋଭାଯାତ୍ରା ସ୍ଥାନୀୟ ମା' ଶ୍ୟାମାକାଳୀ ମନ୍ଦିରରୁ ବାହାରି ଥାନା ଛକ, ଗୌରପଡ଼ା ଛକ, ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ଛକ, କଚେରି ଛକ, ଏସପି ଅଫିସ ଛକ, ମିନି ଷ୍ଟାଡିୟମ ହୋଇ ଫେରିଥିଲା। ଦୁର୍ଗା ବାହିନୀ, ଜିଲ୍ଲା କର୍ମକାଣ୍ଡ ବ୍ରାହ୍ମଣ ସଭା, ଆଦିତ୍ୟ ବାହିନୀର ସଦସ୍ୟ ସାମିଲ ହୋଇଥିଲେ। ଶ୍ୟାମାକାଳୀ ମନ୍ଦିର ମଣ୍ଡପରେ ପ୍ରଭୁ ପର୍ଶୁରାମଙ୍କ ଜନ୍ମୋତ୍ସବ ପାଳନ ଅବସରରେ ପୂଜାର୍ଚ୍ଚନା ହୋଇଥିଲା। ପର୍ଶୁରାମଙ୍କ ବେଶରେ ପଣ୍ଡିତ ନରେଶ ମିଶ୍ରଙ୍କୁ ବରଣ କରାଯାଇଥିଲା।

ବିଜେପୁର: ବରଗଡ ଜିଲ୍ଲା ବିଜେପୁର ବ୍ଲକ ବ୍ରାହ୍ମଣ ସମାଜ ପକ୍ଷରୁ ପର୍ଶୁରାମ ଭଗବାନଙ୍କ ଜୟନ୍ତୀ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମାଉସୀ ମାଁ ମନ୍ଦିରରେ ପର୍ଶୁରାମ ଭଗବାନଙ୍କ ପୂଜାର୍ଚ୍ଚନା କରାଯାଇଥିଲା। କର୍ତ୍ତା ଭାବେ ରବିଶଙ୍କର ଗୁରୁ ଦାୟିତ୍ୱ ନିର୍ବାହ କରିଥିଲେ। ପୁରୋହିତ ସୁରେନ୍ଦ୍ର ମହାପାତ୍ର, ଚନ୍ଦନ ଶର୍ମା, ପ୍ରଦୀପ ପାଣିଗ୍ରାହୀ ପୂଜାକାର୍ଯ୍ୟ ତୁଲାଇ ଥିଲେ। ଏହାପରେ ସଂଧ୍ୟାରେ ଏକ ସୁସଜ୍ଜିତ ପଟୁଆରରେ ଶ୍ରୀ ପର୍ଶୁରାମଙ୍କ ଫଟୋ ଚିତ୍ର ବିଜେପୁର ସହର ପରିକ୍ରମା କରାଯାଇଥିଲା। ପର୍ଶୁରାମ ଭୂମିକାରେ ବିଶିଷ୍ଟ କଳାକାର ଗୋଲାପ ଚନ୍ଦ୍ର ଦାଶ ଅବତୀର୍ଣ୍ଣ ହୋଇଥିଲେ। ଦିବାକର ଗୁରୁ, ମନୋଜ ଦାଶ ଶର୍ମା, ଜନାର୍ଦ୍ଦନ ପାଣିଗ୍ରାହୀ, ଗିରିଧାରୀ ଦାଶ, ଶାନ୍ତନୁ ମିଶ୍ର, ମନୋଜ ପଣ୍ଡା, କିଶୋର ତ୍ରିପାଠୀ, ପ୍ରଶନ୍ନ ଦାଶ, ପଦ୍ମଲୋଚନ କର, ଶେଷଦେବ ମିଶ୍ର, ନରସିଂହ ପୂଜାରୀ, ଦେବାଶିଷ ଦାଶ, ମଣ୍ଟୁ ପାଣୀ, ଅମର ଦାଶ, ବିରେନ ପାଣୀ, ଅକ୍ଷୟ ଦାଶ ପ୍ରମୁକ ସହଯୋଗ କରିଥିଲେ। ବିଜେପୁର ଥାନା ଅଧିକାରୀ ସୁଶାନ୍ତମଣୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପୁଲିସ କର୍ମଚାରୀ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସହଯୋଗ କରିଥିଲେ।

ପଦ୍ମପୁର: ସ୍ଥାନୀୟ ବ୍ରାହ୍ମଣ ସମାଜ ସାଂସ୍କୃତିକ ଭବନରେ ପଦ୍ମପୁର ବ୍ରାହ୍ମଣ ସମାଜ ତରଫରୁ ପର୍ଶୁରାମଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଆକାଶ ପଣ୍ଡା ସସ୍ତ୍ରୀକ କର୍ତ୍ତା ଥିଲେ। ପଣ୍ଡିତ ଅତ୍ରାହିଭଞ୍ଜନ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଛି। ସହର ପରିକ୍ରମାରେ ବ୍ରାହ୍ମଣ ସମାଜ, ପର୍ଶୁରାମ ବାହିନୀ ଓ ଗାୟତ୍ରୀ ବାହୀନୀ ସାମିଲ ହୋଇଥିଲେ। ପ୍ରୋନିତ ନମନ ମିଶ୍ର ପର୍ଶୁରାମ ବେଶ ଧାରଣ କରିଥିଲେ। ବିକାଶ ପଣ୍ଡା, ଭରତ ପଣ୍ଡା, ଅମୀୟ ପୁରୋହିତ, ଦେବଦତ୍ତ ପଣ୍ଡା, ତୃପ୍ତିମୟୀ ଦାଶ, ଜ୍ୟୋସ୍ନା କର, ସ୍ୱର୍ଣ୍ଣକାନ୍ତୀ ପତି, ମନୋରମା ମହାପାତ୍ର, ସମାଜର ସଭାପତି ଜୟନାରାୟଣ ତ୍ରିପାଠୀ, ସଂପାଦକ ସଦାନନ୍ଦ ପୁରୋହିତ, ବଳଦେବ ପାଣିଗ୍ରାହୀ, ସୁରେଶ ମିଶ୍ର, ପ୍ରକାଶ ଦାଶ, ଜିତେନ୍ଦ୍ରୀୟ ଦାଶ, ଦିବ୍ୟକିଶୋର ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ। ପର୍ଶୁରାମ ବାହିନୀର ସଭାପତି ପାର୍ଥସାରଥୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଭଟଲି: ଭଟଲିରେ ବ୍ଲକ୍‌ସ୍ତରୀୟ ପର୍ଶୁରାମ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକ୍‌ର ବ୍ରାହ୍ମଣ ଯୁବକମାନଙ୍କ ଦ୍ୱାରା ଭଟଲିର ଆରାଧ ଦେବତା ଶ୍ରୀ ଶ୍ରୀ ଦଧିବାମନ ମନ୍ଦିର ପ୍ରାଙ୍ଗଣରେ ଭଗବାନ ପର୍ଶୁରାମଙ୍କୁ ପୂଜା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ରାଜେଶ ମିଶ୍ର ପୂଜାର୍ଚ୍ଚନା କରିଥିଲେ। ଗୌରଚନ୍ଦ୍ର ରଥ, ଦିଲ୍ଲୀପ ମିଶ୍ର, ନିଶିଥ ଦାଶ, ନିରଞ୍ଜନ ରଥ, ସୁମନ୍ତ ଶତପଥୀ, ସଞ୍ଜୀବ ଷଡ଼ଙ୍ଗୀ, ବାଙ୍କାବିହାରୀ ମିଶ୍ର, ଆୟୁଷ୍ମନ୍ତ ଷଡ଼ଙ୍ଗୀ, ଶ୍ରୀବତ୍ସ ପାଣିଗ୍ରାହୀଙ୍କ ସମେତ ଭଟଲି ପର୍ଶୁରାମ ବାହିନୀର ସଦସ୍ୟ ଯୋଗ ଦେଇଥିଲେ।

# ପଞ୍ଚମ କ୍ୟୁରୋଗୀ ଓ ତୃତୀୟ ଫୁଂସି ତାଏକ୍ୱୋଣ୍ଡୋ ପ୍ରତିଯୋଗିତା

ବରଗଡ଼,୨୦।୪(ସମିସ): ବରଗଡ଼ସ୍ଥିତ ଅଗ୍ରଗାମୀ ଯୁବକ ସଂଘ ପ୍ରାଙ୍ଗଣରେ ବରଗଡ଼ ଜିଲ୍ଲାସ୍ତରୀୟ ପଞ୍ଚମ କ୍ୟୁରୋଗୀ ଓ ତୃତୀୟ ଫୁଂସି ତାଏକ୍ୱୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା ବିଜୟ ତାଏକ୍ୱୋଣ୍ଡୋ ଏକାଡେମୀ ଓ ବରଗଡ଼ ଜିଲ୍ଲା ତାଏକ୍ୱୋଣ୍ଡୋ ସଂଘ ଦ୍ୱାରା ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ ଦୁଇଟି ଇଭେଣ୍ଟରେ ୮୦ ରୁ ଉର୍ଦ୍ଧ ବାଳକ ଓ ବାଳିକା ତାଏକ୍ୱୋଣ୍ଡୋ ମାଷ୍ଟର ମନମୋହନ ଭଞ୍ଜଙ୍କ ଉପସ୍ଥିତିରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଂଘର ସଭାପତି ନବକିଶୋର ପାଣିଗ୍ରାହୀ, ଉପ-ସଭାପତି ଆଶୁତୋଷ ରଥ ଓ କୋଷାଧ୍ୟକ୍ଷ ଶ୍ରୀୟା ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସଭାପତି ନବକିଶୋର ପାଣିଗ୍ରାହୀ ଓ ଓଡିଶା ତାଏକ୍ୱୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ପ୍ରତିଯୋଗୀଙ୍କୁ




ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଜାତୀୟ ରେଫରୀ ନୁପୁର ଠାକୁର ଓ ରୋହିତ ମାଝୀ ଇଭେଣ୍ଟକୁ ପରିଚାଳନା କରିଥିଲେ। ଓଡ଼ିଶା ତାଏକ୍ୱୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ତଥା ଅନ୍ତର୍ଜାତୀୟ ବ୍ଲାକ ବେଲ୍ଟ ଓ କଲର ବେଲ୍ଟ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଜିଲ୍ଲା ସଙ୍ଘର ସମ୍ପାଦକ ତଥା କୋଚ ବିଜୟ କୁମାର ଭୋଇ ସର୍ବଶେଷରେ ଉପସ୍ଥିତ ସମସ୍ତ ଅତିଥି ଓ ଖେଳାଳି ମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

# ସମ୍ପାଦକୀୟ



ପରିବର୍ତ୍ତନକୁ ସହଜରେ ଆପଣେଇ ନେବାର ଶକ୍ତିକୁ ବୁଦ୍ଧିମତ୍ତା କୁହାଯାଏ।
-ଷ୍ଟିଫେନ୍ ହକିଙ୍ଗ

ସକାଳ
THE SAKALA

## ବିଫଳ ଶିଖଣ୍ଡୀ କୌଶଳ

୧୩୧ତମ ସମ୍ବିଧାନ ସଂଶୋଧନ ବିଧେୟକ-୨୦୨୬ ସଂସଦରେ କାଟ୍ ଖାଇବା ପରେ ଉଭୟ ଶାସକ ଓ ବିରୋଧୀ ଦଳମାନେ ମୁଖର ହୋଇପଡ଼ିଛନ୍ତି। ଆସାମ, ପଶ୍ଚିମବଙ୍ଗ, ତାମିଲ୍‌ନାଡୁ, ପୁଡୁଚେରୀ ଓ କେରଳ ବିଧାନସଭା ନିର୍ବାଚନ ଏଥିପାଇଁ ଉଭୟ ପକ୍ଷଙ୍କୁ ଏକ ସୁଦୃଶ୍ୟ ମଞ୍ଚ ଯୋଗାଇ ଦେଇଛି। ସାମଗ୍ରିକ ପ୍ରକ୍ରିୟାରେ କିଏ ଠିକ୍ ଓ କିଏ ଭୁଲ୍ ତାହାର ତର୍ଜମା ପୂର୍ବରୁ ଏହା ନିଶ୍ଚୟ ସ୍ୱୀକାର କରିବାକୁ ପଡ଼ିବ ଯେ ଗତ ପ୍ରାୟ ବାରବର୍ଷ ଭିତରେ ପ୍ରଥମ ଥର ପାଇଁ ସଂସଦରେ ଅପ୍ରତିଦ୍ୱନ୍ଦ୍ୱୀ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଏକ ପ୍ରତ୍ୟାଶିତ ପରାଭବ ଲଭିଛନ୍ତି। ଆବଶ୍ୟକ ଦୁଇ-ତୃତୀୟାଂଶ ବହୁମତ ନ ଥାଇ ସୁଦ୍ଧା ସମ୍ବିଧାନ ସଂଶୋଧନ ବିଧେୟକଟି ଯେ ପାରିତ ହୋଇଯିବ ଏଭଳି ଭାବିବାର ଧୃଷ୍ଟତା ସରକାର ଆଦୌ କରି ନ ଥିବେ। ତଥାପି ଏଥିପାଇଁ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିବା ଏବଂ ବିଧେୟକ ଉପସ୍ଥାପନ କରିବା ପଛରେ ସରକାରଙ୍କ ଯେଉଁ ପ୍ରଚ୍ଛନ୍ନ ଉଦ୍ଦେଶ୍ୟଟି ଥିଲା ତାହା ଶେଷରେ ଧରାପଡ଼ିଯାଇଛି।

ସରକାରଙ୍କ ଚତୁର ଚାଣକ୍ୟଙ୍କ ରଣନୀତି ଏହା ଥିଲା ଯେ ଯଦି ବିଧେୟକଟି ପାରିତ ହୋଇଗଲା ତେବେ 'ମହିଳା ଅଧିକାର କାର୍ଡ' ଜରିଆରେ ଉପରୋକ୍ତ ଚାରି ରାଜ୍ୟ ବିଧାନସଭା ନିର୍ବାଚନରେ ଏନ୍‌ଡିଏର ଆସନ୍ନ ପରାଜୟର ଆଶଙ୍କାକୁ କିଛିମାତ୍ରାରେ ଏଡ଼ାଇ ଦିଆଯାଇପାରିବ। ଯଦି ବିଧେୟକ କାଟ ଖାଇଯାଏ ତେବେ ବିରୋଧୀଙ୍କ ଉପରେ 'ମହିଳା ଅଧିକାର ବିରୋଧୀ' ଅପବାଦ ଲଦି ଦେଇ ଉପରୋକ୍ତ ପାଞ୍ଚ ରାଜ୍ୟର ମହିଳା ଭୋଟ୍‌ର କିଛିଅଂଶ ଏନ୍‌ଡିଏ ସପକ୍ଷରେ ଅଣାଯାଇପାରିବ। ତେଣୁ 'କର୍ଣ୍ଣ ମଲେ ପାଞ୍ଚ, ଅର୍ଜୁନ ମଲେ ପାଞ୍ଚ' ନୀତିରେ କେନ୍ଦ୍ର ସରକାର ତରବରିଆ ଭାବେ ସଂସଦର ସ୍ୱତନ୍ତ୍ର ଅଧିବେଶନରେ ୧୩୧ତମ ସମ୍ବିଧାନ ସଂଶୋଧନ ବିଧେୟକଟିକୁ ଉପସ୍ଥାପନ କରିଥିଲେ। ସରକାର ନିଜ ନୀତିରେ ଅନେକାଂଶରେ ସଫଳ ମଧ୍ୟ ହୋଇଥା'ନ୍ତେ ଯଦି ଲକ୍ଷ୍ୟ ଭେଦ ପାଇଁ 'ଶିଖଣ୍ଡୀ କୌଶଳ' ଆପଣେଇ ନଥା'ନ୍ତେ। କିନ୍ତୁ ଦୁର୍ଭାଗ୍ୟକ୍ରମେ 'ଶିଖଣ୍ଡୀ କୌଶଳ' ବିଫଳ ହେବା ସହିତ ସରକାରଙ୍କ ଅସଲ ରୂପ ପଦାରେ ପଡ଼ିଯାଇଥିବା ଚର୍ଚ୍ଚା ହେଉଛି।

ବିରୋଧୀ ରାଜନୈତିକ ଦଳ ସମେତ ରାଜନୀତି ବିଶାରଦ ମହଲଙ୍କ କହିବା ଅନୁଯାୟୀ ଯଦି ଜନପ୍ରତିନିଧି ବ୍ୟବସ୍ଥାରେ ମହିଳାଙ୍କୁ ୩୩% ସ୍ଥାନ ସଂରକ୍ଷଣ ଲାଗି ସରକାରଙ୍କ ଆନ୍ତରିକତା ଥା'ନ୍ତା ତେବେ ୨୦୨୩ରେ ଆଇନ୍(ନାରୀ ଶକ୍ତି ବନ୍ଦନ ଅଧିନିୟମ-୨୦୨୩) ପ୍ରଣୀତ ହେବା ପରେ ପରେ ତତ୍କାଳ ୨୦୨୪ ସାଧାରଣ ନିର୍ବାଚନରେ ଲାଗୁ କରାଯାଇଥା'ନ୍ତା। କିନ୍ତୁ ପରବର୍ତ୍ତୀ ଜନଗଣନା ପରେ ଅର୍ଥାତ୍ ୨୦୨୯ ସାଧାରଣ ନିର୍ବାଚନରେ ଆଇନ କାର୍ଯ୍ୟକାରୀ କରିବାକୁ ସେତେବେଳେ ସର୍ତ୍ତଟିଏ ରଖିଦିଆଗଲା ଏବଂ ୨୦୨୬ ଏପ୍ରିଲ୍ ୧୬ ତାରିଖରେ ହଠାତ୍ ଏ ସମ୍ପର୍କିତ ସରକାରୀ ବିଜ୍ଞପ୍ତି ଜାରି କରାଗଲା। ତେଣୁ ସ୍ୱାଭାବିକ ପ୍ରଶ୍ନ ଉଠୁଛି - କ'ଣ ଏମିତି ନିହାତି ଆବଶ୍ୟକ ହେଲା ଯେ ୨୦୨୯ ପର୍ଯ୍ୟନ୍ତ ଅପେକ୍ଷା କରିବା ପାଇଁ ସରକାର ଆଉ ଧୈର୍ଯ୍ୟ ଧରି ପାରିଲେ ନାହିଁ? ପୁଣି ଏମିତି କ'ଣ ଜରୁରୀ ପରିସ୍ଥିତି ସୃଷ୍ଟି ହେଲା ଯେ ପାଞ୍ଚଟି ରାଜ୍ୟର ବିଧାନସଭା ନିର୍ବାଚନ ଚାଲିଥିବା ବେଳେ ହିଁ ସଂସଦର ସ୍ୱତନ୍ତ୍ର ଅଧିବେଶନରେ ଆଇନଟିକୁ ପିଛିଲା ଜନଗଣନା ଆଧାରରେ ଲାଗୁ କରିବାର ଆବଶ୍ୟକ ପଡ଼ିଲା? ଏଭଳି କିଛି ପ୍ରଶ୍ନ ସରକାରଙ୍କ ଭୂମିକା ଏବଂ ସଂସଦରେ ମହିଳା ଜନପ୍ରତିନିଧିଙ୍କ ସଂରକ୍ଷଣ ପ୍ରତି ଆନ୍ତରିକତା ଓ ନିଷ୍ଠା ପ୍ରତି ଅନେକ ପ୍ରଶ୍ନ ସୃଷ୍ଟି କରିଛି।

ଆହୁରି ମଧ୍ୟ ପ୍ରଶ୍ନ ଉଠୁଛି ଯେ କୌଣସି ଦଳ ଯଦି ନିର୍ବାଚନରେ ୩୩% ମହିଳାଙ୍କୁ ଲଢ଼ିବାକୁ ଟିକେଟ୍ ଦିଏ ସେଥିରେ ବାଧା ଦେବ କିଏ ଓ କାହିଁକି? ୨୦୧୯ ସାଧାରଣ ନିର୍ବାଚନରେ ବିନା କୌଣସି ଆଇନରେ ଓଡ଼ିଶାରେ ବିଜୁ ଜନତା ଦଳ ତ ପୁଣି ୩୩% ମହିଳାଙ୍କୁ ସଂସଦୀୟ ନିର୍ବାଚନ ପାଇଁ ଟିକେଟ୍ ଦେଇ ଜାତୀୟ ସ୍ତରରେ ଉଦାହରଣଟିଏ ସୃଷ୍ଟି କରିଥିଲା। ପରିବାର ହେଉ ଅବା ସମାଜ କିମ୍ବା ସଂସ୍ଥା କିମ୍ବା କୌଣସି ଦଳରେ ମହିଳାମାନଙ୍କୁ କିଏ କେତେ ଅଗ୍ରାଧିକାର ଓ କ୍ଷମତା ଦେବ ତାହା ସେମାନଙ୍କ ନିଜ ନିଷ୍ପତ୍ତି। ଏଥିପାଇଁ ଆଇନ ଅତ୍ୟାବଶ୍ୟକ ନୁହେଁ। ବାସ୍ତବରେ ସରକାରୀ ଦଳର ଯଦି ସଂସଦରେ ମହିଳା ସଂରକ୍ଷଣ ପ୍ରତି ଆନ୍ତରିକତା ଥା'ନ୍ତା ତେବେ ୨୦୨୪ ଲୋକସଭା ନିର୍ବାଚନରେ ୩୩% ମହିଳା ପ୍ରାର୍ଥୀଙ୍କୁ ଦଳୀୟ ଟିକେଟ୍ ଦେଇପାରିଥା'ନ୍ତା। ତଥାପି ଆଇନ ଆଳରେ ମହିଳା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଓ ସୁଯୋଗ ନ ଦେଇ କେବଳ ରାଜନୈତିକ ଫାଇଦା ହାସଲ ଉଦ୍ୟମ ଅଗ୍ରହଣୀୟ।

ଏବେ ମୂଳ ପ୍ରସଙ୍ଗ ଉପରେ ଆଲୋଚନା କରାଯାଉ। ସଂସଦରେ ମହିଳା ପ୍ରତିନିଧିତ୍ୱକୁ ଆଇନତଃ ସ୍ୱୀକୃତି ପାଇଁ ସରକାର ଯଦି ସତରେ ଚାହୁଁଥିଲେ ତେବେ ବିଧେୟକଟିକୁ ସ୍ୱତନ୍ତ୍ର ଭାବେ ଆଣିପାରିଥା'ନ୍ତେ। କିନ୍ତୁ ତା' ବଦଳରେ ତିନିଟି ପ୍ରସଙ୍ଗ ବା ବିଧେୟକ(ମହିଳା ସଂରକ୍ଷଣ, ସୀମା ପୁନଃ ନିର୍ଦ୍ଧାରଣ ବିଧେୟକ ଓ କେନ୍ଦ୍ର ଶାସିତ ଅଞ୍ଚଳ ଆଇନ)କୁ ପରିପୂରକ ଭାବେ ଏକାସାଙ୍ଗରେ ଆଗତ କରିବାରୁ ସରକାରଙ୍କ ଉଦ୍ଦେଶ୍ୟ ସ୍ୱତଃସନ୍ଦେହାସ୍ପଦ ହୋଇପଡୁଛି। ସରକାରଙ୍କ ଏହି ସମସ୍ତ କସରତ ପଛର ଲୁକ୍କାୟିତ ରହସ୍ୟଟି ଥିଲା ଡିଲିମିଟେସନ୍ ବା ନିର୍ବାଚନ ମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାର ଉଦ୍ୟମ। ଦକ୍ଷିଣ ଭାରତୀୟ ରାଜ୍ୟମାନଙ୍କ ପକ୍ଷରୁ ହେଉଥିବା ପ୍ରବଳ ବିରୋଧକୁ ପ୍ରତିହତ କରି ଚତୁରତାର ସହିତ ସୀମା ପୁନଃ ନିର୍ଦ୍ଧାରଣ ପ୍ରକ୍ରିୟାକୁ ଆଗୁଆ ଆରମ୍ଭ କରିବା ପାଇଁ ସରକାର ପ୍ରୟାସ କରିଥିଲେ ଏବଂ ଏଥିରେ 'ଶିଖଣ୍ଡୀ କୌଶଳ' ପ୍ରୟୋଗ କରି ମହିଳା ସଂରକ୍ଷଣ ପ୍ରସଙ୍ଗଟିକୁ ସର୍ବାଗ୍ରେ ରଖିଥିଲେ। ସରକାରଙ୍କ ଏହି ରଣନୀତି ବିଫଳ ହେବା ସହିତ ଅନ୍ୟ ଦୁଇଟି ବିଧେୟକ ମଧ୍ୟ ପ୍ରତ୍ୟାହୃତ ହେବାକୁ ବାଧ୍ୟ ହୋଇଛି।

୨୦୨୩ରେ ସଂସଦରେ ସର୍ବସମ୍ମତିକ୍ରମେ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ପାରିତ ହୋଇ ଆଇନରେ ପରିଣତ ହୋଇସାରିଥିବାରୁ ବିରୋଧୀ ଦଳ ମହିଳା ସଂରକ୍ଷଣ ବିରୋଧୀ ବୋଲି ସରକାରୀ ଆରୋପଟି ହୁଏତ ଲୋକଙ୍କୁ ଛୁଇଁ ନ ପାରେ। ପୁଣି ତତ୍କାଳୀନ ବିରୋଧୀ ଦଳର ଭୂମିକା ନିର୍ବାହ କରୁଥିବା ବର୍ତ୍ତମାନର ଶାସକ ଦଳର ସଭ୍ୟଙ୍କ ବିରୋଧ ଯୋଗୁଁ ହିଁ ୧୯୯୬ ଓ ୨୦୦୮ ରେ ସଂସଦରେ ମହିଳା ସଂରକ୍ଷଣ ବିଧେୟକ ପାରିତ ହୋଇପାରି ନଥିବା ତଥ୍ୟାଭିଜ୍ଞ ମହଲରେ ଆଲୋଚନା ହେଉଛି। ପଶ୍ଚିମବଙ୍ଗ ଓ ତାମିଲ୍‌ନାଡୁର ଆଗଧାଡ଼ିର ବିରୋଧୀ ନେତାମାନଙ୍କର ଧ୍ୟାନକୁ ମୂଳ ପ୍ରସଙ୍ଗରୁ ହଟାଇ ଦେବା ପାଇଁ ୧୩୧ତମ ସମ୍ବିଧାନ ସଂଶୋଧନ ଉଦ୍ୟମ ସରକାରଙ୍କ ଆଉ ଏକ ରାଜନୈତିକ ଚାଲ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ଏ ସବୁର ଊର୍ଦ୍ଧ୍ୱରେ ସବୁ ଆରୋପ-ପ୍ରତ୍ୟାରୋପ ସତ୍ତ୍ୱେ ସରକାରଙ୍କ ଭାବମୂର୍ତ୍ତି ସହିତ 'ଶିଖଣ୍ଡୀ କୌଶଳ ବିଫଳ' ଅପବାଦ ଯେ ଯୋଡ଼ି ହୋଇଯାଇଛି ତାହା ସ୍ୱୀକାର କରିବାକୁ ପଡ଼ିବ।

## ଲକ୍‌ଡାଉନଠାରୁ ଭୟଙ୍କର ବିପଦ ଆସୁଛି!

ଡକ୍ଟର ନୀଳମଣି ସୂତାର

ଇନ୍ଧନ ଗ୍ୟାସର ସଙ୍କଟ ଲକଡାଉନର ପରିସ୍ଥିତି ସୃଷ୍ଟି କରିପାରେ ବୋଲି କିଛିଦିନ ତଳେ ଗୁଜବ ଉଠିଥିଲା। ଯୁଦ୍ଧ ଦୀର୍ଘଦିନ ଧରି ଚାଲିଲେ ହୁଏତ ଏହା ସତ୍ୟ ହୋଇପାରେ! ଲକଡାଉନ ହେବକି ନହେବ - ତାହା ଆଗାମୀ ଦିନରେ ଜଣାପଡ଼ିବ। ଇତ୍ୟବସରରେ ଇରାନ ଉପରେ ଯୁକ୍ତରାଷ୍ଟ୍ର ଆମେରିକା ଓ ଇସ୍ରାଏଲର ଯୌଥ ଆକ୍ରମଣ ଦୁଇ ମାସ ପୂରିବାକୁ ବସିଛି। ଯଦି ଏହି ଆକ୍ରମଣ ଆହୁରି ଏକ ମାସ ଚାଲିବ ତ ଇନ୍ଧନ ଗ୍ୟାସ ସଙ୍କଟ ଏମିତି ଏକ ଅବସ୍ଥାକୁ ଚାଲିଯିବ, କେନ୍ଦ୍ର ସରକାରଙ୍କ ନିକଟରେ 'ଲକଡାଉନ' ପରି ହତିଆର ବ୍ୟତୀତ ଅନ୍ୟ କିଛି ବିକଳ୍ପ ନଥିବ। କିନ୍ତୁ ଏସବୁ ଦୂରର କଥା। ମଧ୍ୟପ୍ରାଚ୍ୟରେ ଭୟଙ୍କର ଯୁଦ୍ଧ ଦେଶ ସାମ୍ନାରେ ସବୁଠାରୁ ବଡ଼ ଯେଉଁ ସଙ୍କଟ ଇତିମଧ୍ୟରେ ଆଣି ହାଜର କରେଇଛି, ତାହା ହେଉଛି- ମାର୍କିନ ଡଲାର ତୁଳନାରେ ଭାରତୀୟ ଟଙ୍କାର ଛନ୍ଦ ପତନ। ଏହା ଲକଡାଉନ ଠାରୁ କମ ବିପଜ୍ଜନକ ନୁହେଁ।

ଟଙ୍କାର ଅଧଃପତନ ଦେଶର ସବୁ ପଣ୍ୟ ଉପରେ ପ୍ରଭାବ ପକାଇବ, ଦରବୃଦ୍ଧି ଘଟିବ। ୧୪୦କୋଟି ଭାରତୀୟଙ୍କ ପାକେଟ ଖାଲି କରିବ। ଯଦିଓ ଏହି ପତନର ତାତକ୍ଷଣିକ କାରଣ ଯୁଦ୍ଧ ହେଲେ ବି ମୁଖ୍ୟ ସମସ୍ୟା ଦୀର୍ଘମିଆଦୀ। ସମସ୍ୟାର ଚେର ଲୁଚି ରହିଛି ଦେଶର ଆର୍ଥିକ ନୀତିରେ। ସେହି କାରଣରୁ ଏହି ସମସ୍ୟାଟିକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ କେବେ ବି ବଡ଼ କରି ଦର୍ଶାଯାଉନାହିଁ। ଆପାତତଃ ଟଙ୍କାର ମୂଲ୍ୟ ଦ୍ରୁତଗତିରେ ଖସିବା ପଛରେ ରହିଛି ଶେୟାର ବଜାରର ମାନ୍ଦାବସ୍ଥା। ଯୁଦ୍ଧର ପ୍ରଭାବରେ ଭାରତୀୟ ଅର୍ଥନୀତି ପ୍ରଭାବିତ ହୋଇଛି, ଦେଖାଦେଇଛି ଅନିଶ୍ଚିତତା। ବିଦେଶୀ ପୁଞ୍ଜି ଲଗାଣକାରୀମାନେ ଭାବୁଛନ୍ତି ଯେ, ଇନ୍ଧନ ଗ୍ୟାସ ସଂକଟରେ ପଡ଼ି ଭାରତର ଅର୍ଥନୀତି ଭୁଶୁଡ଼ି ପଡ଼ିବ। ଫଳରେ ଅର୍ଥ ଲଗାଣକାରୀ ପ୍ରତିଷ୍ଠାନଗୁଡ଼ିକ ପ୍ରତିଦିନ ଭାରତର ଶେୟାର ବଜାରରେ କୋଟି କୋଟି ଟଙ୍କା ବିକ୍ରି କରିଦେଉଛନ୍ତି। କେବଳ ମାର୍ଚ୍ଚ ମାସରେ ହିଁ ସେମାନେ ୧.୧୪ ଲକ୍ଷ କୋଟି ଟଙ୍କାର ଶେୟାର ବିକ୍ରି କରି ଦେଇଛନ୍ତି। ଅତୀତରେ କେବେ ବି ଗୋଟିଏ ନିର୍ଦ୍ଦିଷ୍ଟ ମାସରେ ଏତେ ବିପୁଳ ପରିମାଣର ବିଦେଶୀ ଲଗାଣ ପ୍ରତ୍ୟାହୃତ ହେବାର ଦେଖାଯାଇନି। ଭାରତୀୟ ବଜାରରେ ଶେୟାର ବିକିଦେଇ ବିଦେଶୀ ଅର୍ଥଲଗାଣକାରୀ ସଂସ୍ଥାଗୁଡ଼ିକ ଭାରତୀୟ ଟଙ୍କାକୁ ମାର୍କିନ ଡଲାରରେ ରୂପାନ୍ତରିତ କରି ନିରାପଦ ବଣ୍ଡ ବା ଇକ୍ୟୁଇଟିରେ ଲଗାଉଛନ୍ତି। ଏହି କାରଣରୁ ଡଲାରର ମୂଲ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଭାରତୀୟ ଶେୟାର ଯେତେ ଦ୍ରୁତ ତଳକୁ ଖସୁଛି, ସେତେ ବଢୁଛି ଡଲାରର ଚାହିଦା। ଡଲାରର ଚାହିଦା ବଢ଼ିଯିବା ମାନେ ହିଁ ଟଙ୍କାର ଅଧଃପତନ। ଟଙ୍କାର ମୂଲ୍ୟ ହ୍ରାସ ଘୂରିଫେରି ପୁଣି ଡଲାରର ମୂଲ୍ୟ ବୃଦ୍ଧି କରୁଛି। କାରଣ ଟଙ୍କା ଯେତେ ଶସ୍ତା ହେବ ସେତେ ଆମଦାନୀ ଖର୍ଚ୍ଚ ବଢ଼ିବ। ସେହି ଖର୍ଚ୍ଚ ସମ୍ଭାଳିବାକୁ ବି ଡଲାର ଆବଶ୍ୟକ।

ଇରାନରେ ଯୁଦ୍ଧ ଆରମ୍ଭ ହେବା ପରେ ପରେ ହର୍ମୁଜ ପ୍ରଣାଳୀ ବନ୍ଦ କରିଦିଆଯାଇଛି। ଫଳସ୍ୱରୂପ, ଆନ୍ତର୍ଜାତିକ ବଜାରରେ ଅଶୋଧିତ ଜୀବାଶ୍ମ ତୈଳର ମୂଲ୍ୟ ବୃଦ୍ଧିପାଇଛି। ଅଧିକ ମୂଲ୍ୟ ଦେଇ ଅଶୋଧିତ ତୈଳ କିଣିବା ପାଇଁ ମଧ୍ୟ ଭାରତକୁ ଅଧିକ ଡଲାର ଖର୍ଚ୍ଚ କରିବାକୁ ପଡୁଛି। ଟଙ୍କାର ମୂଲ୍ୟ ହ୍ରାସ ଆମଦାନୀର ଖର୍ଚ୍ଚ ବଢ଼ାଇ ଦେଶର ମୁଦ୍ରାସ୍ଫୀତି ବୃଦ୍ଧି କରୁଛି। ଏକପକ୍ଷରେ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ଦର କ୍ଷୀପ୍ରଗତିରେ ଡଲାର ଆକାରରେ ବଢୁଛି, ଅନ୍ୟପଟରେ ଟଙ୍କା ତୁଳନାରେ ଡଲାରର ମୂଲ୍ୟ ବି ବଢ଼ିବାରେ ଲାଗିଛି। ଅଶୋଧିତ ତୈଳ ଆମଦାନୀ ଖର୍ଚ୍ଚ ବଢୁଥିଲେ ମଧ୍ୟ କେନ୍ଦ୍ର ସରକାର ହାତ ବାନ୍ଧି ବସିଛନ୍ତି। ପାଞ୍ଚଟି ରାଜ୍ୟର ବିଧାନସଭା ନିର୍ବାଚନ ସାରିବା ମାତ୍ରେ ହିଁ ପେଟ୍ରୋଲ ଓ ଡିଜେଲ ଦର ବଢ଼େଇ ଦେବେ ସରକାର। ସେତେବେଳେ ମୁଦ୍ରାସ୍ଫୀତିର ଅସଲ ଚେହେରା ପଦାରେ ପଡ଼ିବ। ପେଟ୍ରୋଲ ଓ ଡିଜେଲର ଦାମ ବଢ଼ିଲେ ଖାଦ୍ୟ ପଦାର୍ଥ ଠୁ ଆରମ୍ଭ କରି ସବୁ ପଣ୍ୟଦ୍ରବ୍ୟର ଦରଦାମ ବଢ଼ିଯିବ। ପ୍ରୟୋଜନ ଠୁ ୮୦ପ୍ରତିଶତ ଅଧିକ ଅଶୋଧିତ ତୈଳ ଓ ପ୍ରାକୃତିକ ଗ୍ୟାସ ଭାରତ ଆମଦାନୀ କରିଥାଏ। ଖାଇବା ତେଲର ଏକ ବଡ଼ ଅଂଶ ବିଦେଶରୁ କିଣିବାକୁ ପଡ଼ିଥାଏ। ଇତିମଧ୍ୟରେ ଖାଇବା ତେଲର ଦାମ ମଧ୍ୟ ବଢ଼ିଛି। ଅଳ୍ପ କେଇ ଦିନ ଭିତରେ ଏହା ଆକାଶଛୁଆଁ ହୋଇପାରେ। ଆମଦାନୀ- ନିର୍ଭର ସବୁ ଶିଳ୍ପ ଆଜି ତାଙ୍କର ଅଧଃପତନରୁ ଦିଗହରା। ଭୋଗ୍ୟପଣ୍ୟର ବଜାରରେ ଏକ ବଡ଼ ଧରଣର ଝଟକା ଅପେକ୍ଷାରେ ଭାରତ।

ଟଙ୍କାର ନିମ୍ନଗତିକୁ ସମ୍ଭାଳିବାକୁ ଯାଇ ଭାରତୀୟ ରିଜର୍ଭ ବ୍ୟାଙ୍କ ଗଚ୍ଛିତ ଅର୍ଥ ଭଣ୍ଡାରରୁ କୋଟି କୋଟି ଡଲାର ଛାଡୁଛି, ତଥାପି ପରିସ୍ଥିତିର ବିଶେଷକିଛି ଉନ୍ନତି ହେଉନାହିଁ। କାରଣ ବିଦେଶୀ ପୁଞ୍ଜି ଲଗାଣକାରୀମାନଙ୍କ ମନରେ ଯେଉଁ ଛନକା ପଶିଛି; ଯେଉଁ ଆଶଙ୍କା ସୃଷ୍ଟି ହୋଇଛି, ତା'ର କାଣିଚାଏ ପରିବର୍ତ୍ତନ ହେଉନାହିଁ। ଯୁଦ୍ଧ ବଜାର ହାହାକାର ସେମାନଙ୍କ ମାନସିକତାରେ ପରିବର୍ତ୍ତନ ଘଟାଇଛି, ଭାରତରୁ ଲଗାଇଥିବା ପୁଞ୍ଜି ପ୍ରତ୍ୟାହୃତ କରିବାକୁ ବାଧ୍ୟ ହେଉଛନ୍ତି ସେମାନେ। ରିଜର୍ଭ ବ୍ୟାଙ୍କ ନିକଟରେ ଏକମାତ୍ର ହତିଆର ହେଉଛି ସୁଧର ହାର ବୃଦ୍ଧି କରିବା। ଯଦି ଭାରତୀୟ ବଜାରରେ ସୁଧର ହାର ମାର୍କିନ ସୁଧର ହାରଠାରୁ ସାମାନ୍ୟ ବି ବଢ଼ିଯାଏ, ବିଦେଶୀ ପୁଞ୍ଜି ଲଗାଣକାରୀମାନେ ଭାରତମୁହାଁ ହେବେ। ପୁନରାୟ ଭାରତୀୟ ଶେୟାର ବଜାରରେ ପୁଞ୍ଜି ଲଗାଇବେ। ଫଳରେ ଡଲାର ପୁଣି ଭାରତୀୟ ମୁଦ୍ରାକୁ ରୂପାନ୍ତରିତ ହେବ। ଏହା ଫଳରେ ଡଲାରର ଚାହିଦା କମିବ, ଟଙ୍କା କିଛିଟା ଆଶ୍ୱସ୍ତ ହେବ। କିନ୍ତୁ ରିଜର୍ଭ ବ୍ୟାଙ୍କ ସୁଧ ବଢ଼େଇଲେ ଦେଶର ଛୋଟ-ବଡ଼ ସବୁ ପୁଞ୍ଜି ଲଗାଣକାରୀଙ୍କ ଉପରେ ବୋଝ ବଢ଼ିବ। ଏଥିରେ ଦେଶର ପୁଞ୍ଜିର ହାର ତ ନିଶ୍ଚିତ ରୂପେ କମିବ। କଳାକାରଖାନାରେ ଶ୍ରମିକ ଛଟେଇ ଆରମ୍ଭ ହୋଇଯିବ। ନୂଆ କର୍ମସଂସ୍ଥାନ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯିବ। ଅର୍ଥାତ, ସବୁମିଶି ଏକ ଗଭୀର କ୍ଷତ ସୃଷ୍ଟି କରିବ।

ଇରାନ ତୈଳ ଯୁଦ୍ଧ ଯଦିଓ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପାଇଁ ଦାୟୀ, କିନ୍ତୁ ଏହି ଦ୍ୱାହି ଦେଇ ଖସିଗଲେ ଚଳିବନି। ଏହି ଅଧଃପତନ ମୂଳରେ ରହିଛି ଆମ ଦେଶର ଦୁର୍ବଳ ଅର୍ଥନୀତି। ଭାରତୀୟ ଶେୟାର ବଜାର ବିଦେଶୀ ପୁଞ୍ଜି ଲଗାଣକାରୀ ସଂସ୍ଥା ଉପରେ ସମ୍ପୂର୍ଣ୍ଣରୂପେ ନିର୍ଭରଶୀଳ। ଏହି ପରମୁଖାପେକ୍ଷିତା ହିଁ ଟଙ୍କାର ନିମ୍ନଗାମୀ ହେବାର ମୁଖ୍ୟ କାରଣ। ଦେଶର ବର୍ତ୍ତମାନ ସମୟରେ ନବ୍ୟ - ଉଦାରବାଦ ନୀତି ବଳରେ ବିଦେଶୀ ପୁଞ୍ଜି ଲଗାଣକାରୀମାନେ ଯେତେବେଳେ ଇଚ୍ଛା କରିବେ ଶେୟାର ବଜାରରୁ ସେମାନଙ୍କ ପୁଞ୍ଜି ପ୍ରତ୍ୟାହୃତ କରି ନେଇପାରିବେ। ଏହା ଭାରତୀୟ ଅର୍ଥନୀତି ପାଇଁ ଅସ୍ଥିରତା ସୃଷ୍ଟି କରିବ। ବର୍ତ୍ତମାନ ସମୟରେ ଏହି ସଙ୍କଟ ଆମ ଦେଶରେ ସୃଷ୍ଟି ହୋଇଛି। ଅଦୂରଦର୍ଶୀ ସରକାର ଆର୍ଥିକ ସଂସ୍କାର ଆଣିବା ଫଳରେ ଶେୟାର ବଜାରରେ ମନମୁଖି କାରବାର କାୟାବିସ୍ତାର କରିଚାଲିଛି। ଏହି ନୀତିକୁ ଫିନାନ୍ସ ପୁଞ୍ଜି କୁହାଯାଏ। ବିଦେଶୀ ପୁଞ୍ଜି ଲଗାଣ ଯଦି କଳକାରଖାନା ଓ ଭିତ୍ତିଭୂମି ନିର୍ମାଣରେ ବିନିଯୋଗ ହେଉଥା'ନ୍ତା, ତା' ହେଲେ ଏହି ଭାବେ ଯେକୌଣସି ମୁହୂର୍ତ୍ତରେ ପୁଞ୍ଜି ପ୍ରତ୍ୟାହୃତ କରିପାରନ୍ତେ ନାହିଁ। ବିଦେଶୀ ପୁଞ୍ଜି ଲଗାଣକାରୀମାନଙ୍କୁ ଆକର୍ଷିତ କରିବା ପାଇଁ ରିଜର୍ଭ ବ୍ୟାଙ୍କ ନାମକୁ ମାତ୍ର ସୁଧରେ ବିପୁଳ ପରିମାଣର ଡଲାର ମାର୍କିନ ବଣ୍ଡରେ ବନ୍ଧକ ରଖେ। ଯାହାଫଳରେ ଲଗାଣକାରୀମାନେ ହଠାତ୍ ଶେୟାର ବିକିବା ଆରମ୍ଭ କଲେ ସେମାନଙ୍କୁ ଡଲାର ଫେରାଇ ଦିଆଯାଏ। ବନ୍ଧକ ରଖିଥିବା ଡଲାରରୁ ରିଜର୍ଭ ବ୍ୟାଙ୍କ କମ ସୁଧ ପାଇଥାଏ, କିନ୍ତୁ ଲଗାଣକାରୀମାନେ ଭାରତୀୟ ବଜାରରୁ ଚଢ଼ା ମୁନାଫା ବା ସୁଧ ଉଠାଇ ନେଇଥା'ନ୍ତି। ଏଇଟା ହିଁ ଭାରତର ସବୁଠାରୁ ବଡ଼ ଆର୍ଥିକ କ୍ଷତି। ଆର୍ଥିକ ସଂସ୍କାର ନୀତି ଆପଣେଇବା ପରଠୁ ଭାରତ ଏହିପରି ଭାବେ ମାର୍କିନ ଫିନାନ୍ସ ପୁଞ୍ଜିର ଦାସତ୍ୱ ସ୍ୱୀକାର କରିନେଇଛି। ଭାରତ ଯଦି ରପ୍ତାନି ବଢ଼େଇ ଅଧିକ ଡଲାର ଆୟ କରିପାରନ୍ତା ତା' ହେଲେ ଟଙ୍କାର ଆଜି ଏହି ଦୁରବସ୍ଥା ଦେଖିବାକୁ ମିଳି ନ ଥା'ନ୍ତା। ହୁଏ ତ ଟଙ୍କାର ଅଧଃପତନ ଘଟିନଥା'ନ୍ତା।

୨୦୧୩ ମସିହାରେ ଏକ ଡଲାରର ମୂଲ୍ୟ ୯୨ ଟଙ୍କା ହୋଇଯିବାରୁ ଏବେକାର କେନ୍ଦ୍ର ଅର୍ଥମନ୍ତ୍ରୀ ଓ ତତ୍କାଳୀନ ସାଂସଦ ନିର୍ମଳା ସୀତାରମଣ ଗଭୀର ଉଦବେଗ ପ୍ରକାଶ କରିଥିଲେ। ଆଜିର ଏ ଜଟିଳ ପରିସ୍ଥିତିରେ ଆଖିରେ ଅନ୍ଧ ପୁଟୁଳି ବାନ୍ଧି କେନ୍ଦ୍ର ଅର୍ଥମନ୍ତ୍ରୀ ଟଙ୍କା ଠିକ୍ ବାଟରେ ଚାଲିଛି ନକହି ଆର୍ଥିକ ନୀତିରେ ପରିବର୍ତ୍ତନ ଆଣିବା ଉଚିତ। ଟଙ୍କାର ଏହି ଦୀର୍ଘମିଆଦୀ ନିମ୍ନଗାମୀ ଧାରାକୁ ରୋକିବା ଦିଗରେ ସରକାର ଉଦାସୀନ ଅଛନ୍ତି। କାହାସ୍ୱାର୍ଥରେ ନିରବତା ଅବଲମ୍ବନ କରି ଚାଲିଛନ୍ତି ଜଣାପଡୁନାହିଁ। ଏବେଠୁ ସତର୍କ ନହେଲେ ଭବିଷ୍ୟତରେ ଦେଶରେ ଲକଡାଉନ ଠାରୁ ବି ଭୟଙ୍କର ପରିସ୍ଥିତି ଉପୁଜିପାରେ।

କଟକ, ମୋ: ୮୫୯୯୮୯୪୯୧୫

## ସବୁଜ ଯାତ୍ରା: ସୁଯୋଗ ଓ ଆହ୍ୱାନ

ପ୍ରଣତି ଆଚାର୍ଯ୍ୟ ମିଶ୍ର

ଭାରତର ଯାନବାହନ ବଜାର ପ୍ରତିଦିନ ନୂତନ ଧରଣର ଯାନବାହନ ସହିତ ଚଳଚଞ୍ଚଳ ହେଉଛି। ବାହନ ପ୍ରତି ଆସକ୍ତି ଆମକୁ ଅଧିକ ପରିମାଣରେ ଅଶୋଧିତ ତେଲର ଆମଦାନି କରିବାକୁ ବାଧ୍ୟ କରୁଛି, ଯାହା ଦେଶର ବାଣିଜ୍ୟ ନିଅଣ୍ଟକୁ ବୃଦ୍ଧି କରୁଛି। ଏହି ସମସ୍ୟାର ସମାଧାନ ପାଇଁ ସରକାର ଅଧିକ ପରିମାଣରେ ବୈଦ୍ୟୁତିକ ଯାନ ନିର୍ମାଣ କରି ସେଗୁଡ଼ିକୁ ଯଥାସମ୍ଭବ ଲୋକପ୍ରିୟ କରିବାକୁ ପ୍ରୟାସ କରୁଛନ୍ତି। ସରକାର ଏକ ଯୋଜନା ପ୍ରସ୍ତୁତ କରିଛନ୍ତି, ଯାହାର ଲକ୍ଷ୍ୟ ହେଉଛି ୨୦୩୦ସୁଦ୍ଧା ଦେଶରେ ୮୦ ପ୍ରତିଶତ ଦୁଇଚକିଆ ଯାନ ଓ ଅଟୋରିକ୍ସା, ୪୦ ପ୍ରତିଶତ ବସ୍, ୭୦ ପ୍ରତିଶତ ବାଣିଜ୍ୟିକ ଯାନ ଏବଂ ୩୦ ପ୍ରତିଶତ କାର ବିଦ୍ୟୁତ୍ ଚାଳିତ ହେବ। ଏହାଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଇନ୍ଧନ ସଞ୍ଚୟ ହେବ। ଏହାକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ବିଭିନ୍ନ ଯୋଜନା ଓ ପ୍ରୋତ୍ସାହନ ଆରମ୍ଭ କରିଛନ୍ତି। ଅନେକ ରାଜ୍ୟ ଯାନବାହନ ପଞ୍ଜୀକରଣ ଶୁଳ୍କ ଛାଡ଼ କରିଛନ୍ତି। ଏହାସତ୍ତ୍ୱେ ୨୦୨୪-୨୫ ଆର୍ଥିକ ବର୍ଷରେ ବୈଦ୍ୟୁତିକ ଯାନ ବିକ୍ରି ସଂଖ୍ୟା କେବଳ ୬.୩ ରୁ ୭.୬ ପ୍ରତିଶତ ଥିଲା। ବର୍ତ୍ତମାନ ଯଦିଓ ଏଥିରେ ବୃଦ୍ଧି ଘଟୁଥିବା ଦେଖାଯାଉଛି, କିନ୍ତୁ ଏହା ଆଶାନୁରୂପ ନୁହେଁ।

ସରକାରୀ ପ୍ରୋତ୍ସାହନ ଏବଂ ଅନେକ ନୂତନ ଯାନର ବଜାର ପ୍ରବେଶ ସତ୍ତ୍ୱେ ଭାରତରେ ବୈଦ୍ୟୁତିକ ଯାନ ବିକ୍ରି ବୃଦ୍ଧି ନ ପାଇବା ପଛରେ ଅନେକ କାରଣ ରହିଛି। ପ୍ରଥମତଃ, ଲୋକମାନେ ଏହି ଯାନଗୁଡ଼ିକ ଉପରେ ଭରସା କରି ପାରୁନାହାନ୍ତି। ଦ୍ୱିତୀୟ କାରଣ ହେଉଛି ଆମ ଦେଶରେ ଚାର୍ଜିଂ ଷ୍ଟେସନ ବହୁତ କମ୍ ଏବଂ ବହୁତ ଦୂରରେ ଅବସ୍ଥିତ। ଲୋକମାନଙ୍କ ମନରେ ପ୍ରଶ୍ନ ଉଠେ, ଯେତେବେଳେ ଯାନଗୁଡ଼ିକର ଚାର୍ଜ ସରିଯିବ ସେମାନେ କେଉଁଠାରେ ଚାର୍ଜ କରିବେ? ଯଦିଓ ସରକାରଙ୍କ ଦ୍ୱାରା ଚାର୍ଜିଂ ଷ୍ଟେସନ୍ ନିର୍ମାଣ କରାଯାଉଛି, ସେଗୁଡ଼ିକର ସଂଖ୍ୟା ସୀମିତ। ତେଣୁ ପେଟ୍ରୋଲିୟମ୍ କମ୍ପାନୀଗୁଡ଼ିକ ପେଟ୍ରୋଲ ପମ୍ପଗୁଡ଼ିକରେ ଚାର୍ଜିଂ ଷ୍ଟେସନ୍ ସ୍ଥାପନ କରିବା ପାଇଁ ପଦକ୍ଷେପ ନେବାକୁ ହେବ। ଭିଏତନାମ କମ୍ପାନୀ ଭିନଫାଷ୍ଟ ମଡେଲ ଘରେ କାର ଚାର୍ଜିଂ କରିବାକୁ ଅନୁମତି ଦିଏ। ତୃତୀୟ ପ୍ରଶ୍ନ ହେଉଛି ଥରେ ଚାର୍ଜରେ ଏକ କାର କେତେ ଦୂର ଯାତ୍ରା କରିପାରିବ? ପ୍ରାରମ୍ଭରେ, କାରଗୁଡ଼ିକ ୨୦୦-୨୫୦ କିଲୋମିଟର ଯାତ୍ରା କରୁଥିଲେ ମଧ୍ୟ ଏହା ଗ୍ରାହକମାନଙ୍କୁ ଆକର୍ଷିତ କରିପାରିଲା ନାହିଁ। ବର୍ତ୍ତମାନ ଗୋଟିଏ ଚାର୍ଜରେ ୫୦୦ କିଲୋମିଟର ପର୍ଯ୍ୟନ୍ତ ରେଞ୍ଜ ଥିବା କାରଗୁଡ଼ିକ ଉପଲବ୍ଧ। ଯେଉଁଥିରେ କୋରିଆନ୍ କମ୍ପାନୀ କିଆ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଚୀନ୍ କମ୍ପାନୀ ବିୱାଇଡି ଆଦି ରହିଛି। ଟେସଲା ୬୦୦ କିଲୋମିଟରରୁ ଅଧିକ ରେଞ୍ଜ ଥିବା କାର ଉତ୍ପାଦନ କରିବା ଆରମ୍ଭ କରିଛି।ଏହା ବ୍ୟତୀତ, କମ୍ ସମୟ ମଧ୍ୟରେ ଚାର୍ଜ ହେଉଥିବା କାର ମଧ୍ୟ ଉପଲବ୍ଧ।

ଗ୍ରାହକମାନଙ୍କ ମଧ୍ୟରେ କାର୍ ବ୍ୟାଟେରୀକୁ ନେଇ ଅନେକ ସଂଶୟ ଓ ଅନିଶ୍ଚିତତା ରହିଛି। ଏଥିରେ ବ୍ୟାଟେରୀ ଜୀବନକାଳ ଓ ବଦଳେଇବା ଖର୍ଚ୍ଚ ଅନ୍ତର୍ଭୁକ୍ତ। ବୈଦ୍ୟୁତିକ କାର ବ୍ୟାଟେରୀ ଭାରତରେ ବହୁତ କମ୍ ନିର୍ମିତ ହୁଏ। ଏହାର ୮୦% ଉତ୍ପାଦନ ଚୀନ୍‌ରେ ହେଉଥିବାରୁ ସେଗୁଡ଼ିକ ଭାରତରେ ମହଙ୍ଗା। ତେଣୁ ଗ୍ରାହକମାନେ ସେଗୁଡ଼ିକୁ କିଣିବାକୁ ଅନିଚ୍ଛୁକ। ଭାରତୀୟ କମ୍ପାନୀଗୁଡ଼ିକ ଏବେ ନୂତନ ପ୍ରଯୁକ୍ତିବିଦ୍ୟା ସହିତ ବ୍ୟାଟେରୀ ବିକାଶ କରୁଛନ୍ତି। ଗ୍ରାହକମାନଙ୍କ ମଧ୍ୟରେ ଏହି ଦ୍ୱିଧାକୁ ଚିହ୍ନି, କିଛି କମ୍ପାନୀ କାର ବାଇ-ବ୍ୟାକ୍ ଯୋଜନା ଆରମ୍ଭ କରିଛନ୍ତି। କମ୍ପାନୀ ପାଞ୍ଚ କିମ୍ବା ଛଅ ବର୍ଷ ପରେ ପୁରୁଣା କାର୍ କିଣି ନିଏ। ଫଳରେ ଲୋକଙ୍କ ମନରୁ କିଛି ମାତ୍ରାରେ ଭୟ ଦୂର ହେଉଛି।

ଏକ ଧାରଣା ଅଛି ଯେ ବୈଦ୍ୟୁତିକ କାରଗୁଡ଼ିକ ମହଙ୍ଗା। ଟାଟା ମୋଟର୍ସ ନୂତନ ଓ ସୁଲଭ କାର ପ୍ରଚଳନ କରି ଏହି ଧାରଣାକୁ ଦୂର କରିଛି। ଏହି କମ୍ପାନୀ ଭାରତରେ ବୈଦ୍ୟୁତିକ କାର ନିର୍ମାଣରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ବିଦେଶୀ କମ୍ପାନୀ ଯାନ ଯେପରି ବିୱାଇଡି କାରଗୁଡ଼ିକର ମୂଲ୍ୟ ପ୍ରାୟ ୪୦-୫୦ ଲକ୍ଷ ଟଙ୍କା। ଟେସଲା କାରଗୁଡ଼ିକ ଭାରତରେ ନିର୍ମିତ ହେଉ ନଥିବାରୁ ଏଗୁଡ଼ିକ ଆମଦାନୀ ଶୁଳ୍କ ବହନ କରେ, ଯାହା ଫଳରେ ଏହାର ମୂଲ୍ୟ ଅଧିକ।

ପୂର୍ବରୁ କୁହାଯାଉଥିଲା ଯେ ଏହି କାରଗୁଡ଼ିକ ଟୋଲ୍ ଟିକସରୁ ମଧ୍ୟ ମୁକ୍ତ ହେବେ, କିନ୍ତୁ ଏବେ ତାହା ସମ୍ଭବ ନୁହେଁ। ଏହି କାରଣରୁ ବାଣିଜ୍ୟିକ ଯାନ ମାଲିକମାନେ ସେଗୁଡ଼ିକୁ କିଣିବାକୁ ଏଡ଼ାଇ ଯାଉଛନ୍ତି। ଏହି ଯାନଗୁଡ଼ିକ ପାଇଁ ଋଣ ଉପରେ କୌଣସି ଗୁରୁତ୍ୱପୂର୍ଣ୍ଣ ସୁଧ ରିହାତି ନାହିଁ। ବର୍ତ୍ତମାନ ବାହନ ବଜାରରେ ପ୍ରତିଯୋଗିତା ସହିତ ବିଳାସପୂର୍ଣ୍ଣ କାର ପ୍ରଚଳନ ହେଉଛି। ସରକାରଙ୍କୁ ଏହି ସମସ୍ୟାର ସମାଧାନ କରିବାକୁ ପଡ଼ିବ। ଇରାନ-ଉପସାଗର ଯୁଦ୍ଧ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବୃଦ୍ଧି କରୁଛି। ବୈଦ୍ୟୁତିକ ଯାନ ବା ଗ୍ରୀନ୍ ମୋବିଲିଟିକୁ ଆପଣାଇବା ଏବେ ସମୟର ଆହ୍ୱାନ। ସରକାର ବୈଦ୍ୟୁତିକ କାର କିମ୍ବା ବାହନ ଉଦ୍ୟୋଗକୁ ସମର୍ଥନ କରି ଏକ ନୂତନ ରାସ୍ତା ଖୋଲିପାରିବେ। ଏହା ଅର୍ଥନୀତିକୁ ମଧ୍ୟ ବୃଦ୍ଧି କରିବ। ରାସ୍ତାରେ ସବୁଜ ସୁଆରି ସଂଖ୍ୟା ଯେତିକି ବୃଦ୍ଧି ପାଇବ ଲୋକଙ୍କ ମଧ୍ୟରେ ବିଶ୍ୱାସ ସେତିକି ବଢ଼ିବ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ପ୍ରୌଢ଼କାଳରେ ଖାଦ୍ୟ ଓ ବାର୍ଦ୍ଧକ୍ୟରେ ସ୍ମୃତିଶକ୍ତି

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ବୃଦ୍ଧକାଳର ଅନ୍ୟତମ ଗୁରୁତର ସମସ୍ୟା ହେଉଛି ସ୍ମୃତିହୀନତା। ଆମ ଦେଶର ୮୦ ବର୍ଷ ବା ତଦୂର୍ଦ୍ଧ ବୟସ୍କ ଲୋକଙ୍କ ମଧ୍ୟରୁ ପ୍ରାୟ ୪୫ ଶତାଂଶ ଏଥିରେ ପ୍ରଭାବିତ। ତେବେ ଏହା ସମାନ ମାତ୍ରାରେ ଘଟେ ନାହିଁ। କାରଣ ମୁଖ୍ୟତଃ ଏ ପ୍ରକ୍ରିୟା ଜନ୍ମଗତ। ଜୀବନଚର୍ଯ୍ୟା ଉପରେ ମଧ୍ୟ ତାହା ବହୁମାତ୍ରାରେ ନିର୍ଭରଶୀଳ। ବିଶେଷକରି ବାଲ୍ୟକାଳରୁ ସୁଷମ ଖାଦ୍ୟ, ଶାରୀରିକ ଶ୍ରମ, ମାନସିକ ବ୍ୟାୟାମ ଆଦି ମାଧ୍ୟମରେ ଏହାର ଆଶଙ୍କା ହ୍ରାସ କରାଯାଇପାରେ। କାରଣ ଏହି ସମୟରେ ହିଁ ବିକଶିତ ହେଉଥାଏ ଆମର ମସ୍ତିଷ୍କ। କିନ୍ତୁ ନିକଟରେ (ମାର୍ଚ୍ଚ ୨୦୨୬)ରେ 'ଦ ଜର୍ଣ୍ଣାଲ୍ ଅଫ୍ ମେଡିକାଲ୍ ଆସୋସିଏନ୍'ରେ ପ୍ରକାଶ ପାଇଥିବା ଏକ ଗବେଷଣାର ଫଳାଫଳରେ ସୂଚୀତ କରାଯାଇଛି ଯେ ଏ ପ୍ରକ୍ରିୟା ପ୍ରୌଢ଼ାବସ୍ଥାରେ ଅବ୍ୟାହତ ଥାଏ। ସେଥିପାଇଁ ୪୦ ବର୍ଷ ବୟସ ପରେ ମଧ୍ୟ ଆମର ଖାଦ୍ୟାଭାସ ୮୦ ବର୍ଷ ବୟସ ପରବର୍ତ୍ତୀ ସ୍ମୃତିହୀନତାକୁ ବହୁମାତ୍ରାରେ ପ୍ରତିହତ କରେ। ତଦନୁଯାୟୀ ଏହି ଖାଦ୍ୟଗୁଡ଼ିକର ଅନ୍ତର୍ଭୁକ୍ତ ହେଲା ଫଳମୂଳ, ପନିପରିବା, ଅକାଣ୍ଡିଆ ଶସ୍ୟ, ମାଛ ଇତ୍ୟାଦି। ଏହା ଯଥେଷ୍ଟ ପରିମାଣରେ ଖାଉଥିବା ଲୋକଙ୍କର ବୟସ ବୃଦ୍ଧି ସହିତ ବୌଦ୍ଧିକ ଅବନତି କମ୍ ହୁଏ। ପୁନଶ୍ଚ ଏଥିରେ ସୂଚୀତ କରାଯାଇଛି ଯେ ୪୫ ରୁ ୫୪ ବର୍ଷ ବୟସ ମଧ୍ୟରେ ମସ୍ତିଷ୍କ ଦୀର୍ଘକାଳୀନ ସ୍ୱାସ୍ଥ୍ୟ ଲାଗି ନୂଆ ରୂପ ନେଉଥାଏ। ଅତଏବ ଏହି ସମୟରେ ଆମକୁ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର ଜୀବନଚର୍ଯ୍ୟା ସହିତ ଏଭଳି ସୁଷମ ଖାଦ୍ୟ ଉପରେ ଧ୍ୟାନ ଦେବା ଦରକାର।

ଦିଲ୍ଲୀସ୍ଥିତ ସର୍ବଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନର ପୁଷ୍ଟିବିଜ୍ଞାନୀ ମୋନିଟା ଗାହଲଟ୍‌ଙ୍କ ମତରେ ଏହି ସମୟ ମଧ୍ୟରେ ଉଚ୍ଚ ରକ୍ତଚାପ, ରକ୍ତ ଶର୍କରାର ଅସନ୍ତୁଳନ, ପ୍ରଦାହ, ରକ୍ତନଳୀମାନଙ୍କରେ କ୍ଷୟକ୍ଷତି ଆଦି ବିପଦକାରକମାନ ନିରବରେ ଏବଂ କ୍ରମାଗତ ଭାବେ ମସ୍ତିଷ୍କକୁ ପ୍ରଭାବିତ କରେ। ମଧ୍ୟବୟସ୍କ ବା ପ୍ରୌଢ଼ାବସ୍ଥା ବେଳକୁ ତାହା ଜୀବନଚର୍ଯ୍ୟାରେ ପରିବର୍ତ୍ତନ, ବିଶେଷକରି ଖାଦ୍ୟର ପ୍ରଭାବ ପ୍ରତି, ଯଥେଷ୍ଟ ନମନୀୟ ଥାଏ। ଏଣୁ ଏହି ଅବସ୍ଥାରେ ତ'ଦ୍ୱାରା ସ୍ମୃତିହୀନତାର ଆଶଙ୍କା ବିଳମ୍ବ କିମ୍ବା ହ୍ରାସ ପାଏ।

ପ୍ରୌଢ଼ାବସ୍ଥାରେ ସୁଷମ ଖାଦ୍ୟ ବାର୍ଦ୍ଧକ୍ୟରେ ମସ୍ତିଷ୍କର ସ୍ୱାସ୍ଥ୍ୟକୁ ସୁରକ୍ଷା ଦିଏ ବୋଲି ମଧ୍ୟ ମତ ଦିଅନ୍ତି ଦିଲ୍ଲୀର ମାକ୍ସ ସ୍ପେସିଆଲିଟି ହସ୍ପିଟାଲର ମୁଖ୍ୟ ପୁଷ୍ଟିବିଜ୍ଞାନୀ ରିତିକା ସମାଦାର। ତାଙ୍କ ମତାନୁଯାୟୀ ଫଳମୂଳ ଓ ପନିପରିବା ଭଳି ଉଦ୍ଭିଦଜ ଖାଦ୍ୟ, ସଂପୂର୍ଣ୍ଣ ଶସ୍ୟ, ଅଲିଭ ତେଲ ଭଳି ସ୍ୱାସ୍ଥ୍ୟକର ସ୍ନେହସାର, ମାଛ ଆଦି ଏଥିପାଇଁ ଉପଯୋଗୀ। ଅନ୍ୟପକ୍ଷରେ ସେହିସମୟରେ ଲାଲ୍ ମାଂସ (ଛେଳି, ମେଣ୍ଢା, ଗୋରୁ, ମଇଁଷି) ଏବଂ ଖୁବ୍ ପରିଶୋଧିତ ଶ୍ୱେତସାର, ଶର୍କରାଯୁକ୍ତ ପାନୀୟ ତଥା ଅତ୍ୟଧିକ ପ୍ରକ୍ରିୟାକରଣ ହୋଇଥିବା ସମସ୍ତ ଖାଦ୍ୟର ପ୍ରଭାବ ନକାରାତ୍ମକ ହୋଇଥିବାରୁ ସେ ଏହାକୁ ବାରଣ କରିଛନ୍ତି।

ଗେହଲଟ୍ କହନ୍ତି ଯେ ଖାଦ୍ୟ ବିଭିନ୍ନ ଦିଗରୁ ମସ୍ତିଷ୍କର ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ। ଏହା ସୁଷମ ହୋଇଥିଲେ ରକ୍ତପେଟିକାର କ୍ରିୟାକଳାପରେ ସହାୟକ ହୁଏ, ମସ୍ତିଷ୍କକୁ ନିୟମିତ ଭାବେ ଯଥେଷ୍ଟ ଅମ୍ଳଜାନ ଓ ପୁଷ୍ଟି ଯୋଗାଣ ନିଶ୍ଚିତ କରେ, ପ୍ରଦାହ, ମୁକ୍ତମୂଳକ ଓ ପ୍ରତିଜାରକ ମଧ୍ୟରେ ଅସନ୍ତୁଳନ ହେତୁ ଉତ୍ପନ୍ନ ଜାରଣାତ୍ମକ ଚାପ ହ୍ରାସ କିମ୍ବା ଦୂର କରେ ଏବଂ ରକ୍ତଶର୍କରା ସ୍ତର ସ୍ଥିର ରଖେ।

ଅନ୍ୟାନ୍ୟ ଗବେଷଣାରୁ ଜଣାପଡ଼ିଛି ଯେ ପ୍ରୌଢ଼କାଳରେ ସୁଷମ ଖାଦ୍ୟ ପାକସ୍ଥଳୀ ଓ ଅନ୍ତଃନଳୀରେ ଥିବା ସୂକ୍ଷ୍ମଜୀବମାନଙ୍କ ମଧ୍ୟରେ ସନ୍ତୁଳନ ଠିକ୍ ରଖେ, ଯାହାକି ମସ୍ତିଷ୍କର ସକ୍ରିୟତାକୁ ପ୍ରଭାବିତ କରେ। ଏପରିସ୍ଥଳେ ଆମେ ଏହି ସମୟରେ ଖାଦ୍ୟର ଯତ୍ନ ନେବା ଦରକାର। ଏଣୁ ବାର୍ଦ୍ଧକ୍ୟରେ ସ୍ମୃତିହୀନତା ଦ୍ରୁତ ବୃଦ୍ଧିପ୍ରାପ୍ତ ହୋଇ ଚାଲିଥିବା ଭାରତ ଭଳି ଦେଶମାନେ ଏହାକୁ ଗୁରୁତ୍ୱ ଦେବା ଏକାନ୍ତ ପ୍ରୟୋଜନ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ୫ ଦିନ ପର୍ଯ୍ୟନ୍ତ...

ବଲାଙ୍ଗିର ପର୍ଯ୍ୟନ୍ତ ସମସ୍ତ ଜିଲ୍ଲାରେ ପ୍ରବଳ ଉତ୍ତାପ ଅନୁଭୂତ ହେବ। ଏହି ଅଞ୍ଚଳରେ ଦିନର ସର୍ବାଧିକ ତାପମାତ୍ରା ୪୪-୪୫.୫ ଡିଗ୍ରୀ ମଧ୍ୟରେ ରହିବା ସହ ଗରମ ପବନ (ଲୁ) ପ୍ରବାହିତ ହେବାର ସମ୍ଭାବନା ଅଛି। ବିଶେଷ କରି ସମ୍ବଲପୁର ଓ ସୁବର୍ଣ୍ଣପୁର ଭଳି ସଂଲଗ୍ନ ଜିଲ୍ଲାରେ ପାଣିପାଗ ସମ୍ପୂର୍ଣ୍ଣ ଶୁଷ୍କ ରହିବ। ତେବେ ଦକ୍ଷିଣ ଓଡ଼ିଶାର କୋରାପୁଟ, ମାଲକାନଗିରି, ଗଜପତି, ରାୟଗଡ଼ା ଏବଂ ଗଞ୍ଜାମ ଜିଲ୍ଲାରେ ପାଗ ସାମାନ୍ୟ ଭିନ୍ନ ରହିବ। ଏହି ଜିଲ୍ଲାଗୁଡ଼ିକରେ ତାପମାତ୍ରା ୩୬ ରୁ ୩୯ ଡିଗ୍ରୀ ମଧ୍ୟରେ ରହିଲେ ବି ସ୍ଥାନୀୟ କାରଣରୁ କାଳବୈଶାଖୀର ସମ୍ଭାବନା ରହିଛି। ସେହିପରି ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାରେ ତାପମାତ୍ରା ୪୨ ରୁ ୪୩.୫ ଡିଗ୍ରୀ ମଧ୍ୟରେ ରହିପାରେ। ଅନ୍ୟପଟେ ଉପକୂଳ ଓଡ଼ିଶା ଏବଂ ରାଜଧାନୀ ଅଞ୍ଚଳ (ଭୁବନେଶ୍ୱର ଓ କଟକ) ରେ ତାପମାତ୍ରା ୩୮-୩୯ ଡିଗ୍ରୀ ମଧ୍ୟରେ ରହିବ। ଏହି ଅଞ୍ଚଳର କେତେକ ସ୍ଥାନରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି, କିନ୍ତୁ ବାୟୁମଣ୍ଡଳରେ ଅତ୍ୟଧିକ ଜଳୀୟବାଷ୍ପ ଯୋଗୁଁ ଅସହ୍ୟ ଗୁଳୁଗୁଳି ଜାରି ରହିବ। ତେବେ ଯେଉଁ କେତେକ ସ୍ଥାନରେ କାଳବୈଶାଖୀର ପ୍ରଭାବ ବଢ଼ିବ, ସେଠାରେ ତାପମାତ୍ରାରେ ସାମାନ୍ୟ ହ୍ରାସ ଘଟିପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଅନ୍ୟପଟେ ପାଣିପାଗ କେନ୍ଦ୍ର କହିଛି ଯେ ଆସନ୍ତା ୫ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଦିନ ଭଳି ରାତିରେ ମଧ୍ୟ ତାପମାତ୍ରା ସ୍ୱାଭାବିକ ତୁଳନାରେ ଅଧିକ ରହିବ। ବାୟୁମଣ୍ଡଳରେ ଆର୍ଦ୍ରତାର ମାତ୍ରା ଅଧିକ ରହୁଥିବା ହେତୁ ରାତିରେ ଏହି ସ୍ଥିତି ସୃଷ୍ଟି ସହ ଉଷ୍ମ ରାତ୍ରି (ୱାର୍ମ ନାଇଟ୍) ସ୍ଥିତି ଅନୁଭୂତ ହେବ। ମଙ୍ଗଳବାର ଅନୁଗୁଳ, କନ୍ଧମାଳ, ସୁନ୍ଦରଗଡ଼, ବଲାଙ୍ଗିର ଓ ସମ୍ବଲପୁରରେ ରାତିରେ ସ୍ୱାଭାବିକ ତୁଳନାରେ ତାପମାତ୍ରା ଅଧିକ ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ପ୍ରବଳ ଗୁଳୁଗୁଳି ହେବା ଆଶଙ୍କା ସହ ଉପରୋକ୍ତ ସମସ୍ତ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି।

### ୧୫ ଜିଲ୍ଲାରେ...

ଏଣୁ ରାଜ୍ୟର ସମସ୍ତ ବିଦ୍ୟାଳୟ ବନ୍ଦ କରିବା ପାଇଁ ବିଭାଗ ପକ୍ଷରୁ ନୀତିଗତ ନିଷ୍ପତ୍ତି ନେବାକୁ ଅଭିଭାବକ ଓ ଶିକ୍ଷକମାନେ ଦାବି କରିଛନ୍ତି। ଅପରପକ୍ଷରେ କିଛି ଜିଲ୍ଲାରେ ଆସନ୍ତାକାଲି ଅର୍ଥାତ ମଙ୍ଗଳବାର ଛୁଟି ସରୁଥିବାବେଳେ ପ୍ରାୟ ସମସ୍ତ ଜିଲ୍ଲାରେ ବୁଧବାର ଛୁଟି ଶେଷ ହେଉଛି। ଏହାକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତ୍ୱରିତ ଛୁଟି ଘୋଷଣା କରିବାକୁ ଦାବି ହୋଇଛି।

### ରାଜ୍ୟରେ କଟିଲେ...

ଅପରପକ୍ଷେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ ଗୋପାଳନ କହିଛନ୍ତି ଯେ ଯଦି କାହା ନାମରେ ଭୁଲରେ କଟା ଯାଇଥାଏ, ତାହେଲେ ସେମାନଙ୍କୁ ପୁଣିଥରେ ଯୋଡ଼ାଯିବ। ପୂର୍ବ ବର୍ଷ ଗୁଡ଼ିକରେ ମଧ୍ୟ ସାଧାରଣ ଭାବେ ଭୋଟର ସଂଖ୍ୟାର ୨ରୁ ୩ ପ୍ରତିଶତ ଅର୍ଥାତ୍ ୭ରୁ ୯ ଲକ୍ଷ ଭୋଟର ତାଲିକାରୁ ବାଦ୍ ପଡ଼ିଛନ୍ତି। ମାତ୍ର ଚଳିତଥର ଏସଆଇଆର ଆରମ୍ଭ ହେବା ପୂର୍ବରୁ ଆମର ବିଏଲଓମାନେ ଘର ଘର ବୁଲି ଅନୁଧ୍ୟାନ କରିଥିଲେ। ଫଳରେ ଏଥିରେ ସଂଖ୍ୟା ସାମାନ୍ୟ ଅଧିକ ଥିବାରୁ କୌଣସି ଭୁଲ ନ ହେବା ପାଇଁ ଇଆରଓ ମାନଙ୍କୁ ଚିଠି ଜାରି କରାଯାଇଛି। ଜାନୁଆରୀ ୧ ତାରିଖରୁ ମାର୍ଚ୍ଚ ଶେଷ ସୁଦ୍ଧା ଏହି ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦିଆଯାଇଛି। ଅନ୍ୟ ରାଜ୍ୟ ତୁଳନାରେ ଏହା ବହୁତ୍ କମ୍ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### ଅନିଶ୍ଚିତତାରେ ଇସ୍ଲାମାବାଦ...

ଆଲୋଚନା ସମୟରେ ଆମେରିକା ପକ୍ଷରୁ କରାଯାଇଥିବା ଆକ୍ରମଣକୁ ଇରାନ୍ କେବେବି ଭୁଲିବ ନାହିଁ। ଯଦି ଆମେରିକା ବା ଇସ୍ରାଏଲ୍ ପୁଣି ଥରେ କୌଣସି ଦୁଃସାହସ କରନ୍ତି, ତେବେ ଇରାନର ସଶସ୍ତ୍ର ବାହିନୀ ଏହାର କଡ଼ା ଜବାବ ଦେବାକୁ ପ୍ରସ୍ତୁତ ବୋଲି ସେ ସତର୍କ କରାଇ ଦେଇଛନ୍ତି। ଅନ୍ୟପଟେ, ଇରାନ୍ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ୍ କହିଛନ୍ତି ଯେ ଉତ୍ତେଜନା ହ୍ରାସ କରିବା ପାଇଁ କୂଟନୀତିର ଆବଶ୍ୟକତା ରହିଛି ଏବଂ ଯୁଦ୍ଧ କାହାରି ସ୍ୱାର୍ଥ ରକ୍ଷା କରେ ନାହିଁ। କିନ୍ତୁ ବାସ୍ତବ ସ୍ଥିତି ଏବେ ବି ଜଟିଳ।

ପାକିସ୍ତାନ ସେନା ମୁଖ୍ୟ ଜେନେରାଲ ଆସିମ ମୁନିର ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଟେଲିଫୋନ୍ ଯୋଗେ ଆଲୋଚନା ହୋଇଛି। ଇରାନ୍ ସହ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ପାଇଁ ଆମେରିକାର ବନ୍ଦର ଅବରୋଧ ସବୁଠାରୁ ବଡ଼ ବାଧା ବୋଲି ମୁନିର ଟ୍ରମ୍ପଙ୍କୁ କହିଛନ୍ତି। ଏହା ଇସଲାମାବାଦରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ପାଇଁ ମୁଖ୍ୟ ପ୍ରତିବନ୍ଧକ ସାଜିଛି। ଇରାନ୍ ଏହି ଅବରୋଧକୁ ଯୁଦ୍ଧବିରତିର ଉଲ୍ଲଂଘନ ବୋଲି କହୁଛି। ଏହି ପରାମର୍ଶ ଉପରେ ଟ୍ରମ୍ପ ସକାରାତ୍ମକ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ସେ ଏହି ପ୍ରସଙ୍ଗରେ ବିଚାର କରିବେ। ଆମେରିକା ଏକ ଇରାନ୍ ପତାକାଧାରୀ ପଣ୍ୟବାହୀ ଜାହାଜକୁ ଜବତ କରିବା ପରେ ଇରାନ୍ ଶାନ୍ତି ଆଲୋଚନାରୁ ଓହରି ଯିବାକୁ ସଙ୍କେତ ଦେଇଛି।

ସୂଚନାଯୋଗ୍ୟ ଯେ ଦୁଇ ସପ୍ତାହର ଯୁଦ୍ଧବିରତି ଅବଧି ଏପ୍ରିଲ ୨୨ରେ ଶେଷ ହେବାକୁ ଯାଉଥିବା ବେଳେ ଆମେରିକା ପକ୍ଷରୁ ଜେଡି ଭାନ୍ସ ଏବଂ ଜାରେଡ୍ କୁଶନରଙ୍କ ଭଳି ହେଭିୱେଟ୍ ନେତାମାନେ ପାକିସ୍ତାନ ଯାଇ ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି। ଆମେରିକାର ସାମୁଦ୍ରିକ ଅବରୋଧ ପ୍ରତ୍ୟାହାରକୁ ଇରାନ୍ ମୁଖ୍ୟ ସର୍ତ୍ତ ଭାବେ ରଖିଥିବା ବେଳେ ଟ୍ରମ୍ପ ପ୍ରଶାସନ ନିଜ ଜିଦ୍‌ରେ ଅଟଳ ରହିଛି। ଏହି କୂଟନୈତିକ ମୁହାଁମୁହିଁ ସ୍ଥିତି ମଧ୍ୟ ପ୍ରାଚ୍ୟକୁ ପୁଣି ଏକ ଭୟଙ୍କର ଯୁଦ୍ଧ ଆଡ଼କୁ ଠେଲି ଦେବାର ଆଶଙ୍କା ସୃଷ୍ଟି କରିଛି। ଆଗାମୀ ୪୮ ଘଣ୍ଟା ବିଶ୍ୱ ରାଜନୀତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ।

### ୬ ବର୍ଷର...

ଲଜ୍ଜାଜନକ ଘଟଣା ଯେପରି ବାହାରକୁ ପ୍ରଘଟ ନ ହେବ ସେଥିଲାଗି ଯୋଜନା କରାଯାଇଥିଲା। ସମ୍ପୃକ୍ତ ଶିକ୍ଷକଙ୍କୁ ସୁରକ୍ଷା ଦେବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀ ଏହାର ଆପୋଷ ସମାଧାନ କରିବା ପାଇଁ ଚେଷ୍ଟା କରିଥିଲେ। ଛାତ୍ରୀଙ୍କ ପରିବାର ମଧ୍ୟ ରାଜି ହୋଇଥିଲେ। ପରବର୍ତ୍ତୀ ସମୟରେ ଜିଲ୍ଲା ଶିକ୍ଷାଧିକାରୀ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ବ୍ରହ୍ମଗିରି ବିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ରାଜନୈତିକ ଚାପ ଯୋଗୁଁ ଏ ପର୍ଯ୍ୟନ୍ତ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାବେଳେ ପୁଣି ବ୍ରହ୍ମଗିରିରେ ସମାନ ଘଟଣା ଘଟିଛି।

### କଟକରେ ଅକ୍ଷିମୁଠି...

କୃଷକ ପରିବାରର ଚାଷୀ ଓ ୩,୨୯୨ ଜଣ ହେଉଛନ୍ତି ଜନଜାତି କୃଷକ ପରିବାରର ଚାଷୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଚାଷୀଙ୍କ ପରିଶ୍ରମର ଯଥୋଚିତ ମୂଲ୍ୟ ଦେବା ପାଇଁ ରାଜ୍ୟ ସରକାର କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କ୍ରୟ କରୁଛନ୍ତି। ୨୦୨୫-୨୬ ଖରିଫ ଋତୁରେ ୧୮ ଲକ୍ଷ ୫୫ ହଜାର ୬୬୧ ଜଣ ଚାଷୀଙ୍କ ଠାରୁ ୭୬.୪୭ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଛି। ଏଥିପାଇଁ ୫,୫୮୯ କୋଟି ୯୮ ଲକ୍ଷ ଟଙ୍କା ଇନ୍‌ପୁଟ ସହାୟତା ଦିଆଯାଇଛି। କୃଷି ବିଦ୍ୟାନିଧି ଛାତ୍ରବୃତ୍ତି ଯୋଜନା ମାଧ୍ୟମରେ କୃଷକ ପରିବାରର ପିଲାମାନଙ୍କୁ ବୈଷୟିକ ଓ ବୃତ୍ତିଗତ ଶିକ୍ଷା ପାଇଁ ସହାୟତା ଦିଆଯାଉଛି। ୨୦୨୫-୨୬ ଶିକ୍ଷାବର୍ଷରେ ୬୮ ହଜାର ୯୧୦ ଜଣ ଛାତ୍ରଛାତ୍ରୀଙ୍କୁ ୨୯୧ କୋଟି ୬୦ ଲକ୍ଷ ଟଙ୍କାରୁ ଅଧିକ ସହାୟତା ମିଳିଛି। ରାଜ୍ୟ ସରକାର "ବଳଭଦ୍ର ଜୈବିକ ଚାଷ ମିଶନ" ମାଧ୍ୟମରେ ଜୈବିକ ଚାଷକୁ ପ୍ରୋତ୍ସାହନ ଦେଉଛନ୍ତି। ସେହିପରି ଓଡ଼ିଶାର ପାରମ୍ପରିକ ମାଣ୍ଡିଆକୁ ବିଶ୍ୱ ମଞ୍ଚରେ ପହଞ୍ଚାଇବା ପାଇଁ ଶ୍ରୀ ଅନ୍ନ ଅଭିଯାନକୁ ଆହୁରି ଜୋରଦାର କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ, ଆମ ରାଜ୍ୟର ଅର୍ଥନୀତି ଓ ପ୍ରଗତିର ମେରୁଦଣ୍ଡ ହେଉଛନ୍ତି ଆମର କୃଷକ ସମାଜ। ଆପଣମାନଙ୍କ ପରିଶ୍ରମରେ ଆମ ମାଟି ସୁଜଳା ସୁଫଳା ହୋଇଥାଏ। ଆପଣମାନଙ୍କ ସ୍ୱାର୍ଥ ରକ୍ଷା କରିବା ଏବଂ କୃଷି କାର୍ଯ୍ୟକୁ ଅଧିକ ସରଳ ଓ ସ୍ୱଚ୍ଛ କରିବା ପାଇଁ ରାଜ୍ୟ ସରକାର ସଦାସର୍ବଦା ଚେଷ୍ଟିତ। ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ ସାର କ୍ରୟକ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, କୃଷି ବିଭାଗ କମିଶନର ତଥା ସଚିବ ସଚିନ ରାମଚନ୍ଦ୍ର ଯାଦବ, ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେ, ଏନ୍ଆର୍ଆର୍ଆଇ ନିର୍ଦ୍ଦେଶକ ଡ଼.ଜି.ଏ.କେ କୁମାର ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଭର୍ତ୍ତୃହରି ମହତାବ, ବିଭୁପ୍ରସାଦ ତରାଇଙ୍କ ସହ ନିଆଳି, ବାଙ୍କୀ, ଚୌଦ୍ୱାର କଟକ, କଟକ ସଦର, ବାରବାଟି-କଟକ, ମାହାଙ୍ଗା ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ।

### ରାସ୍ତା ରୋକିଲେ...

ଅଭିଯୋଗ କରିଛି। ଏନେଇ ପୂର୍ବରୁ ବିଭିନ୍ନ ମାଧ୍ୟମରେ ସରକାରଙ୍କୁ ଧାନ କିଣିବାକୁ ଅନୁରୋଧ କରାଯାଇଛି। ତାହା କିନ୍ତୁ ପୂରଣ ହୋଇ ନ ଥିଲା। ଏହା ଫଳରେ ରାସ୍ତା ଅବରୋଧ କରାଯାଇଥିବା ମିଳିତ ଚାଷୀ ସଂଗଠନ ଆବାହକ ଆକାଶ ମିଶ୍ର କହିଛନ୍ତି।

ସୋମବାର ସକାଳୁ ସଂଗଠନର କର୍ମକର୍ତ୍ତା ଓ ଚାଷୀ ବଲାଙ୍ଗିର-ବରଗଡ଼ ୨୬ ନଂ ଜାତୀୟ ରାଜପଥର ସାଲେଭଟାରେ ରାସ୍ତା ଉପରେ ଧାନ ବସ୍ତା ପକାଇ ଦୀର୍ଘ ସମୟ ଧରି ଅବରୋଧ କରିଥିଲେ। ଏହାଫଳରେ ଏହି ରାସ୍ତାରେ ବହୁ ସମୟଧରି ଗାଡ଼ି ଯାତାୟାତ ବନ୍ଦ ରହିଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ଲୋଇସିଂହା ତହସିଲଦାର ଟିଙ୍କୁନୁ ପୁଟା ଓ ଅନ୍ୟମାନେ ଆନ୍ଦୋଳନସ୍ଥଳରେ ପହଞ୍ଚି ମିଳିତ ଚାଷୀ ସଙ୍ଗଠନ ସହ ଆଲୋଚନା କରିବା ସହ ଦାବିପତ୍ର ଗ୍ରହଣ କରିଥିଲେ। ୧୫ ଦିନ ଭିତରେ ଧାନ କିଣିବାକୁ ସଙ୍ଗଠନ ଦାବି କରିଛି। ଯଦି ତାହା ପୂରଣ ନ ହୁଏ ତେବେ ଜିଲ୍ଲାପାଳଙ୍କ ଅଫିସ ଆଗରେ ଧାନବସ୍ତା ରଖି ଆନ୍ଦୋଳନ କରିବାକୁ ବାଧ୍ୟ ହେବ ବୋଲି ସଙ୍ଗଠନ ଚେତାବନୀ ଦେଇଛି। ଏହି ଆନ୍ଦୋଳନରେ ମିଳିତ ଚାଷୀ ସଙ୍ଗଠନର ସୌମେନ୍ଦ୍ର ପରିଛା, ହିମାଂଶୁ ଶେଖର ସାହୁ, କୃଷ୍ଣଚନ୍ଦ୍ର ନାଏକ, କୌସ୍ତୁଭ ସାହୁ, ଅରୁଣ ମିଶ୍ର, ଯତି ପଧାନଙ୍କ ସମେତ ବହୁ ଚାଷୀ ସାମିଲ ହୋଇଥିଲେ।

### ଘୁଞ୍ଚିଘୁଞ୍ଚି ଯାଉଛି...

ରାଜ୍ୟରେ ବିଜେପି କ୍ଷମତାକୁ ଆସିବାକୁ ୨୨ ମାସ ବିତିଲାଣି। ଆପୋଷ ଆଲୋଚନା ମାଧ୍ୟମରେ ଏହି ମାମଲାର ସମାଧାନ ହେବ ବୋଲି ରାଜ୍ୟ ସରକାର ଦୃଢ଼ୋକ୍ତି ପ୍ରକାଶ କରି ଆସୁଛନ୍ତି। ଦୁଇ ରାଜ୍ୟ ପକ୍ଷରୁ ଗଠିତ ବୈଷୟିକ ଟିମ୍ ପ୍ରାୟ ୧୫ଟି ବୈଠକ କରି ସାରିଲେଣି। ମୁଖ୍ୟ ସଚିବ, ସଚିବସ୍ତରୀୟ ବୈଠକରେ ଅନେକ ଗୁଡ଼ିଏ ବିବାଦୀୟ ପ୍ରସଙ୍ଗ ଉପରେ ସମାଧାନ କରାଯାଇ ସାରିଲାଣି। ଏପରିକି ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀସ୍ତରୀୟ ଆଲୋଚନା ଯାଏଁ କଥା ଗଲାଣି। ମାତ୍ର ଏଯାଏଁ ଆପୋଷ ଆଲୋଚନାର ସର୍ତ୍ତ, ଆଲୋଚନାର ଅଗ୍ରଗତି ବିଷୟରେ ସରକାର କୌଣସି ତଥ୍ୟ ସାର୍ବଜନୀନ ନ କରିବା ସାଧାରଣରେ ସନ୍ଦେହ ଦୃଢ଼ୀଭୂତ କରିଛି। ବିରୋଧୀ ଦଳ, ସାମାଜିକ ସଂଗଠନ ଏବଂ ଜଳ ବିଶେଷଜ୍ଞ ଏନେଇ ବାରମ୍ବାର ଦାବି କରିବା ସତ୍ତ୍ୱେ, ସରକାର କାହିଁକି ସମସ୍ତଙ୍କୁ ବିଶ୍ୱାସକୁ ନେଉନାହାନ୍ତି, ତାହାକୁ ନେଇ ସର୍ବସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅପରପକ୍ଷେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପୁଣିଥରେ ଆପୋଷ ବୁଝାମଣା ଦ୍ୱାରା ସମସ୍ୟାର ସମାଧାନ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶରେ ଓଡ଼ିଶା ସରକାର ସମସ୍ୟାର ସମାଧାନ ପାଇଁ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଥିଲେ ହେଁ ଛତିଶଗଡ଼ ସରକାର ଏଯାଏଁ କମିଟି ଗଠନ କରିନାହାନ୍ତି। ଆମେ ଛତିଶଗଡ଼ କମିଟି ଗଠନ ହେବା ପର୍ଯ୍ୟନ୍ତ ଅପେକ୍ଷା କରିଛୁ ବୋଲି ସେ କହିଛନ୍ତି। ବିଜେଡିର ବରିଷ୍ଠ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ ଟ୍ରିବ୍ୟୁନାଲ ଗତ ୮ ବର୍ଷ ମଧ୍ୟରେ କୌଣସି ରାୟ ଦେଇପାରିଲେ ନାହିଁ। ଆସନ୍ତା ୯ ମାସ ମଧ୍ୟରେ ଏନେଇ କୌଣସି ନିଷ୍କର୍ଷ ବାହାରିବା ନେଇ ସମ୍ଭାବନା ଦେଖାଦେଉନାହିଁ। ସରକାର ଆପୋଷ ସମାଧାନର କଥା କହୁଛନ୍ତି; ମାତ୍ର ସୂଚନା ଅନୁସାରେ ଆପୋଷ ସମାଧାନ ପାଇଁ ଛତିଶଗଡ଼ ଆଦୌ ଆଗ୍ରହୀ ନୁହନ୍ତି। ଓଡ଼ିଶା ସରକାର ଏନେଇ ପ୍ରସ୍ତାବ ଦେଇଥିଲେ ହେଁ ଛତିଶଗଡ଼ ସରକାର ଏନେଇ କୌଣସି ସକରାତ୍ମକ ଆଭିମୁଖ୍ୟ ରଖୁନାହାନ୍ତି। ତେଣୁ ଆପୋଷ ସମାଧାନ ଏକ ପ୍ରହେଳିକାରେ ପରିଣତ ହୋଇଛି ବୋଲି ସେ କହିଛନ୍ତି। ସେହିପରି କେନ୍ଦ୍ର ସରକାର ଓଡ଼ିଶାକୁ ଆଦୌ ଗୁରୁତ୍ୱ ଦେଉନାହାନ୍ତି। ମହାନଦୀ ବିବାଦରେ ଟ୍ରିପଲ ଇଞ୍ଜିନ ସରକାର ଓଡ଼ିଶାର ଲୋକଙ୍କ ପ୍ରତି ଅନ୍ୟାୟ କରୁଛନ୍ତ ବୋଲି କହିଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି।

ଅପରପକ୍ଷେ ରାଜ୍ୟ ସରକାରଙ୍କ ନିରବତା ଏବଂ କାର୍ଯ୍ୟଶୈଳୀକୁ ନେଇ ସାଧାରଣ ଲୋକେ ସଂଶୟ ମଧ୍ୟରେ ଥିବାବେଳେ ଜଳ ବିଶେଷଜ୍ଞମାନେ ମଧ୍ୟ ଏହାର ଯଥାର୍ଥ କାରଣ ପଚାରୁଛନ୍ତି। ମହାନଦୀ ବିବାଦର ସମାଧାନ ପାଇଁ ଗଲା ବେଳେ ରାଜ୍ୟ ସରକାର ଏବେ ମଧ୍ୟ ରାଜ୍ୟର ସମସ୍ତ ଅଂଶୀଦାରଙ୍କୁ ବିଶ୍ୱାସକୁ ନେବାକୁ ଚାହୁଁନାହାନ୍ତି। ନିଜେ ମଧ୍ୟ ଏକାକୀ ଲଢ଼ି ଗତ ୨ ବର୍ଷରେ କୌଣସି ଆଖିଦୃଶିଆ ସମାଧାନ ରାଜ୍ୟବାସୀଙ୍କୁ ଦେଇପାରି ନାହାନ୍ତି। ଟ୍ରିପଲ ଇଞ୍ଜିନ ସରକାରକୁ ୨ ବର୍ଷ ପୂରିବାକୁ ଯାଉଥିବା ବେଳେ ମହାନଦୀ ବିବାଦରେ ଅନ୍ତତଃପକ୍ଷେ ଏକ ମଧ୍ୟବର୍ତ୍ତୀ କାଳୀନ ରାୟ ଆଶାରେ ଆମେ ଥିଲୁ। ମାତ୍ର ବର୍ତ୍ତମାନ ସ୍ଥିତି ଦେଖିଲେ ସରକାରଙ୍କ ପ୍ରସ୍ତୁତି ଯେ ଅଧପନ୍ତରିଆ ଥିଲା, ତାହା ସ୍ପଷ୍ଟ ପ୍ରତୀୟମାନ ହେଉଛି ବୋଲି ମହାନଦୀ ବଞ୍ଚାଅ ଓ ଜୀବିକା ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଛୋଟରାୟ କ୍ଷୋଭ ପ୍ରକାଶ କରି କହିଛନ୍ତି।

# ଯକୃତ ଦାନ କରି ଅମର ହୋଇଗଲେ ମହିଳା ଡାକ୍ତର



- ନୂତନ ଜୀବନ ପାଇଲେ ୪୬ ବର୍ଷୀୟ ବ୍ୟକ୍ତି
- ଏମ୍ସ ଭୁବନେଶ୍ୱରରେ ସଫଳ ପ୍ରତିରୋପଣ

ଭୁବନେଶ୍ୱର ୨୦।୪ (ସମିସ): ଜଣେ ଗୁରୁତର ରୋଗୀଙ୍କୁ ଅଙ୍ଗଦାନ କରି ଅମର ହୋଇ ଯାଇଛନ୍ତି ଜନୈକ ମହିଳା ଡାକ୍ତର। ତାଙ୍କ ଯକୃତରେ ନୂଆ ଜୀବନ ପାଇଛନ୍ତି ୪୬ ବର୍ଷୀୟ ବ୍ୟକ୍ତି। ଏମ୍ସ ଭୁବନେଶ୍ୱରରେ ଯକୃତ ପ୍ରତିରୋପଣ ସଫଳତାର ସହ ସମ୍ପନ୍ନ ହୋଇଛି। ଭଦ୍ରକ ଜିଲ୍ଲାର ଜଣେ ହୋମିଓପାଥିକ୍ ଚିକିତ୍ସା ଅଧିକାରୀ ଡ. ରାଧା ପାଢ଼ୀ ମୃତ୍ୟୁପରେ ଯକୃତ ଦାନ କରି ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।

ଦୀର୍ଘ ବର୍ଷ ଧରି ପ୍ଲେଟଲେଟ୍ ରୋଗ ସହିତ ଲଢ଼ୁଥିବା ଡ. ପାଢ଼ୀ ଅସୁସ୍ଥତା କାରଣରୁ ଏମ୍ସ ଭୁବନେଶ୍ୱର ଚିକିତ୍ସାଧୀନ ଥିଲେ। ଏହାରି ଭିତରେ ସେ ନିଜ ଅଙ୍ଗଗୁଡ଼ିକୁ ଦାନ କରିବା ନିମନ୍ତେ ପ୍ରତିଜ୍ଞା କରିଥିଲେ। ଚଳିତ ମାସ ୨ ତାରିଖରେ ଡ. ପାଢ଼ୀଙ୍କୁ ବ୍ରେନ୍ ଷ୍ଟେମ୍ ମୃତ୍ୟୁ ଘୋଷଣା କରିଥିଲେ। ତାଙ୍କ ପରିବାର ସଦସ୍ୟମାନେ ସ୍ୱର୍ଗତ ପାଢ଼ୀଙ୍କ ଇଚ୍ଛାକୁ ସମ୍ମାନ ଦେଇ ଅଙ୍ଗଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ଆନେସ୍ଥେସିଆ ବିଭାଗର ଡାକ୍ତର ସ୍ୱାଗତା ତ୍ରିପାଠୀ ଏ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୩ ତାରିଖରେ ଏମ୍ସ ଭୁବନେଶ୍ୱରର ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଦଳ ଦ୍ୱାରା ତାଙ୍କର ଯକୃତକୁ ୪୬ ବର୍ଷୀୟ ଜଣେ ପୁରୁଷ ରୋଗୀଙ୍କ ଶରୀରରେ ସଫଳତାର ସହିତ ପ୍ରତିରୋପଣ କରାଯାଇଥିଲା। ଯକୃତ ପ୍ରତିରୋପିତ ହୋଇଥିବା ବ୍ୟକ୍ତିଜଣଙ୍କ ସୁସ୍ଥ ଅଛନ୍ତି। ଆସନ୍ତାକାଲି ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରାଯିବା ନେଇ ସୂଚନା ମିଳିଛି। ତେବେ ଜଣେ ମୃତ ରୋଗୀଙ୍କ ଠାରୁ ଯକୃତ ଆଣି ଅନ୍ୟଜଣଙ୍କ ଶରୀରରେ ପ୍ରତିରୋପଣ କରିବା, ଏମ୍ସ ଭୁବନେଶ୍ୱର ପାଇଁ ପ୍ରଥମ। ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗୀୟ ମୁଖ୍ୟ ଡ. ବ୍ରହ୍ମଦତ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ପ୍ରତିରୋପଣ କରାଯାଇଥିଲା।

ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଅଙ୍ଗଦାତାଙ୍କ ପରିବାର ପ୍ରତି ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି। ମେଡିକାଲ୍ ଅଧୀକ୍ଷକ ଡ. ପ୍ରଭାସ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ଏମ୍ସ ଭୁବନେଶ୍ୱରରେ ସ୍ୱର୍ଗତ ଡ଼ାକ୍ତର ପାଢ଼ୀଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି।


## LAND FOR SALE

**Bhubaneswar- Puri Highway (NH Side)**
***Frontage :* 200 Ft**
***Area:* 1.5 Acre**
***Kisam:* Gharabadi**
***Location:* Near Teispur Bharat Petrol Pump, Satasankaa**
**Contact: 8328924002**

## AFFIDAVIT

By an affidavit sworn before Notary Public, Rairangpur Dtd.01.07.2025 I, Khushi Majhi, D/o- Hembram Kumar Ganeswar Majhi, Vil.- Heselpata, PO/ PS- - Jamda, Dist.- Mayurbhanj states that in Aadhar my name recoreded as Khushi Majhi whereas in my father's service register, my name recorded as Nirashi Majhi. I declare that both **Nirashi Majhi and Khushi Majhi** is one & same person.

## AFFIDAVIT

By virtue of this affidavit sworn before the Notary Public, Malkangiri, dated 19th April, 2026 I, Dolli Das, W/o: Prahallad Das, residing at village: M.V. 79, Post: Lachhipeta, Ps: M.V. 79, Dist: Malkangiri-764087 declare that I have changed my name from Dali Barman to Dolli Das. Henceforth, I shall be known as **Dolli Das** for all purposes.

**Dolli Das**

## NOTICE

By virtue of an affidavit sworn before Executive Magistrate, Kutra, dated15/04/2026, I, RAIMUNI BILUNG, W/o - SUMRAY BILUNG, permanent resident of Vill.- Falsakani, P.O.- Khatkurabahal, P.S.- Rajgangpur, Dist.- Sundargarh (Odisha), PIN-770018, declare that I have changed my daughter's name from MASOOMKITA BILUNG to MASUM BILUNG. Henceforth, she shall be known as **MASUM BILUNG** for all purposes.

**(RAIMUNI BILUNG)**

## AFFIDAVIT

By virtue of an affidavit (No.165, date-13/04/2026) before the Executive Magistrate, Jatni. I, **Mridul Agarwalla,** S/o Dillip Kumar Agarwalla, resident of Village At- Sardar Patel Marg, Ramachandrapur, Jatni, PO/PS- Jatni, Dist- Khordha, PIN- 752050, State- Odisha declare that, I appeared for the ICSE **Class-10th** Examination in the year 2018 with unique ID No. **6808966** & index no. **TF80124180** from **Mission School**, Jatni, Dist- Khordha have corrected my name, my father's name & my mother's name from (**Mridul Agrawal** to **Mridul Agarwalla**), (**Dillip Ku Agarwal** to **Dilip Kumar Agarwalla**), (**Nitu Agarwal** to **Nitu Agarwalla**) in my ICSE 10th Certificate. Henceforth, I shall be known as **Mridul Agarwalla**, S/o Dilip Kumar Agarwalla (father) & Nitu Agarwalla (mother) for all official, non-official, and legal purposes from now onwards.

## AFFIDAVIT

By virtue of an affidavit sworn before Executive Magistrate, Puri, dated 17.04.2026 I, Shrabani Sahoo, D/o: Chittaranjan Sahoo, at: Sirei, Po: Sirei, P.S. Kanas, Dist.Puri, Odisha declare that I have changed my name from Kuni Sahoo to Shrabani Sahoo, Henceforth I shall be known as **Shrabani Sahoo** for all purposes.

**Shrabani sahoo**

## PROJECT ASSISTANT (P.A.) REQUIRED

Applications invited for OSHEC/MRIP-2025 project: "Tragic Hero in Folk Voice: Baishnab Pani's Karna Badha at Christ College, Cuttack.
**Qual.: MA English (min. 55%).**
Desirable: Odia-English translation & field photography skills.
**Remuneration: 12,000/- pm (fixed).**
**Tenure: 1 year and nine months.**
Email CV to **zjctc2727@gmail.com** by **15th May, 2026.**
Selection via committee as per Govt. guidelines.

**Sd/-**
**Dr. Zehara Jabeen, PI**

## AFFIDAVIT

By virtue of an affidavit CF no.489 before the Executive Magistrate, Rairakhol, dt.15.04.2026, I, Sarojini Behera, Vill: Pandakimal, PO: Kadaligarh, PS: Rairakhol, Dist: Sambalpur, hereby declare that I have changed my name from Sajani Behera to Sarojini Behera for correction in Aadhaar Card. Henceforth, I shall be known as **Sarojini Behera** for all purposes.

**Sarojini Behera**

## Sambalpur Municipal Corporation
## Sambalpur

13001/234/2627

Email id: sambalpurm.hud@od.gov.in
**Notice No: 5661 / SMC / Engg. Dt. 17.04.2026**
**'e' Procurement NOTICE**
**Bid Reference No: 04/SMC SBP/2026-27**
**Tender ID No: 2026_ORULB_128191**

The Municipal Commissioner on behalf of Municipal Corporation, Sambalpur invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in

1. Number of Civil works: **13 (Thirteen) numbers**
2. Estimated Costs: **5.59 lakhs to 25.42 lakhs**
3. Period of completion: **As per NIT**
4. Date and time of availability of the bid documents in the portal: **From 11.00 AM of 21.04.2026 To 05.00 PM of 30.04.2026**
5. Last Date/ Time for receipt of bids in the portal: **05.00 PM of 30.04.2026**
6. Bids will be opened on: **11.00 AM of Dt. 02.05.2026**
7. Name and address of the officer inviting bid: **Municipal Commissioner, Sambalpur Municipal Corporation, Sambalpur**

**Sd/- Commissioner**
**Sambalpur Municipal Corporation**

**OIPR-13001/13122/1/26-27/0003**

## AFFIDAVIT

By virtue of an Affidavit before Notary Public, Malkangiri, I **Palmanesa Hembram,** aged about 46 years, S/o: Babulal Hembram, resident of village: Tamsa, PO.: Tamsa, P.S./ Dist.: Malkangiri, Odisha, declare by this Affidavit No.: 788/2026, Dated: 20.04.2026 that I have changed my name from Manesa Hemrum to **Palmanesa Hembram.** Henceforth I shall be known as **Palmanesa Hembram** for all future purposes.

## AFFIDAVIT

I, Kiran Sahoo, aged about 35 years, W/o Hitanshu Kumar Sahoo, resident of K.B Patna, Krushnachandrapurpatana, Kantilo, PS: Khandapada, Dist: Nayagarh, PIN: 752078, Odisha declared by this affidavit No. 32, dtd-16/04/2026 that now onwards I shall be known as **KIRAN MOHARANA** for all future purposes.

**GOVERNMENT OF ODISHA** 32001/85/2627
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER, BRUTANG IRRIGATION DIVISION, DASAPALLA**
E-mail: eebidasapalla@gmail.com
**No. 731 Date: 18/04/2026**

## NOTICE INVITING TENDER

**'e' Procurement Notice No. EE-BID-01(01)/2025-26, Dt.18.04.2026**
**Bid Identification No. EE-BID-01(01)/2025-26, Dt.18.04.2026**

The Executive Engineer, Brutang Irrigation Division, Dasapalla on behalf of the Governor of Odisha invites online percentage rate basis bid in Single cover system through e-procurement for the work mentioned below.

| | | |
|---|---|---|
| 1 | Name of Works | Engagement of unskilled & Skilled Labour on outsourcing basis for the O/o Chief Construction Engineer, Brutang & Hadua Irrigation Project, Dasapalla, O/o Executive Engineer, Brutang Irrigation Division, Dasapalla and Sub-Divisional Offices under EE, Brutang Irrigation Division, Dasapalla from May 2026 to March-27 |
| 2 | Estimated Cost put to tender | Approximately **Rs. 11.14 Lakhs** |
| 3 | Tender Paper Cost | **Rs. 6000/- (Non Refundable)** |
| 4 | Class of Contractor | • Registered under the Companies Act 2013<br>• Registered under the Indian Partnership Act 1932<br>• Registered under the Indian Trusts Act 1882<br>• Registered under the Societies Registration Act 1860<br>• Registered under the Limited Liability Partnership Act 2008 and equivalent Grade/Class<br>• Registered Manpower Service Provider |
| 5 | Availability of Bid Documents and receipt of bid through online | From **11.00 A.M of 21.04.2026 to 5.00 P.M of 02.05.2026** in the website (www.tendersodisha.gov.in) |
| 6 | Date, time & place for opening of online tenders | **04.05.2026 at 11.00 A.M** in the O/o the EE, Brutang Irrigation Division, Dasapalla |
| 7 | Name and Address of Officer Inviting Tender (OIT) | Executive Engineer, Brutang Irrigation Division, Dasapalla At/Po: Dasapalla, Dist:- Nayagarh, Odisha e-mail Id: eebidasapalla@gmail.com |

Further details can be seen from the e-procurement portal of Government Odisha at **www.tendersodisha.gov.in**. The corrigendum/cancellation of the tender, if any will be uploaded and can be seen from the above website only.

**Executive Engineer**
Brutang Irrigation Division, Dasapalla

**OIPR-32001/32553/1/26-27/0001**

## ଘୋଷଣା ନାମା

ମୁଁ ଉପେନ୍ଦ୍ର କୁମାର ମହାନ୍ତି, ପିତା- ସ୍ୱର୍ଗତ ଭଜମନ ମହାନ୍ତି, ବାସସ୍ଥାନ- ପୁରୁଷୋତ୍ତମପୁର, ପୋ- ହରେକୃଷ୍ଣ ପୁର, ଥାନା- ଇଟାମାଟି, ଜିଲ୍ଲା- ନୟାଗଡ଼, ଓଡ଼ିଶା ଏହିଠାରେ ଘୋଷଣା କରୁଛି କି ମୁଁ ପୁରୁଷୋତ୍ତମପୁର ମଉଜାରେ ଖାତା ନଂ ୫୪୩/୩୮, ପ୍ଲଟ୍ ନଂ - ୧୭/୧୩୧୪, ଏକର ୦.୦୩ ଡିସିମିଲ ଘରବାରି ଜାଗା କିଶୋର ଚନ୍ଦ୍ର କର, ପିତା- ବେଣୁଧର କରଙ୍କ ଠାରୁ ରେଜିଷ୍ଟ୍ରୀ ନଂ ୨୬୫, ତା- ୧୮.୦୧.୧୯୮୫ ରି ଖରେ **Patta(ROR)-543/38** ରେଜିଷ୍ଟ୍ରୀ କରଣ କରିଥିଲି କିନ୍ତୁ ଦୁର୍ଭାଗ୍ୟଜନକ ଉକ୍ତ ଓରିଜିନାଲ ପାଟ୍ଟା ଓ କବଲା ଗୁଡିକ ଭୁବନେଶ୍ୱର ରୁ ପୁରୁଷୋତ୍ତମପୁର ବସରେ ଜିବା ସମୟରେ କେଉଁଠାରେ ହଜିଜାଇ ଅଛି।

**Adv. no. 70084 24871**

Union Bank of India

## କ୍ଷେତ୍ରୀୟ କାର୍ଯ୍ୟାଳୟ: ସମ୍ବଲପୁର

ପ୍ରଥମ ମହଲା, ବାଲାଜୀ ମିଡ୍‌ଟାଉନ୍, ବୁଢ଼ାରାଜା
ଜିଲ୍ଲା: ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୦୦୪

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା୨୮.୦୪.୨୦୨୬ରିଖ ପୂର୍ବାହ୍ନ ୧୧.୦୦ ଘଟିକା** ସମୟରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡିକ ନେଇପାରିବେ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ବକେୟା ରାଶି | ନେଟ୍ ଓଜନ (ଗ୍ରାମରେ) |
|---|---|---|---|
| | **ଅତାବିରା ଶାଖା (୧୩୦୦୧), ମେନ୍ ରୋଡ୍, ବସ୍ ଷ୍ଟାଣ୍ଡ ନିକଟ, ଅତାବିରା, ଜିଲ୍ଲା: ବରଗଡ଼ ମୋ.: ୯୯୩୮୦୯୦୦୬୦** | | |
| ୧. | **ହେମଲତା ମିର୍ଧା,** ସୋଡ଼ାପାଲି, ଅତାବିରା, ଜିଲ୍ଲା: ବରଗଡ଼ / ୧୩୦୦୧୬୫୪୦୦୦୧୯୫୩ | ଟ.୩୬,୭୯୪.୦୦ + ସୁଧ | ୭.୬ |
| | **ବରେଇପାଲି ଶାଖା (୭୬୮୮୦), ରେମେଡ଼ ଚୌକ, ମେନ୍ ରୋଡ୍, ବରେଇପାଲି, ଜିଲ୍ଲା: ସମ୍ବଲପୁର ମୋ.: ୭୪୮୮୭୦୦୬୦୯** | | |
| ୧. | **ପୃଥ୍ୱୀରାଜ ସିଂହ,** ହରିଜନପଡ଼ା, ରେମେଡ଼, ଜିଲ୍ଲା: ସମ୍ବଲପୁର / ୭୬୮୮୦୬୬୩୦୦୦୦୧୧୪ | ଟ.୯,୮୩୫.୦୦ + ସୁଧ | ୧.୮ |
| | **ହୀରାକୁଦ ଶାଖା (୦୨୧୦୧), ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ, ହୀରାକୁଦ, ଜିଲ୍ଲା: ସମ୍ବଲପୁର ମୋ.: ୮୩୨୭୭୯୯୭୨୭** | | |
| ୧. | **କାହ୍ନା ଛତ୍ରିଆ,** ନୂଆବଜାର, ହୀରାକୁଦ, ଜିଲ୍ଲା: ସମ୍ବଲପୁର / ୦୨୧୦୧୬୬୩୦୦୦୦୨୦୪ | ଟ.୧୭,୮୬୪.୦୦ + ସୁଧ | ୩.୪୦ |
| | **ରାଜଗାଙ୍ଗପୁର ଶାଖା (୭୧୭୭୦), ତ୍ରିବେଣୀ ଟକିଜ୍ କମ୍ପ୍ଲେକ୍ସ, ମେନ୍ ରୋଡ୍, ରାଜଗାଙ୍ଗପୁର, ଜିଲ୍ଲା: ସୁନ୍ଦରଗଡ଼, ମୋ.: ୮୯୬୨୪୧୩୯୫୦** | | |
| ୧. | **ମହମ୍ମଦ ସାହାନୱାଜ,** ୱାର୍ଡ ନଂ. ୪, ଭଟ୍ଟି ରୋଡ୍, ରାଜଗାଙ୍ଗପୁର, ଜିଲ୍ଲା: ସୁନ୍ଦରଗଡ଼ / ୭୧୭୭୦୬୬୩୦୦୦୦୦୯୭ | ଟ.୧,୪୪,୯୮୨.୦୦ + ସୁଧ | ୨୬.୦୦ |
| ୨. | **ମହମ୍ମଦ ପରୱେଜ,** ରବାନୀ ଚୌକ, ରାଜଗାଙ୍ଗପୁର, ଜିଲ୍ଲା: ସୁନ୍ଦରଗଡ଼ / ୭୧୭୭୦୬୬୩୦୦୦୦୧୦୩ | ଟ.୧,୩୭,୯୭୧.୦୦ + ସୁଧ | ୨୩.୪୦ |
| ୩. | **ମହମ୍ମଦ ପରୱେଜ,** ରବାନୀ ଚୌକ, ରାଜଗାଙ୍ଗପୁର, ଜିଲ୍ଲା: ସୁନ୍ଦରଗଡ଼ / ୭୧୭୭୦୬୬୩୦୦୦୦୦୯୯ | ଟ.୧,୨୮,୦୪୫.୦୦ + ସୁଧ | ୨୨.୭୦ |
| ୪. | **ମହମ୍ମଦ ପରୱେଜ,** ରବାନୀ ଚୌକ, ରାଜଗାଙ୍ଗପୁର, ଜିଲ୍ଲା: ସୁନ୍ଦରଗଡ଼ / ୭୧୭୭୦୬୬୩୦୦୦୦୧୧୪ | ଟ.୧,୨୧,୮୮୪.୦୦ + ସୁଧ | ୨୦.୨୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ।**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୧,୦୦୦/-** ଅମାନତ ଆକାରରେ ଜମା ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମ ପାଇଁ ନିର୍ଦ୍ଧାରିତ ଅଳଙ୍କାରଗୁଡିକୁ ନିଲାମ ସମ୍ମୁଖରେ ନିଲାମ ଧରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଯାଞ୍ଚ କରିପାରିବେ।
୩) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୪) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୫) ନିଲାମରେ ରଖାଯାଇଥିବା ଅଳଙ୍କାର ଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବେ ନାହିଁ।
୬) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତ କରିପାରିବ।
୭) ସଫଳ ନିଲାମଧାରୀ ସମ୍ପୂର୍ଣ୍ଣ ନିଲାମ ଡାକ ପରିମାଣ ଏକାଥରେ ପ୍ରଦାନ କରିବେ ଏବଂ ଅଳଙ୍କାରଗୁଡିକୁ ତାଙ୍କ ସମ୍ପୂର୍ଣ୍ଣ ଦାୟିତ୍ୱରେ ଗ୍ରହଣ କରିବେ ଏବଂ କୌଣସି କାରଣରୁ ଉକ୍ତ ନିଲାଧାରୀଙ୍କ ଆମ ବ୍ୟାଙ୍କ ତରଫରୁ କୌଣସି ସହାୟତା ପ୍ରଦାନ କରାଯିବ ନାହିଁ।
୮) ଯଦି ସଫଳ ନିଲାମଧାରୀ ନିଲାମ ଡାକ ପରିମାଣ ପ୍ରଦାନ କରିବେ ନାହିଁ ଏବଂ/କିମ୍ବା ଏପରି କିଛି କରିବେ ଯାହା ନୂତନ ନିଲାମ ବିକ୍ରୟକୁ ସ୍ଥଗିତ ରଖିବାର ଆବଶ୍ୟକତା ସୃଷ୍ଟି କରିପାରେ, ତେବେ ନିଲାମ ସମାପ୍ତ କରିବାରେ ତାଙ୍କର ତ୍ରୁଟି ଯୋଗୁଁ ହୋଇଥିବା କ୍ଷତି ନିମନ୍ତେ ସେ ବ୍ୟାଙ୍କକୁ କ୍ଷତିପୂରଣ ଦେବାକୁ ଦାୟୀ ରହିବେ।

**ସ୍ଥାନ : ସମ୍ବଲପୁର, ତାରିଖ : ୨୦.୦୪.୨୦୨୬** **କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

# ଅକ୍ଷିମୁଠିରୁ ଆରମ୍ଭ ହେଲା ଚାଷକାମ






**ବରଗଡ଼, ୨୦।୪(ସମିସ)**

ରାଜବୋରାସମ୍ବର କୃଷକ ସଂଗଠନ ତରଫରୁ ନୂଆପାଲି ଗ୍ରାମରେ ଅକ୍ଷୟ ତୃତୀୟା ତଥା ଉପଖଣ୍ଡସ୍ତରୀୟ କୃଷକ ଦିବସ ପାଳନ କରାଯାଇଛି। ପ୍ରଥମେ ପାରମ୍ପରିକ ଭାବେ ହଳ, ଲଙ୍ଗଳ ଓ ଧାନ ନେଇ ଏକ ଶୋଭାଯାତ୍ରାରେ ଗ୍ରାମବାସୀ ଓ ସଂଗଠନର କର୍ମକର୍ତ୍ତା ଗାଁର ଜମିକୁ ଯାଇଥିଲେ। ସେଠାରେ ରୀତିନୀତି ଅନୁଯାଇ ଜମି, ହଳ ଓ ଲଙ୍ଗଳକୁ ପୂଜା କରିବା ପରେ ଅକ୍ଷିମୁଠି ଅନୁକୂଳ କରାଯାଇଥିଲା। ପରେ ଗାଁରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଉପଜିଲ୍ଲାପାଳ ହେମସାଗର ଭୋଇ, ରାଜବୋରାସମ୍ବର ବିଡିଓ ମନୋଜ ଦେବତା, ଅଜିତ ଶତପଥୀ, ବ୍ଲକ କୃଷି ଅଧିକାରୀ ପୁଷ୍ପକ ନାଏକ, ଗ୍ରାମ କୃଷି ସେବକ ଉକେଶ ଛୁରିଆ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ସଭାରେ ରାଜବୋରାସମ୍ବର କୃଷକ ସଂଗଠନର ସଭାପତି ବାଞ୍ଛାନିଧି ନାୟକ ସଭାପତିତ୍ୱ କରିଥିଲେ। ଆବାହକ ଅଶୋକ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

**ସୋହେଲା:** ବରଗଡ଼ ଜିଲ୍ଲା କିଶାନ କଂଗ୍ରେସ ତରଫରୁ ଆଜି ସୋହେଲାସ୍ଥିତ ମହିମା ନଗରଠାରେ ଅକ୍ଷିମୁଠି ଅନୁକୂଳ ହୋଇଛି। ଏହାସହ ଅକ୍ଷୟ ତୃତୀୟା ପର୍ବ ପାଳନ କରାଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ପୂର୍ବତନ ବିଧାୟକ ସାଧୁ ନେପାକ, ଜିଲ୍ଲା କଂଗ୍ରେସ ସଭାପତି ହରତୀପ ସିଂ, କିଶାନ ସେଲ୍‌ର ସଭାପତି ଗୁଣମଣି ସାହୁ, ବ୍ରହ୍ମା ମହାକୁଡ, ଅଭିଷେକ ସେଠ, ପାଣ୍ଡବ କର୍ଣ୍ଣ, ଅନୀଲ ପଧାନ, ମୋହନ ବେହେରା, ଜୟକୃଷ୍ଣ ସାହୁ, ଯୁଧିଷ୍ଠିର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ହାଜି ମହମ୍ମଦ ଇକବାଲ ଖେରାନୀ ସଭାରେ ସଂଯୋଜନା କରିଥିଲେ। ଏହି ଅବସରରେ ବିରିପାଲି ଗ୍ରାମର ମଧୁମଙ୍ଗଳ ପଧାନ, ସୋହେଲାର ଶ୍ରୀକାନ୍ତ ନାୟକ, ବୁଡାମାଲ ଗ୍ରାମର ଶଶୀଭୂଷଣ ସା, ମଙ୍ଗଳପାଲି ଗ୍ରାମର ସତ୍ୟ ସାହୁ, ପାଣିମୋରା ଗ୍ରାମର ସୁରୁବୁରୁ ପଧାନ, ପିପିଲିପାଲି ଗ୍ରାମର ହଳଧର ବିଶ୍ୱାଳ, ପଦ୍ମପୁରର ଆନନ୍ଦ ପାତ୍ର, ଡାଣ୍ଡୋଲ ଗ୍ରାମର ଭବାନୀ ଶଙ୍କର ଦୀପ, ଗ୍ୟାଜେଲ ଗ୍ରାମର ଗୁରୁଦେବ ସାହୁ, କଟଲା ଗ୍ରାମର ପାକିସ୍ତାନ ଭୋଇ ପ୍ରମୁଖ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମୁନ୍ନା ମାହୁ, ଗୋପାଳ ନାୟକ, ମୁକେଶ ଅଗ୍ରୱାଲ, ଶରତ ବାଗ, ମୁନା ଅଗ୍ରୱାଲ, ଶେଖର ଦାଶ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅନୀଲ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

**ପାଇକମାଳ:** ପାଇକମାଳ ବ୍ଲକ ଟେମରୀ ପଞ୍ଚାୟତସ୍ତରୀୟ କିଷାନ ଭାଇ ଭଉଣୀଙ୍କୁ ନେଇ ଜୟକିଷାନ ଆନ୍ଦୋଳନ ତତ୍ତ୍ୱାବଧାନରେ ଅକ୍ଷିମୁଠି ଅନୁକୂଳ ହୋଇଛି। ପାଇକମାଳ କୃଷି କାର୍ଯ୍ୟାଳୟରୁ ସନତ ଥାଟି, ସୁରେଶ ପୁରୋହିତ, ଜୟକିଷାନ ଆନ୍ଦୋଳନ ସଭାପତି ବିଶ୍ୱନାଥ ରଣା, ଟେମରୀ ସରପଞ୍ଚ ଦିଲୀପ ବେହେରା, ଦୀପା ବାରିକ, ରାଜେନ୍ଦ୍ର ରାଉତ, ରାସ ବିହାରୀ ସାହୁ, କ୍ଷେତ୍ରୀ ଲୁହାର, ମୋହନ ଡନସନା ପ୍ରମୁକ ଉପସ୍ଥିତ ଥିଲେ। ଜୟକିଷାନ ଆନ୍ଦୋଳନ କର୍ମୀ ବାଳକୃଷ୍ଣ ବନଛୋର ସଭା ପରିଚାଳନା କରିଥିଲେ।

**ମେଲଛାମୁଣ୍ଡା:** ସହିଦ ମାଧୋ ସିଂ ଆଞ୍ଚଳିକ କୃଷକ ସଙ୍ଗଠନ ଘେଁସ ଏବଂ ଝଗଡ଼ଝାଳ ଗ୍ରାମବାସୀଙ୍କ ଉଦ୍ୟମରେ ଅକ୍ଷୟ ତୃତୀୟା ପାଳନ ହୋଇଯାଇଛି। ଡା. ଶଙ୍କର ରାମଚନ୍ଦାନୀ, ଚାଷୀନେତା ରମେଶ ମହାପାତ୍ର, ସୁରେଶ ନିକେଣ୍ଟି, ଲିଙ୍ଗରାଜ ପଧାନ, ସରପଞ୍ଚ ଅଶୋକ ବାରିକ, ବଳଦେବ ମାଲିକ, କ୍ଷୀରୋଦ୍ର ପଟେଲ, ଆରକ୍ଷିତ ମହାକୁଡ଼, ଗୋବିନ୍ଦ ବରିହା ପ୍ରେମ ସାହୁ, ମୀନକେତନ ବାରିକ, ପ୍ରଭାତ ସାହୁ ପ୍ରମୁକ ଯୋଗ ଦେଇଥିଲେ। ଏହି ଅବସରରେ ଗାଁରେ ଅନୁଷ୍ଠିତ ସଭାରେ କୁଞ୍ଜବିହାରୀ ପଧାନ ସଭାପତିତ୍ୱ କରିଥିଲେ। ଉତ୍ତମ ଭୁଏ, ନୀଳମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ଅତାବିରା:** ଅତାବିରା ବ୍ଲକ ଚକୁଳି ଫାର୍ମ କୃଷିଫାର୍ମରେ ଜିଲ୍ଲାସ୍ତରୀୟ ଅକ୍ଷିମୁଠି କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ତଥା ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଅକ୍ଷି ମୁଠି ଅନୁକୂଳ କରିଥିଲେ। ପବିତ୍ର ଅକ୍ଷୟ ଦିବସ ଅବସରେ ଆଗାମୀ ଖରିଫ ଫସଲ ପାଇଁ ଧାନ ବୁଣି ଅନୁକୂଳ କରିଥିଲେ। ସାଥୀରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଅତାବିରା ବିଧାୟକ ନିହାର ମହାନନ୍ଦ, ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନାତନ ଗଡ଼ତିଆ, ଗୋବର୍ଦ୍ଧନ ଭୁଏ, ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଯୋଗଦେଇ ଅଖି ମୁଠି ଦେଇଥିଲେ। ଏହା ପୂର୍ବରୁ ପୂଜାକାର୍ଯ୍ୟ କରି ଟାଙ୍ଗରପାଲି ପୂରଣ ଲଗୋନ, ଦୁଲମପୁର ଭୁଜରାଜ ସେଠ ହଲ ବଳଦ ନଙ୍ଗଲ ପଛ ପଛରେ ଧାନ ବୁଣିଥିଲେ। ପଣ୍ଡିତ ଭୀଷ୍ମଦେବ ପାଣିଗ୍ରାହୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଅକ୍ଷିମୁଠି ପରେ ଏକ ସଭା ହୋଇଥିଲା। ଏଥିରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଉଦ୍ଦେଶ୍ୟଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନା ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲାର ୬ଜଣ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଞ୍ଜିପାଲିରେ ପାଣି ପାଇଁ ଲମ୍ବା ଧାଡ଼ି



**ଅମ୍ବାଭୋନା, ୨୦। ୪(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ବାଞ୍ଜିପାଲିରେ ଗୁରୁତର ଜଳ ସଙ୍କଟ ଦେଖାଦେଇଛି। ପ୍ରାୟ ୯୦୦ ଜନସଂଖ୍ୟା ବିଶିଷ୍ଟ ଏହି ଗ୍ରାମରେ ପାନୀୟ ଜଳର ଅଭାବ ଦୈନିକ ଜୀବନକୁ କଷ୍ଟକର କରିଦେଇଛି। ପାଣି ଅଭାବ ଯୋଗୁଁ ଗ୍ରାମବାସୀ ୩ କିଲୋମିଟର ଦୂରରୁ ପାଣି ଆଣି ତାଙ୍କ ଆବଶ୍ୟକତା ପୂରଣ କରୁଛନ୍ତି। ଗ୍ରାମର ଅଧିକାଂଶ ଜଳ ସ୍ରୋତ ଶୁଷ୍କ ହୋଇଯାଇଛି। ଏଣୁ ଲୋକମାନେ ଘଣ୍ଟା ଘଣ୍ଟା ଧରି ଲମ୍ବା ଧାଡ଼ିରେ ପାଣି ପାଇଁ ଅପେକ୍ଷା କରୁଛନ୍ତି। ବିଶେଷକରି ମହିଳା ଓ ଶିଶୁମାନେ ଏହି ସମସ୍ୟାରେ ଅଧିକ ପ୍ରଭାବିତ ହେଉଛନ୍ତି। ନଳକୂପରେ ଜଳସ୍ତର କମିଯାଇଥିବାରୁ ପରିସ୍ଥିତି ଆହୁରି ଗମ୍ଭୀର ହୋଇପଡ଼ିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଗତ କିଛି ବର୍ଷ ଧରି ଏହି ସମସ୍ୟା ଚାଲିଆସୁଛି। ଏପର୍ଯ୍ୟନ୍ତ ଏହାର କୌଣସି ସ୍ଥାୟୀ ସମାଧାନ ହୋଇନାହିଁ। ସରକାରୀ ଯୋଜନା ଓ ପାଣି ଯୋଗାଣ ବ୍ୟବସ୍ଥା କେବଳ କାଗଜପତ୍ରରେ ସୀମିତ ରହିଛି। ଗ୍ରାମବାସୀ ଜିଲ୍ଲା ପ୍ରଶାସନ ଓ ସମ୍ପର୍କିତ ବିଭାଗଙ୍କୁ ଶୀଘ୍ର ସ୍ଥାୟୀ ପାଣି ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ବାଞ୍ଜିପାଲି ଗ୍ରାମରେ ଏହି ଦୀର୍ଘକାଳୀନ ଜଳ ସମସ୍ୟା ବର୍ତ୍ତମାନ ପ୍ରଶାସନ ପାଇଁ ଏକ ବଡ଼ ପ୍ରଶ୍ନ ବାଚୀ ସୃଷ୍ଟି କରିଛି। ତେବେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୋରୱେଲ ଥିଲେ ମଧ୍ୟ ଜଳସ୍ରୋତ କମିଯିବାରୁ ଜଳ ଶଙ୍କଟ ଦେଖିବାକୁ ମିଳିଛି। ଏହା ଫଳରେ ଛାତ୍ରଛାତ୍ରୀ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସ୍କୁଲରେ ୨୫୨ ଜଣ ଛାତ୍ରଛାତ୍ରୀ ଅଛନ୍ତି। ପାଣି ପାଇଁ ଏମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ଭୀମଭୋଇ କଲେଜରେ ଅଗ୍ନିଶମ ସେବା ସପ୍ତାହ ପାଳିତ



**ରେଢ଼ାଖୋଲ, ୨୦।୪(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଭୀମଭୋଇ ମହାବିଦ୍ୟାଳୟ ପରିସରରେ ସୋମବାର ଅଗ୍ନିଶମ ସେବା ସପ୍ତାହ ପାଳନ ଅବସରରେ ଏକ ଅଗ୍ନି ନିରାପତ୍ତା ଓ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଅମୂଲ୍ୟକୃଷ୍ଣ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଅଗ୍ନିଶମ ବିଭାଗର ଅଧିକାରୀ ନାରାୟଣ ଚନ୍ଦ୍ର ସେଠୀ ଏବଂ ତାଙ୍କ ସହକର୍ମୀମାନେ ଉପସ୍ଥିତ ରହି ଅଗ୍ନି ନିରାପତ୍ତା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ଏଥିରେ ପ୍ରାଧ୍ୟାପିକା ମମତା ମହାପାତ୍ର ଓ ଅଧ୍ୟାପକ ଅଞ୍ଜନ କୁମାର ମିଶ୍ରଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଅକ୍ଷୟ ତୃତୀୟାରେ ଚାଷ ଅନୁକୂଳ

**ରେଢ଼ାଖୋଲ, ୨୦।୪(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅଧୀନ ବଡ଼ବାହାଲ ପଞ୍ଚାୟତରେ ସୋମବାର ଉପଖଣ୍ଡ ଚଷା ସମାଜ ପକ୍ଷରୁ ଅକ୍ଷୟ ତୃତୀୟାରେ ପାଳିତ ହେଲା କୃଷକ ଦିବସ। ଏହି ଦିନକୁ ଔପଚାରିକ ଭାବେ ସରକାରୀସ୍ତରରେ କୃଷକ ଦିବସ ରୂପେ ପାଳନ କରାଯାଇଥାଏ। କୃଷକ ମାନେ ଏହାକୁ ବଡ଼ ଶୁଦ୍ଧି ଏବଂ ସିଦ୍ଧିର ଦିବସ ଭାବେ ପାଳନ କରିଥାନ୍ତି। କୃଷକ ଏହିଦିନ ଅମୃତ ବେଳାରେ ଅକ୍ଷିମୁଠି ଅନୁକୂଳ କରି ଚାଷ ଜମିରେ କୃଷି କାର୍ଯ୍ୟର ଶୁଭାରମ୍ଭ କରିଥାଏ। ଏହି ଅବସରରେ ବଡବାହାଲ ଗ୍ରାମର ଗଉଁତିଆଁ କ୍ଷୀରୋଦ କୁମାର ପ୍ରଧାନ ଚାଷଜମିରେ ପୂଜାର୍ଚ୍ଚନା କାର୍ଯ୍ୟ କରିଥିଲେ। ଏଥିରେ ଅତିଥି ଭାବରେ ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଅତିରିକ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ଶରତ କୁମାର ପ୍ରଧାନ, ସମିତି ସଭ୍ୟ ଦିବାକର ପ୍ରଧାନ ପ୍ରମୁଖଙ୍କ ସହିତ ଚଷା ସମାଜ ପକ୍ଷରୁ ଛବିଳ ପ୍ରଧାନ, ତୁଷାର କାନ୍ତ ପ୍ରଧାନ, ଦେବାନନ୍ଦ ପ୍ରଧାନ, ନରେନ୍ଦ୍ର କୁମାର ଦେହୁରୀ, ଅନାଦି ସାହୁ, ସୁରେନ୍ଦ୍ର ବିଶ୍ୱାଳ, ଦିଲୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ।



## ଶଶୀଭୂଷଣ ଦାଶଙ୍କ ଦେହାନ୍ତ

**ବରଗଡ଼, ୨୦।୪ (ସମିସ):** ବରଗଡ଼ ଦାଶ ପଡ଼ା ୱାର୍ଡନମ୍ବର-୪ ଶଶୀଭୂଷଣ ଦାଶଙ୍କ (୯୧) ବର୍ଷ ବୟସରେ ଦାଶପଡ଼ା ସ୍ଥିତ ତାଙ୍କ ନିଜ ବାସଭବନରେ ସ୍ୱର୍ଗବାସ ହୋଇଯାଇଛି। ସେ ଓଡ଼ିଶା ସରକାରଙ୍କ ଜଙ୍ଗଲ ବିଭାଗରେ ଫରେଷ୍ଟ ରେଞ୍ଜର ଭାବେ କାର୍ଯ୍ୟରୁ ଅବସର ନେଇଥିଲେ। ସେ ଜଣେ ଧର୍ମପରାୟଣ, ପରୋପକାରୀ ଓ



ମେଳାପୀ ବ୍ୟକ୍ତିତ୍ୱ ଥିଲେ। ଜିରାନଦୀ କୂଳ ସ୍ୱର୍ଗଦ୍ୱାରରେ ତାଙ୍କ ଆନ୍ତ୍ୟେଷ୍ଟି କ୍ରିୟା କରାଯାଇଥିଲା। ବଡ଼ପୁଅ ରବୀନ୍ଦ୍ର ଦାଶ ମୁଖାଗ୍ନି ଦେଇଥିଲେ।

## ଶ୍ରୀ ଅରବିନ୍ଦ ପାଠଚକ୍ରର କର୍ମୀ ସମ୍ମିଳନୀ

**ଝାରବନ୍ଧ, ୨୦।୪(ସମିସ):** ବରଗଡ଼ ଜିଲ୍ଲା ଶ୍ରୀ ଅରବିନ୍ଦ ପାଠଚକ୍ର ସଂଗଠନ ଆନୁକୂଲ୍ୟରେ ପାଇକମାଲ ଓ ଝାରବନ୍ଧ ବ୍ଲକର ଦ୍ୱିତୀୟ ପର୍ଯ୍ୟାୟ କର୍ମୀ ସମ୍ମିଳନୀ ଝାରବନ୍ଧସ୍ଥିତ ଶ୍ରୀ ଅରବିନ୍ଦ ପାଠଚକ୍ର କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ପାଇକମାଲ, ଝାରବନ୍ଧ, ମାଣ୍ଡୋସିଲ, ବୁକୁରାମୁଣ୍ଡା ଓ ମହୁଲପାଲି ଅଞ୍ଚଳରୁ ଆସିଥିବା ଅନେକ ଅପା ଓ ଭାଇମାନେ ସମ୍ମିଳନୀରେ ସକ୍ରିୟ ଭାଗଗ୍ରହଣ କରିଥିଲେ। ଏହି ସମୟରେ ଅଇଁଠା ପ୍ରଧାନ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପାଇକମାଲ ଅଧ୍ୟକ୍ଷା ମମତା ଦାସ ସମ୍ମିଳନୀକୁ ସୁଚାରୁ ଭାବରେ ପରିଚାଳନା କରିଥିଲେ। ଝାରବନ୍ଧ ପରିଚାଳନା କମିଟୀ ପକ୍ଷରୁ ବିଶିକେଶନ ଧରୁଆ କୃତଜ୍ଞତା ଜଣାଇଥିଲେ।



## ୬୫ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର

**ପଦମପୁର, ୨୦। ୪(ସମିସ):** ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବାରମ୍ବାର ଅଭିଯୋଗ, ଦାବି ପୂରଣ କରିବାର ପ୍ରତିଶ୍ରୁତି ସତ୍ତ୍ୱେ ଜିଲ୍ଲା ଶିକ୍ଷାଅଧିକାରୀଙ୍କ ନୀରବତା ଫଳରେ ପଞ୍ଚାୟତ ଉଚ୍ଚବିଦ୍ୟାଳୟ, ପୁରେନାରେ ନାମ ଲେଖାଇଥିବା ୬୫ ଜଣ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରମୟ। ଗତ ଜାନୁଆରୀ ମାସରେ ପଦମପୁରଠାରେ ହୋଇଥିବା ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାପାଳ ୭ଦିନ ମଧ୍ୟରେ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ; ହେଲେ କୌଣସି ଫଳ ନ ମିଳିବାରୁ ଆଜି ସ୍କୁଲ ପରିଚାଳନା କମିଟି, ପଞ୍ଚ ସଖା ଶିକ୍ଷା ସେତୁ ଚେୟାରମେନ ଓ ସ୍କୁଲ ଉନ୍ନୟନ କମିଟିର ସଦସ୍ୟ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ ଓ ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ଭୋଇଙ୍କ ସହ ଆଲୋଚନା କରିଛନ୍ତି। ଶିକ୍ଷକ ନିଯୁକ୍ତି ନ ହେଲେ ସ୍କୁଲକୁ ବନ୍ଦ କରାଯାଇ ଆନ୍ଦୋଳନ କରାଯିବା ପାଇଁ ଚେତାବନୀ ଦେଇଛନ୍ତି। ୬୧୦ ସ୍କୁଲରେ ହୋଇଥିବା ନିଯୁକ୍ତିରେ ବ୍ୟାପକ ଅନିୟମିତତା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ କିରାଣିଙ୍କୁ ପ୍ରଶ୍ନ କରିବାରୁ ସେ ଉଚିତ ଭାବରେ କାଉନସେଲିଂ କରି ନିଯୁକ୍ତି ଦିଆଯାଇଥିବା କହିଥିଲେ। କାଉନସେଲିଂ ହୋଇଥିବା ସତ; କିନ୍ତୁ ଯୋଗ୍ୟ ପ୍ରାର୍ଥୀଙ୍କୁ ପ୍ରଦର୍ଶିତ କରାଯାଇ ଥିବା ତାଲିକାରେ ପଞ୍ଚାୟତ ଉଚ୍ଚବିଦ୍ୟାଳୟକୁ ଦର୍ଶାଯାଇ ନ ଥିଲା। ଏହାର ଫଳ ସ୍ୱରୂପ ପୁରେନା ପାଖାପାଖି ଅଞ୍ଚଳର ଯୋଗ୍ୟ ପ୍ରାର୍ଥୀ ବାଧ ହୋଇ ଦୂର ସ୍ଥାନକୁ ବାଛି ସେଠାରେ ଯୋଗ ଦେଇଥିଲେ। ଏହା ପଛରେ ଏକ ଅସାଧୁ ଗୋଷ୍ଠୀ କିଛି କିରାଣିଙ୍କୁ ଧରି ନିଯୁକ୍ତି ପ୍ରକ୍ରିୟାରେ ସକ୍ରିୟ ରହିଥିବା ଆଲୋଚନା ହେଉଛି। ଏହା ଉପରେ ଉଚିତ ପଦକ୍ଷେପ ଗ୍ରହଣ ନ କଲେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିବା ପାଇଁ ବାଧ ହେବେ ବୋଲି ପରିଚାଳନା କମିଟିର ସଦସ୍ୟ ଚେତାବନୀ ଦେଇଛନ୍ତି।

## ଜିଲ୍ଲା କଂଗ୍ରେସ ପକ୍ଷରୁ ଅକ୍ଷିମୁଠି ଅନୁକୂଳ

**ସମ୍ବଲପୁର, ୨୦।୪(ସମିସ):** ହୀରାକୁଦର ସାପଲହରା ଗ୍ରାମରେ ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଅକ୍ଷିମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟାଉନ୍ ସଭାପତି ରବି ରାଉତଙ୍କ ତତ୍ତ୍ୱାବଧାନରେ ଜିଲ୍ଲା କଂଗ୍ରେସ ସଭାପତି ଅମିତ୍ ଗୁରୁଙ୍କ ହାତମୁଠାରେ ବର୍ଷର ଅତି ଉନ୍ନତମାନର ଶସ୍ୟ ହେବାକୁ ପୂଜାର୍ଚ୍ଚନା ସହ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ କମିଟି ଉପସଭାପତି ଜିତେନ ମହାନନ୍ଦ, ମାନେଶ୍ୱର ବ୍ଲକ ସଭାପତି ସଞ୍ଜୟ କୁମାର ଛୁରିଆ, ପୀତବାସ ବେହେରା, ପିଙ୍କୁ ସିଂ, କୁନାଲ ରାୟ ଭବାନୀ ବେହେରା, ଦଶରଥ ବାଗ, ଆଦେଶ୍ ରାଓ, ରଶ୍ମି ସ୍ୱାଇଁ, ସଦାନନ୍ଦ ବାରାଲ, ମହକାଲ, ତହସିଲ ଭୋଷଗର, ସମୀର ବୁଡ଼, ଜନ୍ମଜୟ ମହାନନ୍ଦ, ସୁନୀଲ ସିଂ, ଜୟଶଙ୍କର ହଲ୍ଦି, ପିଣ୍ଟୁ କର୍ଣ୍ଣାଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।



## ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଖଗେଶ୍ୱର ସେଠ ଓ ହେମଚନ୍ଦ୍ର ଆଚାର୍ଯ୍ୟଙ୍କ ଜୟନ୍ତୀ

# ଖଗେଶ୍ୱର ସାହିତ୍ୟରେ ଅଳଙ୍କାର ଖୁନ୍ଦି ହୋଇ ରହିଛି

**ବରଗଡ଼, ୨୦।୪(ସମିସ)**

ଖଗେଶ୍ୱର ସେଠ କେବଳ ଓଡ଼ିଆ ଭାଷାରେ ଲେଖି ପାରିଥାନ୍ତେ; କିନ୍ତୁ ସେ ନିଜସ୍ୱ ସମ୍ବଲପୁରୀ ଭାଷାକୁ ହିଁ ବେଶୀ ପ୍ରାଧାନ୍ୟ ଦେଇ ବ୍ୟବହାର କରିଥିଲେ। ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଖଗେଶ୍ୱର ଶେଠ ଓ ହେମଚନ୍ଦ୍ର ଆଚାର୍ଯ୍ୟଙ୍କ ମିଳିତ ଜୟନ୍ତୀ ସଭାରେ ଅଧ୍ୟାପକ ମୋହନ ସାହୁ ଏହା କହିଛନ୍ତି। ପାଠାଗାରର ସଭାପତି ଅରୁଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀ ସଭାରେ ଶ୍ରୀ ସାହୁ କହିଥିଲେ ଯେ ଖଗେଶ୍ୱର ଶେଠଙ୍କ ସାହିତ୍ୟ ଉପରେ ଆଜି ଯାଏ ବିଶେଷ ଆଲୋଚନା ବା ଗବେଷଣା ହୋଇ ପାରିନାହିଁ। ତାହା କ୍ଷୋଭର ବିଷୟ। ନିଜସ୍ୱ ଭାଷାକୁ କେତେ ବୋଧଗମ୍ୟ କରାଯାଇପାରେ ତାହା ଖଗେଶ୍ୱରଙ୍କ ସାହିତ୍ୟ ସୃଷ୍ଟିରେ ପରିଲକ୍ଷିତ। ଅଳଙ୍କାର ଦେଇ ଲେଖିବା ତାଙ୍କର ଏକ ଉତ୍କୃଷ୍ଟ ଦକ୍ଷତା ଥିଲା। ପଏରଛାସତୀ କାବ୍ୟରେ ତାହା ପରିଲକ୍ଷିତ। ଅତଏବ ଖଗେଶ୍ୱର ସାହିତ୍ୟରେ ଅଳଙ୍କାର ଖୁନ୍ଦି ହୋଇ ରହିଛି। ଅନ୍ୟପକ୍ଷେ ତାଙ୍କ ଲେଖାରେ ମହିଳାଙ୍କ ପ୍ରତି ଯଥେଷ୍ଟ ସମ୍ମାନ ଓ ଗୁରୁତ୍ୱ ପ୍ରଦାନ କରାଯାଇଛି। ସେ ଆହୁରି କହିଥିଲେ ଯେ ଖଗେଶ୍ୱର ଶେଠ ଜଣେ ବିଚକ୍ଷଣ ନାଟ୍ୟ ପ୍ରତିଭା ମଧ୍ୟ ଥିଲେ। ଓଡ଼ିଶାର ନାଟକ ରଚନା କରିଥିବା ଲେଖକଙ୍କ ନାଟକକୁ ସାହିତ୍ୟ ସୃଷ୍ଟି ଭାବେ ପରିଗଣିତ କରିବା ଦରକାର। ଏହାଫଳରେ ସେହି ସଫଳ ନାଟ୍ୟକାରମାନେ ଜଣେ ଜଣେ ସଫଳ ସାହିତ୍ୟିକ ଭାବେ ସମାଜରେ ପରିଗଣିତ ହୋଇ ପ୍ରକୃତ ସମ୍ମାନ ପାଇପାରିବେ ବୋଲି ଅଧ୍ୟାପକ ଶ୍ରୀ ସାହୁ କହିଥିଲେ। ସେହିଭଳି ଅଧ୍ୟାପକ ଡ. ଶ୍ୟାମ ଭୋଇ କୋଶଳ ବାଲ୍ମିକୀ ହେମ ଚନ୍ଦ୍ର ଆଚାର୍ଯ୍ୟଙ୍କ ସୃଷ୍ଟି ବୈଶିଷ୍ଟ ଉପରେ ଆଲୋଚନା କରି କହିଥିଲେ ଯେ ହେମଚନ୍ଦ୍ର ଆଚାର୍ଯ୍ୟଙ୍କ ସାହିତ୍ୟକୁ ଆକଳନ କରିବା କଷ୍ଟକର। ତାଙ୍କ ସାହିତ୍ୟର ବିଭିନ୍ନ ଦିଗ ଉପରେ ଯେଭଳି ଗବେଷଣା ହେବା କଥା ଆଜିଯାଏ ହୋଇନାହିଁ; ଯାହା କି ଅତ୍ୟନ୍ତ ପରିତାପର ବିଷୟ। ରାମରାହା ତାଙ୍କ ଶ୍ରେଷ୍ଠ ସାହିତ୍ୟ କୃତୀ। ତାଙ୍କ କବିତା ସାଧାରଣ ଜନତାଙ୍କ ପାଇଁ ଶ୍ରୁତି ମଧୁର ତଥା ବୋଧଗମ୍ୟ ଥିଲା; ଯାହାକୁ ସେ ନିଜେ ଲେଖି ତାକୁ ପରୀକ୍ଷା କରିବା ପାଇଁ ଜନ ସାଧାରଣଙ୍କ ଆଗରେ ଗାଇ ଶୁଣାଉ ଥିଲେ। ନିଜର ବ୍ୟକ୍ତିଗତ ଅନୁଭୂତିକୁ କଲମ ମୁନରେ ସ୍ଥାନିତ କରିଥିଲେ କବି ହେମଚନ୍ଦ୍ର। ନିଜ ଗ୍ରାମ୍ୟ ପ୍ରୀତି, ନିଜ ମାଟି ପ୍ରତି ମମତ୍ୱ ବୋଧ ଥିଲା ବୋଲି ସେ କହିଥିଲେ।




**ହେମଚନ୍ଦ୍ର ଆଚାର୍ଯ୍ୟଙ୍କ ସାହିତ୍ୟକୁ ଆକଳନ କରିବା କଷ୍ଟକର**

ପାଠାଗାରର ଉପ-ସଭାପତି ମନୋରଞ୍ଜନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ବୈଠକ ଅବସରରେ ଲେଖିକା ତଥା ଅଧ୍ୟାପିକା ସୁଷମା ଦାଶଙ୍କ ଦ୍ୱାରାରା କବି ଖଗେଶ୍ୱର ଶେଠଙ୍କ ପଏରଛାସତୀ କାବ୍ୟର ଇଂରାଜୀ ଅନୁବାଦ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

## ବ୍ଲକ୍‌ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

**ନାକଟିଦେଉଳ, ୨୦।୪ (ସମିସ):** ନାକଟିଦେଉଳ ବ୍ଲକସ୍ଥିତ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମୀରଞ୍ଜନ ମହନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ଶୁଣାଣିରେ ମୋଟ ୩୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ କରିବା ପାଇଁ ଉପଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଶୁଣାଣି ମଧ୍ୟରେ ଉପ ଜିଲ୍ଲାପାଳ ଦୁଇଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ରେଢ଼ାଖୋଲ ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମେହେରଙ୍କ ସମେତ ନାକଟିଦେଉଳ ବିଡିଓ ଆକାଶ ରଞ୍ଜନ ସାହୁ, ତହସିଲଦାର ଅମର ଜେ ଡୁଙ୍ଗଡୁଙ୍ଗ ଏବଂ ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁଙ୍କ ସମେତ ଉପଖଣ୍ଡ ଏବଂ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ସକାଳ THE SAKALA



# ଆଜି ରାଷ୍ଟ୍ରପତିଙ୍କ ଝାରସୁଗୁଡ଼ା ଗସ୍ତ

## ସମଗ୍ର ଜିଲ୍ଲାକୁ 'ନୋ ଡ୍ରୋନ୍ ଜୋନ୍' ଘୋଷଣା

**ଝାରସୁଗୁଡ଼ା, ୨୦।୪(ସମିସ):** ଭାରତର ରାଷ୍ଟ୍ରପତି ମଙ୍ଗଳବାର ଝାରସୁଗୁଡ଼ା ଗସ୍ତରେ ଅସିବେ। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟନ୍ତ କଡ଼ାକଡ଼ି କରାଯାଇଛି। ସୁରକ୍ଷା ଦୃଷ୍ଟିକୋଣରୁ ମଙ୍ଗଳବାର ସମଗ୍ର ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ ଅଞ୍ଚଳକୁ 'ନୋ ଡ୍ରୋନ୍ ଜୋନ୍ ଓ ନୋ ଫ୍ଲାଇଙ୍ଗ୍ ଜୋନ୍' ଭାବେ ଘୋଷଣା କରାଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଜିଲ୍ଲାର କୌଣସି ସ୍ଥାନରେ ଡ୍ରୋନ୍ ବା କୌଣସି ପ୍ରକାରର ଆକାଶମାର୍ଗୀୟ ଯାନ ଉଡ଼ାଣକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ସୁରକ୍ଷା ବଳୟକୁ ଅଭେଦ୍ୟ କରିବା ପାଇଁ ଝାରସୁଗୁଡ଼ା ଆରକ୍ଷୀ ଅଧିକ୍ଷକ ଜି. ଆର. ରାଘବେନ୍ଦ୍ରଙ୍କ ତତ୍ତ୍ୱାବଧାନରେ ପୁଲିସ ବିଭାଗ ସଜାଗ ରହିବା ସହ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ନିୟମର ଉଲ୍ଲଂଘନ କଲେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି। ଜିଲ୍ଲାର ସୁରକ୍ଷା ଓ ଶାନ୍ତି ବଜାୟ ରଖିବା ପାଇଁ ଏସ୍‌ପି ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

# ଶିଶୁ ମନ୍ଦିରରେ 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମ

**ଇବଥର୍ମାଲ, ୨୦।୪ (ସମିସ):** ବନ୍ଧବାହାଲ ସରସ୍ୱତୀ ଶିଶୁ ମନ୍ଦିରର ଶିଶୁ ବାଟିକା ବିଭାଗ ଜଗନ୍ନାଥନଗରଠାରେ ପ୍ରଧାନ ଆଚାର୍ଯ୍ୟ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ 'ଘର ହିଁ ବିଦ୍ୟାଳୟ ପ୍ରକଳ୍ପ'ର ସମସ୍ତ ୪ଟି ସୋପାନ ଶନିବାର ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ମୁଖ୍ୟଅତିଥି ଭାବରେ ପଶ୍ଚିମ ସମ୍ଭାଗ ଶିଶୁ ବାଟିକା ଶୈକ୍ଷିକ ସଂଯୋଜକ ଲୋକନାଥ ମିଶ୍ର ଯୋଗଦେଇ ଶିଶୁ ଶିକ୍ଷାରେ ଭାରତୀୟ ଓ ପାଶ୍ଚାତ୍ୟ ସଂକଳ୍ପନା ବିଷୟରେ କହିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଡ. ପ୍ରଶାନ୍ତ କୁମାର ପ୍ରଧାନ ଯୋଗଦେଇ ଶିଶୁଙ୍କର ରୋଗ ଏବଂ ତା'ର ଚିକିତ୍ସା ବିଷୟରେ କହିଥିଲେ। ତୃତୀୟ ପର୍ଯ୍ୟାୟରେ ସ୍ଥାନୀୟ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ଆଲୋକମୟୀ ଦାଶ ଗୁରୁମା ଯୋଗଦେଇ ଔପଚାରିକ ଓ ଅନପୌଚାରିକ ଶିକ୍ଷା କ୍ରିୟାକଳାପ ମାଧ୍ୟମରେ ବିଷୟ ଶିକ୍ଷା ବିଷୟରେ କହିଥିଲେ। ଚତୁର୍ଥ ତଥା ଶେଷ ପର୍ଯ୍ୟାୟରେ ପୂର୍ବତନ ଆଚାର୍ଯ୍ୟା ମୀନତି ପ୍ରଧାନ ଶିଶୁଙ୍କର ଶାରୀରିକ, ମାନସିକ ଆବଶ୍ୟକତା ଓ ଆହାର ଏବଂ ବିହାରର ବିଷୟରେ ମା' ମାନଙ୍କ ସହ ଆଲେଚନା କରିଥିଲେ। ଏଥିରେ ବିଭିନ୍ନ ପ୍ରକାରର ପନିପରିବା, ଫଳ, ଶସ୍ୟଗୁଡ଼ିକର ପ୍ରଦର୍ଶନୀ ଓ ପରିଚୟ ମଧ୍ୟ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ବାଟିକା ପ୍ରମୁଖ ରୋଜାଲି ହୋତା ସ୍ୱାଗତ ଭାଷଣ ଓ ସୋପାନ ଗୀତ ଗାଇଥିଲେ। ଅନ୍ୟାନ୍ୟ ସମ୍ମାନିତ ଅତିଥି ଭାବେ ସଂକୁଳ ପ୍ରମୁଖ ଯୋଗେଶ ପ୍ରଧାନ ଓ ସ୍ଥାନୀୟ ସମ୍ପାଦକ ଅଶୋକ କୁମାର ପାଢ଼ୀ, ଉପସଭାପତି ଦେବେନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ବେହେରା, ସଦସ୍ୟା ପୁଷ୍ପାଞ୍ଜଳି ବାରିକ, ସବିତା ସେଠ, ଗୀତାରାଣି ମେହେର, ଆଚାର୍ଯ୍ୟ ରାକେଶ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କାଳାଂଶରେ ଶିଶୁ ବାଟିକା ବିଭାଗର ସିମାଞ୍ଚଳ ଜେନା ଗୁରୁଜୀ, ପ୍ରଜ୍ଞାପରମିତା ଦାସ ଗୁରୁମା, ରୁପମା ଗୁପ୍ତା ଗୁରୁମା ଏବଂ ସେବିକ ସେବିକା ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ୪୨ଜଣ ମା' ଓ ୧୬ ଜଣ ଅଭିଭାବକ ଯୋଗଦେଇଥିଲେ। ଶେଷରେ ସ୍ଥାନୀୟ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

### ସରକାରୀ ଆଇଟିଆଇରେ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଘଟଣା

# ୩ ଦିନ ପରେ ବି ଅଭିଯୁକ୍ତ ଅଧ୍ୟକ୍ଷଙ୍କୁ ଠାବ କରିପାରୁନି ପୁଲିସ

**ଦେବଗଡ଼, ୨୦।୪(ସମିସ):** ଦେବଗଡ଼ ଜିଲା ବାରକୋଟ ଥାନାଞ୍ଚଳର ଏକ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ(ଆଇଟିଆଇ)ରେ ପାଠ ପଢ଼ୁଥିବା ଜଣେ ୧୭ ବର୍ଷୀୟା ଛାତ୍ରୀଙ୍କୁ ସମ୍ପୃକ୍ତ ଅନୁଷ୍ଠାନର ଅଧ୍ୟକ୍ଷ ଯୌନ ନିର୍ଯାତନା ଦେଇଥିବା ବାରକୋଟ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୀଡିତା ଛାତ୍ରୀଙ୍କ ଏତଲା ଆଧାରରେ ଗତ ୧୭ ତାରିଖ ଦିନ ବାରକୋଟ ଥାନା ପୁଲିସ ଅଭିଯୁକ୍ତ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଭାରତୀୟ ନ୍ୟାୟ ସଂହିତା-୨୦୨୩ର ଦଫା-୬୪(୨) ଏଫ୍, ୬୪(୨)ଏମ୍ ଓ ୬ ପକ୍ସୋ ଆକ୍ଟରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ମାତ୍ର ମାମଲା ରୁଜୁ ହେବାର ତିନିଦିନ ବିତି ଯାଇଥିଲେ ମଧ୍ୟ ଅଭିଯୁକ୍ତ ଅଧ୍ୟକ୍ଷକୁ ଗିରଫ ତ ଦୂର କଥା ତାଙ୍କୁ ଠାବ କରି ପାରୁନି ପୁଲିସ। ଏହି ସମ୍ବେଦନଶୀଳ ମାମଲାରେ ଅଭିଯୁକ୍ତ ପ୍ରତି ପୁଲିସର କୋହଳ ମନୋଭାବ ପୁଲିସର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ରିଆମାଳରେ ଅଷ୍ଟ ପ୍ରହର ନାମଯଜ୍ଞ

**ଦେବଗଡ଼, ୨୦।୪(ସମିସ):** ରିଆମାଳ ଗ୍ରାମ ପଞ୍ଚାୟତ ସଦର ମହକୁମାରେ ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଗତକାଲି ଶତାଧିକ ମହିଳା କଳସ ମୁଣ୍ଡାଇ ରଜା ବନ୍ଧ ନିକଟକୁ ଆସିଥିଲେ। ପୂଜକ ଧୋବେଇଧର ନନ୍ଦ ପୂଜାର୍ଚ୍ଚନା କଲା ପରେ ଜଳ ଭର୍ତ୍ତି କରି ଯଜ୍ଞ ମଣ୍ଡପକୁ ଆସିଥିଲେ। ପ୍ରଥମେ ଅଙ୍କୁରାରୋପଣ କରି ଅଧିବାସ ପୂଜା କରାଯାଇଥିଲା। ଆଜି ପ୍ରଥମେ ସୂର୍ଯ୍ୟ ପୂଜା, ଗୋ ପୂଜା, ଗୁରୁ ପୂଜା, ସ୍ତମ୍ଭ ପୂଜା, ଜୁପ ପୂଜା, ଘଟ ସ୍ଥାପନ କରାଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଯଜ୍ଞରେ ପ୍ରମୋଦ ନନ୍ଦ ସପତ୍ନିକ କର୍ତ୍ତା କର୍ତ୍ତ୍ରୀ ଦାୟିତ୍ୱ ତୁଲାଉଥିବା ବେଳେ ପୂଜକ ଭାବେ ଧୋବେଇଧର ନନ୍ଦ, ତ୍ରିନାଥ ନନ୍ଦ, ସଞ୍ଜୀବ ନନ୍ଦ ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି। ସତ୍ୟାନନ୍ଦ ଦାସ ଓ ଅକ୍ଷୟ ଦାସ ପୂଜା କାର୍ଯ୍ୟରେ ସହଯୋଗ କରିଛନ୍ତି। ୧୪ ଦଳ ସଙ୍କୀର୍ତ୍ତନ ମଣ୍ଡଳୀ ନାମଯଜ୍ଞରେ ସାମିଲ ହୋଇଥିଲେ। ମଙ୍ଗଳବାର ଏହା ପୂର୍ଣ୍ଣାହୁତି ହେବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି। ଯଜ୍ଞ କମିଟିର ସଭାପତି ପଣ୍ଡିତ ଜଳନ୍ଧର ଦାସ, ସମ୍ପାଦକ ବୀରେନ୍ ପ୍ରଧାନଙ୍କ ତତ୍ତ୍ୱାବଧାନରେ ତଥା ରିଆମାଳ ଗ୍ରାମବାସୀଙ୍କ ସହାୟତାରେ ଯଜ୍ଞ କାର୍ଯ୍ୟ ପରିଚାଳିତ ହେଉଛି।

### ଭେଡେନ ଓ ଇବ୍ ନଦୀରୁ ଏସ୍ଏମ୍‌ସି କମ୍ପାନୀର ଜଳ ଉଠାଣକୁ ବିରୋଧ

# କମ୍ପାନୀ ପମ୍ପ ହାଉସ ସମ୍ମୁଖରେ ଶତାଧିକ ମହିଳାଙ୍କ ଧାରଣା

ଝାରସୁଗୁଡ଼ା, ୨୦।୪(ସମିସ)



ଝାରସୁଗୁଡା ଜିଲ୍ଲାର ଜୀବନରେଖା ଭାବେ ପରିଗଣିତ ଦୁଇ ପ୍ରମୁଖ ନଦୀ ଭେଡେନ ଓ ଇବ୍ ନଦୀରୁ ହିର୍ମା ଓ ବଡ଼ମାଲ ସ୍ଥିତ ଏସଏମସି କମ୍ପାନୀ ବେଆଇନ ଭାବେ ଜଳ ଉଠାଇବାକୁ ବିରୋଧ କରିଛନ୍ତି ଅଞ୍ଚଳବାସୀ। ଏହାର ପ୍ରତିବାଦରେ ବଡ଼ମାଲ, ହିର୍ମା, ଜମେରା, ମରାକୁଟା ଗ୍ରାମ ପଞ୍ଚାୟତର ଶତାଧିକ ମହିଳା ଓ ଗ୍ରାମବାସୀ ଦୁଇ ୟୁନିଟର ପମ୍ପ ହାଉସ ସମ୍ମୁଖରେ ସୋମବାର ଧାରଣା ଦେଇଛନ୍ତି। ଗ୍ରୀଷ୍ମ ଋତୁରେ ଭେଡେନ ଓ ଇବ ନଦୀରେ ଜଳସ୍ତର ସମ୍ପୂର୍ଣ୍ଣ ଭାବରେ ହ୍ରାସ ପାଇଯାଇଥାଏ। ଯେଉଁ ଅଳ୍ପ ଜଳ ନଦୀରେ ପ୍ରବାହିତ ହୋଇଥାଏ, ସେଥିରେ ଦୁଇ ନଦୀକୂଳରେ ଥିବା ଗ୍ରାମ ଗୁଡିକ ନିଜର ସ୍ନାନଶୌଚ, ଗୃହ ପାଳିତ ପଶୁଙ୍କୁ ଧୋଇବା ତଥା ଅନ୍ୟାନ୍ୟ କାର୍ଯ୍ୟ ଗୁଡିକ ସମ୍ପାଦନ କରିଥାନ୍ତି। କିନ୍ତୁ ବେଆଇନ ଭାବେ ହିର୍ମା ସ୍ଥିତ ଏସଏମସି ୟୁନିଟ ୧ ଏବଂ ବଡ଼ମାଲ ସ୍ଥିତ ଏସଏମସି ୟୁନିଟ ୨ କମ୍ପାନୀ ନିଜ ଇଚ୍ଛା ମୁତାବକ ଅଣମୌସୁମୀ ସମୟରେ ନଦୀରୁ ପାଣି ଉଠାଉଛି। ଦୁଇ ନଦୀରୁ ଜଳ ଉଠାଇବା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖାଦେଉଛି। ମଣିଷ, ଗୃହପାଳିତ ପଶୁ ଓ ପକ୍ଷୀମାନେ ମଧ୍ୟ ଜଳ ପାଇଁ ତହଳବିକଳ ହେଉଛନ୍ତି। ନଦୀ ଉପରେ ନିର୍ଭର କରୁଥିବା ସାଧାରଣ ଲୋକଙ୍କ ଜୀବନଯାପନ ଦୁର୍ବିସହ ହୋଇପଡ଼ିଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ ଗତ ୨୦୨୦ ମସିହା ଜୁଲାଇ ୭ ତାରିଖ, ଚିଠି ସଂଖ୍ୟା ୧୩୪୪୦ ମାଧ୍ୟମରେ ଏସଏମସି କମ୍ପାନୀକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଥିଲା କି, ଅଣମୌସୁମୀ ସମୟରେ ନଦୀରୁ ପାଣି ଉଠାଯାଇପାରିବ ନାହିଁ। କମ୍ପାନୀ ନିଜ ପରିସର ମଧ୍ୟରେ ଜଳ ସଂରକ୍ଷଣ କରି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲେ ସୁଦ୍ଧା, କମ୍ପାନୀ କର୍ତ୍ତୃପକ୍ଷ ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି। ଏହି ବିଷୟରେ ଗତ ଦୁଇ ମାସ ହେବ ଝାରସୁଗୁଡା ଜିଲ୍ଲାପାଳଙ୍କୁ ଅଞ୍ଚଳବାସୀଙ୍କ ତରଫରୁ ଦାବିପତ୍ର ଦିଆଯାଇଥିଲେ ମଧ୍ୟ କମ୍ପାନୀ ବେଖାତିର କରି ନଦୀରୁ ଉଠାଇବା ଯୋଗୁଁ ସ୍ଥାନୀୟ ଶତାଧିକ ମହିଳା ଓ ଗ୍ରାମବାସୀମାନେ ଧାରଣା ଦେଇଥିଲେ। ଧାରଣା ସ୍ଥାନକୁ ପ୍ରଶାସନ ନ ଯାଇ ପୁଲିସ ବୁଝାସୁଝା କରୁଥିବାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ପରେ ପ୍ରଶାସନ ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଘଟଣା ତଦନ୍ତ ସହିତ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ପ୍ରତିଶ୍ରୁତି ଦେବାରୁ ମହିଳା ଓ ଗ୍ରାମବାସୀମାନେ ଧାରଣାରୁ ଉଠିଥିଲେ। ଏନେଇ ଝାରସୁଗୁଡା ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା କହିଛନ୍ତି, ଏନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ଠାରୁ ଚିଠି ପ୍ରାପ୍ତ ହୋଇଛି। ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଜଳସମ୍ପଦ ବିଭାଗର ଅଧିକାରୀଙ୍କ ସହ ଘଟଣା ସ୍ଥଳକୁ ଯାଇ ତଦନ୍ତ କରାଯିବ ବୋଲି କହିଛନ୍ତି। ଅନ୍ୟପଟରେ ଯଦି ଜିଲ୍ଲା ପ୍ରଶାସନ ଘଟଣାର ଶୀଘ୍ର ତଦନ୍ତ କରି ସମାଧାନ ନ କରନ୍ତି ଏବଂ କମ୍ପାନୀ କର୍ତ୍ତୃପକ୍ଷ ନଦୀରୁ ପାଣି ପୁଣି ଉଠାନ୍ତି, ତାହାହେଲେ ଆଗାମୀ ଦିନରେ ବଡ଼ ଧରଣର ଜନ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

# କୋଲାବିରାରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

**ଝାରସୁଗୁଡ଼ା, ୨୦।୪ (ସମିସ):** ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆଜି କୋଲାବିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଏକ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ପ୍ରତ୍ୟକ୍ଷ ଭାବେ ଶୁଣିବା ସହ ତାର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ମୋଟ ୩୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ମୁଖ୍ୟତଃ ଜମିଜମା ବିବାଦ, ପାନୀୟ ଜଳ ସମସ୍ୟା, ବିଭିନ୍ନ ଯୋଜନାରେ ଆର୍ଥିକ ସହାୟତା ଏବଂ ଭିନ୍ନକ୍ଷମମାନଙ୍କ ସମସ୍ୟା ସମ୍ପର୍କିତ ଅଭିଯୋଗ ଆସିଥିଲା। ପ୍ରଶାସନ ପକ୍ଷରୁ ସମସ୍ତ ଆବେଦନର ଯାଞ୍ଚ କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଏହି ଶୁଣାଣି କାଳରେ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୪ ଜଣ ବ୍ୟକ୍ତିଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ଭିନ୍ନକ୍ଷମମାନଙ୍କୁ ସରକାରୀ ସୁବିଧା ଯୋଗାଇଦେବା ଉପରେ ଜିଲ୍ଲାପାଳ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଉପ ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ପଦାଧିକାରୀମାନେ ଉପସ୍ଥିତ ରହିଥିଲେ।



**୩୦ଟି ଅଭିଯୋଗର ଶୁଣାଣି**

**ରେଡକ୍ରସ ପାଣ୍ଠିରୁ ୪ ଜଣଙ୍କୁ ସହାୟତା**

# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର



**ଦେବଗଡ଼, ୨୦।୪(ସମିସ):** ଆଜି ତିଲେଇବଣି ବ୍ଲକ ଗଣ୍ଡମ୍ ଗ୍ରାମପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ୫୦ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୨୬ ଟି ବ୍ୟକ୍ତିଗତ ଏବଂ ୨୪ଟି ସାମୁହିକ ଅଭିଯୋଗ ରହିଥିଲା। ଜଙ୍ଗଲ ଜମି ପଟ୍ଟା, ଆର୍‌ଡି ରୋଡ, ସି ସି ରୋଡ, ଶିକ୍ଷକ ବଦଳି, ଷ୍ଟ୍ରିଟ୍ ଲାଇଟ୍ ଓ ମୋବାଇଲ୍ ନେଟୱର୍କର ଉନ୍ନତିକରଣ ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ତିଳେଇବଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନି ମିର୍ଦ୍ଧା ଓ ତହସିଲଦାର ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


### 'ସ୍ନେହ ସେତୁ'

# ବିହାରରୁ ଉଦ୍ଧାର ହେଲେ ଝାରସୁଗୁଡ଼ାର ନରେନ୍ଦ୍ର

**ଝାରସୁଗୁଡ଼ା, ୨୦।୪(ସମିସ):** ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ସ୍ନେହ ସେତୁ' ଅଭିଯାନର ଆଉ ଏକ ସଫଳ ପ୍ରତିଫଳନ ଆଜି ଦେଖିବାକୁ ମିଳିଛି। ସ୍ନେହର ସେତୁ ଯୋଗୁଁ ଝାରସୁଗୁଡ଼ାର ମାନସିକ ଅନଗ୍ରସର ନରେନ୍ଦ୍ର ପୋଡ଼ ବିହାରରୁ ଉଦ୍ଧାର ହୋଇଛନ୍ତି। ସୂଚନାନୁଯାୟୀ, କିର୍ମିରା ବ୍ଲକ ଭିମଯୋର ପଞ୍ଚାୟତ ଅନ୍ତର୍ଗତ ହଣ୍ଡାତୋପା ଗ୍ରାମର ଅଞ୍ଚଳର ନରେନ୍ଦ୍ର ପୋଡ଼ ନାମକ ଜଣେ ମାନସିକ ଅନଗ୍ରସର ବ୍ୟକ୍ତି ଗତ ଦେଢ଼ ବର୍ଷ ଧରି ନିଖୋଜ ଥିଲେ। ପରିବାର ଲୋକେ ସବୁ ଆଶା ଛାଡ଼ି ଦେଇଥିବା ବେଳେ ହଠାତ୍ ଦୁଇ ଦିନ ତଳେ ଜିଲ୍ଲାପାଳ ଚହ୍ୱାଣ ନିଜ ଇନଷ୍ଟାଗ୍ରାମ ଫିଡ୍‌ରେ ବ୍ଲଗର ଶୁଭମ ବାରିକଙ୍କ ଏକ ଭିଡିଓ ଦେଖିବାକୁ ପାଇଥିଲେ। ଭିଡିଓଟିରେ ବିହାରର ବଖଣ୍ଡିଆରପୁର ଅଞ୍ଚଳରେ ଜଣେ ଅସହାୟ ବ୍ୟକ୍ତି ଉଦ୍ଧାର ପାଇଁ ଆକୁଳ ନିବେଦନ କରୁଥିଲେ। ଜିଲ୍ଲାପାଳ ତୁରନ୍ତ ଏହା ଉପରେ ପଦକ୍ଷେପ ଗ୍ରହଣ କରିଥିଲେ। ସେ ତୁରନ୍ତ ଏକ ଉଦ୍ଧାରକାରୀ ଦଳ ବିହାର ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ କୁମାର ନାଏକ ତାଙ୍କ ବଡ଼ ଭାଇ ସୁରେନ୍ଦ୍ର ପୋଡ଼ଙ୍କ ସହ ଯୋଗାଯୋଗ କରି ଏକ ସ୍ୱତନ୍ତ୍ର ଟିମ୍ ବିହାର ପଠାଇଥିଲେ। ପିପୁଲ୍ସ ଫୋରମ୍ ଏନ୍‌ଜିଓର ଜଣେ କାଉନସେଲର ଓ କର୍ମଚାରୀଙ୍କ ସହାୟତାରେ ବଖଣ୍ଡିଆରପୁର ପୋଲିସ ସହିତ ସମନ୍ୱୟ ରକ୍ଷା କରି ନରେନ୍ଦ୍ରଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ନରେନ୍ଦ୍ରଙ୍କୁ ଦେଢ଼ ବର୍ଷ ପରେ ଫେରିପାଇଥିବାରୁ ତାଙ୍କ ପରିବାର ଓ ତାଙ୍କ ବଡ଼ ଭାଇ ସୁରେନ୍ଦ୍ର ପୋଡ଼ ଜିଲ୍ଲାପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି। ନରେନ୍ଦ୍ର ଝାରସୁଗୁଡ଼ା ଫେରିବା ପରେ ତାଙ୍କର ଉପଯୁକ୍ତ ଚିକିତ୍ସା ଓ କାଉନସେଲିଂ କରାଯିବ। ତାଙ୍କୁ ବର୍ତ୍ତମାନ ଆଶାଲୋକ-୧ରେ ରଖାଯାଇଛି ବୋଲି ଜିଲ୍ଲାପାଳ ସୂଚାଇଛନ୍ତି।

# ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ତେଜରାଜ ସାହୁଙ୍କ ପରଲୋକ

**ଝାରସୁଗୁଡା, ୨୦।୪ (ସମିସ):** ଝାରସୁଗୁଡା ଜିଲ୍ଲା କିର୍ମିରା ବ୍ଲକ ଝାରମୁଣ୍ଡା ପଞ୍ଚାୟତ ସ୍ଥିତ ବାଗଡ଼ିହି ଗ୍ରାମ ନିବାସୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବର୍ତ୍ତମାନର ରହିତ ବ୍ଲକ ଅଧ୍ୟକ୍ଷ । କ୍ରିଷ୍ଣା ପ୍ରିୟା ସାହୁଙ୍କ ସ୍ୱାମୀ



ତେଜରାଜ ସାହୁଙ୍କ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସପିଟାଲରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନରୁ କ୍ୟାନ୍ସର ରୋଗରେ ପୀଡିତ ଥିଲେ। ସମାଜସେବା ମନବୃତ୍ତି ପାଇଁ ସେ ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ତାଙ୍କର ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଜିଲ୍ଲାସ୍ତରୀୟ କବି ଜୟଦେବଙ୍କ ଜୟନ୍ତୀ

**ଦେବଗଡ଼, ୨୦।୪ (ସମିସ):** ଆଜି ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନଠାରେ କବି ଜୟଦେବଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ଅଧିକାରୀ ମୁକେଶ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଓ ସମ୍ମାନିତ ଅତିଥିଭାବେ ଭାରପ୍ରାପ୍ତ ପୌରପରିଷଦ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଓ ଜିଲ୍ଲା ସଂସ୍କୃତି ପରିଷଦ ସଂଯୋଜକ ଦିଲୀପ କୁମାର ଗୁରୁ ମଞ୍ଚାସୀନ ରହି କବି ଜୟଦେବଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିବୃନ୍ଦ କବି ଜୟଦେବଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ପରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଗୀତଗୋବିନ୍ଦ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ବରିଷ୍ଠ ନାଗରିକ ସୁଧିର କପରଦାର, ମାର୍କଣ୍ଡେଶ୍ୱର ଶତପଥୀ, ନିରଞ୍ଜନ ଦ୍ୱିବେଦୀ, ମିତ୍ରଭାନୁ ମହାପାତ୍ର, ରାମଚନ୍ଦ୍ର ମହାପାତ୍ର, ପ୍ରଫୁଲ୍ଲ କୁମାର ମହାପାତ୍ର, ସୁଶୀଲ କପରଦାର, ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ସଂସ୍କୃତି ପରିଷଦ ସଦସ୍ୟ ଅବନିକାନ୍ତ ମିଶ୍ର, ବରିଷ୍ଠ ନାଗରିକ ବୁଦ୍ଧିଜୀବୀ, ସାମ୍ବାଦିକ ଓ ସ୍ଥାନୀୟ କଳାକାର ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

### ଅକ୍ଷୟ ତୃତୀୟା ଓ ଅକ୍ଷିମୁଠି ଅନୁକୂଳ

# ବଡ଼ମାଲ କୃଷି ବିଜ୍ଞାନ କେନ୍ଦ୍ରରେ ଜିଲ୍ଲାପାଳ କଲେ ଅକ୍ଷିମୁଠି ଅନୁକୂଳ

ଝାରସୁଗୁଡ଼ା, ୨୦।୪(ସମିସ)

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଝାରସୁଗୁଡ଼ା ଜିଲ୍ଲାରେ କୃଷି କାର୍ଯ୍ୟର ଶୁଭାରମ୍ଭ ହୋଇଯାଇଛି। ବଡ଼ମାଲ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟଅତିଥି ଭାବେ ଯୋଗ

**ଜିଲ୍ଲାର ୩୯ ହଜାରରୁ ଊର୍ଦ୍ଧ୍ୱ କୃଷକଙ୍କୁ 'ସିଏମ୍ କିଷାନ ସହାୟତା'**

ଦେଇ ବିଧି ଅନୁସାରେ ପୂଜା ଅର୍ଚ୍ଚନା କରିବା ସହ ଅଖିମୁଠି ଅନୁକୂଳ ମାଧ୍ୟମରେ ଚଳିତ ବର୍ଷର କୃଷି କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ 'ସିଏମ୍ କିଷାନ ସହାୟତା'



ଯୋଜନା ସହାୟତା ରାଶି ପ୍ରଦାନ କରିଛନ୍ତି। ଝାରସୁଗୁଡ଼ା ଜିଲ୍ଲାର ୩୯, ୧୩୨ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଏହି ଯୋଜନାରେ ସିଧାସଳଖ ୭ କୋଟି ୮୨ ଲକ୍ଷ ୬୪ ହଜାର ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଏଥିମଧ୍ୟରୁ ୩୮, ୭୬୬ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୩୬୬ ଜଣ ଭୂମିହୀନ କୃଷି ପରିବାର ପ୍ରତ୍ୟେକଙ୍କୁ ୨୦୦୦ ଟଙ୍କା ଲେଖାଏଁ ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। ଜିଲ୍ଲାର ୫ଟି ବ୍ଲକ ଯଥା-ଲାଇକେରା, କୋଲାବିରା, କିର୍ମିରା, ଲଖନପୁର ଏବଂ ଝାରସୁଗୁଡ଼ାର କୃଷକମାନେ ଏଥିରେ ସାମିଲ ରହିଥିବା ଜଣାପଡ଼ିଛି। ଏହି ଅବସରରେ ଜିଲ୍ଲାପାଳ ଅକ୍ଷୟ ତୃତୀୟା ଆମ ମାଟି ଏବଂ ମାଟିର ମଣିଷଙ୍କ ସମୃଦ୍ଧିର ପର୍ବ। କୃଷକମାନଙ୍କ ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରି ଏକ ବିକଶିତ ଓଡ଼ିଶା ଗଠନ କରିବା ଦିଗରେ ରାଜ୍ୟ ସରକାରଙ୍କ ପ୍ରତିଟି ବିକାଶମୂଳକ କାର୍ଯ୍ୟକୁ ପ୍ରତିଫଳନ କରିବା ଜିଲ୍ଲା ପ୍ରଶାସନର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଏହି ସ୍ୱତନ୍ତ୍ର ସଭାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି ରଘୁନନ୍ଦନ ପଣ୍ଡା, ସାଂସଦଙ୍କ ପ୍ରତିନିଧି ଶ୍ଳୋକ ସର୍ନା, ବିଧାୟକଙ୍କ ପ୍ରତିନିଧି ହେମାରଞ୍ଜନ ସିଂ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା କୃଷି ମଞ୍ଚ ସଭାପତି ମୁରଲୀ ପାଣିଗ୍ରାହୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡ. ସମୀର ରଞ୍ଜନ ଦାସ ଉପସ୍ଥିତ ରହି ଚାଷୀଙ୍କୁ ବୈଷୟିକ ଜ୍ଞାନକୌଶଳ ଓ ଉନ୍ନତ କୃଷି ପ୍ରଣାଳୀ ବିଷୟରେ ସଚେତନ କରାଇଥିଲେ।

# ଅକ୍ଷିମୁଠି ଅନୁକୂଳ କଲେ ବିଧାୟକ



**ଦେବଗଡ଼, ୨୦।୪(ସମିସ):** ଆଜି ପବିତ୍ର ଅକ୍ଷୟ ତୃତୀୟ ଦିବସ ଅବସରରେ ବାରକୋଟ ବ୍ଲକ ବିଜୟନଗର ସରଣି ପାଟ ମନ୍ଦିର ପଡ଼ିଆ ପରିସରରେ ଜିଲ୍ଲାସ୍ତରୀୟ କୃଷକ ଦିବସ ତଥା ଅକ୍ଷୟ ତୃତୀୟା ପାଳନ ସମାରୋହ ଏବଂ ଅଖି ମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ କୁମାର ପାତ୍ର ଓ କୃଷକ ଉପଦେଷ୍ଟା ମଣ୍ଡଳୀର ଅଧ୍ୟକ୍ଷ ଭରତ ଭୁଷଣ ପ୍ରଧାନ ଯୋଗଦେଇ ଅଖି ମୁଠି ଅନୁକୂଳ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସିଏମ କିଶାନ ସହାୟତା ରାଶି ପ୍ରଦାନର ସିଧା ପ୍ରସାରଣ କରାଯାଇଥିଲା। ଏହି ଅବସରରେ ଦେବଗଡ଼ ଜିଲ୍ଲାର ୪୧ ହଜାର ୮୮୩ ଜଣ ଚାଷୀଙ୍କ ଜମାଖାତାକୁ ୨୦୦୦ ଟଙ୍କା ଲେଖାଏଁ ସହାୟତା ରାଶି ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଥିଲା।

ସକାଳ
THE SAKALA



# ଆଜି ରାଉରକେଲା ଆସିବେ ରାଷ୍ଟ୍ରପତି

ରାଉରକେଲା,୨୦।୪(ସମିସ): ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ରାଉରକେଲାକୁ ଦିନିକିଆ ଗସ୍ତରେ ଆସିବେ। ଏହି ଅବସରରେ ସେ ଏୟାରପୋର୍ଟ ଗ୍ରାଉଣ୍ଡରେ ବିଶାଳ ସମାବେଶ 'ଆଦି ପର୍ବ - ୨୦୨୬' ରେ ଯୋଗଦେଇ ସମ୍ବୋଧିତ କରିବେ। ରାଷ୍ଟ୍ରପତିଙ୍କ

- ୪୫ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ, 'ନୋ ଡ୍ରୋନ ଜୋନ୍' ଘୋଷିତ
- ଏୟାରପୋର୍ଟ ଗ୍ରାଉଣ୍ଡରେ ବିଶାଳ ସମାବେଶକୁ ସମ୍ବୋଧିତ କରିବେ
- ଆଦିବାସୀ ସଂଗ୍ରହାଳୟ, କମାଣ୍ଡ କଣ୍ଟ୍ରୋଲ ସେଣ୍ଟର, ବିଜ୍ଞାନ ପାର୍କ, ପ୍ଲାନେଟୋରିୟମ୍, ନିର୍ମଳ ମୁଣ୍ଡା ପରିବେଶ ପଥକୁ କରିବେ ଲୋକାର୍ପଣ
- ଆଇଜି ଅପରେସନଙ୍କ ନେତୃତ୍ୱରେ ୧୧ ଏସପି ପାହ୍ୟା ଅଫିସର କରିବେ ତଦାରଖ

କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ, ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ରାଜ୍ୟସଭା ସାଂସଦ ଦିଲିପ ରାୟ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ସ୍ୱତନ୍ତ୍ର ବିମାନ ଯୋଗେ ସକାଳ ୧୦ଟା ୨୫ ମିନିଟରେ ଝାରସୁଗୁଡ଼ା ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ୧୦ଟା ୩୫ ମିନିଟ୍‌ରେ ପୁନଶ୍ଚ ଅନ୍ୟ ଏକ ସ୍ୱତନ୍ତ୍ର ବିମାନରେ ବାହାରି ରାଉରକେଲା ବିମାନ ବନ୍ଦରରେ ୧୧ଟା ୧୦ ମିନିଟରେ ପହଞ୍ଚିବେ। ସେଠାରୁ ପୂର୍ବାହ୍ନ ୧୧ଟା ୩୦ ମିନିଟରେ ରାଉରକେଲା ଏୟାରପୋର୍ଟରେ ପହଞ୍ଚିବେ। ୧୧ଟା ୪୦ରୁ ୧୨ଟା ୪୦ ମିନିଟ ପର୍ଯ୍ୟନ୍ତ ୧ ଘଣ୍ଟା ଧରି ରାଷ୍ଟ୍ରପତି ସଭାସ୍ଥଳରେ ଉପସ୍ଥିତ ରହିବା ସହ ବିଶାଳ



ସମାବେଶକୁ ସମ୍ବୋଧିତ କରିବେ। ରାଷ୍ଟ୍ରପତିଙ୍କ ରାଉରକେଲା ଗସ୍ତକୁ ଦୃଷ୍ଟିରେ ରଖି ସମସ୍ତ ଭ୍ରମଣକାରୀ ସ୍ଥାନ ତଥା ଏହାର ଆଖପାଖ ଅଞ୍ଚଳକୁ 'ନୋ ଡ୍ରୋନ୍ ଜୋନ୍' ଭାବରେ ଘୋଷିତ କରାଯାଇଛି। ଆଜି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରଘୁନାଥପାଲି ବିଧାୟକ ଦୁର୍ଗା ତନ୍ତୀ, ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ଆଇଜି ଅପରେସନ ଜୟନାରାୟଣ ପଙ୍କଜ, ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ, ରାଉରକେଲା ଏସପି ନିତେଶ ୱାଧୱାନୀ ପ୍ରମୁଖ ଏୟାରପୋର୍ଟ ଗ୍ରାଉଣ୍ଡ ସଭାସ୍ଥଳ, ରାଉରକେଲା ୱାନ୍ ପରିସର, ଆଦିବାସୀ ସଂଗ୍ରହାଳୟ ଗସ୍ତ କରି ସ୍ଥିତି ଓ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ଏହି ଗସ୍ତ ସମୟରେ ରାଷ୍ଟ୍ରପତି ରାଉରକେଲା ସହରର ସିଭିଲ ଟାଉନସିପ୍‌ଠାରେ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ ପକ୍ଷରୁ ୪୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ବିଭିନ୍ନ ଜନଜାତି ଆଦିବାସୀମାନଙ୍କ ଜୀବିକା ଓ ଜୀବନ ଶୈଳୀ ଉପରେ ନିର୍ମିତ ଆଦିବାସୀ ସଂଗ୍ରହାଳୟକୁ ଲୋକାର୍ପଣ କରିବା ସହ ସେଠାରେ ୪୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଇଣ୍ଟିଗ୍ରେଟେଡ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର(ଆଇସିସିସି)କୁ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହ ୪୮ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ର (ଆଇସିସିସି)କୁ ରାଷ୍ଟ୍ରପତି ଲୋକର୍ପଣ କରିବାର କାର୍ଯ୍ୟକ୍ରମ ରହିଛି।

ସେହିଭଳି ଛେଣ୍ଡଠାରେ ୨୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ବିଜ୍ଞାନ ପାର୍କ ଓ ପ୍ଲାନୋଟାରିୟମ ଏବଂ ନିର୍ମଳ ମୁଣ୍ଡା ପରିବେଶ ପଥକୁ ଆଭାସୀ ଯୋଗେ ଏୟାରପୋର୍ଟ ସଭାସ୍ଥଳରୁ ରାଷ୍ଟ୍ରପତି ଲୋକର୍ପଣ କରିବେ ବୋଲି ସୁନ୍ଦରଗଡ଼ ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଆଇଜି ଅପରେସନ ଜୟନାରାୟଣ ପଙ୍କଜ, ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ, ରାଉରକେଲା ଏସପି ନିତେଶ ୱାଧୱାନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଷ୍ଟ୍ରପତିଙ୍କ ପୁରା ଗସ୍ତ କାର୍ଯ୍ୟକ୍ରମ ପରିଚାଳିତ ହେବ। ଆଇନ ଶୃଙ୍ଖଳା ପରିସ୍ଥିତିର ସୁରକ୍ଷା ପାଇଁ ମୋଟ ୪୫ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି। ୧୧ ଜଣ ଏସପି ପାହ୍ୟାର ବରିଷ୍ଠ ପୁଲିସ ଅଧିକାରୀ, ୧୩ ଜଣ ଅତିରିକ୍ତ ଏସପି, ୩୦ରୁ ଉର୍ଦ୍ଧ୍ୱ ଡିଏସପି ଏବଂ ଶତାଧିକ ସଂଖ୍ୟାରେ ଇନ୍ସପେକ୍ଟର, ସବ ଇନ୍ସପେକ୍ଟର, ଏଏସଆଇ ମୁତୟନ ହୋଇଥିବା ସୂଚନା ମିଳିଛି। ଏତଦବ୍ୟତୀତ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିମାନ ବନ୍ଦର ପଡିଆରେ ଅନୁଷ୍ଠିତ ସଭାରେ ପାନୀୟ ଜଳ, ଓଆରଏସ, ପାଞ୍ଚଟି ଆଡଭାନ୍ସ ଆମ୍ବୁଲାନ୍ସ, ୪୦ରୁ ଅଧିକ ଡାକ୍ତର, ୧୦ ଜଣ ଅଧିକ ବିଶେଷଜ୍ଞ ଡାକ୍ତର ଉପସ୍ଥିତ ରହିବେ ବୋଲି ସୁନ୍ଦରଗଡ଼ ଜିଲ୍ଲାପାଳ ସୂଚନା ଦେଇଛନ୍ତି।

## ଜାତୀୟ ପୁଲିସ ୱାଟର ସ୍ପୋର୍ଟସ ଚାମ୍ପିଅନସିପରେ ଓଡ଼ିଶ ପୁଲିସକୁ ୨ଟି ରୌପ୍ୟ ଓ ୭ଟି କାଂସ୍ୟ



କଟକ,୨୦।୪(ସମିସ): ଉତ୍ତରାଖଣ୍ଡର ତେହେରିଠାରେ ଅନୁଷ୍ଠିତ ୨୫ତମ ସର୍ବଭାରତୀୟ ପୁଲିସ ୱାଟର ସ୍ପୋର୍ଟସ (ଜଳକ୍ରୀଡ଼ା) କ୍ଲଷ୍ଟର (କାୟାକିଙ୍ଗ, କାନୋଇଙ୍ଗ ଏବଂ ରୋଇଙ୍ଗ) ଚାମ୍ପିଅନସିପରେ ଓଡ଼ିଶା ପୁଲିସର କ୍ରୀଡ଼ାବିତ ଉଲ୍ଲେଖନୀୟ ପ୍ରଦର୍ଶନ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ସଫଳ କ୍ରୀଡ଼ାବିତମାନେ ଆଜି ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଡିଜିପି ଶ୍ରୀ ଖୁରାନିଆ ସମସ୍ତ ପଦକ ବିଜେତାଙ୍କୁ ସ୍ୱାଗତ କରିବା ସହ ସେମାନଙ୍କ କ୍ରୀଡ଼ା ନୈପୁଣ୍ୟକୁ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ଗତ ଏପ୍ରିଲ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ପୁଲିସ ଦଳ ସମୁଦାୟ ୨ଟି ରୌପ୍ୟ ଏବଂ ୭ଟି ବ୍ରୋଞ୍ଜ ପଦକ ହାସଲ କରିଛି। ରୋଇଙ୍ଗ ଏବଂ କାନୋଇଙ୍ଗ ଭଳି ପ୍ରତିଯୋଗିତାରେ ଓଡ଼ିଶାର ମହିଳା କ୍ରୀଡ଼ାବିତମାନେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି।

**ଡିଜିପିଙ୍କୁ ଭେଟିଲେ କୃତୀ ପ୍ରତିଯୋଗୀ**

ରିତୁ କାଉଡି (ସୁନ୍ଦରଗଡ଼) ରୋଇଙ୍ଗ ୫୦୦ ମିଟରରେ ରୌପ୍ୟ ଏବଂ ୨୦୦୦ ମିଟରରେ ବ୍ରୋଞ୍ଜ ପଦକ ହସ୍ତ କ୍ରିଟିବ ବେଳେ ସୋନାଲିକା ଦାସ (ୟୁପିଡି କଟକ)ଙ୍କୁ ରୋଇଙ୍ଗ ୫୦୦ ମିଟରରେ ରୌପ୍ୟ ଏବଂ ୨୦୦୦ ମିଟରରେ ବ୍ରୋଞ୍ଜ ପଦକ ମିଳିଛି। ସଚିମା କେର୍କେଟା (ସୁନ୍ଦରଗଡ଼) କାନୋଇଙ୍ଗ (୨୦୦ ମିଟର)ରେ ବ୍ରୋଞ୍ଜ ପଦକ ପାଇଥିବା ବେଳେ ସଞ୍ଜୁକ୍ତା ଡୁଙ୍ଗଡୁଙ୍ଗ (କଟକ), ରେଶମା ଲାକ୍ରା (ସୁନ୍ଦରଗଡ଼), ରିଚେଲ ଲାକ୍ରା (ସୁନ୍ଦରଗଡ଼) ଏବଂ ସୁମିତ୍ରା ମଲ୍ଲିକ (କଟକ) ପ୍ରମୁଖ ରୋଇଙ୍ଗ (୫୦୦ ମିଟର) ବର୍ଗରେ ମିଳିତ ଭାବେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

## କଣ୍ଟାବାଞ୍ଜି ନିର୍ବାଚନ ମାମଲା: ବନ୍ଦ ଲଫାଫାରେ ଥିବା ଦସ୍ତାବିଜ୍ ଯାଞ୍ଚ ପାଇଁ ହାଇକୋର୍ଟଙ୍କ ଅନୁମତି

କଟକ,୨୦।୪(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ଅନିୟମିତତା ସମ୍ପର୍କିତ ମାମଲାର ଶୁଣାଣି କରି ଉଭୟ ପକ୍ଷଙ୍କୁ ବନ୍ଦ ଲଫାପାରେ ଥିବା ଦସ୍ତାବିଜ୍ ଯାଞ୍ଚ କରିବାକୁ ଉଭୟ ପକ୍ଷଙ୍କୁ ଅନୁମତି ପ୍ରଦାନ କରିଛନ୍ତି ହାଇକୋର୍ଟ। ଗିରିରାଜ ସିଂ ମାଝୀଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ବଲାଙ୍ଗିର ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ ପକ୍ଷରୁ ଏହି ନିର୍ବାଚନ ମାମଲା ସମ୍ପର୍କିତ କିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ସିଲ୍? ବନ୍ଦ ଲଫାପାରେ ଅଦାଲତରେ ଦାଖଲ କରାଯାଇଛି। କୋର୍ଟ ମାଷ୍ଟର ଏହି ସିଲ୍ ବନ୍ଦ ଲଫାପାକୁ ଅଦାଲତରେ ଉପସ୍ଥାପନ କରିଥିଲେ ମଧ୍ୟ ଏହା ଏପର୍ଯ୍ୟନ୍ତ ଖୋଲାଯାଇ ନାହିଁ। ମାମଲାର ପକ୍ଷଭୁକ୍ତ ଆବେଦନକାରୀ ଓ ପ୍ରତିପକ୍ଷ ବିଧାୟକ ଲକ୍ଷ୍ମଣ ବାଗ୍‌ଙ୍କ ପକ୍ଷରୁ ଆଇନଜୀବୀ ମାନେ ଏହି ଦସ୍ତାବିଜ୍ ଯାଞ୍ଚ କରିବାକୁ ଅନୁରୋଧ କରିଥିଲେ। ଅଦାଲତ ଏହି ପ୍ରାର୍ଥନାକୁ ଗ୍ରହଣ କରି ରେଜିଷ୍ଟ୍ରାର (ଜୁଡିସିଆଲ)ଙ୍କ ସମ୍ମୁଖରେ ଦସ୍ତାବିଜ୍ ଯାଞ୍ଚ କରିବାକୁ ଅନୁମତି ଦେଇଛନ୍ତି। ଆସନ୍ତା ଏପ୍ରିଲ ୨୪, ୨୦୨୬ ତାରିଖରେ ଉଭୟ ପକ୍ଷର ଆଇନଜୀବୀ ମାନେ ଏହି ଦସ୍ତାବିଜ୍ ଗୁଡ଼ିକର ଯାଞ୍ଚ କରିପାରିବେ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଏହି ନିର୍ବାଚନ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ମେ' ୧୧ତାରିଖକୁ ଧାର୍ଯ୍ୟ କରାଯାଇଛି।

## ହାତୀର ଗଳିତ ମୃତଦେହ ଉଦ୍ଧାର

ହିନ୍ଦୋଳ,୨୦।୪(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳରେ ପୁଣି ଗୋଟିଏ ମାଈହାତୀର ଗଳିତ ମୃତଦେହ ଉଦ୍ଧାର କରିଛି ବନବିଭାଗ। ଗତ ୧ ସପ୍ତାହ ମଧ୍ୟରେ ଏହି ବନାଞ୍ଚଳରେ ଦୁଇ ହାତୀର ମୃତ୍ୟୁକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ହିନ୍ଦୋଳ ଏନଏସି ସିଙ୍ଗଳ ଜଙ୍ଗଲରେ ହାତୀ ମୃତଦେହ ଦେଖି ସୋମବାର ସକାଳେ ଗ୍ରାମବାସୀ ବନବିଭାଗକୁ ଜଣାଇଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚି ଦଣ୍ଡିରୀ ସେକ୍ସନ କନକା ବିଟ ଅଞ୍ଚଳରୁ ମୃତଦେହ ଉଦ୍ଧାର କରିଥିଲେ। ୪/୫ଦିନ ପୂର୍ବରୁ ହାତୀର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଖବର ପାଇ ଢେଙ୍କାନାଳ ଡିଏଫଓ ସୁମିତ କର, ହିନ୍ଦୋଳ ରେଞ୍ଜର ତ୍ରିଲୋଚନ ଦେହୁରୀ, ସାଇଣ୍ଟିଫିକ, ଡାକ୍ତରୀ ଟିମ ସହ ପହଞ୍ଚି ଶବ ବ୍ୟବଚ୍ଛେଦ କରିବା ପରେ ପୋତିଦେଇଥିଲେ। ମୃତ ହାତୀର ବୟସ ୨୦ରୁ ୨୨ବର୍ଷ ହେବ ବୋଲି ବନବିଭାଗ ପକ୍ଷରୁ



ସୂଚନା ଦିଆଯାଇଛି। ହାତୀଟି ଗର୍ଭବତୀ ଥିଲା ବୋଲି ଜଣାପଡ଼ିଛି। ହିନ୍ଦୋଳରେ ବାରମ୍ବାର ହାତୀମୃତ୍ୟୁକୁ ନେଇ ପରିବେଶବିତ, ବୁଦ୍ଧିଜୀବୀ ଓ ଜନସାଧାରଣ ଉଦବେଗ ପ୍ରକାଶ କରିବା ସହ ହାତୀ ଓ ମଣିଷ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ବନଖଣ୍ଡ ଅଧିକାରୀ ସୁମିତ କର କହିଛନ୍ତି ଯେ ପ୍ରସବ ଜନିତ ସମସ୍ୟାରୁ ହାତୀର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଶବ ବ୍ୟବଚ୍ଛେଦ କରାଯାଇଥିବା ବେଳେ ନମୁନା ଲାବରେଟୋରୀକୁ ପଠାଇ ଦିଆଯାଇଥିବା ସେ କହିଛନ୍ତି।

## ରେଳ ଧାରଣାରୁ ମୃତଦେହ ଉଦ୍ଧାର

ବୌଦ୍ଧ,୨୦।୪ (ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଲୁଣିବାହାଲ ପଞ୍ଚାୟତ ମଧୁସୂଦନପୁର ଗ୍ରାମ ନିକଟରେ ଯାଇଥିବା ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନ ନିକଟରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ମିଳିଛି। ମୃତକ ହେଲେ ମଧୁସୂଦନପୁର ଗ୍ରାମର ବିଜୟ ଦଳବେହେରା। ରେଳ ଧାରଣା ଉପରେ ତାଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ପଡିଥିଲା। ଖବର ପାଇ ଘଟଣା ସ୍ଥଳରେ ପୁଲିସ ଓ ଘର ଲୋକ ପହଞ୍ଚି ଥିଲେ। ପରିବାର ଲୋକ ମୃତଦେହ ଚିହ୍ନଟ କରିବା ପରେ ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ପଠାଇଥିଲା।

## ବିଜେପିକୁ କଂଗ୍ରେସର ପ୍ରଶ୍ନ: ୨୦୨୩ରେ ଗୃହୀତ ମହିଳା ସଂରକ୍ଷଣ ବିଜ୍ଞପ୍ତି ପ୍ରକାଶ ପାଇଁ ୩ ବର୍ଷ ଲାଗିଲା କାହିଁକି

ଭୁବନେଶ୍ୱର,୨୦।୪(ସମିସ): ଦେଶରେ ୨୦୨୩ରେ ସର୍ବସମ୍ମତି କ୍ରମେ ବିଲ ପାରିତ ହୋଇଥିଲା। ଲୋକସଭାରେ ଦୁଇଜଣ ସଦସ୍ୟ ଏହାକୁ ବିରୋଧ କରିଥିଲେ ହେଁ ସବୁ ରାଜନୈତିକ ଦଳ ଏହାକୁ ସମର୍ଥନ କରିଥିଲେ। ଏହା ଆଇନରେ ପରିଣତ ହୋଇଥିଲା। ମାତ୍ର

**୫୪୩ ଆସନରୁ ମହିଳାଙ୍କପାଇଁ ସଂରକ୍ଷିତ କରାଯାଉ ୧୮୧ ଆସନ**

୩ ବର୍ଷ ପରେ ଏହି ଆଇନ ବିଜ୍ଞପ୍ତି କେନ୍ଦ୍ର ସରକାର ପ୍ରକାଶ କଲେ। ନୋଟିଫିକେସନ୍ ପାଇଁ ତିନି ବର୍ଷ ବିଳମ୍ବ କରିବାର କାରଣ କଣ ବୋଲି ବିଜେପିକୁ ପ୍ରଶ୍ନ କରିଛନ୍ତି କଂଗ୍ରେସ ସାଂସଦ ସପ୍ତଗିରି ଶଙ୍କର ଉଲାକା। ଗତ ସ୍ୱତନ୍ତ୍ର ଅଧିବେଶନରେ ମହିଳା ସଂରକ୍ଷଣ ସଂଶୋଧନ ବିଲ ଆଗତ ସମୟରେ ସରକାରଙ୍କ ମନ୍ଦ ଉଦ୍ଦେଶ୍ୟ ଜଳଜଳ ବାରି ହୋଇପଡୁଥିଲା ଓ ଏହି ମନ୍ଦ ଉଦ୍ଦେଶ୍ୟ ପୂରଣ ନ ହେବା ବିଜେପିକୁ ବେଶ୍ ବାଧୁଛି ବୋଲି କହିଛନ୍ତି ସପ୍ତଗିରି।

କଂଗ୍ରେସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ୨୦୨୩ରେ ଏହି ବିଲ୍ ପାସ ହୋଇଥିଲେ ହେଁ ତାହାକୁ ୨୦୨୪ ନିର୍ବାଚନରେ କେନ୍ଦ୍ର ସରକାର ଲାଗୁ କଲେ ନାହିଁ। ଏବେ ୩ ବର୍ଷ ପରେ ଏହାର ନୋଟିଫିକେସନ ପ୍ରକାଶ କଲେ। ତେଣୁ ଏହି ବିଜ୍ଞପ୍ତି ଆଧାରରେ ୫୪୩ ଆସନ ମଧ୍ୟରୁ ୧୮୧ ଟି ଆସନ ମହିଳାଙ୍କପାଇଁ



ତୁରନ୍ତ ସଂରକ୍ଷିତ ହେବା ଦରକାର। ତାଛଡା ଏସସି, ଏସଟି, ଓବିସିଙ୍କ ପାଇଁ ମଧ୍ୟ ପ୍ରାବଧାନ ରହିବା ଦରକାର। ସରକାର ତାହା ନ କରି ନିର୍ବାଚନ ସମୟରେ ଲୋକସଭାରେ ସ୍ୱତନ୍ତ୍ର ଅଧିବେଶନ ଡାକିଲେ। ସରକାର ମହିଳା ସଂରକ୍ଷଣରେ ଗୋଟିଏ କେଁ ରଖି ୨୦୨୬ ଜନଗଣନା ଓ ଡିଲିମିଟେସନ ଅନୁଯାୟୀ ୮୫୦ ଲୋକସଭା ଆସନରେ ସଂରକ୍ଷିତ କରିବା କଥା କହୁଛନ୍ତି। ଲୋକସଂଖ୍ୟା ଦୃଷ୍ଟିରୁ ଦକ୍ଷିଣ ରାଜ୍ୟ ସମୂହରେ ଆସନ ସଂଖ୍ୟା କମୁଛି। ଆସାମ ଓ ଜମ୍ମୁକାଶ୍ମୀରରେ ଯେଉଁଠି ବିଜେପିର ଭୋଟ ନାହିଁ, ସେଠାରେ ଆସନ ସଂଖ୍ୟା ସୀମିତ ରହିଛି। ମହିଳା ସଂରକ୍ଷଣ ନାମରେ ବିଜେପି ସରକାର ଅପପ୍ରଚାର ଚଳେଇଛି। ଯଦି ମହିଳାଙ୍କୁ ସଂରକ୍ଷଣ ଦେବାକୁ ଚାହୁଁଛନ୍ତି ତେବେ ବର୍ତ୍ତମାନର ୫୪୩ ଆସନ ସଂଖ୍ୟାରୁ ୧୮୧ ଆସନ ସଂରକ୍ଷିତ କରନ୍ତୁ, କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳ ଏହାକୁ ନିସର୍ତ୍ତ ସମର୍ଥନ ଦେବେ ବୋଲି ଶ୍ରୀ ଉଲ୍ଲାକା କହିଛନ୍ତି।

ବାସ୍ତବରେ କେନ୍ଦ୍ର ସରକାର ଆଣିଥିବା ବିଲ୍ ମହିଳା ସଂରକ୍ଷଣ ପାଇଁ ନୁହେଁ, ଏହା ସମ୍ବିଧାନ ସଂଶୋଧନ ବିଲ ଥିଲା। ବିଜେପି ସରକାରର ମହିଳା ବିରୋଧୀ ଓ ମିଥ୍ୟା ଅପପ୍ରଚାର ବିରୋଧରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧିଙ୍କ ନେତୃତ୍ୱରେ ସାରା ଦେଶରେ ପ୍ରତିବାଦ କରାଯିବ ବୋଲି ସେ କହିଛନ୍ତି। ଏହି ଅବସରରେ ଦଳର ମୁଖପାତ୍ର ସୋନାଲି ସାହୁ ଓ ଡ.ମନିଷା ଦାସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## 'ମହିଳା ସଂରକ୍ଷଣ ବିଲ୍ ଆବରଣରେ ସୀମା ପୁନର୍ନିର୍ଦ୍ଧାରଣ' ସତ୍ୟର ଜୟ ହୋଇଛି: ସସ୍ମିତ

ନୂଆଦିଲ୍ଲୀ ୨୦।୪ (ସମିସ): ମହିଳା ସଂରକ୍ଷଣ ବିଲ୍ ଆବରଣ ତଳେ ସୀମା ପୁନର୍ନିର୍ଦ୍ଧାରଣ ନିମନ୍ତେ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ସଂସଦରେ କାଟ ଖାଇବା ଓଡ଼ିଶା ପରି ରାଜ୍ୟଗୁଡ଼ିକ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଜୟ ବୋଲି କହିଛନ୍ତି ସାଂସଦ ଡ.ସସ୍ମିତ ପାତ୍ର। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସେ କହିଛନ୍ତି ଯେ ୩ ବର୍ଷ ତଳେ ମହିଳା ସଂରକ୍ଷଣ ବିଲ୍ ସଂସଦରେ ଗୃହୀତ ହୋଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ମହିଳା ସଂରକ୍ଷଣ ନେଇ ସର୍ବଦା ସକାରାତ୍ମକ ସହଯୋଗ ଦେଇଛନ୍ତି। ମାତ୍ର ସୀମା ପୁନର୍ନିର୍ଦ୍ଧାରଣ ଯୋଜନାକୁ ଆମର ନେତା ନବୀନ ପଟ୍ଟନାୟକ ବିରୋଧ କରିଛନ୍ତି। ରାଜ୍ୟର ହିତ ଲାଗି ସେ ଏକାଠି ଲଢ଼େଇ କରିବାକୁ ଓଡ଼ିଶାର ସମସ୍ତ ସାଂସଦଙ୍କୁ ଆହ୍ୱାନ କରିଥିଲେ। ମାତ୍ର ଦୁଃଖର ବିଷୟ ଯେ ରାଜ୍ୟରୁ ନିର୍ବାଚିତ ୨୦ ବିଜେପି ସାଂସଦ ରାଜ୍ୟର ଅଧିକାର ଅପେକ୍ଷା ଦଳୀୟ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେଲେ। ମାତ୍ର ଓଡ଼ିଶାର ହିତ ପାଇଁ ଆମର ନେତାଙ୍କ ଅତୁଟ ପ୍ରତିବଦ୍ଧତା ଆମକୁ ଗର୍ବିତ କରିଛି ବୋଲି ସସ୍ମିତ କହିଛନ୍ତି।

## ତାତିଲେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ

ବଲାଙ୍ଗିର,୨୦।୪(ସମିସ): ବଲାଙ୍ଗିରରେ ଖରା ତାତି ପ୍ରଭାବରେ ବିଶ୍ୱବିଦ୍ୟାଳୟରେ ଆନ୍ଦୋଳନ ତାତି ଦେଖିବାକୁ ମିଳିଛି। ପାଣିପାଗ ବିଭାଗ ପକ୍ଷରୁ ରେଡ ୱାର୍ଣ୍ଣିଂ ଜାରି ହେବା ପରେ ଜିଲ୍ଲାପାଳ ଗତ ୧୮ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ; କିନ୍ତୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପକ୍ଷରୁ କୌଣସି ଛୁଟି ଘୋଷଣା କରାଯାଇନି। ଏହାଫଳରେ ହଷ୍ଟେଲରେ ରହୁଥିବା ତଥା ଦୂରରୁ ଆସୁଥିବା ଛାତ୍ରଛାତ୍ରୀ ଆସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମିତିରେ ଛାତ୍ରଛାତ୍ରୀଙ୍କ ପାଠପଢା ପ୍ରଭାବିତ ହୋଇଛି। ଆସନ୍ତା ୨୫ରୁ ପରୀକ୍ଷା ମଧ୍ୟ କରିବା ନେଇ ଘୋଷଣା

- ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର
- ନିଜେ ଛୁଟିରେ; କିନ୍ତୁ ଛୁଟି କଲେନି କୁଳପତି
- ଗରମରେ ରହିପାରୁ ନାହାନ୍ତି ହଷ୍ଟେଲ ଛାତ୍ରଛାତ୍ରୀ

କରାଯାଇଛି। ଏହାକୁ ନେଇ ଅସନ୍ତୁଷ୍ଟ ଛାତ୍ରଛାତ୍ରୀ ଛାତ୍ର ବିଜେଡି ଓ ଛାତ୍ର କଂଗ୍ରେସ ନେତୃତ୍ୱରେ ସୋମବାର କୁଳପତିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି।

ବଲାଙ୍ଗିର ଜିଲ୍ଲାରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଗତ ୧୮ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି; କିନ୍ତୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଏହାକୁ ଅମାନ୍ୟ କରି କେବଳ ପାଠପଢା ସମୟକୁ କମାଇ ଦେଇଛି। ସକାଳ ୮ ରୁ ୧୧ ପରିବର୍ତ୍ତେ ୭ରୁ ୧୦ଟା ପର୍ଯ୍ୟନ୍ତ ପଠାପଢ଼ା ହେଉଛି; କିନ୍ତୁ ଛୁଟି ହେବା ପରେ ଦୂରରୁ ଆସୁଥିବା ଛାତ୍ରଛାତ୍ରୀ ଖରାରେ ଘରକୁ ଫେରିବା କଷ୍ଟଦାୟକ ହୋଇ ପଡୁଛି। ଥିବା ସେହିପରି ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରବଳ ଗରମରେ କେବଳ ଫ୍ୟାନରେ ଗୋଟିଏ କୋଠରୀରେ ୩/୪ଚାରି ଜଣ ରହିବା କେତେ କଷ୍ଟଦାୟକ ତାହା କଲେଜ କର୍ତ୍ତୃପକ୍ଷ ଅନୁମାନ କରିବା ଉଚିତ। ପ୍ରବଳ ଗରମରେ ସେମାନେ କେମିତି ରହିବେ ଏବଂ କେମିତି ପାଠ ପଢିବେ ବୋଲି ପ୍ରଶ୍ନ କରିଛନ୍ତି।




୨୫ ତାରିଖରୁ ହେବାକୁ ଥିବା ପରୀକ୍ଷାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ଏହି ସବୁ ସମସ୍ୟା ଭିତରେ ଛାତ୍ର ବିଜେଡି ନେତା ସୁମନ ନନ୍ଦଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ପ୍ରତିବାଦ କରିଥିଲେ। ଗ୍ୟାସ, ପେପର, ଖାତା ବହି ନେଇ ଛାତ୍ରଛାତ୍ରୀ କୁଳପତିଙ୍କ କାର୍ଯ୍ୟାଳୟ ଆଗରେ ବସିଥିଲେ। ସେଠାରେ ନିଜ ପାଇଁ ଖାଦ୍ୟ ପ୍ରସ୍ତୁତ କରିଥିଲେ। ପେପର ପଢିବା ସହ ପାଠ ପଢି ପ୍ରତିବାଦ କରିଥିଲେ। କୁଳପତିଙ୍କ ବିରୋଧରେ ନାରାବାଜି କରିଥିଲେ। ତେବେ ଏହି ସମୟରେ ନିଜେ କୁଳପତି କିନ୍ତୁ ଛୁଟିରେ ରହିଛନ୍ତି। ଏହା ଜାଣିବା ପରେ ଆନ୍ଦୋଳନରତ ଛାତ୍ରୀଛାତ୍ରୀ ଆହୁରି ରାଗି ଯାଇଥିଲେ। ଏହାର ସମାଧାନ କରା ନ ଗଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଛାତ୍ରନେତାମାନେ ଚେତାବନୀ ଦେଇଛନ୍ତି।

## କୁଳପତି ଭାବେ ପ୍ରଫେସର ବ୍ୟୋମକେଶ ତ୍ରିପାଠୀଙ୍କ ଯୋଗଦାନ

ସମ୍ବଲପୁର, ୨୦।୪ (ସମିସ): ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ସୋମବାର ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଫେସର ଏନ. ନାଗରାଜୁ ମାର୍ଚ୍ଚ ୮, ୨୦୨୫ରେ କୁଳପତି ପଦରୁ ଅବସରଗ୍ରହଣ କରିବାପରେ ପଦାର୍ଥ



ବିଜ୍ଞାନର ବରିଷ୍ଠ ପ୍ରଫେସର ସୁଶାନ୍ତ କୁମାର ଦାସ ଭାରପ୍ରାପ୍ତ କୁଳପତି ଭାବେ କାର୍ଯ୍ୟରତ ଥିଲେ। ପ୍ରଫେସର ତ୍ରିପାଠୀ ଦାୟିତ୍ୱ ଗ୍ରହଣ କରିବାପରେ କୁଳସଚିବ ସନତ କୁମାର ନାଏକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟାଳୟର ସମସ୍ତ ଆନୁଷ୍ଠାନିକ କାର୍ଯ୍ୟ କରାଯାଇଥିଲା। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ତାଙ୍କୁ ମୁଖ୍ୟ ପ୍ରଶାସନିକ ଅଧିକାରୀ ତଥା ଅଧ୍ୟାପକ ଅଧ୍ୟାପିକାମାନଙ୍କ ସହିତ ଆନୁଷ୍ଠାନିକ ପରିଚୟ କରାଇଥିଲେ। ଏହାପରେ, ପ୍ରଫେସର ତ୍ରିପାଠୀ କ୍ୟାମ୍ପସର ଭିତ୍ତିଭୂମି ଏବଂ ସ୍ୱଚ୍ଛତା ସମୀକ୍ଷା କରିଥିଲେ। ବିଶ୍ୱବିଦ୍ୟାଳୟର ବୋଟାନିକାଲ୍ ଗାର୍ଡେନରେ ପ୍ରଫେସର ତ୍ରିପାଠୀ ଏକ ଚାରାରୋପଣ କରିଥିଲେ। ଏହାପୂର୍ବରୁ ପ୍ରଫେସର ତ୍ରିପାଠୀ ଇନ୍ଦିରା ଗାନ୍ଧୀ ଜାତୀୟ ଜନଜାତି ବିଶ୍ୱବିଦ୍ୟାଳୟରେ ଭାରପ୍ରାପ୍ତ କୁଳପତି ଭାବରେ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ୨୦୨୦ ଜାନୁଆରୀରୁ ୨୦୨୩ ଜାନୁଆରୀ ପର୍ଯ୍ୟନ୍ତ ସେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ଭାବରେ କାର୍ଯ୍ୟ କରିଥିଲେ। କୁଳପତି ପ୍ରଫେସର ତ୍ରିପାଠୀ ତାଙ୍କ ବକ୍ତବ୍ୟରେ, ଶିକ୍ଷାଦାନ ଉତ୍କର୍ଷକୁ ସୁଦୃଢ଼ କରିବା, ଗବେଷଣା ପଦକ୍ଷେପକୁ ଆଗେଇ ନେବା ଏବଂ ଛାତ୍ର ନିଯୁକ୍ତି କ୍ଷମତା ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

## ଜନବସତି, ଜମି, ଜଙ୍ଗଲ, ଜଳାଶୟ କଥା ଚିନ୍ତା କରୁନି ପ୍ରଶାସନ

# ତଲଗଜ ଗ୍ରାମବାସୀଙ୍କ କ୍ରସର ନିର୍ମାଣକୁ ବିରୋଧ

ବଲାଙ୍ଗିର,୨୦।୪(ସମିସ): ପ୍ରଶାସନ ଗ୍ରାମବାସୀଙ୍କ କଥା ଶୁଣୁନାହିଁ। ଗ୍ରାମବାସୀଙ୍କ ବିନା ଅନୁମତିରେ ପଥରଖଣି ଓ କ୍ରସର ବସାଇବାକୁ ନେଇ ୨ ବର୍ଷ ହେଲା ପୁଇଁନ୍ତଲା ତହସିଲ ତାଲଗଜ ଗ୍ରାମବାସୀ ଲଢେଇ କରିଆସୁଛନ୍ତି। ସେମାନେ ଏହାକୁ ବନ୍ଦ କରିବା ପାଇଁ ବାରମ୍ବାର ଅନୁରୋଧ କରିଆସୁଛନ୍ତି; କିନ୍ତୁ ପ୍ରଶାସନିକ ଅଧିକାରୀ ଗ୍ରାମବାସୀଙ୍କୁ ସହଯୋଗ କରୁନାହାନ୍ତି। ଏହା ବଦଳରେ କ୍ରସର ବ୍ୟବସାୟୀଙ୍କ ସପକ୍ଷରେ ରହୁଛନ୍ତି। ଏହାଦ୍ୱାରା ଚାଷୀଙ୍କ ପାଇଁ ଥିବା ଏକ ନାଳା ପ୍ରଭାବିତ ହୋଇଛି। ସରକାରୀ ଅର୍ଥରେ କାମ ହୋଇଥିବା ଏକ ଜଳାଶୟକୁ ମଧ୍ୟ କ୍ରସର ମାଲିକ ନଷ୍ଟ କରିସାରିଛି। ତଥାପି ପ୍ରଶାସନ ନୀରବ। ନୀରବ ଦ୍ରଷ୍ଟା ସାଜିଥିବା ଜିଲ୍ଲା ପ୍ରଶାସନକୁ ସୋମବାର ଗ୍ରାମବାସୀ ଶେଷ ଥର ପାଇଁ ଅନୁରୋଧ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳଙ୍କ ପାଖରୁ ମଧ୍ୟ କୌଣସି ନିର୍ଭରଯୋଗ ପ୍ରତିଶ୍ରୁତି ମିଳିଲା ନାହିଁ। ଏଥର ଆଇନ ହାତକୁ ନେଇ ନିଜ ଉଦ୍ୟମରେ ଏହାକୁ ବନ୍ଦ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି।

ତାଲଗଜ ମୌଜାର ଖାତା ନଂ ୧୦୨/୧୧୨ ରେ ସୋନପୁର ଜିଲ୍ଲା ବୀରମହାରାଜପୁର ଥାନା ଅଞ୍ଚଳର କୃତିବାସ ମିଶ୍ର ନାମକ ଜଣେ ବ୍ୟବସାୟୀ କ୍ରସର ନିର୍ମାଣ କରୁଛନ୍ତି। ଏହା ନିକଟରେ ପଥର ଖଣି ଅଛି। ପ୍ରାୟ ୫ ଏକର ଜମିରେ ଏହି ନିର୍ମାଣ କାମ ଚାଲିଛି। ଏହାକୁ ନେଇ ତାଲଗଜ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ବ୍ୟବସାୟୀ ଜଣକ ବେଆଇନ ଭାବେ ମନଇଚ୍ଛା ଜାଗା ଅକ୍ତିଆର କରି ଏହାକୁ ନିର୍ମାଣ କରୁଛନ୍ତି। ଗୋଚର ଜମି, ଜଙ୍ଗଲ ଜମି, ପ୍ରାକୃତିକ ଜଳାଶୟ ମଧ୍ୟ ଛାଡି ନାହାନ୍ତି। ୨୦୨୪ ମସିହାରୁ ତାଲଗଜ ଗ୍ରାମବାସୀ ଏହାକୁ ବନ୍ଦ କରିବାକୁ ପ୍ରଶାସନର ଦ୍ୱାରସ୍ଥ ହୋଇଆସୁଛନ୍ତି; କିନ୍ତୁ ପ୍ରଶାସନ





ଶୁଣିବା ବଦଳରେ ସଂପୃକ୍ତ ବ୍ୟବସାୟୀଙ୍କୁ ସହଯୋଗ କରୁଥିବା ଅଭିଯୋଗ କରିଛନ୍ତି। ଏପରିକି ଯାଞ୍ଚ ପାଇଁ ଯାଉଥିବା ଅଧିକାରୀ ବ୍ୟବସାୟୀଙ୍କ ପାଇଁ କାମ କରଛନ୍ତି। ଶ୍ରମିକଙ୍କ ଦସ୍ତଖତ ଆଣି ସବୁ ଠିକ୍ ଥିବା ଓ ଗ୍ରାମବାସୀଙ୍କ ସମର୍ଥନ ରହିଥିବା ରିପୋର୍ଟ ପ୍ରଦାନ କରୁଥିବା ମଧ୍ୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି କ୍ରସର ଓ ପଥର ଖଣି ହେବା ଦ୍ୱାରା ଗ୍ରାମବାସୀଙ୍କ ପାଇଁ ୨୫୦ ଏକର ଜମି ପ୍ରଭାବିତ ହେବ। କ୍ରସରକୁ ଭାରୀଯାନ ଯିବା ଆସିବା କରିବା ପାଇଁ ଏକ ପ୍ରାକୃତିକ ନାଳାକୁ ମଧ୍ୟ ବ୍ୟବସାୟୀ ଜଣକ ଅକ୍ତିଆର କରିଥିବା ଚାଷୀ ଅଭିଯୋଗ କରିଛନ୍ତି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ପଞ୍ଚାୟତ ପକ୍ଷରୁ ୩ ଲକ୍ଷ ଟଙ୍କା ଖର୍ଚ୍ଚ କରି ଗଙ୍ଗାସାଗର ଉପର ମୁଡା କାମ କରାଯାଇଛି। କ୍ରସର ଓ ଖଣିକୁ ସଂଯୋଗ କରୁଥିବା ରାସ୍ତା ପାଇଁ ଏହି ଜଳାଶୟ ହିଡ଼କୁ ମଧ୍ୟ କାଟି ଦିଆଯାଇଛି। ସଂପୃକ୍ତ ବ୍ୟବସାୟୀ ଜଣକ ପ୍ରଭାବଶାଳି ବ୍ୟକ୍ତି। ଏଣୁ ଅଧିକାରୀମାନେ ଗ୍ରାମବାସୀଙ୍କ କଥା ଶୁଣୁ ନାହାନ୍ତି। କିଛି ଦିନ ପୂର୍ବରୁ ଗ୍ରାମବାସୀ ଉପଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ। ଏହାପରେ ମଧ୍ୟ ନା ଜମି ଡିମାର୍କେସନ କରାଗଲା ନା କ୍ରସର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା।

ଏହା ଫଳରେ ସୋମବାର ଗ୍ରାମବାସୀ ପୁଣି ଥରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅନୁରୋଧ କରିଥିଲେ। ଅତିରିକ୍ତ ଜିଲ୍ଲାପାଳଙ୍କ ସହ ଏନେଇ ଆଲୋଚନା କରିଥିଲେ। ତେବେ ସେ ମଧ୍ୟ ଏହାକୁ ବନ୍ଦ କରିବା ଦିଗରେ କୌଣସି ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇ ନ ଥିଲେ। ନିଜର ଅସହାୟତା ପ୍ରକାଶ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହା

- ଗ୍ରାମବାସୀଙ୍କ ଆଇନ ଅମାନ୍ୟ ଚେତାବନୀ
- ୨ ବର୍ଷ ଧରି ଅସନ୍ତୋଷ ଲାଗି ରହିଛି
- ପ୍ରଶାସନକୁ ବ୍ୟବସାୟୀଙ୍କ ଚିନ୍ତା

ଫଳରେ ଏବେ ଗ୍ରାମବାସୀ ନିଜେ ହିଁ ଏହାକୁ ବନ୍ଦ କରିବାକୁ ଉଦ୍ୟମ କରିବେ ବୋଲି ଚେତାବନୀ ଦେଇଛନ୍ତି। ଆବଶ୍ୟକ ପଡିଲେ ରାସ୍ତା ବନ୍ଦ କରିଦେବାକୁ ମଧ୍ୟ ଧମକ ଦେଇଛନ୍ତି। ସେତେବେଳେ ଯେଉଁ ପରିସ୍ଥିତି ସୃଷ୍ଟି ହେବ ପ୍ରଶାସନ ଦାୟୀ ରହିବ ବୋଲି ଗ୍ରାମବାସୀ ରୋକଠୋକ ଚେତାବନୀ ଦେଇଛନ୍ତି।

ଗୋଟିଏ ପଟେ କ୍ରସର ମାଲିକଙ୍କ ମନମୁଖୀ କାରବାର ଓ ଅନ୍ୟପଟେ ପ୍ରଶାସନିକ ଅଧିକାରୀଙ୍କ ସହଯୋଗ ବିରୋଧରେ ଗ୍ରାମବାସୀ ଏକଜୁଟ ହୋଇ ଲଢିବାକୁ ଗୋଡ କାଢ଼ିଛନ୍ତି। ଆଗକୁ ଏହିବିବାଦବଡଆନ୍ଦୋଳନରେପରିଣତହେବାଜଳଜଳଦିଶୁଛି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଯାନବାହନ କିଣିବେ। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ପାଇଁ ଦୂରଯାତ୍ରା କରିପାରନ୍ତି। ଦାନଧର୍ମ କରନ୍ତୁ।

## ଆଜିର ଇତିହାସ

- ୧୭୮୨- ବ୍ୟାଙ୍କକ୍ ସହରର ସ୍ଥାପନା।
- ୧୯୨୬- ବ୍ରିଟେନର ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ଜନ୍ମ।
- ୧୯୬୦-ବ୍ରାସିଲିଆ ବ୍ରାଜିଲ୍‌ର ରାଜଧାନୀ ହେଲା।
- ୧୯୮୭- ଶ୍ରୀଲଙ୍କାର ରାଜଧାନୀ କଲମ୍ବୋରେ ହୋଇଥିବା ବୋମା ବିସ୍ଫୋରଣରେ ୧୦୦ ଜଣଙ୍କ ପ୍ରାଣହାନି।
- ୨୦୦୭- ବ୍ରାୟନ୍ ଲାରା ଦିନିକିଆ କ୍ରିକେଟ୍‌ରୁ ଅବସର ନେଲେ।



## ଆସିବ 'ଫାଇଟର୍'ର ସିକ୍ୱେଲ

ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସିଦ୍ଧାର୍ଥ ଆନନ୍ଦଙ୍କର ଫିଲ୍ମ 'ଫାଇଟର୍' ୨୦୨୪ ମସିହାରେ ରିଲିଜ୍ ହୋଇଥିଲା। ଏଥିରେ ହ୍ରିତିକ୍ ରୋଶନ ଓ ଦୀପିକା ପାଦୁ୍ୟକୋନ୍ ଲିଡ୍ ରୋଲରେ ନଜର ଆସିଥିଲେ। ଏହା ବକ୍ସ ଅଫିସ୍‌ରେ ଆଭରେଜ୍ ବିଜିନେସ୍ କରିଥିଲା। ଏବେ ସିଦ୍ଧାର୍ଥ ଏହାର ସିକ୍ୱେଲ ଆଣିବା ପାଇଁ ଯୋଜନା କରିଥିବା ଜଣାପଡ଼ିଛି। ସିଦ୍ଧାର୍ଥ ଏବେ କିଙ୍ଗ୍ ଖାନ୍ ଶାହାରୁଖ୍‌ଙ୍କ ସହ 'କିଙ୍ଗ୍' ଫିଲ୍ମର ସୁଟିଂରେ ବ୍ୟସ୍ତ ଅଛନ୍ତି। 'କିଙ୍ଗ୍' ଆସନ୍ତା ଡିସେମ୍ବର ୨୪ରେ ରିଲିଜ୍ ହେବ। ନିକଟରେ ସିଦ୍ଧାର୍ଥ ଏପରି କିଛି ପ୍ରତିକିୟା ରଖିଛନ୍ତି, ଯେଉଁଥିପାଇଁ 'ଫାଇଟର୍ ୨'କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଏକ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ 'ଫାଇଟର୍ ୨'କୁ ନେଇ ଏକ ପୋଷ୍ଟ ସେୟାର୍ କରାଯାଇଥିଲା। ପୋଷ୍ଟରେ ଲେଖାଯାଇଥିଲା, 'ଫାଇଟର୍ ୨' ଫିଲ୍ମ ନିର୍ମାଣ କରାଯାଉଛି। ସିଦ୍ଧାର୍ଥ ମଧ୍ୟ ଏହାର ପ୍ରିପ୍ରଡକ୍ସନ୍ କାମ ସେପ୍ଟେମ୍ବରରୁ ଆରମ୍ଭ କରିବେ ବୋଲି କହିଛନ୍ତି। ମୂଳ ଫିଲ୍ମ ଭଳି ଏହାର ସିକ୍ୱେଲରେ ମଧ୍ୟ ହ୍ରିତିକ୍ ଓ ଦୀପିକା ନଜର ଆସିବେ। ଏହାର ବଜେଟ୍ ୫୦୦ କୋଟି ରହିଛି। ଏହା ଏକ ଭାରତୀୟ ଆକ୍ସନ୍ ଫିଲ୍ମ ତୁଳନାରେ ଯଥେଷ୍ଟ ଅଧିକ ବୋଲି କୁହାଯାଉଛି। ଏହି ପୋଷ୍ଟ ଉପରେ ସିଦ୍ଧାର୍ଥ କାହାରି ନଜର ନ ଲାଗୁ ଇମୋଜି ଦେଇଥିଲେ। ତେବେ ସିଦ୍ଧାର୍ଥଙ୍କ ଏଭଳି ପ୍ରତିକ୍ରିୟାରୁ ସେ 'ଫାଇଟର୍ ୨' ଆଣୁଛନ୍ତି ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି। ଏବେ ସିଦ୍ଧାର୍ଥଙ୍କ ପୂରା ନଜର 'କିଙ୍ଗ୍' ଉପରେ ରହିଛି। ଏଥିରେ ଶାହାରୁଖ୍‌ଙ୍କ ସହ ତାଙ୍କ ଝିଅ ସୁହାନା ଖାନ୍, ଅଭିଷେକ ବଚ୍ଚନ, ଅନୀଲ କପୁର, ଦୀପିକା ପାଦୁ୍ୟକୋନ୍, ରାନୀ ମୁଖାର୍ଜୀ ପ୍ରମୁଖ ନଜର ଆସିବେ।

## କପି ରୋକିବାର ବିଚିତ୍ର ପ୍ରୟାସ

## ରାସ୍ତାରେ ପରୀକ୍ଷା



ପରୀକ୍ଷା ସମୟରେ କପି ରୋକିବା ପାଇଁ କଡ଼ା ଚେକିଂ ସହ ସ୍ୱତନ୍ତ୍ର ସ୍କ୍ୱାଡ୍ ନିୟୋଜିତ ହୋଇଥାଆନ୍ତି। ହେଲେ ଏହାରି ଭିତରେ ବିହାରର ଜଣେ ଶିକ୍ଷକ ପିଲାଙ୍କ କପି ରୋକିବାକୁ ଯାହା କରିଛନ୍ତି, ତାହା ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିବା ସହ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ତେବେ ଏହି ଘଟଣାଟି କେବଳ ଭିନ୍ନ ନୁହେଁ, ବରଂ ଜଣେ ଶିକ୍ଷକଙ୍କ ସଚ୍ଚୋଟତା ଏବଂ ଦାୟିତ୍ୱବୋଧତାକୁ ମଧ୍ୟ ସ୍ପଷ୍ଟ ଭାବରେ ପ୍ରତିଫଳିତ କରିଛି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ କରାଯିବା ପରେ ସମସ୍ତଙ୍କ ନଜରକୁ ଆସିଛି। ସମ୍ପୃକ୍ତ ଟ୍ୟୁସନ ସାର୍ ଜଣକ ପରୀକ୍ଷା ସ୍କୁଲ କିମ୍ବା କୌଣସି କୋଚିଂ ସେଣ୍ଟରରେ ନୁହେଁ ବରଂ ରାସ୍ତାକଡ଼ରେ ଆୟୋଜନ କରିଛନ୍ତି। ରାସ୍ତାର ଦୁଇ ପାର୍ଶ୍ୱରେ ସେ ତାଙ୍କ ବିଦ୍ୟାର୍ଥୀଙ୍କୁ ପରସ୍ପରଠାରୁ ଦୂରରେ ଛିଡ଼ା କରାଇଛନ୍ତି। ଏହି ଉପାୟ ଅଜବ ଲାଗିଲେ ବି ଏହା ପଛରେ ତାଙ୍କର ମହତ୍ ଉଦ୍ଦେଶ୍ୟ ଥିବା ଜଣାପଡ଼ିଛି। ଏହାଦ୍ୱାରା ବିଦ୍ୟାର୍ଥୀମାନେ କପି କରିବେ ନାହିଁ ଏବଂ ନିଜ ପରିଶ୍ରମରେ ପରୀକ୍ଷା ଦେବେ। ସାଧାରଣତଃ ବିଦ୍ୟାର୍ଥୀ ପରୀକ୍ଷା ହଲ୍‌ରେ ପରସ୍ପରର ପାଖରେ ବସୁଥିବାରୁ ସେମାନେ ପଚାରିଉଚାରି ପରୀକ୍ଷାରେ ଲେଖନ୍ତି। ହେଲେ ଏଠାରେ ଛାତ୍ରଛାତ୍ରୀମାନେ ପରସ୍ପରଠାରୁ ଏତେ ଦୂରରେ ବସିଛନ୍ତି ଯେ, କେହି ବି କାହାଠାରୁ କୌଣସି ପ୍ରକାର ସାହାଯ୍ୟ ନେଇପାରିବେ ନାହିଁ। ଏହି ପୂରା ପ୍ରକ୍ରିୟାରେ ଅନୁଶାସନ ଉପରେ ବି ବିଶେଷ ଦୃଷ୍ଟି ରଖାଯାଇଛି। ଭିଡିଓରେ ଦେଖାଯାଇଛି ଯେ, ରାସ୍ତାର ଦୁଇ କଡ଼ରେ ପିଲାମାନେ ପରସ୍ପରଠାରୁ କିଛି ବ୍ୟବଧାନରେ ବସିଛନ୍ତି। କେବଳ ସେତିକି ନୁହେଁ, କିଏ ଛିଡ଼ା ହୋଇ ପରୀକ୍ଷା ଦେଉଛନ୍ତି ତ ଆଉ କିଏ ବସିକି ପରୀକ୍ଷା ଦେଉଥିବା ଦେଖିବାକୁ ମିଳିଛି। ଏହିପରି ଭାବେ ଛାତ୍ରଛାତ୍ରୀ ନିଜ ସ୍ଥାନରେ ଶାନ୍ତିରେ ବସି ରହି କୌଣସି ପାଟିତୁଣ୍ଡ ନ କରି ପରୀକ୍ଷା ଦେଇଛନ୍ତି। ଅନ୍ୟପଟେ ଏହି ବିଚିତ୍ର ପରୀକ୍ଷା ବ୍ୟବସ୍ଥାକୁ ଦେଖି ଲୋକେ ଆଶ୍ଚର୍ଯ୍ୟ ହେବା ସହ ଶିକ୍ଷକଙ୍କ ପ୍ରୟାସରେ ପ୍ରଭାବିତ ବି ହୋଇଛନ୍ତି। ଅନେକ ଲୋକ ଶିକ୍ଷକଙ୍କୁ ପ୍ରଶଂସା କରିବା ସହ ଶିକ୍ଷାରେ ସଚ୍ଚୋଟତା ବଜାୟ ରଖିବା ପାଇଁ ଏପରି ପଦକ୍ଷେପ ଜରୁରି ବୋଲି କହିଛନ୍ତି।


## ଏଠାରେ ବିବାହରେ ଅତିଥିଙ୍କୁ ମିଳେନି ଖାଦ୍ୟ



ଭାରତରେ ବିବାହ ସମୟରେ ନବଦମ୍ପତିଙ୍କୁ ଆଶୀର୍ବାଦ କରିବା ପାଇଁ ବନ୍ଧୁବାନ୍ଧବ ଓ ପରିଜନ ଏକତ୍ରିତ ହୋଇଥାଆନ୍ତି। ବରବଧୂଙ୍କୁ ଉପହାର ପ୍ରଦାନ କରି ଅତିଥି ସ୍ୱାଦିଷ୍ଟ ଖାଦ୍ୟର ମଜା ନେଇଥାନ୍ତି। ଖାସ୍ ସେଥିପାଇଁ ବିବାହ ଭୋଜିରେ ପାରମ୍ପରିକ ଓ ଆଧୁନିକ ବ୍ୟଞ୍ଜନର ସମାହାର ଦେଖିବାକୁ ମିଳେ। ଏଥିପାଇଁ ଲୋକେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିଥାନ୍ତି। ହେଲେ ଏଥିରୁ ବ୍ୟତିକ୍ରମ ନେଦରଲ୍ୟାଣ୍ଡ। ଡଚ୍ ବିବାହରେ ସାମିଲ ହୋଇଥିବା ଅତିଥିଙ୍କୁ କେବଳ ବରବଧୂଙ୍କୁ ଆଶୀର୍ବାଦ ଦେବାକୁ ସୁଯୋଗ ମିଳେ। ଅତିଥିଙ୍କ ଖାଇବା ପାଇଁ କୌଣସି ପ୍ରକାର ବନ୍ଦୋବସ୍ତ କରାଯାଏ ନାହିଁ। କେବଳ ସେମାନଙ୍କୁ କିଛି ପାନୀୟ ଦିଆଯାଏ। ଏଠାରେ ବିବାହରେ ଆଉ ଏକ ରୋଚକ କଥା ଦେଖିବାକୁ ମିଳେ। ଅତିଥିଙ୍କୁ ମୁଖ୍ୟତଃ ତିନିଟି ବର୍ଗରେ ବାଣ୍ଟି ଦିଆଯାଏ। ଯେପରିକି ଡେ ଗେଷ୍ଟ, ରିସେପସନ୍ ଗେଷ୍ଟ, ଇଭିନିଂ ଗେଷ୍ଟ ଇତ୍ୟାଦି। ଡେ' ଗେଷ୍ଟରେ ନିକଟ ସମ୍ପର୍କୀୟ ଓ ଅତି ଘନିଷ୍ଠ ବନ୍ଧୁ ସାମିଲ ହୋଇଥାନ୍ତି। ଏମାନଙ୍କୁ ସମ୍ପୂର୍ଣ୍ଣ ବିବାହ କାର୍ଯ୍ୟକ୍ରମରେ ସାମିଲ କରାଯାଏ। ଏମାନେ ବିବାହ ରିସେପସନ୍ ପାର୍ଟିର ମଜା ଉଠାଇବା ସହ ସବୁ ପ୍ରକାର ଖାଇବାର ମଜା ନେଇଥାନ୍ତି। ସେହିପରି ରିସେପସନ୍ ଗେଷ୍ଟ କେବଳ ରିସେପସନ୍‌ରେ ଆସି ବରବଧୂଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତି। ସେମାନଙ୍କୁ ୱେଡିଂ କେକ୍ ସହ ସାମ୍ପେନ୍ କିମ୍ବା ଡ୍ରିଙ୍କସ୍ ଓ ହାଲ୍‌କା ଫୁଲକା ସ୍ନାକ୍ସ କିଛି ମିଳିଥାଏ। ରାତ୍ରୀ ଭୋଜନରୁ କିନ୍ତୁ ସେମାନଙ୍କୁ ବାଦ୍ ଦିଆଯାଇଥାଏ। ଏହି ଶ୍ରେଣୀର ଅତିଥିଙ୍କୁ କେବଳ ଆଶୀର୍ବାଦ ତଥା ଶୁଭେଚ୍ଛା ଜଣାଇବା ଉଦ୍ଦେଶ୍ୟରେ ନିମନ୍ତ୍ରଣ କରାଯାଏ। ସେହିପରି ଇଭିନିଂ ଗେଷ୍ଟରେ ବନ୍ଧୁ, ସହକର୍ମୀ କିମ୍ବା ଦୂର ସମ୍ପର୍କୀୟ ସାମିଲ ହୋଇଥାନ୍ତି। ଏହି ଅତିଥିମାନେ କେବଳ ପାର୍ଟିରେ ସାମିଲ ହୋଇଥାନ୍ତି। ତେବେ ଏଠାରେ ଅତିଥିଙ୍କ ପାଇଁ ଭିନ୍ନ ଭିନ୍ନ ବିବାହ ନିମନ୍ତ୍ରଣ ପତ୍ର ଦିଆଯାଏ। ଏଥିରେ ସେମାନଙ୍କୁ କେଉଁ କେଉଁ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଅଛି ତାହା ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଥାଏ। ନିମନ୍ତ୍ରଣ ପତ୍ରରେ କେବଳ ରିସେପସନ୍ ଲେଖାଥିଲେ ରାତ୍ରି ଭୋଜନ ବ୍ୟବସ୍ଥା ନ ଥିବା ସୂଚାଏ। ଏହି ଶ୍ରେଣୀର ଅତିଥି ବରବଧୂଙ୍କୁ ଶୁଭେଚ୍ଛା ଦେବା ପରେ ଘରକୁ ବାହୁଡ଼ି ଯାଆନ୍ତି। ବିବାହରେ ଏପରି ପରମ୍ପରା ପ୍ରଚଳନ ହେବାର ମୁଖ୍ୟ କାରଣ ହେଉଛି ଡଚ୍ ଲୋକେ ବଜେଟ୍ ସଚେତନ। ଅପରପକ୍ଷରେ ଏଠାରେ ବିବାହର ସମ୍ପୂର୍ଣ୍ଣ ଖର୍ଚ୍ଚ ନବ ଦମ୍ପତି ଉଠାଇଥାନ୍ତି। ତେଣୁ ଖର୍ଚ୍ଚ ନିୟନ୍ତ୍ରଣ ପାଇଁ ସେମାନେ କେବଳ ଘନିଷ୍ଠ ଲୋକଙ୍କୁ ରାତ୍ରି ଭୋଜନ ପାଇଁ ଡାକନ୍ତି।

## ଛାତ ଉପରେ ପଦ୍ମ, କଇଁ

### ଫଳୁଛି ଜାପାନୀ ମିଆଜାକି ଆମ୍ବ



ପରିଶ୍ରମ କଲେ ମାଟି ମା ସୁନା ଫଳାଏ। ଏଥିପାଇଁ ଆବଶ୍ୟକ ଦୃଢ଼ ଇଚ୍ଛା ଶକ୍ତି, କାମ କରିବାର ଆଗ୍ରହ। ଏହି ଉକ୍ତିକୁ ସତ ପ୍ରମାଣିତ କରିଛନ୍ତି ଭୁବନେଶ୍ୱର, ରସୁଲଗଡ଼ର ଚନ୍ଦନ ସାମନ୍ତରାୟ। ନିଜ ସଉକ ପୂରା କରିବାକୁ ଛାତ ଉପରେ ସେ ପଦ୍ମ ଏବଂ କଇଁ ଚାରା ଲଗାଇଥିଲେ। ସେହି ସଉକ ଏବେ ପାଲଟିଛି ରୋଜଗାରର ମାଧ୍ୟମ। ବର୍ତ୍ତମାନ ତାଙ୍କ ଛାତରେ ବିଭିନ୍ନ ପ୍ରଜାତିର ପଦ୍ମ ଓ କଇଁ ସହିତ ଅଢ଼େଇ ଲକ୍ଷ ଟଙ୍କିଆ ଆମ୍ବ ଫଳୁଛି।



କରୋନାରେ ବ୍ୟବସାୟରୁ କ୍ଷତି ସହି ସେ ଛାତରେ ବଡ଼ କୁଣ୍ଡରେ କିଛି ପଦ୍ମ ଓ କଇଁ ଲଗାଇ ଥିଲେ। ପରେ ଏହାକୁ ବ୍ୟବସାୟିକ ଉଦ୍ଦେଶ୍ୟରେ କରିଥିଲେ। ବର୍ତ୍ତମାନ ତାଙ୍କ ଛାତରେ ବିଭିନ୍ନ ପ୍ରଜାତିର ପଦ୍ମ ଓ କଇଁ ରହିଛି। ଭିଏତନାମ, ଥାଇଲାଣ୍ଡ ଏବଂ କେରଳରୁ ସେ ଏହି ଚାରା ଆଣନ୍ତି। ଚାଷରେ ସଠିକ ଯତ୍ନ ନେବାର ଆବଶ୍ୟକତା ଥିବାରୁ ଏଥିପାଇଁ ଚନ୍ଦନ ନିଜେ ପଙ୍କ ତିଆରି କରନ୍ତି। କୁଣ୍ଡରେ ପ୍ରତି ତିନିଦିନରେ ଥରେ ପାଣି ଓଭରଫ୍ଲୋ କରିବା ସହ ତରଳ ଜୈବିକ ସାର ଦେଇଥାନ୍ତି। ଫୁଲକୁ ମହାପ୍ରଭୁ ଜଗନ୍ନାଥଙ୍କ ପାଖକୁ ପଠାନ୍ତି। ବଡ଼ କୁଣ୍ଡ ସହିତ ଫୁଲ ଚାରା ଗୋଟାକୁ ସେ ୯୦୦ରୁ ୧୦୦୦ଟଙ୍କାରେ ବିକ୍ରି କରିଥାନ୍ତି। ଅଲ୍ଟିମେଟ୍ ଥାଉଜାଣ୍ଡ ପେଟାଲ ଏବଂ ହ୍ୱାଇଟ୍ ପିଓନିର ଚାହିଦା ଅଧିକ ଥାଏ। ଛାତରେ ସେଓ, ଆମ୍ବ, କାଠଚମ୍ପା ମଧ୍ୟ ରହିଛି। ଚନ୍ଦନ କୁହନ୍ତି, ଗୋଟିଏ ଫୁଲକୁଣ୍ଡର ଯତ୍ନ ନେବା ଦ୍ୱାରା ଏଥିରୁ ୨୦ଟି ଚାରା ବାହାରେ। ଏହି ଚାରା ବିକ୍ରି କରି ଜଣେ ଆତ୍ମନିର୍ଭରଶୀଳ ହୋଇପାରିବେ। ଚନ୍ଦନଙ୍କ ଦ୍ୱାରା ବଢ଼ିଥିବା ଫୁଲ ଗଛ ଏବେ ପୁରୀ ଶ୍ରୀମନ୍ଦିର ଉପବନ, କୋଇଲି ବୈକୁଣ୍ଠ, ରିଜିଓନାଲ ପ୍ଲାଣ୍ଟ ରିସର୍ଚ୍ଚ ସେଣ୍ଟର, ମ୍ୟୁଜିୟମ ଆଦି ସ୍ଥାନର ସୌନ୍ଦର୍ଯ୍ୟ ବଢ଼ାଉଛି।

ସେହିପରି ଛାତରେ ଶହେ ଲିଟର କୁଣ୍ଡରେ ସେ ଦାମୀ ଜାପାନୀ ମିଆଜାକି ଆମ୍ବଗଛ ଲଗାଇଛନ୍ତି। ମଧ୍ୟପ୍ରଦେଶର ଏକ ଫାର୍ମରୁ ଚାରା ଆଣି ଚାରି ବର୍ଷ ରଖି ପୂର୍ବବର୍ଷ ଏହାକୁ ଲଗାଇ ଥିଲେ। ଗଛର ସଠିକ ଯତ୍ନ ନେବାରେ ଅବହେଳା ଯୋଗୁ କୁହୁଡ଼ିରେ ଆମ୍ବ ଝଡ଼ି ଯାଇଥିଲା। ଚଳିତ ବର୍ଷ ମାତ୍ର ଚାରିଟି ଆମ୍ବ ଫଳିଛି। ଆନ୍ତର୍ଜାତୀୟ ବଜାରରେ ଏହି ଆମ୍ବ କେଜି ପିଛା ଦର ଅଢ଼େଇ ଲକ୍ଷ ଟଙ୍କା। ଆଗାମୀ ଦିନରେ ଭଲ ରୋଜଗାର ଦେଉଥିବା ପଦ୍ମ, କଇଁ ସହିତ ସୁସ୍ୱାଦୁ ଆମ୍ବ ଫଳାଇବାକୁ ସେ ଲକ୍ଷ୍ୟ ରଖିଛନ୍ତି। ଚାଷର ଦେଖାଶୁଣା ପାଇଁ ସେ ଦୁଇଜଣ ଲୋକ ନିୟୋଜିତ କରିବା ସହ ନିଜେ ମଧ୍ୟ ଦିନକୁ ତିନିଘଣ୍ଟା ସମୟ ଦିଅନ୍ତି। ଚନ୍ଦନ କୁହନ୍ତି "ଯୁବପିଢ଼ି ଚାକିରି ଅନ୍ୱେଷଣରେ ବାହାରକୁ ନ ଯାଇ ନିଜ ଘର ଛାତରେ ଆଧୁନିକ ପ୍ରଣାଳୀରେ ଚାଷ କରି ଅଧିକ ଲାଭବାନ ହୋଇ ପାରିବେ।"

## ଲେଜର୍ ଲ୍ୟାଣ୍ଡ ଲେଭଲର୍



ବର୍ତ୍ତମାନ ଚାଷକ୍ଷେତ୍ରରେ ଚାଷୀଙ୍କ ଖର୍ଚ୍ଚ ଓ ଶ୍ରମ ହ୍ରାସ ପାଇଁ ବିଭିନ୍ନ କୃଷି ଉପକରଣ ବ୍ୟବହାର କରାଯାଉଛି। ଏମିତି ଏକ ଅତ୍ୟାଧୁନିକ କୃଷି ଯନ୍ତ୍ର ହେଉଛି ଲେଜର୍ ଲ୍ୟାଣ୍ଡ ଲେଭଲର୍। ଜମିକୁ ସମତଳ କରିବାକୁ ଏହି ଯନ୍ତ୍ର ବ୍ୟବହାର କରାଯାଏ। ସାଧାରଣତଃ ଫସଲ ବୁଣିବା ପୂର୍ବରୁ ଜମିକୁ ସମତଳ କରାଯାଏ। ଜମିରେ ମାଟି ଆବଡ଼ା ଖାବଡ଼ା ରହିଲେ, ଜଳ ଜମି ଫସଲ ନଷ୍ଟ ହେବା ଆଶଙ୍କା ବଢ଼ିଯାଏ। ତେଣୁ ଏହି ଯନ୍ତ୍ରଟି ଟ୍ରାକ୍ଟର ସହିତ ସଂଯୋଗ କରାଯାଇ ବ୍ୟବହାର କରାଯାଏ। ଏଥିରେ ଥିବା ଏକ ଲେଜର ଗାଇଡେଡ୍ ପ୍ରଣାଳୀ ଜମିର ଆବଡ଼ାଖାବଡ଼ା ସ୍ଥାନକୁ ଚିହ୍ନିଥାଏ। ଏଥିରେ ଏକ ନିୟନ୍ତ୍ରଣ ବାକ୍ସ, ଲେଜର୍ ଟ୍ରାନ୍ସମିଟର ଏବଂ ରିସିଭର ରହିଛି। ଏହି ମେସିନ୍‌ରେ ଥିବା ସ୍ୱତନ୍ତ୍ର ପ୍ରଣାଳୀ ଦ୍ୱାରା ମେସିନ୍‌ର ଲେଭଲର୍ ପାତ ସ୍ୱୟଂଚାଳିତ ଭାବେ ମାଟିକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରଣ କରି ଜମିକୁ ସମତଳ କରିଥାଏ। ଏହି ଯନ୍ତ୍ରଟି ମାଟିକୁ ସମ୍ପୂର୍ଣ୍ଣ ଭାବେ ସମତଳ କରିପାରେ। ମାଟି ସମତଳ ଯୋଗୁଁ ଜମିରେ କମ୍ ପାଣିର ଆବଶ୍ୟକ ହୋଇଥାଏ। ସମସ୍ତ ଫସଲକୁ ସଠିକ ମାତ୍ରାର ଖାଦ୍ୟ ପୋଷଣ ମିଳିଥାଏ। ଫସଲ ସମାନ ରୂପେ ବଢ଼ିଥାଏ।




## କେମିତି ବଢାଇବେ ମାଛର ଓଜନ



ବର୍ତ୍ତମାନ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ଯୋଗୁ ପୋଖରୀ ପାଣିର ତାପମାତ୍ରା ବୃଦ୍ଧି ପାଉଛି। ପାଣିର ତାପମାତ୍ରା ବଢ଼ିଲେ ମାଛଙ୍କ ଶରୀରର ତାପମାତ୍ରା ବଢ଼ିଥାଏ। ତେଣୁ ସେମାନେ ଚଳଚଞ୍ଚଳ ରହିଥାନ୍ତି। ଅଧିକ ଶାରୀରିକ କ୍ରିୟା ଯୋଗୁଁ ସେମାନଙ୍କୁ ଭୋକ ହୋଇଥାଏ। ଅଧିକ ଖାଦ୍ୟ ଖାଇଥାନ୍ତି। ଖାଦ୍ୟ ହଜମ ବି ଭଲ ହୋଇଥାଏ। ତେଣୁ ଏହି ସମୟରେ ମାଛ ପୋଖରୀର ଉପଯୁକ୍ତ ଯତ୍ନ ନେଲେ ମାଛଙ୍କ ଓଜନ ବୃଦ୍ଧି ସଅଳ ହୋଇଥାଏ। ସେଥିପାଇଁ ଖରାଦିନେ ମାଛଙ୍କୁ ଦିନକୁ ଅତି କମ୍‌ରେ ଦୁଇଥର ସକାଳେ ଏବଂ ଉପରବେଳା ଖାଇବାକୁ ଦିଅନ୍ତୁ। ଏଥିପାଇଁ ମାଛ ଦାନା କିମ୍ବା କାଣ୍ଡିଆ କୁଣ୍ଡା ପିଡ଼ିଆ ମିଶ୍ରଣ ଖାଇବାକୁ ଦେଇ ପାରିବେ। ମାଛପୋଖରୀ ପାଣିର ପତନ ସର୍ବଦା ପାଞ୍ଚ ଫୁଟ ନିହାତି ରହିବା ଆବଶ୍ୟକ। ସେହିପରି ପୋଖରୀରେ ପାଣି କମିଲେ ମାଛ ବୃଦ୍ଧିରେ ସମସ୍ୟା ହୁଏ। ଏଥିପାଇଁ ନିୟମିତ ପାଣିର ପିଏଚ୍ ଏବଂ ମୋଟ୍ କ୍ଷାରତ୍ୱ ପରୀକ୍ଷା କରି ଚୂନ ପ୍ରୟୋଗ କରି ପାରିବେ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଦିନବେଳା ତାପମାତ୍ରା ଅଧିକ ରହୁଥିବାରୁ ଫସଲକୁ ସୁରକ୍ଷା କରିବା ପାଇଁ ଆବଶ୍ୟକ ଥିଲେ ଆଖୁ, ଖରାଟିଆ ମକା ଓ ପନିପରିବାରେ ନିୟମିତ ଜଳସେଚନ କରନ୍ତୁ।
- ସୁବିଧା ଥିଲେ ଫଳ ବଗିଚା କିମ୍ବା ଅଧିକ ଚଉଡ଼ାରେ ବୁଣାଯାଇଥିବା ଫସଲରେ ବୁନ୍ଦା କିମ୍ବା ସିଞ୍ଚନ ଜଳସେଚନ କରନ୍ତୁ।
- ଅମୃତଭଣ୍ଡା ଫସଲରେ ପାଉଁଶିଆ ଓ କଳାଦାଗ ରୋଗ ନିୟନ୍ତ୍ରଣ ପାଇଁ ଥିଓଫେନେଟ ମିଥାଇଲ ୭୦% ଡବ୍ଲୁ.ପି କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଗେଣ୍ଡୁ ଓ ଗୋଲାପ ଗଛରେ ନାଲି ବୁଢ଼ିଆଣୀ ଅଷ୍ଟପଦୀର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ସଲଫର୍ ସେଟିତ ଗୁଣ୍ଡ କିମ୍ବା ୨ ମିଲି ପ୍ରୋପାରଗାଇଟ୍ ନାମକ କୀଟନାଶକ କିମ୍ବା ୨ ମିଲି ଫେନ୍‌ପାଇରକ୍ସିମେଟ୍ ମିଶାଇ ସିଞ୍ଚନ କରନ୍ତୁ।
- ଗାଈଗୋରୁ, କୁକୁଡ଼ା ଓ ବତକ ଆଦିଙ୍କୁ ପର୍ଯ୍ୟାପ୍ତ ପରିଷ୍କାର ପିଇବା ପାଣି ଦିଅନ୍ତୁ।

## ଲେମ୍ବୁ ଗଛରୁ ଫୁଲ ଝଡୁଥିଲେ...



ପରିବର୍ତ୍ତିତ ଜଳବାୟୁ ଓ ଅଧିକ ତାପମାତ୍ରା ବୃଦ୍ଧି ଯୋଗୁ ଫସଲ ପ୍ରଭାବିତ ହୁଏ। ତନ୍ମଧ୍ୟରୁ ଚାଷୀଙ୍କ ପାଇଁ ଚିନ୍ତା ବଢ଼ାଏ ଲେମ୍ବୁ ଗଛରୁ ଫୁଲ ଝଡ଼ିବା। ଅଧିକାଂଶ ଗଛରେ ଅଧିକ ଫୁଲ ଆସି ବି କିଛି ଦିନରେ ଫୁଲ ଝଡ଼ିଯାଏ। ଛୋଟ ଛୋଟ ଫଳ ଫାଟିଯାଏ। ଫଳରେ ଚାଷୀଙ୍କୁ କ୍ଷତି ସହିବାକୁ ପଡ଼ିଥାଏ। ତେଣୁ ଲେମ୍ବୁ ଚାରା ରୋପଣ ସମୟରେ ସଠିକ୍ ସ୍ଥାନ ଚୟନ, ରୋଗମୁକ୍ତ ମାଟି, ପୋଷଣ ଓ ଜଳସେଚନକୁ ଗୁରୁତ୍ୱ ଦେବା ଏକାନ୍ତ ଆବଶ୍ୟକ।

ଲେମ୍ବୁ ଗଛରେ ସୂକ୍ଷ୍ମ ତତ୍ତ୍ୱ, ବୋରନ୍ ଆଦି ଅଭାବରୁ ଗଛ ଦୁର୍ବଳ ହୋଇଯାଏ। ଫୁଲ ଝଡ଼ିଥାଏ। ଗଛ ବୃଦ୍ଧି ପାଇଁ ସଠିକ ପୋଷଣ ଦେବା ସହ ମାଟିର ସ୍ଥିତି ଦେଖି ଜଳସେଚନ କରିବା ଆବଶ୍ୟକ। ପୁରୁଣା ଗଛ ମୂଳେ ମାଟିକୁ ଖୁସାଇ ନୂଆମାଟି ସହ ଜିଆଖତ ମିଶାଇ ଦେଇ ପାରିବେ। ଶୁଖିଲା କିମ୍ବା ରୋଗଗ୍ରସ୍ତ ଡାଳ କାଟି ଦେବା ଉଚିତ। ବୋରନଯୁକ୍ତ ଖତ, ତରଳ ଔଷଧ, ହରମୋନ୍ ଆଦି ସିଞ୍ଚନ ଦ୍ୱାରା ଗଛରେ ଅଧିକ ଫୁଲ ଫୁଟିବା ସହ ଫଳ ଝଡ଼ିବା କମ୍ ହୋଇଥାଏ।

# କ୍ରୀଡ଼ା

ସକାଳ THE SAKALA
www.sakalaepaper.com

## ଅଶ୍ୱିନ କୁମାରଙ୍କ ଘାତକ ବୋଲିଂ ଆଗରେ ଫେଲ୍ ମାରିଲେ କାଗିସୋ ରାବାଡା

# ତିଲକଙ୍କ ଶତକରେ ବିଜୟ ଧାରାକୁ ଫେରିଲା ମୁମ୍ବଇ

ଅହମ୍ମଦାବାଦ୍,୨୦।୪(ଏଜେନ୍ସି)



ଅହମ୍ମଦାବାଦ୍,୨୦।୪(ଏଜେନ୍ସି): ତିଲକ ବର୍ମା (୪୫ବଲ୍‌ରେ ଅପରାଜିତ ୧୦୧ରନ୍)ଙ୍କ ବିସ୍ଫୋରକ ଶତକ ଓ ଅଶ୍ୱିନ କୁମାର (୪/୨୪)ଙ୍କ ଘାତକ ବୋଲିଂ ବଳରେ ଏଠାରେ ସୋମବାର ଖେଳାଯାଇଥିବା ଆଇପିଏଲ୍‌ର ୩୦ତମ ଲିଗ୍ ମ୍ୟାଚ୍‌ରେ ମୁମ୍ବଇ ଇଣ୍ଡିଆନ୍ସ ୯୯ ରନ୍‌ରେ ଗୁଜରାଟ ଟାଇଟାନ୍ସକୁ ପରାସ୍ତ କରିଛି। ଏହା ଫଳରେ କ୍ରମାଗତ ୪ଟି ମ୍ୟାଚ୍ ହାରିବା ପରେ ମୁମ୍ବଇ ବିଜୟ ଧାରାକୁ ଫେରିଛି। ସେହିପରି ଆଇପିଏଲ୍‌ରେ ଏହାକୁ ମିଶାଇ ୨୦ତମ ଇନିଂସରେ ମୁମ୍ବଇ ୧୯ଥର ଲାଗି ୨୦୦ କିମ୍ବା ତା'ଠାରୁ ଅଧିକ ସ୍କୋର କରି ଏହାକୁ ଡିଫେଣ୍ଡ କରିବାରେ ସମର୍ଥ ହୋଇଛି। ଆଜିର ମୁକାବିଲା ପରେ ଗୁଜରାଟ ୬ଟି ମ୍ୟାଚ୍‌ରୁ ତୃତୀୟ ପରାଜୟ ସହ ୬ ପଏଣ୍ଟ ପାଇ ଟେବଲର ୬ଷ୍ଠ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ମୁମ୍ବଇ ୬ଷ୍ଠ ମୁକାବିଲାରୁ ଦ୍ୱିତୀୟ ବିଜୟ ସହ ଟେବଲର ୭ମ ସ୍ଥାନକୁ ଉନ୍ନୀତ ହୋଇଛି। ଆଇପିଏଲ୍‌ରେ ପ୍ରଥମ ଶତକ ହାସଲ କରିଥିବା ମୁମ୍ବଇର ତିଲକ ବର୍ମାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମୁମ୍ବଇ ୫ ୱିକେଟରେ ୧୯୯ ରନ୍ କରିଥିଲା। ଦଳ ପକ୍ଷରୁ ତିଲକଙ୍କ ଶତକ ବ୍ୟତୀତ ନମନ ଧୀର ୪୫ରନ୍ କରିଥିଲାବେଳେ ପ୍ରତିପକ୍ଷ ଦଳର କାଗିସୋ ରାବାଡା ୩ଟି ୱିକେଟ ପାଇଥିଲେ। ଜବାବରେ ୨୦୦ ରନ୍‌ର ଟାର୍ଗେଟକୁ ପିଛା କରି ଗୁଜରାଟ ଜାଏଣ୍ଟସ ପ୍ରଥମ ବଲ୍‌ରୁ ହିଁ ୱିକେଟ ହରାଇଥିଲା। ଓପନର ସାଇ ସୁଦର୍ଶନଙ୍କୁ ଆଉଟ କରି ବୁମ୍ରା ଏଠାରେ ୬ଷ୍ଠ ମ୍ୟାଚ୍‌ରେ ପ୍ରଥମ ୱିକେଟ ପାଇଥିଲେ। ଏହା ପରେ ଗୁଜରାଟର କ୍ରମାଗତ ୱିକେଟ ପତନ ଘଟିଥିଲା ଓ ଦଳ ୧୫.୫ ଓଭରରେ ୧୦୦ ରନ୍ କରି ଅଲଆଉଟ ହୋଇଥିଲା। ଗୁଜରାଟର ୪ଜଣ ଖେଳାଳି ଦୁଇ ଅଙ୍କରେ ପହଞ୍ଚିଥିଲାବେଳେ ୱାଶିଂଟନ ସୁନ୍ଦର ସର୍ବାଧିକ ୨୬, ଶାହରୁଖ ଖାନ୍ ୧୭ ଓ ଅଧିନାୟକ ଶୁବମନ ଗିଲ୍ ୧୪ ରନ୍ କରିଥିଲେ। ବିଜୟୀ ମୁମ୍ବଇ ପକ୍ଷରୁ ଅଶ୍ୱିନ କୁମାର ଘାତକ ବୋଲିଂ କରି ସର୍ବାଧିକ ୪ଟି ୱିକେଟ ପାଇଥିଲେ। ମିଚେଲ ସାଣ୍ଟନରଙ୍କୁ ୨ଟି ୱିକେଟ ମିଳିଥିଲା।


ପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବଇ ପ୍ରତିପକ୍ଷ କାଗିସୋ ରାବାଡାଙ୍କ ବୋଲିଂର ଉଚିତ ମୁକାବିଲା କରି ନ ପାରି ପାୱାର ପ୍ଲେ'ରେ ୪୬ରନ୍‌ରେ ୩ ୱିକେଟ ହରାଇଥିଲା। ମୁମ୍ବଇ ପକ୍ଷରୁ ନମନ ଧୀର ଓ ତିଲକ ବର୍ମା ଇନିଂସ ସଜାଡିବାକୁ ଉଦ୍ୟମ କରିଥିଲେ। ଏମାନେ ଚତୁର୍ଥ ୱିକେଟ ଭାଗୀଦାରିରୁ ୪୦ ବଲ୍‌ରୁ ୫୨ ରନ୍ ଉଠାଇ ସ୍ଥିତି ସମ୍ଭାଳିଥିଲେ। ୩୨ବଲ୍‌ରୁ ୬ଚୌକା ଓ ୧ ଛକା ସହ ଉପଯୋଗୀ ୪୫ରନ୍ କରିବା ପରେ ନମନ ଆଉଟ ହୋଇଥିଲେ। ଏହା ପରେ ତିଲକ ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଉଭୟ ଆକ୍ରମଣାତ୍ମକ ଓ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ଏମାନେ ୫ମ ୱିକେଟରେ ୩୮ ବଲ୍‌ରୁ ୮୧ରନ୍ ଉଠାଇଥିଲେ। ଏହି ଇନିଂସରେ ଶତକ ହାସଲ କରିଥିବା ତିଲକ ପ୍ରଥମ ୨୨ଟି ବଲ୍‌ରେ ୧୯ ରନ୍ ଓ ପରବର୍ତ୍ତୀ ୨୩ଟି ବଲ୍‌ରୁ ୮୨ ରନ୍ ଉଠାଇଥିଲେ। ୩୩ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିବା ତିଲକ ମୋଟ ୪୫ଟି ବଲ୍‌ରୁ ୮ ଚୌକା ଓ ୭ଟି ଛକା ବଳରେ ୧୦୧ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଗୁଜରାଟ ପକ୍ଷରୁ ରାବାଡା ୩୩ ରନ୍ ଦେଇ ସର୍ବାଧିକ ୩ଟି ୱିକେଟ ପାଇଥିଲେ।

### ବୁମ୍‌ରାଙ୍କୁ ମିଳିଲା ପ୍ରଥମ ୱିକେଟ

ଗୁଜରାଟ ଇନିଂସର ପ୍ରଥମ ବଲ୍‌ରେ ଯୁବ ଖେଳାଳି ସାଇ ସୁଦର୍ଶନଙ୍କୁ କ୍ୟାଚ୍ ଆଉଟ କରାଇ ଭାରତର ନଂ-୧ ତଥା ମୁମ୍ବଇ ଇଣ୍ଡିଆନ୍ସର ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ୨୦୨୬ ଆଇପିଏଲ୍‌ରେ ପ୍ରଥମ ୱିକେଟ ନେବାରେ ସମର୍ଥ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ସେ ୬ଷ୍ଠ ମ୍ୟାଚ୍ ଖେଳି ଓ ୧୧୫ତମ ବଲ ବୋଲିଂ କରିବା ପରେ ପ୍ରଥମ ୱିକେଟ ନେଇଛନ୍ତି।

### ସଂକ୍ଷିପ୍ତ ସ୍କୋର

**ମୁମ୍ବଇ ଇଣ୍ଡିଆନ୍ସ**: ୧୯୯/୫, ୨୦ ଓଭର (ତିଲକ ବର୍ମା-୧୦୧*, ନମନ ଧୀର-୪୫, କାଗିସୋ ରାବାଡା-୩/୩୩, ମହମ୍ମଦ୍ ସିରାଜ-୧/୨୫, ପ୍ରସିଦ୍ଧ କ୍ରିଷ୍ଣା-୧/୫୪)।
**ଗୁଜରାଟ ଟାଇଟାନ୍ସ**: ୧୦୦/୧୦, ୧୫.୫ ଓଭର (ୱାଶିଂଟନ ସୁନ୍ଦର-୨୬, ଅଶ୍ୱିନ କୁମାର-୪/୨୪, ମିଚେଲ ସାଣ୍ଟନର-୨/୧୬, ଯଶପ୍ରୀତ୍ ବୁମ୍‌ରା-୧/୧୫)।



**ଆଜିର ଆଇପିଏଲ୍ ମ୍ୟାଚ୍**
ହାଇଦରାବାଦ୍ ବନାମ ଦିଲ୍ଲୀ
ଭେନ୍ୟୁ-ହାଇଦରାବାଦ୍
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ଆଇପିଏଲ୍ ପଏଣ୍ଟ ଟେବଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ପଞ୍ଜାବ | ୬ | ୫ | ୦ | ୧ | ୧୧ | +୧.୪୨୦ |
| ବେଙ୍ଗାଲୁରୁ | ୬ | ୪ | ୨ | ୦ | ୮ | +୧.୧୭୧ |
| ରାଜସ୍ଥାନ | ୬ | ୪ | ୨ | ୦ | ୮ | +୦.୫୯୯ |
| ହାଇଦରାବାଦ | ୬ | ୩ | ୩ | ୦ | ୬ | +୦.୫୬୬ |
| ଦିଲ୍ଲୀ | ୫ | ୩ | ୨ | ୦ | ୬ | +୦.୩୧୦ |
| ଗୁଜରାଟ | ୬ | ୩ | ୩ | ୦ | ୬ | -୦.୮୨୧ |
| ମୁମ୍ବଇ | ୬ | ୨ | ୪ | ୦ | ୪ | +୦.୦୬୭ |
| ଚେନ୍ନଇ | ୬ | ୨ | ୪ | ୦ | ୪ | -୦.୭୮୦ |
| ଲକ୍ଷ୍ନୌ | ୬ | ୨ | ୪ | ୦ | ୪ | -୧.୧୭୩ |
| କୋଲକାତା | ୭ | ୧ | ୫ | ୧ | ୩ | -୦.୮୭୯ |

## ଆଇପିଏଲ୍ ଖେଳିବାରୁ ଶନକାଙ୍କୁ ପିଏସ୍‌ଏଲ୍‌ରୁ ବର୍ଷେ ବାସନ୍ଦ

କରାଚି, ୨୦।୪ (ଏଜେନ୍ସି): ଶ୍ରୀଲଙ୍କା ଅଲ୍‌ରାଉଣ୍ଡର ଦସୁନ ଶନକାଙ୍କୁ ପାକିସ୍ତାନ ସୁପର୍ ଲିଗ୍ (ପିଏସ୍‌ଏଲ)ରୁ ବର୍ଷେ ଲାଗି ବାସନ୍ଦ କରାଯାଇଛି। ପିଏସଏଲ୍‌ର ଗତ ଖେଳାଳି ନିଲାମୀରେ ଲାହୋର କ୍ୱାଲାଣ୍ଡର୍ସ ଫ୍ରାଞ୍ଚାଇଜ ତାଙ୍କୁ ୭୫ ଲକ୍ଷ ପାକିସ୍ତାନୀ ମୁଦ୍ରାରେ କ୍ରୟ କରିଥିଲା। କିନ୍ତୁ ୩୪ ବର୍ଷୀୟ ଶନକା ମାର୍ଚ୍ଚ ୩୧ ତାରିଖରେ ପିଏସଏଲ୍‌ରୁ ଓହରିଯାଇଥିଲେ। ଏହାର ଦିନକ ପରେ ଶନକା ଆଇପିଏଲ୍‌ରେ ରାଜସ୍ଥାନ ରୟାଲ୍ସ ଫ୍ରାଞ୍ଚାଇଜରୁ ଖେଳିବା ଲାଗି ଚୁକ୍ତି କରିଥିଲେ। ଆହତ ହୋଇ ବାଦ୍ ପଡ଼ିଥିବା ସାମ କରାନଙ୍କ ସ୍ଥାନରେ ରାଜସ୍ଥାନ ଶନକାଙ୍କୁ ଦଳରେ ସାମିଲ କରିଥିଲା। ଏହି କାରଣ ଲାଗି ପିଏସଏଲ୍ କର୍ତ୍ତୃପକ୍ଷ ଶନକାଙ୍କ ଉପରେ ବାସନ୍ଦାଦେଶ ଲଗାଇଛନ୍ତି।

## ନ୍ୟୁଜିଲାଣ୍ଡକୁ ହରାଇଲା ବାଂଲା

ଢାକା, ୨୦।୪ (ଏଜେନ୍ସି): ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିପକ୍ଷରେ ସୋମବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ମ୍ୟାଚରେ ବାଂଲାଦେଶ ବାଜିମାତ୍ କରିନେଇଛି। ୬ ୱିକେଟ୍‌ରେ ଏହି ମ୍ୟାଚକୁ ଜିତିବା ସହ ବାଂଲାଦେଶ ତିନି ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୧-୧'ର ବରାବର୍‌ସ୍ଥିତିକୁ ଆଣିଛି। ପୂର୍ବରୁ ପ୍ରଥମ ମ୍ୟାଚ୍‌କୁ ଟମ୍ ଲଥାମଙ୍କ ନେତୃତ୍ୱାଧୀନ ନ୍ୟୁଜିଲାଣ୍ଡ ୨୬ ରନରେ ବିଜୟୀ ହୋଇଥିଲା। ତେଣୁ ଏବେ ଗୁରୁବାର ଖେଳାଯିବାକୁ ଥିବା ଅନ୍ତିମ ତଥା ୩ୟ ମ୍ୟାଚ୍ ସିରିଜର ଫଳାଫଳ ନିର୍ଣ୍ଣୟ କରିବ। ଦ୍ୱିତୀୟ ଦିନିକିଆରେ ନ୍ୟୁଜିଲାଣ୍ଡ ୪୮.୪ ଓଭରରେ ୧୯୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଓପନର୍ ନିକ୍ କେଲୀ ସର୍ବାଧିକ ୮୩ ରନର ପାଳି ଖେଳିଥିଲେ। ବାଂଲାଦେଶ ନାହିଦ ରାଣା (୫/୩୨) ଓ ଶୋରିଫୁଲ ଇସଲାମ (୨/୩୨) ମିଳିତ ଭାବେ ୭ଟି ୱିକେଟ ନେଇଥିଲେ। ଜବାବରେ ବାଂଲାଦେଶ ତାନଜିଦ୍ ହାସାନ ତମିମ (୭୬ ରନ) ଓ ନାଜମୋଲ୍ ହୋସେନ ସାଣ୍ଟୋ (୫୦)ଙ୍କ ଅର୍ଦ୍ଧଶତକୀୟ ପାଳି ବଳରେ ୩୫.୩ ଓଭରରେ ୪ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

## ଡୋପିଙ୍ଗ ଉଲ୍ଲଙ୍ଘନ: କାଟାଗୋରୀ-ଏ'ରେ ଭାରତ

ନୂଆଦିଲ୍ଲୀ,୨୦।୪(ଏଜେନ୍ସି): ଶକ୍ତିବର୍ଦ୍ଧକ ଔଷଧ ବ୍ୟବହାର କରି ଧରାପଡ଼ିବାରେ ଭାରତ ଗତ ୩ ବର୍ଷ ହେଲା ନଂ-୧ ସ୍ଥାନରେ ରହିଛି। ଫଳରେ ଡୋପିଙ୍ଗ ଉଲ୍ଲଙ୍ଘନକାରୀ ରାଷ୍ଟ୍ରଙ୍କ ମଧ୍ୟରେ ଭାରତ କାଟାଗୋରୀ-ଏ'ରେ ସ୍ଥାନ ପାଇଛି। ଏହା ଫଳରେ ଭାରତରେ ପରବର୍ତ୍ତୀ ବିଶ୍ୱସ୍ତରର କ୍ରୀଡ଼ା ଆୟୋଜନ ନେଇ ଏବେଠାରୁ ଆଶଙ୍କା ପ୍ରକାଶ ପାଇଛି। ବିଶେଷ କରି ୨୦୩୬ରେ ଭାରତ ଅଲିମ୍ପିକ୍ସ ଆୟୋଜନ କରିବ ବୋଲି ପ୍ରସ୍ତୁତି ଚଳାଇଛି। ଯଦି ଶକ୍ତିବର୍ଦ୍ଧକ ଔଷଧର ବ୍ୟବହାର ନ କମିବ ତେବେ ଭାରତରେ ଅଲିମ୍ପିକ୍ସ ଆୟୋଜନ କରିବା ସ୍ୱପ୍ନ ହୋଇପଡ଼ିବ। ନିକଟ୍‌ରେ ଡୋପ୍ ଟେଷ୍ଟରେ ଧରାପଡ଼ିଥିବା ଆଥ୍‌ଲେଟଙ୍କ ମଧ୍ୟରେ ଭାରତ ପ୍ରଥମ ସ୍ଥାନରେ ରହିଥିଲା। ଭାରତର ଗତ ୩ ବର୍ଷର ରେକର୍ଡକୁ ତର୍ଜମା କରିବା ପରେ ୱାଡାର ରୁଲ-୧୫ ଅନୁଯାୟୀ ଆଥଲେଟିକ୍ସ ଇଣ୍ଟିଗ୍ରେଟେଡ୍ ୟୁନିଟ ବା ଏଆଇୟୁ ଭାରତକୁ ବି'ରୁ ହଟାଇ ଏ' କାଟାଗୋରୀରେ ସ୍ଥାନିତ କରିଛି। ଏହାର ଅର୍ଥ ଭାରତରେ ଡୋପିଙ୍ଗ ମାତ୍ରା ବୃଦ୍ଧି ପାଇଛି ଓ ଏହାକୁ ନିୟନ୍ତ୍ରଣ କରା ନ ଗଲେ ଭାରତ ଏବେ ଆୟୋଜନ କରୁଥିବା ବଡ଼ ବଡ଼ ଆଥଲେଟିକ୍ସ ଇଭେଣ୍ଟ ହାତଛଡ଼ା ହୋଇଯିବ। ଏଆଇ ମୁଖ୍ୟ ଡେଭିଡ୍ ହାଓମ୍ୟାନ୍‌ଙ୍କ ମତରେ ଡୋପିଙ୍ଗ ନିୟମ ଉଲ୍ଲଙ୍ଘନରେ ଭାରତ ହାଇ ରିସ୍କ ଜୋନ୍‌ରେ ରହିଛି। ୨୦୨୨ରୁ ଏହି ଦେଶର ଆଥ୍‌ଲେଟମାନେ ବହୁସଂଖ୍ୟାରେ ନିୟମିତ ଭାବେ ଧରାପଡୁଛନ୍ତି। ଆମେ ଏବେ ଏଏଫ୍‌ଆଇ ସହ ମିଳିତଭାବେ କାମ କରିବୁ। ଏଥିରେ ଯଦି ଉଲ୍ଲଙ୍ଘନକାରୀଙ୍କ ସଂଖ୍ୟା ନ କମେ, ତେବେ ଭାରତକୁ ବିପଦପୂର୍ଣ୍ଣ ଦେଶ ଭାବେ ବିବେଚନା କରାଯିବ। ବିଶ୍ୱରେ ଏବେ ଉଲ୍ଲଙ୍ଘନକାରୀ କାଟାଗୋରୀ-ଏ' ଦେଶ ମଧ୍ୟରେ ବେଲାରୁଷ, ବାହାରିନ୍, ଇଥିଓପିଆ, କେନିଆ, ନାଇଜେରିଆ, ରୁଷିଆ ଓ ୟୁକ୍ରେନ ରହିଛି।

## ଜାତୀୟ ସିନିଅର ହକି କ୍ୟାମ୍ପରେ ଓଡ଼ିଶାରୁ ୧୩ ଖେଳାଳି

ବେଙ୍ଗାଲୁରୁ, ୨୦।୪ (ଏଜେନ୍ସି): ଜାତୀୟ ସିନିଅର ପୁରୁଷ ହକି କ୍ୟାମ୍ପ ଲାଗି ହକି ଇଣ୍ଡିଆ ପକ୍ଷରୁ ସୋମବାର ୩୬ ଜଣିଆ ଦଳ ଘୋଷଣା କରାଯାଇଛି। ଏହି ଶିବିର୍ ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)ରେ ଏପ୍ରିଲ ୨୦ରୁ ମେ ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଶିବିର ଲାଗି ଘୋଷିତ ଦଳରେ ଓଡ଼ିଶାରୁ ୫ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅଭିଜ୍ଞ ଡିଫେଣ୍ଡର ଅମିତ ରୋହିଦାସ, ନୀଲମ ସଞ୍ଜୀପ ଖେସ୍, ଅମନଦୀପ ଲାକ୍ରା, ମିଡ୍‌ଫିଲ୍ଡର ରୋଶନ କୁଜୁର ଓ ଫରୱାର୍ଡ ଶିଳାନନ୍ଦ ଲାକ୍ରା। ଏହି କ୍ୟାମ୍ପ ପରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ୟୁରୋପିଆନ ଲେଗ୍, ବିଶ୍ୱକପ୍ ଓ ଏସୀୟ କ୍ରୀଡ଼ା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ତେଣୁ ପାଖାପାଖି ୨୦ ଦିନ ଧରି ଚାଲିବାକୁ ଥିବା ଏହି ଶିବିର ଭାରତୀୟ ଦଳର ଖେଳାଳିଙ୍କ ଲାଗି ବେଶ୍ ଗୁରୁତ୍ୱବହନ କରୁଛି।

### ଜୁନିଅର କ୍ୟାମ୍ପରେ ୮ ଓଡ଼ିଆଙ୍କୁ ସୁଯୋଗ

ଅପରପକ୍ଷରେ ଆସନ୍ତା ମାସରୁ ଆରମ୍ଭ ହେବାକୁ ଥିବା ଜାତୀୟ ଜୁନିଅର (୧୮ ବର୍ଷରୁ କମ୍) ପୁରୁଷ ଓ ମହିଳା କ୍ୟାମ୍ପ ଲାଗି ମଧ୍ୟ ସୋମବାର ୮୪ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରାଯାଇଛି। ନିକଟରେ ଶେଷ ହୋଇଥିବା ୧୬ତମ ଜାତୀୟ ଜୁନିଅର ଚାମ୍ପିଅନସିପ୍‌ର ପ୍ରଦର୍ଶନ ଆଧାରରେ ଏହି ଖେଳାଳିଙ୍କୁ କ୍ୟାମ୍ପରେ ସୁଯୋଗ ମିଳିଛି। ଘୋଷିତ ହୋଇଥିବା ୮୪ ଜଣିଆ ଦଳରେ ଓଡ଼ିଶାରୁ ମୋଟ୍ ୮ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ୪୨ ଜଣିଆ ପୁରୁଷ ଦଳରେ ବିଶାଳ ବଡ଼ା (ଗୋଲ୍‌କିପର), ଦୀପକ ପ୍ରକାଶ ଟପ୍ପୋ (ଡିଫେଣ୍ଡର) ଓ ଅର୍ମାନ ସୋରେଙ୍ଗ୍ (ମିଡ୍‌ଫିଲ୍ଡର) ରହିଛନ୍ତି। ସେହିଭଳି ମହିଳା ଶିବିରରେ ରାଜ୍ୟର ୫ଜଣ ଖେଳାଳିଙ୍କୁ ସୁଯୋଗ ମିଳିଛି। ସେମାନେ ହେଲେ କିରନ ଏକ୍କା (ଡିଫେଣ୍ଡର), ରୁବିନା ବକ୍ସଲା (ମିଡ୍‌ଫିଲ୍ଡର), ପ୍ରିନ୍ସେସ ପ୍ରିୟା ଏକ୍କା, ପ୍ରିୟଙ୍କା ମିଞ୍ଜ ଓ ସୁଇଟି କୁଜୁର (ସମସ୍ତେ ଫରୱାର୍ଡ)। ଦୁଇ ପୂର୍ବତନ ଅଧିନାୟକ ସର୍ଦ୍ଦାର ସିଂହ ଓ ରାଣୀ ରାମପଲ୍ ଯଥାକ୍ରମେ ମହିଳା ଓ ପୁରୁଷ ଦଳର କୋଚ୍ ନିଯୁକ୍ତ ହୋଇଛନ୍ତି। ଉଭୟ ଦଳର ଶିବିର ଏପ୍ରିଲ ୧୯ରୁ ଭୋପାଳସ୍ଥିତ ସାଇ ସେଣ୍ଟରରେ ଆରମ୍ଭ ହେବ।

## ସ୍ୱିଡ୍ ପାୱାର ଓପନ୍ ଟାଏକ୍ୱୋଣ୍ଡୋ: ଓଡ଼ିଶାରୁ ୪



ଭୁବନେଶ୍ୱର, ୨୦।୪ (ସମିସ): ସ୍ୱିଡ୍ ପାୱାର ଇଣ୍ଟରନ୍ୟାସନାଲ ଓପନ୍ ଟାଏକ୍ୱୋଣ୍ଡୋ ଚାମ୍ପିଅନସିପ୍‌ର ୧୩ତମ ସଂସ୍କରଣ ମେ ୧ ତାରିଖରୁ ୩ ତାରିଖ ପର୍ଯ୍ୟନ୍ତ କ୍ୱାଲାଲୁମ୍ପୁରରେ ଅନୁଷ୍ଠିତ ହେବ। ଏହି ଇଣ୍ଟରନ୍ୟାସନାଲ ପ୍ରତିଯୋଗିତାରେ ରାଜ୍ୟରୁ ୪ଜଣ ପ୍ରତିଯୋଗୀ ଭାଗନେବେ। ସେମାନେ ହେଲେ ଆରାଭୀ ମିଶ୍ର, ଅନନ୍ୟା ଅଂଶୁ ମହାପାତ୍ର, ସୁଦୀପ୍ତା ବାରିକ ଓ ମିନାକ୍ଷୀ ନାୟକ। କୋଚ୍ ଭାବେ ଏହେସାସ୍ ହୋତା ଖେଳାଳିଙ୍କ ସହ ମାଲେସିଆ ଗସ୍ତ କରିବେ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ଲାଗି ଅଂଶୁ ଅନନ୍ୟାଙ୍କୁ ଫାଲକନ ଓଡ଼ିଶା ପକ୍ଷରୁ ସ୍ପନଶର କରାଯାଇଛି। ମାନ୍ୟତା ଦୃଷ୍ଟିରୁ ଏହି ଟୁର୍ଣ୍ଣାମେଣ୍ଟ ଗୁରୁତ୍ୱପୂର୍ଣ୍ଣ ଥିବାରୁ ସମସ୍ତ ଖେଳାଳି ପୋଡିୟମ ଫିନିଶ ଲକ୍ଷ୍ୟରେ ରହିଛନ୍ତି ବୋଲି କୋଚ୍ ଆଶାବାଦୀ ରହିଛନ୍ତି। ଟୁର୍ଣ୍ଣାମେଣ୍ଟରେ ଉନ୍ନତ ପ୍ରଦର୍ଶନ ଲାଗି ଓଡ଼ିଶା ଟାଏକ୍ୱୋଣ୍ଡୋ ଏକାଡେମୀ ପକ୍ଷରୁ ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଯାଇଛି।

## ରାଜ୍ୟ ସ୍କୁଲ ଓ କଲେଜ୍ ଚେସ୍ ଶନିବାରରୁ

ଭୁବନେଶ୍ୱର,୨୦।୪(ସମିସ): କଟକ ଜିଲ୍ଲା ଚେସ ସଂଘ ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଆସନ୍ତା ଶନିବାର ଓ ରବିବାର (ଏପ୍ରିଲ ୨୫ ଓ ୨୬ତାରିଖ) ଦୁଇ ଦିନ ଧରି ରାଜ୍ୟ ସ୍କୁଲ ଓ କଲେଜ୍ ଚେସ୍ ଅନୁଷ୍ଠିତ ହେବ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଶୀତତାପ ନିୟନ୍ତ୍ରିତ ସମ୍ମିଳନୀ କକ୍ଷରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୫୦,୦୦୦ ଟଙ୍କାର ପୁରସ୍କାର ଓ ୬୦ରୁ ଉର୍ଦ୍ଧ୍ୱ ଟ୍ରଫି ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଟୁର୍ଣ୍ଣାମେଣ୍ଟରେ କଲେଜ ଶିକ୍ଷାର୍ଥୀ ଓ ସ୍କୁଲ ଶିକ୍ଷାର୍ଥୀ ନାମକ ଦୁଇଟି ବିଭାଗରେ ପ୍ରତିଯୋଗିତା ହେବ। ଉଭୟ ବିଭାଗରେ ଚାମ୍ପିଅନ ଖେଳାଳିଙ୍କୁ ଟ୍ରଫି ସହ ୫,୦୦୦ ଲେଖାଏଁ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। କିନ୍ତୁ କଲେଜ ଶିକ୍ଷାର୍ଥୀଙ୍କ ଲାଗି ୨୫ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ। ସ୍କୁଲ ଶିକ୍ଷାର୍ଥୀ ବିଭାଗରେ ଖେଳିବା ଲାଗି ୧୦ମ ଶ୍ରେଣୀରୁ କମ୍ କ୍ଲାସରେ ପଢୁଥିବା ଆବଶ୍ୟକ। ଉଭୟ ବିଭାଗ ଲାଗି ପ୍ରମାଣପତ୍ର ଓ ୫୦୦ ଟଙ୍କାର ଏଣ୍ଟ୍ରି ଫି ବାଧ୍ୟତାମୂଳକ କରାଯାଇଛି। ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ଅଧିକ ସୂଚନା ଲାଗି ସତ୍ୟରଞ୍ଜନ ପଟ୍ଟନାୟକ (ମୋ-୯୪୩୭୨-୦୮୫୦୬) କିମ୍ବା ପୂର୍ଣ୍ଣଚନ୍ଦ୍ର ପଣ୍ଡା (ମୋ-୯୪୩୯୫- ୪୧୯୨୦)ଙ୍କ ସହ ଯୋଗାଯୋଗ କରିବାକୁ କଟକ ଚେସ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।

## ଅଲ୍ ଓଡ଼ିଶା ଓପନ ସ୍ନୁକର: ସେମିରେ ଆକାଶ ଓ ଚେତନ


ଚେତନ


ଆକାଶ

ଭୁବନେଶ୍ୱର,୨୦।୪(ସମିସ): ବିଏସ୍‌ଏଓ (ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା) ଆନୁକୂଲ୍ୟରେ ଚାଲିଥିବା ଅଲ୍ ଓଡ଼ିଶା ଓପନ ୧୦-ରେଡ ସ୍ନୁକର ଚାମ୍ପିଅନସିପ୍‌ର ସେମିଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଯାଇଛି। ପଟିଆସ୍ଥିତ ୬ପକେଟସ୍ କ୍ୟୁ ସ୍ପୋର୍ଟ୍ସ କ୍ଲବ୍‌ରେ ମଙ୍ଗଳବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଟପ୍ ସିଡ୍ ଆଶୁତୋଷ ପାଢ଼ୀଙ୍କ ସହ ଚେତନ ଆନନ୍ଦ ଏବଂ ଦ୍ୱିତୀୟ ସେମିଫାଇନାଲରେ ଡାକ୍ତର ରାକେଶ ରୋଶନ ପ୍ରଧାନଙ୍କ ସହ ଆକାଶ ମହାପାତ୍ରଙ୍କର ମୁକାବିଲା ହେବ। ସୋମବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ ଆଶୁତୋଷ ୩-୧ରେ ବରିଷ୍ଠ ଖେଳାଳି ନିଶାନ୍ତ ବିଶ୍ୱାଳଙ୍କୁ, ଡାକ୍ତର ରାକେଶ ୩-୦ରେ ଉଦ୍‌ଭାସ ମହାପାତ୍ରଙ୍କୁ ହରାଇଥିଲେ। ସେହିପରି ତୃତୀୟ କ୍ୱାର୍ଟରଫାଇନାଲ ଚେତନ ୩-୧ରେ ଅନୁଜ ପଣ୍ଡାଙ୍କୁ ଓ ଚତୁର୍ଥ କ୍ୱାର୍ଟରଫାଇନାଲରେ ଆକାଶ ୩-୦ରେ ମିଶାଲ ସ୍ୱାଇଁଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲେ।

## ବାର୍ସିଲୋନା ଓପନ୍ ଜିତିଲେ ଆର୍ଥର ଫିଲ୍ସ

ବାର୍ସିଲୋନା, ୨୦।୪ (ଏଜେନ୍ସି): ଫ୍ରାନ୍ସର ଆର୍ଥର ଫିଲ୍ସ ଏଠାରେ ଅନୁଷ୍ଠିତ ବାର୍ସିଲୋନା ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଆର୍ଥର ୬-୨, ୭-୬ (୨) ସେଟ୍‌ରେ ଶୀର୍ଷ ମାନ୍ୟତା ତଥା ବିଶ୍ୱର ୧୨ତମ ସ୍ଥାନରେ ରହିଥିବା ରୁଷିଆର ଆନ୍ଦ୍ରେ ରୁବଲେଭଙ୍କୁ ପରାସ୍ତ କରିଥିଲେ। ଏହି ବିଜୟ ସହ ବିଶ୍ୱର ୨୫ତମ ମାନ୍ୟତା ଆର୍ଥର କ୍ୟାରିୟରର ୪ର୍ଥ ଏଟିପି ଟାଇଟଲ ହାସଲ କରିଛନ୍ତି।

**ଆନ୍ତଃଜିଲ୍ଲା ମହିଳା କ୍ରିକେଟ**

## ଢେଙ୍କାନାଳ, ପୁରୀ ଓ କେନ୍ଦ୍ରାପଡ଼ାର ବଡ଼ ବିଜୟ






ଅଲିସ୍ମା (ଯାଜପୁର) ସୁଶ୍ରୀ (ଭୁବନେଶ୍ୱର) ବିଷ୍ଣୁପ୍ରିୟା (ଯାଜପୁର) ଅବତାହି (ପୁରୀ)

ଭୁବନେଶ୍ୱର, ୨୦।୪ (ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲ୍ଲା ସିନିଅର ମହିଳା କ୍ରିକେଟ ପ୍ରତିଯୋଗିତାରେ ଆଜି ଢେଙ୍କାନାଳ ୧୧୨ରନ୍‌ରେ ବୌଦ୍ଧକୁ ଏବଂ ପୁରୀ ୧୦ ୱିକେଟରେ ସମ୍ବଲପୁରକୁ ହରାଇ ବୃହତ୍ ବିଜୟ ହାସଲ କରିଛି। ଆଜି ଖେଳାଯାଇଥିବା ଅନ୍ୟମ୍ୟାଚ୍ ଗୁଡିକରେ ଯାଜପୁର ୨୯ ରନ୍‌ରେ ଝାରସୁଗୁଡାକୁ, କେନ୍ଦ୍ରାପଡ଼ା ୬୧ ରନ୍‌ରେ ପାରାଦୀପକୁ, ବାଲେଶ୍ୱର ୭ ୱିକେଟରେ ସୋନପୁରକୁ, ଭୁବନେଶ୍ୱର ୫୦ ରନ୍‌ରେ ଖୋର୍ଦ୍ଧାକୁ ପରାସ୍ତ କରିଛି। ଭୁବନେଶ୍ୱରର ସୁଶ୍ରୀ ଦିବ୍ୟଦର୍ଶିନୀର ୭୧ବଲ୍‌ରେ ଅପରାଜିତ ୮୯ ରନ୍ କରିଥିଲାବେଳେ ପ୍ରତିପକ୍ଷ ଖୋର୍ଦ୍ଧାର ବିଜୟଲକ୍ଷ୍ମୀ ବେହେରା ୪୦ ରନ୍ କରିଥିଲେ। ସେହିପରି ପାରାଦୀପ ବିପକ୍ଷରେ କେନ୍ଦ୍ରାପଡ଼ାର ପ୍ରତିଷ୍ଠା ସିଂ ୩୪ରନ୍ କରିଥିଲାବେଳେ ଶ୍ରୁତିଲେଖା ମଲ୍ଲିକ ୩ଟି ଓ ଲକ୍ଷ୍ମୀପ୍ରିୟା ବେହେରା ୨ଟି ୱିକେଟ ପାଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଝାରସୁଗୁଡା ବିପକ୍ଷରେ ଯାଜପୁରର ଅଲିସ୍ମା ବିଶ୍ୱାଳ ୩୮ ରନ୍ କରିବା ସହ ୨ଟି ୱିକେଟ ନେଇ ଅଲରାଉଣ୍ଡ ସଫଳତା ପାଇଥିଲେ। ଯାଜପୁରର ବିଷ୍ଣୁପ୍ରିୟା ଜେନା ୮ରନ୍‌ରେ ୪ଟି ୱିକେଟ ପାଇଥିଲେ। ସମ୍ବଲପୁର ବିପକ୍ଷରେ ପୁରୀର ଅବତାହୀ ମହାନ୍ତ ଅପରାଜିତ ୭୧ରନ୍ କରିଥିଲାବେଳେ ପଲ୍ଲବୀ ପାତ୍ର ୩ଟି ୱିକେଟ ପାଇଥିଲେ। ସମ୍ବଲପୁରର ସ୍ୱାତିକା ବେହେରା ୫୬ ରନ୍ କରିଥିଲେ। ବୌଦ୍ଧ ବିପକ୍ଷରେ ଢେଙ୍କାନାଳର ସୂର୍ଯ୍ୟକାନ୍ତି ସାହୁ ୪୧ରନ୍ କରିଥିଲାବେଳେ ଅନନ୍ୟା ମହାନ୍ତି, ଶୁଭଶ୍ରୀ ବେହେରା ଓ ଆଇଷ୍ଟା ଖାତୁନ ୨ଟି ଲେଖାଏଁ ୱିକେଟ ପାଇଥିଲେ।

**୧୬ ବର୍ଷରୁ ଆନ୍ତଃ ଜିଲ୍ଲା ଟୁର୍ଣ୍ଣାମେଣ୍ଟ**

## ଝାରସୁଗୁଡ଼ା ଓ ବଲାଙ୍ଗିର ବିଜୟୀ

ଭୁବନେଶ୍ୱର, ୨୦।୪ (ସମିସ)






ଆଦର୍ଶ (ଝାରସୁଗୁଡା) ବିଜୟ (ଭୁବନେଶ୍ୱର-ବି) ଶିଦ୍ଧେଶ୍ୱର (ବଲାଙ୍ଗିର) ଆୟାଶ (ପାରାଦୀପ)

ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ପ୍ରତିଯୋଗିତାରେ ସୋମବାର ୬ଟି ମ୍ୟାଚ୍ ଖେଳାଯାଇଛି। ଏହା ମଧ୍ୟରୁ ଝାରସୁଗୁଡା ୨୩ ରନ୍‌ରେ ବରଗଡ଼କୁ, କେନ୍ଦ୍ରାପଡ଼ା ୫ ୱିକେଟରେ ନୟାଗଡକୁ, ଭୁବନେଶ୍ୱର-ବି' ୭ ୱିକେଟରେ ଭଦ୍ରକକୁ, ଜଗତସିଂହପୁର ୧୩୦ ରନ୍‌ରେ ସୋନପୁରକୁ, ବଲାଙ୍ଗିର ୬ ୱିକେଟରେ କଳାହାଣ୍ଡିକୁ ଓ ପାରାଦୀପ ୧୨୨ ରନ୍‌ରେ ରାୟଗଡ଼ାକୁ ପରାସ୍ତ କରିଛି। ବରଗଡ ବିପକ୍ଷରେ ଝାରସୁଗୁଡାର ଆଦର୍ଶ ଯାଦବ ୨୯ରନ୍‌ରେ ୬ ୱିକେଟ ଓ ବରଗଡର ରାୟାଂଶ ତୁଳି ୪ୱିକେଟ ନେଇଛନ୍ତି। ନୟାଗଡ଼ ବିପକ୍ଷରେ କେନ୍ଦ୍ରାପଡ଼ାର ଆୟୁଷ ପଲାଇ ୩୮ ରନ୍‌ରେ ୪ ୱିକେଟ, ଭଦ୍ରକ ବିପକ୍ଷରେ ଭୁବନେଶ୍ୱର-ବି'ର ବିଜୟ ସିଂ ୨୪ ରନ୍‌ରେ ୫ ୱିକେଟ ଓ ଅଂଶୁମାନ ଦାସ ଅପରାଜିତ ୫୩ ରନ୍ କରି ଦଳକୁ ବିଜୟୀ କରାଇଛନ୍ତି। ସେହିପରି ସୋନପୁର ବିପକ୍ଷରେ ଜଗତସିଂହପୁରର ଅନୁରାଗ ଦାସ ୪୨ ରଦଥ କରିଥିଲାବେଳେ କୁମାର ଅଭିଷେକ ଓ ବିଶ୍ୱପ୍ରକାଶ ସାମନ୍ତରାୟ ୩ଟି ଲେଖାଏଁ ୱିକେଟ ପାଇଛନ୍ତି। ଫଳରେ ଜଗତସିଂହପୁର ସର୍ବାଧିକ ୧୩୦ ରନ୍ ବ୍ୟବଧାନରେ ଆଜି ବିଜୟୀ ହୋଇଛି। କଳାହାଣ୍ଡି ବିପକ୍ଷରେ ବିଜୟୀ ବଲାଙ୍ଗୀରର ସିଦ୍ଧେଶ୍ୱର ବାଗ୍ ୧୪ରନ୍‌ରେ ୫ୱିକେଟ ନେଇଥିଲାବେଳେ ଶୁଭଙ୍କର ବହିଦାର ୪୧ରନ୍ କରିଥିଲେ। ରାୟଗଡ଼ା ବିପକ୍ଷରେ ପାରାଦୀପ୍‌ର ଆଦର୍ଶ ଦାସ ୭୧ ରନ୍ କରିଥିଲାବେଳେ ଆୟାଶ ପଣ୍ଡା ୨୬ ରନ୍‌ରେ ୪ୱିକେଟ ନେଇ କ୍ରମାଗତ ଦ୍ୱିତୀୟ ଦିନରେ ସଫଳ ହୋଇଛନ୍ତି। ରାୟଗଡ଼ାର ଛବିଳ ବିଡ଼ିକା ୪ଟି ଓ ସମୀର ବିଡିକା ୩ ରନ୍‌ରେ ୩ଟି ୱିକେଟ ନେଇଥିଲାବେଳେ ଶୁଭମ କନ୍ଧପାଣି ୧୦୪ବଲ୍ ଖେଳି ଧୈର୍ଯ୍ୟପୂର୍ଣ୍ଣ ୩୯ ରନ୍ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS